ବର୍ଷ-୫୫ : ସଂଖ୍ୟା-୮ ଅଗଷ୍ଟ, ୨୦୨୪ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅଗଷ୍ଟ, ୨୦୨୪


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୭ |
| ସର୍ବାସ୍ତି (କବିତା) | ... | ଶ୍ରୀଅରବିନ୍ଦ | ... | ୮ |
| ଅପ୍ରୀତିକର ଚିନ୍ତା | ... | ଶ୍ରୀମା | ... | ୯ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ପଞ୍ଚଦଶ ପରିଚ୍ଛେଦ) ବୁଦ୍ଧିର ଅତୀତ ମଙ୍ଗଳ | ... | ଶେଖ ଅବଦୁଲ କାଶମ | ... | ୧୦ |
| ଆଗାମୀ (କବିତା) | ... | ନିମାଇଁ ପଟ୍ଟନାୟକ | ... | ୧୪ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୩୩) | ... | ... | ... | ୧୫ |
| ଚୈତ୍ୟପୁରୁଷର ସ୍ୱରୂପ | ... | ରାମକୃଷ୍ଣ ଦାସ | ... | ୧୮ |
| ସେ ଆମ ମାତୃ-ଯଜ୍ଞର ପୁରୋଧା | ... | ଭଗବାନ ନାୟକ ବର୍ମା | ... | ୨୧ |
| ହିରୋବୁମି ଇତୋ | ... | ଶ୍ରୀଅରବିନ୍ଦ | ... | ୨୩ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୮୮) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୪ |
| ଚତୁର୍ଥ ଭୂମି | ... | ପ୍ରପତ୍ତି | ... | ୨୭ |
| ଦ୍ୱୀପାନ୍ତରର କଥା (ନବମ ପରିଚ୍ଛେଦ) କଏଦୀର ଅଧଃପତନର କାରଣ | ... | ବାରୀନ୍ଦ୍ର କୁମାର ଘୋଷ | ... | ୨୯ |
| ଅବତରି ଆସ ପ୍ରେମମୟ (କବିତା) | ... | ଶରତ କୁମାରୀ ସ୍ୱାଇଁ | ... | ୩୨ |
| ନୂତନ ଶିକ୍ଷାର ଆହ୍ୱାନ (୧୧) | ... | ଗୟାଧର ଦାଶ | ... | ୩୩ |
| ଶିକ୍ଷା ବନାମ ପୂର୍ଣ୍ଣାଙ୍ଗ ଶିକ୍ଷା | ... | ପ୍ରସାଦ ତ୍ରିପାଠୀ | ... | ୩୬ |
| ଯମୁନାର ମାଟି | ... | ମନୋଜ ଦାସ | ... | ୩୯ |
| ଅଭିଶାପ ନୁହେଁ ଆଶୀର୍ବାଦ | ... | ସନ୍ତୋଷ ରଥ | ... | ୪୧ |
| ବାମନାବତାର କଥା (୧) | ... | ଭିକାରି ଚରଣ ପଣ୍ଡା | ... | ୪୩ |
| ନୂତନ ଆଶାର କଳିକା | ... | ବନମାଳୀ ଆଚାର୍ଯ୍ୟ | ... | ୪୬ |
| ପ୍ରଭୁ ଶ୍ରୀଅରବିନ୍ଦଙ୍କ ସ୍ୱପ୍ନ (କବିତା) | ... | ରବିନାରାୟଣ ଦାଶ | ... | ୪୯ |
| ଏକ ସମ୍ଭ୍ରାନ୍ତ ସଂଳାପ | ... | ... | ... | ୫୧ |
| ଜ୍ୟୋତିଷ ଶୁକପକ୍ଷୀ | ... | ... | ... | ୫୩ |
| ପୂର୍ଣ୍ଣମାସୀ ଜାନୀ | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୫୫ |
| ପୌରାଣିକ ସାହିତ୍ୟରେ ରହିଛି କି ଭବିଷ୍ୟତର ସୂଚନା ? | ... | ମନୋଜ ଦାସ | ... | ୫୭ |


❖

# ପ୍ରାର୍ଥନା

ହେ ଶାଶ୍ୱତ ଅଧୀଶ୍ୱର ! ନିଖିଳ ମଧ୍ୟରେ ତୁମେ ରହିଛ ପ୍ରାଣବନ୍ତ ନିଃଶ୍ୱାସ ହୋଇ, ମଧୁକ୍ଷରା ଶାନ୍ତି ହୋଇ, ପ୍ରେମର ଭାସ୍ୱର ସୂର୍ଯ୍ୟ ହୋଇ,– ଅଜ୍ଞାନର ସକଳ ମେଘ ତୁମେ ବିଦୀର୍ଣ୍ଣ କରିଛ ।

ଦିଅ ଏହି ସଦୟ ଅନୁମତି, ଆମେ ଯେପରି ତୁମରି ପ୍ରାଣ-ସଂଚାରକ ନିଃଶ୍ୱାସ, ତୁମରି ମଧୁମୟ ଶାନ୍ତି, ଏ ପୃଥିବୀରେ ଆମର ଅଜ୍ଞାନ ଓ ଦୁଃଖଭରା ଭ୍ରାତୃବର୍ଗ ମଧ୍ୟରେ ତୁମରି ଦୀପ୍ୟମାନ ପ୍ରେମରେ ପରିଣତ ହୋଇପାରିବୁ ।

ହେ ଦିବ୍ୟ ପ୍ରଭୁ ! ମୋର ସମଗ୍ର ସତ୍ତାର ଅର୍ଘ୍ୟକୁ ଏକ ବଳିଦାନ ରୂପେ ଗ୍ରହଣ କର, ଯାହା ଦ୍ୱାରା ତୁମ କାର୍ଯ୍ୟ ସିଦ୍ଧ ହୋଇପାରିବ ଏବଂ ସମୟ ଯେପରି ବୃଥାରେ ବ୍ୟତୀତ ନହେବ ।

ଏକ ଧୀର-ଗମ୍ଭୀର ଉଚ୍ଛଳ ଆନନ୍ଦରେ ମୋ ନିଜକୁ ଅର୍ପଣ କରୁଛି ତୁମକୁ, ଯଦ୍ୱାରା ତୁମେ ପୁନର୍ବାର ଯାହା ତୁମର ତାହାରହିଁ ପ୍ରଭୁ ହୋଇପାରିବ, ହୋଇପାରିବ ଅସଂଖ୍ୟ ଅଣୁ ପରମାଣୁର ପ୍ରତ୍ୟେକଟି ଭିତରେ ନିଜର ଅଧିକାରୀ ଏବଂ ଯେଉଁ ଚେତନା ସମନ୍ୱିତ ଏବଂ ଏକକ, ତାହାରି ଅଧିକାରୀ ।

ହେ ଦିବ୍ୟ ପ୍ରଭୁ, ଏହି ଅର୍ଘ୍ୟ, ଏହି ପୂର୍ଣ୍ଣ ବଳିଦାନ ଗ୍ରହଣ କର; ଯେପରିକି ଏ ସମୟଟିର ଆଗମନ ବୃଥା ନଯିବ ।

ମୋ ସମଗ୍ର ସତ୍ତା ରୂପାନ୍ତରିତ ଏକ ଜୀବନ୍ତ ଶିଖାରେ, ବିଶୁଦ୍ଧ ପ୍ରେମର ଯଜ୍ଞଶିଖାରେ ।

ପୁନର୍ବାର ତୁମେ ତୁମ ସାମ୍ରାଜ୍ୟର ଅଧୀଶ୍ୱର ହୁଅ, ଯେଉଁ ଗୁରୁଭାର ଧରଣୀକୁ ନିଷ୍ପେଷିତ କରୁଛି – ଯାହାକି ତା' ଆପଣାର ତାମସ, ଅଜ୍ଞାନ ଏବଂ ଅବୋଧ ଅସଦିଚ୍ଛା ଭାର – ତହିଁରୁ ତାକୁ ମୁକ୍ତ କର ।

ହେ ମୋର ମଧୁମୟ ପ୍ରଭୁ, ପ୍ରେମ-ଯଜ୍ଞର ଐକାନ୍ତିକ ଶିଖାରେ ମୋ ସତ୍ତା ବହ୍ନିମାନ : ମୋର ଅର୍ଘ୍ୟ ଗ୍ରହଣ କର, ଯଦ୍ୱାରା ଯାହା ପ୍ରତିବନ୍ଧକ ତାହା ହେବ ଅତିକ୍ରାନ୍ତ ।

ଅଗଷ୍ଟ ୫, ୧୯୧୪ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

... The Mother guides, helps each according to his nature and need, and, where necessary, herself intervenes with her Power enabling the sadhak to withstand the rigours and demands of the Path. She has placed herself – with all the Love, Peace, Knowledge and Consciousness that she is – at the disposal of every aspiring soul that looks for help.

(Letters on the Mother, p. 332) – Sri Aurobindo

... ପ୍ରତ୍ୟେକକୁ ତା'ର ପ୍ରକୃତି ଓ ପ୍ରୟୋଜନ ଅନୁସାରେ ଶ୍ରୀମା ଦିଗ୍‌ଦର୍ଶନ ଦିଅନ୍ତି, ସାହାଯ୍ୟ କରନ୍ତି ଏବଂ ଆବଶ୍ୟକ ସ୍ଥଳେ ସାଧକ ଯେପରି ସାଧନା ପଥର କଠୋରତା ଓ ଦାବି ସକଳ ସହ୍ୟ କରିପାରିବାରେ ସକ୍ଷମ ହେବ, ସେଥିପାଇଁ ନିଜ ଶକ୍ତି ଯୋଗେ ହସ୍ତକ୍ଷେପ କରନ୍ତି । ସେ ସ୍ୱୟଂ ଯେଉଁ ପୂର୍ଣ୍ଣ ପ୍ରେମ, ଶାନ୍ତି, ଜ୍ଞାନ ଏବଂ ଚେତନା – ତାହା ଯୋଗେ ସହାୟତାକାମୀ ପ୍ରତ୍ୟେକ ଅଭୀପ୍ସୁର ସହାୟତା ନିମନ୍ତେ ସେ ଆପଣାକୁ ସୁଲଭ୍ୟ କରି ରଖିଛନ୍ତି ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

### (The Kingdoms and Godheads of the Greater Mind)

### (୮)

### ଶ୍ରୀଅରବିନ୍ଦ

A triple realm of ordered thought came first,
A small beginning of immense ascent:
Above were bright ethereal skies of mind,
A packed and endless soar as if
sky pressed sky
Buttressed against the Void on bastioned light;
The highest strove to neighbour eternity,
The largest widened into the infinite.

ସର୍ବପ୍ରଥମେ (ଅଶ୍ୱପତିଙ୍କ ନଜରକୁ) ଆସିଲା ଭାବନାର ତ୍ରିଧା ରାଜ୍ୟ, (ଏହା ଥିଲା) ବିପୁଳ ଆରୋହଣର ଏକ କ୍ଷୁଦ୍ର ଅୟମାରମ୍ଭ : ଊର୍ଦ୍ଧ୍ୱରେ ଥିଲା ମନର ଉଜ୍ଜ୍ୱଳ ସୂକ୍ଷ୍ମତର ଆକାଶ, ଏକ ପୁଞ୍ଜୀଭୂତ ଅନ୍ତହୀନ ଉତ୍ତରଣ ସତେ ଯେପରି ଆକାଶକୁ ଚାପି ଧରିଥିଲା ଆକାଶ, ସୁରକ୍ଷିତ ଆଲୋକ ଉପରେ ସତେଅବା ମହାଶୂନ୍ୟକୁ ଠେସ ସଦୃଶ ଭରାଦେଇ ରହିଥିଲେ ଆକାଶଚୟ; ସର୍ବୋଚ୍ଚ ଆକାଶଟିଏ ପ୍ରୟାସ କରୁଥିଲା ଶାଶ୍ୱତର ସାମୀପ୍ୟ ସକାଶେ, ବୃହତ୍ତମ ବିସ୍ତୃତ ହୋଇଯାଉଥିଲା ଅନନ୍ତ ମଧ୍ୟକୁ ।

But though immortal, mighty and divine,
The first realms were close and
kin to human mind;
Their deities shape our greater thinking's roads,
A fragment of their puissance can be ours:
These breadths were not too broad for our
souls to range,
These heights were not too high
for human hope.

ପରନ୍ତୁ ଯଦିଓ ଅମର, ପରାକ୍ରମଶାଳୀ ଓ ଦିବ୍ୟ, ପ୍ରଥମ ରାଜ୍ୟସବୁ ଥିଲେ ମାନବ ମନର ଅନ୍ତରଙ୍ଗ ଓ ସମ୍ପର୍କୀୟ; ସେସବୁର ଦେବଗଣ ଆମ ମହତ୍ତର ଚିନ୍ତନର ସରଣୀସମୂହକୁ ରୂପାୟିତ କରନ୍ତି, ସେମାନଙ୍କ ଶକ୍ତିମତ୍ତାର ଏକ ଭଗ୍ନାଂଶ ଆମର ନିଜସ୍ୱ ହୋଇପାରେ : ଏସବୁ ପ୍ରସାରତା ସକଳ ଆତ୍ମମାନଙ୍କର ଅନ୍ତରାତ୍ମାର ମୁକ୍ତ ବିହାର ପାଇଁ ଅତି ବିସ୍ତୃତ ନଥିଲେ; ଏସବୁ ଉଚ୍ଚତାସକଳ ମନୁଷ୍ୟର ଆଶା ସକାଶେ ନଥିଲେ ଅତି ଉଚ୍ଚ ।

A triple flight led to this triple world.

ଏକ ତ୍ରିଧା ସୋପାନ ଶ୍ରେଣୀ ଏହି ତ୍ରିଧା ଜଗତକୁ ପରିଚାଳିତ କରି ନେଉଥିଲା ।

Although abrupt for common strengths to tread,
Its upward slope looks down on
our earth-poise:
On a slant not too precipitously steep
One could turn back travelling
deep descending lines
To commune with the mortal's universe.

ଯଦ୍ୟପି ସାଧାରଣ ସାମର୍ଥ୍ୟ ପକ୍ଷେ ଏକାନ୍ତ ଦୁସ୍ତର ଏହି ପଥ, ତାହାର ଊର୍ଦ୍ଧ୍ୱାୟିତ ଢାଲୁ ଆମର ପାର୍ଥିବ-ସ୍ଥିତି ପ୍ରତି ଦୃଷ୍ଟି ଆନତ କରେ : ଏତେ ବେଶୀ ଭୟାନକ ଭାବେ ତୀଖଯୁକ୍ତ ହୋଇ ନଥିବା ଏକ ତୀର୍ଯ୍ୟକ ଭୂମିରେ ଜଣେ ଗଭୀର ନିମ୍ନଗାମୀ ପଥରେଖାସବୁକୁ ଅନୁସରଣ କରି ମର୍ତ୍ତ୍ୟଭୁବନ ସହିତ ଆଦାନ ପ୍ରଦାନ ନିମିତ୍ତ ପ୍ରତ୍ୟାବର୍ତ୍ତନ କରିପାରୁଥିଲା ।

The mighty wardens of the ascending stair
Who intercede with the all-creating Word,
There waited for the pilgrim
heaven-bound soul;

Holding the thousand keys of the Beyond
They proffered their knowledge
to the climbing mind
And filled the life with Thought's immensities.

ଆରୋହୀ କ୍ରମସୋପାନ ଶ୍ରେଣୀର ତତ୍ତ୍ୱାବଧାରକବୃନ୍ଦ ଯେଉଁମାନେ ସର୍ବ-ସର୍ଜନାକାରୀ ପରାବାକ୍ ସହିତ ମଧ୍ୟସ୍ଥତା କରନ୍ତି, ସେମାନେ ସେଠାରେ ସ୍ୱର୍ଗଗାମୀ ତୀର୍ଥଯାତ୍ରୀ ଆତ୍ମାଟି ପାଇଁ ପ୍ରତୀକ୍ଷା କରି ରହିଥିଲେ; ପରାଲୋକର ସହସ୍ର କୁଞ୍ଚିକା ହସ୍ତରେ ଧାରଣପୂର୍ବକ ସେମାନେ ଉତ୍ତରଣଶୀଳ ମନକୁ ସେମାନଙ୍କର ଜ୍ଞାନ ପ୍ରଦାନ କରୁଥିଲେ ଏବଂ ଜୀବନକୁ ଭରିଦେଉଥିଲେ ଭାବନାର ବିପୁଳତା ଦ୍ୱାରା ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# ସର୍ବାସ୍ତି

## ଶ୍ରୀଅରବିନ୍ଦ

ମୋ ଅନ୍ତରେ, ଚତୁର୍ଦ୍ଦିଗେ ବିରାଜିତ ସେ ସର୍ବତୋମୁଖୀ ।
ଅହଂକାରେ ସ୍ୱେଚ୍ଛାବଳି ଦୂର କରି ବିଭୁ ଅଧିକାର,
ତାଙ୍କରି ସୀମାନ୍ତପାରେ ଉପସ୍ଥିତ ଅନନ୍ତ-ଉନ୍ମୁଖୀ
ଚାହିଁ ରହେ ସୀମାହୀନ ଅନନ୍ତର ଅସୀମ ପ୍ରସାର ।

ସସୀମ ଯା' ଦେଖେ, ତାହା ସବୁ ଅଟ୍ଟାଳିକା ପୁରୋଭାଗ;
ତାହାରି ଗବାକ୍ଷଧାରୁ ମୋତେ ଚାହିଁ ରହନ୍ତି ଅନନ୍ତ ।
ବୃଥାହିଁ ପୃଥକ୍ ସୃଷ୍ଟି ଏଇ ମୋର ତନୁ କାରାଗାର;
ନିଗୂଢ଼ ସାନ୍ନିଧ ତାଙ୍କ ଦେହ ପ୍ରତିକୋଷେ ମୋ ଜ୍ୱଳନ୍ତ ।



ସର୍ବସାର ସେ ମୋ ଜୀବନର, ସେହିଁ ମୋର ନିଃଶ୍ୱାସ ପ୍ରଶ୍ୱାସ;
ମୋ ମର୍ମର ଯାତନା ସେ, ସେହିଁ ମୋର ଆନନ୍ଦ ଉଲ୍ଲାସ ।
ଜନ୍ମ ମୋର ତାଙ୍କ ଅବିନଶ୍ୱରତାର ସଙ୍କେତ,
ମୃତ୍ୟୁ ମୋର ତାଙ୍କ ଅମରତ୍ୱର ପ୍ରବେଶ ପଥ ।

ଶବ୍ଦହୀନ ରସାତଳ ମୋର ତାଙ୍କ ନିଭୃତ ନିଳୟ;
ମୋ ହୃଦୟ ଦେବାଳୟେ ବିରାଜିତ ଅପୂଜା ଈଶ୍ୱର ।

[ଶ୍ରୀଅରବିନ୍ଦଙ୍କ ରଚିତ "**Omnipresence**" କବିତାର ଭାଷାନ୍ତର]

ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

# ଅପ୍ରୀତିକର ଚିନ୍ତା

## ଶ୍ରୀମା

*ପ୍ରଶ୍ନ : ମା ! ବେଳେବେଳେ ଏଣୁତେଣୁ ଅପ୍ରୀତିକର ଚିନ୍ତାସବୁ ଆମ ଭିତରକୁ ପଶି ଆସନ୍ତି ଆଉ ଆମକୁ ବିଭ୍ରାନ୍ତ କରନ୍ତି । କିପରି ଆମେ ସେମାନଙ୍କ ଦାଉରୁ ରକ୍ଷା ପାଇବୁ ?*

**ଶ୍ରୀମା :** ସେଥିଲାଗି ବହୁ ଉପାୟ ଅଛି । ସାଧାରଣତଃ — କିନ୍ତୁ ଏହା ନିର୍ଭର କରେ ଲୋକଙ୍କ ଉପରେ — କହିବାକୁ ଗଲେ ସବୁଠାରୁ ସହଜ ଉପାୟଟି ହେଲା ସେତେବେଳେ ତୁମେ ଅନ୍ୟ ବିଷୟରେ ଚିନ୍ତା କରିବ । ତା'ହେଲା, ତୁମେ ଅନ୍ୟ ଗୋଟିଏ ବିଷୟରେ ଏକାଗ୍ର ହେବ, ଯେଉଁ ବିଷୟଟି ସହିତ ତୁମର ସେହି ଅପ୍ରୀତିକର ଚିନ୍ତାର କିଛି ସମ୍ପର୍କ ନଥିବ, କିଛି ସମ୍ବନ୍ଧ ମଧ୍ୟ ନଥିବ, ଯଥା : ସେତେବେଳେ ତୁମେ ବହିଟିଏ ପଢ଼ିପାର କିଂବା କିଛି ଗୋଟାଏ କାମ ମଧ୍ୟ କରିପାର — ସାଧାରଣତଃ ସୃଜନାତ୍ମକ କାମ, କିଛି ଗୋଟାଏ ସୃଜନଶୀଳ କାର୍ଯ୍ୟ । ... ଯେଉଁମାନେ ସେମାନଙ୍କ ଚିନ୍ତାଗୁଡ଼ିକ ଉପରେ ନିୟନ୍ତ୍ରଣ ରଖିବାକୁ ଆରମ୍ଭ କରିଛନ୍ତି, ସେମାନେ ସେପରି ଚିନ୍ତାଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାରେ ସକ୍ଷମ ହେବେ । ଗୋଟିଏ ବସ୍ତୁକୁ ଠେଲି ଫୋପାଡ଼ି ଦେଲା ଭଳି ସେମାନେ ସେହି ମନ୍ଦ ଚିନ୍ତାକୁ ମନ ଭିତରୁ ଫୋପାଡ଼ି ଦେବେ । ଅବଶ୍ୟ ଏହା ଅପେକ୍ଷାକୃତ କଷ୍ଟକର କଥା ଏବଂ ନିଜ ଉପରେ ଖୁବ୍ କର୍ତ୍ତୃତ୍ୱ ନଥିଲେ ଏହା ସମ୍ଭବ ନୁହେଁ । କିନ୍ତୁ ଯଦି ଜଣେ ଏହା କରିପାରେ, ତେବେ ଏହାହିଁ ଅଧିକ କ୍ରିୟାଶୀଳ ହୋଇଥାଏ । ଏହାର ଅର୍ଥ ହେଲା, ତୁମେ ଯଦି ସେହି ମନ୍ଦ ଚିନ୍ତାଗୁଡ଼ିକୁ ବା ତୁମ ମନର ସେଇସବୁ ମନ୍ଦବୃତ୍ତିଗୁଡ଼ିକୁ ତୁମ ଭିତରୁ ତଡ଼ିବାରେ ଲାଗିଥିବ, ଏବଂ ସେଥିରେ ସଫଳ ମଧ୍ୟ ହେଉଥିବ — ଯେତେଥର ସେଗୁଡ଼ିକ ତୁମ ମନ ଭିତରେ ଉଦୟ ହେଉଥିବେ, ସେତେଥର ତୁମେ ସେଗୁଡ଼ିକୁ ମନରୁ ବିତାଡ଼ିତ କରୁଥିବ, ଶେଷରେ ସେମାନେ ଆଉ ତୁମ ଭିତରକୁ ପ୍ରବେଶ କରିବେ ନାହିଁ । କିନ୍ତୁ ମୁଁ ମୂଳରୁ ଯେଉଁ ଉପାୟଟିର କଥା କହିଲି, ସେଥିରେ ମନ୍ଦ ଚିନ୍ତାଗୁଡ଼ିକ ବାରଂବାର ଫେରି ଆସୁଥା'ନ୍ତି । ଏଇ ଭାବେ ଏହା ହେଲା ଦୁଇଟି ଉପାୟ ।

ତୃତୀୟ ପନ୍ଥାଟି ହେଲା (ଅପ୍ରୀତିକର ଚିନ୍ତାଗୁଡ଼ିକ ହାତରୁ ମୁକ୍ତି ପାଇବାର) ଊର୍ଦ୍ଧ୍ୱରୁ ନିଜ ଭିତରକୁ ଉଚ୍ଚତର ଆଲୋକ ପର୍ଯ୍ୟାପ୍ତ ପରିମାଣରେ ଓହ୍ଲାଇ ଆଣିବାର କ୍ଷମତା । ଗଭୀର ଅର୍ଥରେ ଏହାହିଁ ସବୁପ୍ରକାର ମନ୍ଦ ଚିନ୍ତାବୃତ୍ତିର ''ନିବାରକ'' ହୋଇଥାଏ; ଅର୍ଥାତ୍, ଯଦି ତୁମ ଭିତରକୁ ଏକ ପ୍ରକାର ଅନ୍ଧକାର-ଚିନ୍ତା ପ୍ରବେଶ କରିଥାଏ (ବିଶେଷ କରି ଏପରି ଚିନ୍ତାସବୁ ଯଦି ଅବଚେତନରୁ ବା ନିଶ୍ଚେତନା ଭିତରୁ ଆସେ ଏବଂ ମଣିଷର ପ୍ରବୃତ୍ତିଗୁଡ଼ିକ ସେଗୁଡ଼ିକୁ ପୋଷି ରଖନ୍ତି), ଯଦି ତୁମେ ଊର୍ଦ୍ଧ୍ୱରୁ ସତ୍ୟ-ଜ୍ଞାନର ଆଲୋକ ତୁମ ଭିତରକୁ ଓହ୍ଲାଇ ଆଣିପାରିବ, ସେହି ଆଲୋକ ହେଉଛି ଏକ ଉଚ୍ଚତର ଶକ୍ତି, ଏବଂ ସେହି ଆଲୋକକୁ ତୁମେ ତୁମର ମନ୍ଦ ଚିନ୍ତା ଉପରେ ପ୍ରକ୍ଷେପ କରିବ, ତା'ହେଲେ ତୁମେ ସେହି ମନ୍ଦ ଚିନ୍ତାକୁ ନିଶ୍ଚିହ୍ନ କରିଦେଇପାରିବ କିଂବା ତାକୁ ଏକ ଆଲୋକିତ ଚିନ୍ତାରେ ପରିଣତ କରି ପାରିବ କିଂବା ରୂପାନ୍ତରିତ କରିପାରିବ — ଏହି ଉପାୟଟି ହେଲା ସର୍ବୋତ୍କୃଷ୍ଟ ଉପାୟ । ତଥାପି ଏ ଉପାୟଟି ମଧ୍ୟ ଅଧିକତର କଷ୍ଟସାଧ୍ୟ । କିନ୍ତୁ ଏହା କରାଯାଇପାରେ । ଏବଂ ଯଦି ଜଣେ ଏହା କରିପାରେ ତେବେ ସେ ଏହି ଦୁରବସ୍ଥାରୁ ଆରୋଗ୍ୟ ହୋଇଯାଇ ପାରିବ । ଏହି ଉପାୟ ଅବଲମ୍ବନ କଲେ କେବଳ ଯେ ସେଇସବୁ ମନ୍ଦ ଇଚ୍ଛାଗୁଡ଼ିକ ଆଉ ଥରେ ପ୍ରତ୍ୟାବର୍ତ୍ତନ କରିବେ ନାହିଁ ଏତିକି ନୁହେଁ, ଏହାର ମୂଳ କାରଣଟିକୁ ମଧ୍ୟ ବିଦୂରିତ କରାଯାଇ ପାରିବ ।

ପ୍ରଥମ ଉପାୟଟି ହେଲା ମନ୍ଦ ଇଚ୍ଛାଟିଏ ଉଦୟ ହେଲା ମାତ୍ରେ ମନକୁ ଅନ୍ୟ ଚିନ୍ତା ଭିତରେ ପ୍ରବେଶ କରାଇଦେବା (କିନ୍ତୁ ତୁମେ ଜାଣ ଏ ଉପାୟରେ କ୍ଷଣସ୍ଥାୟୀ ଫଳ ମିଳେ । ସେମାନେ ପୁଣି ବେଳ ପାଇଲେ ଲେଉଟି ଆସନ୍ତି ।); ଦ୍ୱିତୀୟ ଉପାୟଟି ହେଲା ମନ୍ଦ ଇଚ୍ଛାଗୁଡ଼ିକ ସହିତ ସଂଗ୍ରାମ କରିବା; ଏବଂ ତୃତୀୟଟି ହେଲା ମନ୍ଦ ଇଚ୍ଛାଗୁଡ଼ିକୁ ରୂପାନ୍ତରିତ କରିବା । ଯେତେବେଳେ ଜଣେ ତୃତୀୟ ସୋପାନରେ ପହଞ୍ଚି ଯାଇଛି ସେତେବେଳେ ସେ ନିଜେ କେବଳ ଆରୋଗ୍ୟ ହେବ ନାହିଁ କିନ୍ତୁ ସେ ଏକ ସ୍ଥାୟୀ ଅଗ୍ରଗତି କରିବାକୁ ମଧ୍ୟ ସମର୍ଥ ହୋଇଯିବ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ପଞ୍ଚଦଶ ପରିଚ୍ଛେଦ)

## ବୁଦ୍ଧିର ଅତୀତ ମଙ୍ଗଳ

ଶେଖ ଅବଦୁଲ କାଶମ

ଆମ ଧର୍ମଗତ ସତ୍ତାର ଏକ ତତ୍ତ୍ୱ ଓ ବିଧାନ ରହିଛି । ଆମର ସୌନ୍ଦର୍ଯ୍ୟ ବୋଧଗତ ସତ୍ତାର ବି ଏକ ତତ୍ତ୍ୱ ଓ ବିଧାନ ରହିଛି । ଏହି ଉଭୟ ସତ୍ତା ଏକ ବିଶ୍ୱଗତ ସତ୍ତାର ତତ୍ତ୍ୱ ଓ ବିଧାନକୁ ଅନୁସରଣ କରିବା ବିଧେୟ । ସକଳ ମାନବୀୟ କ୍ରିୟାକଳାପରେ ଆମେ ବିଶ୍ୱଗତ ସତ୍ତାଙ୍କ ଆଡ଼କୁ ଉନ୍ମୁକ୍ତ ହୋଇ ରହିଲେ ଆମ ଜୀବନରେ ଉତ୍ତରଣ ଘଟିବା ନିଶ୍ଚିତ । ଆମେ ଆମର ସକଳ କର୍ମରେ, ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ, ଭଗବାନଙ୍କୁହିଁ ଖୋଜୁଛୁ । ସକଳ ବସ୍ତୁର ଅନ୍ତରାଳରେ ସଂଗୁପ୍ତ ହୋଇ ରହିଥିବା ପରମ ଦିବ୍ୟସତ୍ତାଙ୍କର ଅନ୍ୱେଷଣ ଓ ଆବିଷ୍କାରହିଁ ଆମର ପରମ କର୍ତ୍ତବ୍ୟ । ଆମର ଧର୍ମଗତ ସତ୍ତା ଓ ସୌନ୍ଦର୍ଯ୍ୟବୋଧଗତ ସତ୍ତା ପରିଶେଷରେ ଏହି ଲକ୍ଷ୍ୟରେ ଉପନୀତ ହେବା ପାଇଁ ଆକାଂକ୍ଷା କରିଥା'ନ୍ତି ।

ଆମେ ଭଗବାନଙ୍କୁ ବିଭିନ୍ନ ବାଟରେ ଖୋଜୁଛୁ । ଏହାର ଅର୍ଥ, ଆମେ ଆମ ଭିତରେ ଥିବା ଉଚ୍ଚତମ ଓ ବୃହତ୍ତମ ଆତ୍ମାକୁହିଁ ଖୋଜୁଛୁ । ପ୍ରାତିଭାସିକ ଜଗତରେ ଆମେ ଯାହାସବୁ ଦେଖୁଛୁ ସବୁରି ଅନ୍ତରାଳରେ ପରମ ଦିବ୍ୟସତ୍ତା ସଂଗୁପ୍ତ ହୋଇ ରହିଛନ୍ତି । ବାହ୍ୟ ଜଗତର ସକଳ ବସ୍ତୁ ତାହାଙ୍କୁହିଁ ପ୍ରକାଶିତ କରିବା ଲାଗି ଅଭିପ୍ରେତ ହୋଇ ରହିଛନ୍ତି । ମାତ୍ର ସେଗୁଡ଼ିକ କେତେବେଳେ ଆଂଶିକ ଭାବେ, କେତେବେଳେ ବିରୋଧ ଓ ବିପରୀତତା ମଧ୍ୟଦେଇ ଏବଂ ଆଉ କେତେବେଳେ ବିକୃତ ଭାବରେ ସେହି ଦିବ୍ୟସତ୍ତାଙ୍କୁହିଁ ବ୍ୟକ୍ତ କରିବା ଲାଗି ଚେଷ୍ଟିତ ରହିଛନ୍ତି । ପରମ ଅନନ୍ତ ଓ ନିର୍ବିଶେଷ ସତ୍ତା (Infinite and Absolute being)ଙ୍କୁ ବାସ୍ତବ ଭାବରେ ତଥା ସର୍ବଗ୍ରାହୀ ବୋଧ ନେଇ ଆବିଷ୍କାର କଲେ ଯାଇ ଆମର ଅନ୍ୱେଷଣ ପରିପୂର୍ଣ୍ଣତା ଲାଭ କରିବ । ସେହି ଅନନ୍ତ ସତ୍ତାଙ୍କୁ ସମସ୍ତ ସାନ୍ତ ସତ୍ତା (finite things)ଗୁଡ଼ିକ ମଧ୍ୟରେ ସନ୍ଦର୍ଶନ କରିବାକୁ ପଡ଼ିବ । ତଦ୍ୱାରା ଆମର ଯାବତୀୟ ଆପେକ୍ଷିକତା (relativities) ପରମ ସମ୍ଭାବ୍ୟତା (Absolute)ର ଭୂମି ପର୍ଯ୍ୟନ୍ତ ଉତ୍ତୋଳିତ ହୋଇଯାଇ ପାରିବେ । ଏହି ପ୍ରୟାସରେ ଆମକୁ ସକଳ ବସ୍ତୁ ମଧ୍ୟରେ ରହିଥିବା ବିରୋଧ ଓ ବୈପରୀତ୍ୟକୁ ଏକତ୍ର ସମନ୍ୱିତ କରିବାକୁ ହେବ । ଆମ ଜୀବନର ନିମ୍ନ ଭୂମିଗୁଡ଼ିକରେ ପରମସତ୍ତା ଯେପରି ଅଭିବ୍ୟକ୍ତ ହୋଇ ପାରିବେ ସେଥିଲାଗି ଚେଷ୍ଟା କରିବାକୁ ହେବ । ତାହା ହୋଇ ପାରିଲେ ଆମର ସକଳ ଅପୂର୍ଣ୍ଣତା, ଦ୍ୱନ୍ଦ୍ୱ ଓ ବିସଙ୍ଗତିଗୁଡ଼ିକର ଔଚିତ୍ୟକୁ ଆମେ ବୁଝି ପାରିବା ଏବଂ ସେଗୁଡ଼ିକ ଯେ ଏକ ସମନ୍ୱୟ ଅବସ୍ଥାକୁ ପ୍ରାପ୍ତ ହେବେ, ଏକଥା ଆମ ଆଗରେ ସ୍ପଷ୍ଟ ହୋଇଯିବ । ଆମ୍ଭେମାନେ ଯେ ଆପଣା ଲାଗି ବଞ୍ଚି ରହି ନାହୁଁ ବରଂ ସେହି ପରମ ସର୍ବମୟ ସତ୍ତାଙ୍କ ଲାଗିହିଁ ବଞ୍ଚି ରହିଛୁ ଏ ବିଷୟରେ ଆମେ ସଚେତନ ରହିବାକୁ ହେବ । ପ୍ରକୃତରେ ଆମେ ପ୍ରତ୍ୟେକେ ସେହି ପରମ ତତ୍‌ଙ୍କରହିଁ ଗୋଟିଏ ଗୋଟିଏ ଅଂଶ ଏବଂ ତାହାଙ୍କୁ ଆମ ଜୀବନରେ ଅଭିବ୍ୟକ୍ତ କରିବାହିଁ ଆମର ପରମ ଲକ୍ଷ୍ୟ ।

ଆମ ଜୀବନରେ କେତେ ପ୍ରକାରର ସହଜାତ ପ୍ରବୃତ୍ତି, ଆବେଗ, ସାମର୍ଥ୍ୟ, ବୃତ୍ତି, ପରସ୍ପର ବିରୋଧୀ ବିଚାର, ବିକୃତି ଓ ସମସ୍ୟା ଆଦି କ୍ରିୟାଶୀଳ ହୋଇ ରହିଛି । ଏସବୁ ସେଇ ପରମ ଏକଙ୍କ କର୍ତ୍ତୃତ୍ୱ ଭିତରେହିଁ ଅବସ୍ଥାନ କରୁଛନ୍ତି । ତେଣୁ ସେହି ପରମ ଏକଙ୍କ ସହାୟତା ବଳରେହିଁ ଆମେ ଏସବୁର ଅପୂର୍ଣ୍ଣତା ଓ ବିକୃତିଗୁଡ଼ିକୁ ଦୂର କରି ବିବିଧତା ମଧ୍ୟରେ ଏକତ୍ୱକୁ ପ୍ରତିଷ୍ଠା କରିପାରିବା ଏବଂ ସକଳ ଦ୍ୱନ୍ଦ୍ୱ ଓ ସମସ୍ୟାର ସମାଧାନ କରିପାରିବା । ଆମକୁ ଏପରି ଏକ ଜ୍ଞାନ ହାସଲ କରିବାକୁ ହେବ ଯାହା ଆମକୁ ଜୀବନର ପ୍ରକୃତ ଅର୍ଥ ଜାଣିବାରେ ସହାୟକ ହେବ ଏବଂ ଆମ ଜୀବନଟି ରୂପାନ୍ତରିତ ହୋଇ ପରମସତ୍ତାଙ୍କୁ ଅଭିବ୍ୟକ୍ତ କରିପାରିବ । ପ୍ରତ୍ୟେକ ବ୍ୟକ୍ତି, ପ୍ରାଣୀ ଓ ବସ୍ତୁ ସେହି ପରମ ଏକଙ୍କୁହିଁ ଆପଣା ଆପଣା ମାର୍ଗରେ ଖୋଜୁଛନ୍ତି । ଆମର ଅବବୌଦ୍ଧିକ ସ୍ତରଟି ତାହାର ସହଜାତ ପ୍ରବୃତ୍ତି, ଆବଶ୍ୟକତା ଓ ଆବେଗଗୁଡ଼ିକ ମଧ୍ୟ ଦେଇ ଅନ୍ଧ ଭାବରେ ତାଙ୍କରି ସନ୍ଧାନରେହିଁ ଗତି କରି ଚାଲିଛି । ଆମର ବୁଦ୍ଧି ନ୍ୟାୟ ଓ ନିୟମ ବ୍ୟବସ୍ଥା ମଧ୍ୟ ଦେଇ ତାଙ୍କୁ ଅନ୍ୱେଷଣ କରୁଛି । ତାହା

ବିବିଧତାଗୁଡ଼ିକୁ ଏକାଠି କରି ସେସବୁର ବିଶ୍ଳେଷଣ କରୁଛି ଏବଂ ସେଗୁଡ଼ିକୁ ସମନ୍ୱିତ କରିବାକୁ ଚେଷ୍ଟା କରୁଛି । ଆମର ଅବବୌଦ୍ଧିକ ସ୍ତରଟି ବସ୍ତୁ ସକଳର ଅନ୍ତରତମ କ୍ଷେତ୍ରକୁ ପ୍ରବେଶ କରି ପରମସତ୍ୟର ସନ୍ଧାନ କରୁଛି ଏବଂ ସେହି ପରମ ଉତ୍ସରୁ ଆଲୋକ ଆଣି ସବୁକିଛିକୁ ଦିବ୍ୟତାରେ ଭରିଦେବା ପାଇଁ ଚେଷ୍ଟା ଚଳାଇଛି ।

ଧର୍ମ, ଆଧ୍ୟାତ୍ମିକତା, କଳା ଓ ସୌନ୍ଦର୍ଯ୍ୟବୋଧ କ୍ଷେତ୍ରରେ ପରମ ଦିବ୍ୟତାକୁ ସନ୍ଧାନ କରିବା ଆମ ପକ୍ଷରେ ଅପେକ୍ଷାକୃତ ସହଜ ହୋଇଥାଏ । କାରଣ ଏସବୁ କ୍ଷେତ୍ରରେ ବାହ୍ୟ ଜୀବନର ଜଞ୍ଜାଳ ଓ ଚାପ ନଥାଏ । ସ୍ଥୂଳ ଭୌତିକ ଦାବି ଓ ନାନା ଅନିବାର୍ଯ୍ୟ ଆବଶ୍ୟକତା ସହିତ ସାଲିସ କରିବା ପାଇଁ ଆମେ ବାଧ୍ୟ ହୋଇ ନଥାଉ । ଆମର ସଙ୍କଳ୍ପ ତଥା ଆସ୍ପୃହା ଦୃଢ଼ ଓ ବିଶୁଦ୍ଧ ହୋଇଥିଲେ ଆମେ ଭୌତିକ ଜୀବନର ନାନା ସୀମା ଓ ବନ୍ଧନରୁ ମୁକ୍ତ ରହିପାରୁ । ଯାହାକିଛି ଅନିତ୍ୟ ଓ କ୍ଷଣସ୍ଥାୟୀ ସେସବୁ ଆମକୁ କେଉଁଠାରେ ବାନ୍ଧି ରଖିପାରେ ନାହିଁ । ଭଗବାନଙ୍କୁ ଖୋଜିବା ପାଇଁ ଆମ ପାଖରେ ଯଥେଷ୍ଟ ଅବସର ରହିଥାଏ । ତେଣୁ ଏହି କ୍ଷେତ୍ରଗୁଡ଼ିକରେ ଆମେ ଆତ୍ମାର ମୁକ୍ତି ଆସ୍ୱାଦନ କରୁ, ସୌନ୍ଦର୍ଯ୍ୟ ଓ ଆନନ୍ଦଭରା ଭଗବାନଙ୍କ ରାଜ୍ୟରେ ପ୍ରବେଶ କରିପାରୁ । ଧର୍ମ, କଳା ଓ କବିତା କ୍ଷେତ୍ରରେ ମୁକ୍ତି, ଆତ୍ମ-ପ୍ରସାରଣ ଓ ଆନ୍ତର ସତ୍ୟର ଉପଲବ୍ଧି ଲାଗି ଯଥେଷ୍ଟ ସୁଯୋଗ ରହିଥାଏ ।

ଅନ୍ୟ ପକ୍ଷରେ ବ୍ୟାବହାରିକ ଜୀବନରେ ବିଶ୍ୱଗତ ସତ୍ୟକୁ ସ୍ୱୀକାର କରିବା ତଥା ତାକୁ ଉପଲବ୍ଧି କରିବା ପାଇଁ ଆମେ ଅପେକ୍ଷାକୃତ କମ୍ ପ୍ରସ୍ତୁତ ଥାଉ । ଏହାର କାରଣ ହେଲା ବ୍ୟାବହାରିକ ଜୀବନରେ ଆମେ ବାହ୍ୟ ଆବଶ୍ୟକତାଗୁଡ଼ିକର ଦାସ ହୋଇ ରହିଥାଉ, ନାନା ତାତ୍କାଳିକ ଓ କ୍ଷଣସ୍ଥାୟୀ ପ୍ରୟୋଜନୀୟତା ଆମକୁ ବନ୍ଦୀ କରି ରଖିଥାଏ । ତଥାପି କାଳ ପର୍ଯ୍ୟାୟରେ ଏପରି ଏକ ସମୟ ଅବଶ୍ୟ ଆସେ ଯେତେବେଳେ କି ଆମେ ବ୍ୟାବହାରିକ ଜୀବନରେ ମଧ୍ୟ ଭଗବାନଙ୍କୁ ସ୍ୱୀକାର କରିବା ତଥା ଉପଲବ୍ଧି କରିବା ଅତି ଆବଶ୍ୟକ ବୋଲି ଆମେ ବୁଝିପାରୁ । ଦୈନନ୍ଦିନ ଜୀବନ ଓ ସାମାଜିକ ଜୀବନ ଯେ ଧର୍ମଗତ ଓ ଆଧ୍ୟାତ୍ମିକ ଜୀବନଠାରୁ ଆଦୌ ଭିନ୍ନ ନୁହେଁ ଏବଂ ଉଭୟ କ୍ଷେତ୍ରରେ ଏକହିଁ ବିଧାନ କାର୍ଯ୍ୟ କରୁଛି, ଏକଥା ଆମକୁ ଜାଣିବାକୁ ହେବ । ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ପରମ ଆତ୍ମାଙ୍କୁ ଆବିଷ୍କାର କରିବା ପାଇଁ ଏହି ଉଭୟ କ୍ଷେତ୍ରକୁ ମାଧ୍ୟମ ରୂପେ ବ୍ୟବହାର କରିବାକୁ ହେବ । ସେତେବେଳେ ଯାଇ ସେହି ଉଭୟ କ୍ଷେତ୍ରର ପ୍ରକୃତ ଅର୍ଥ ଆମ ଆଗରେ ସ୍ପଷ୍ଟ ହେବ ଏବଂ ଯାବତୀୟ ଯନ୍ତ୍ରଣାମୂଳକ ସମସ୍ୟାସବୁ ସମାହିତ ହେବ । ସୁତରାଂ ଶ୍ରୀଅରବିନ୍ଦ କହନ୍ତି – "All life is only a lavish and manifold opportunity given us to discover, realise, express the Divine."

(The Human Cycle, page. 148)

ଅର୍ଥାତ୍, ''ସେହି ପରମ ଦିବ୍ୟସତ୍ତାଙ୍କୁ ଆବିଷ୍କାର, ଉପଲବ୍ଧି ତଥା ଅଭିବ୍ୟକ୍ତ କରିବା ଲାଗି ସମଗ୍ର ଜୀବନହିଁ କେବଳ ଏକ ଅପର୍ଯ୍ୟାପ୍ତ ଓ ନାନାବିଧ ଅବସର ଅଟେ ।''

ଆମ ବ୍ୟାବହାରିକ ଜୀବନର ପ୍ରକୃତ ସତ୍ୟ ଆମ ନୀତିଗତ ସତ୍ତା (ethical being)ଟିରେହିଁ ସବୁଠାରୁ ଅଧିକ ସହଜରେ ପ୍ରକାଶିତ ହୁଏ । ଆମ ଜୀବନର ନୀତିଗତ କ୍ଷେତ୍ରଟି ଏକ ତର୍କବୁଦ୍ଧିର ବ୍ୟାପାର ନୁହେଁ, ଏକଥା ଆମେ ଜାଣି ରଖିବା । ବୁଦ୍ଧିର କୌଣସି ବିଧାନ ବା ସିଦ୍ଧାନ୍ତ ଦ୍ୱାରା ନୈତିକ ଜୀବନକୁ ସଫଳତାର ସହିତ ନିୟନ୍ତ୍ରିତ କରିହେବ ନାହିଁ । ଏ କ୍ଷେତ୍ରରେ ବୁଦ୍ଧିର ପ୍ରଚେଷ୍ଟାଗୁଡ଼ିକ କେବଳ ଛଳନା ବୋଲି ଜାଣିବାକୁ ହେବ । କାରଣ ସେଗୁଡ଼ିକ ବାସ୍ତବ ସତ୍ୟ ପାଖରେ ପହଞ୍ଚି ପାରନ୍ତି ନାହିଁ, ସତ୍ୟକୁ ସ୍ପର୍ଶ କରିବା ପୂର୍ବରୁହିଁ ଖଣ୍ଡ ବିଖଣ୍ଡିତ ହୋଇଯା'ନ୍ତି ବା ବିଫଳତାରେ ପର୍ଯ୍ୟବସିତ ହୁଅନ୍ତି । ଊନବିଂଶ ଶତାବ୍ଦୀ ଥିଲା ବିଜ୍ଞାନ, ବୁଦ୍ଧି ଓ ପ୍ରୟୋଜନୀୟତାର ଶତାବ୍ଦୀ ଯେତେବେଳେ କି ବୁଦ୍ଧି ପ୍ରସୂତ ପ୍ରୟୋଜନବାଦୀ ନୈତିକତା ସମାଜରେ ପ୍ରଭାବ ବିସ୍ତାର କରିଥିଲା, ମାତ୍ର ତାହା ଛଳନାମୟ ନାନା ଭ୍ରାନ୍ତି ଦ୍ୱାରା ଆକ୍ରାନ୍ତ ହୋଇଥିଲା । ନୀତିଗତ ଜୀବନ କ୍ଷେତ୍ରର ଅନ୍ତରତର ଅଭିପ୍ରାୟଟିକୁ ବିତାଡ଼ିତ କରି ତା' ସ୍ଥାନରେ ଏକ ତୁଚ୍ଛା ବ୍ୟାବହାରିକ ମୂଲ୍ୟାୟନ ଆଣି ଭର୍ତ୍ତି କରାଯାଇଥିଲା ଯାହାକି ନୈତିକତାର ବିରୋଧାଚରଣ କରୁଥିଲା । ନୈତିକ କ୍ରିୟାତ୍ମକତାଟି ବିଜ୍ଞାନ ବ୍ୟାଖ୍ୟା ସମ୍ପନ୍ନ ଓ ଅସମୀଚୀନ ନାନା କୌଶଳ ଦ୍ୱାରା ପରିପୂର୍ଣ୍ଣ ଏକ ନୀତିଗତ ଗଣିତ ଶାସ୍ତ୍ରରେ ପରିଣତ ହୋଇଥିଲା ଯାହାକି ଯଥାର୍ଥ ଦୃଷ୍ଟିରେ ଦେଖିଲେ ହାସ୍ୟାସ୍ପଦ ମନେ ହେବ ।

ନୈତିକ ଜୀବନର ସିଦ୍ଧାନ୍ତ ଓ ବ୍ୟାପାରଟିକୁ ବ୍ୟାଖ୍ୟା କରିବାକୁ ଯାଇ ବୁଦ୍ଧି ଯାହାସବୁ କରିଛି ତାହା ମିଥ୍ୟା ପ୍ରମାଣିତ ହୋଇଛି । ସୁଖବାଦୀ ସିଦ୍ଧାନ୍ତ (hedonistic theory)ଟି ଅନୁସାରେ ନୈତିକତା କହିଲେ କେବଳ ଲାଭ ଓ ସୁଖାନୁଭୂତିକୁ ବୁଝାଇଥାଏ । ଏ କ୍ଷେତ୍ରରେ ନୈତିକତା କେବଳ କେତେଟା

ସୂତ୍ରକୁ ନେଇ ଗଠିତ ହୋଇଥାଏ ଯାହାକି ବ୍ୟାବହାରିକ ଜୀବନରେ ଫଳପ୍ରଦ ଓ ମଙ୍ଗଳଜନକ ହୋଇପାରେ ନାହିଁ। ଯଥାର୍ଥ ନୈତିକତାକୁ ଆମେ କୌଣସି ସୂତ୍ର ମଧ୍ୟରେ ବାନ୍ଧି ରଖିପାରିବା ନାହିଁ । ଶ୍ରୀଅରବିନ୍ଦ କହନ୍ତି –

"The ethical being escapes from all these formulas: it is a law to itself and finds its principle in its own eternal nature which is not in its essential character a growth of evolving mind, even though it may seem to be that in its earthly history, but a light from the ideal, a reflection in man of the Divine."

(The Human Cycle, page. 149)

ଅର୍ଥାତ୍, ''ଯଥାର୍ଥତଃ ନୈତିକ ସତ୍ତା ଏସବୁ କୌଣସି ସୂତ୍ର ମଧ୍ୟରେ ଆଦୌ ଧରା ଦିଏ ନାହିଁ । ନୈତିକତାର ବିଧାନଟି ହେଉଛି ଆପଣା ଭିତରେ ଏକ ସ୍ୱତନ୍ତ୍ର ଓ ସମ୍ପୂର୍ଣ୍ଣ ବିଧାନ ଏବଂ ଆପଣାର ସ୍ୱକୀୟ ଶାଶ୍ୱତ ସ୍ୱଭାବରେହିଁ ତାହା ଆପଣାର ମୂଳ ସୂତ୍ରଟିର ଆବିଷ୍କାର କରିଥାଏ । ଶାଶ୍ୱତ ସ୍ୱଭାବ କହିଲେ ଏହା ମର୍ମତଃ ଆଦୌ କୌଣସି ବିକାଶଶୀଳ ମନର ବିକଶିତ ହେବାକୁହିଁ ବୁଝାଉ ନାହିଁ । ଆପଣାର ଇହଜଗତଗତ ଇତିହାସରେ ହୁଏତ ତାହା ସେହିଭଳି କିଛି ମନେ ହେଉଥିଲେ ମଧ୍ୟ ତାହା ହେଉଛି ମୂଳତଃ ଆଦର୍ଶର ଭୂମି ଉପରୁ ପ୍ରତିଫଳିତ ହେଉଥିବା ଏକ ଆଲୋକ, ଏହି ମନୁଷ୍ୟ ଭିତରେ ପରମ ଦିବ୍ୟତାର ଏକ ପ୍ରତିଫଳନ ।''

ପ୍ରୟୋଜନୀୟତା (utility) ହେଉଛି ଆମ ଅସ୍ତିତ୍ୱର ଏକ ମୌଳିକ ସିଦ୍ଧାନ୍ତ । ପରିଶେଷରେ ଅସ୍ତିତ୍ୱର ସକଳ ମୌଳିକ ସିଦ୍ଧାନ୍ତ ଏକ ଓ ଅଭିନ୍ନ ବୋଲି ଜଣାପଡ଼େ । ଯାହା ସର୍ବୋଚ୍ଚ ମଙ୍ଗଳକର ତାହାହିଁ ଯେ ସର୍ବୋଚ୍ଚ ପ୍ରୟୋଜନ, ଏହି ସତ୍ୟକୁ ଆମେ ବୁଝିବା ଆବଶ୍ୟକ । ସମସ୍ତଙ୍କର ମଙ୍ଗଳହିଁ ଆମ ନୀତିଗତ ଆଚାରର ଏକ ଆଦର୍ଶ ଉଦ୍ଦେଶ୍ୟ । ତେବେ କେଉଁ ଜିନିଷଟି ସମସ୍ତଙ୍କ ପାଇଁ ମଙ୍ଗଳକର ତାହା ଜାଣିବା ଆବଶ୍ୟକ । କିନ୍ତୁ ଏତିକି ଜାଣିଗଲେ ତାହା ଯଥେଷ୍ଟ ହେବ ନାହିଁ । ଆମ ସତ୍ତା ଓ କ୍ରିୟାର ଯେ ଏକ ଅନ୍ତର୍ଗତ ସିଦ୍ଧାନ୍ତ ବା ଆନ୍ତର ତତ୍ତ୍ୱ ରହିଛି, ତାହା ବି ଜାଣିବା ଦରକାର । ସେହି ଆନ୍ତର ତତ୍ତ୍ୱଟିହିଁ ମଙ୍ଗଳ ସାଧନର ପ୍ରେରଣା ଯୋଗାଇବ । ପ୍ରୟୋଜନୀୟତା ତାହା କରିପାରିବ ନାହିଁ। ଶ୍ରୀଅରବିନ୍ଦ କହନ୍ତି –

"Good, not utility, must be the principle and standard of good; otherwise we fall into the hands of that dangerous pretender expediency, whose whole method is alien to the ethical." (The Human Cycle, page. 150)

ଅର୍ଥାତ୍, ''ପ୍ରୟୋଜନ କଦାପି ମଙ୍ଗଳର ମାନଦଣ୍ଡ ବା ସିଦ୍ଧାନ୍ତ ହୋଇ ପାରିବ ନାହିଁ । ମଙ୍ଗଳହିଁ ମଙ୍ଗଳର ମାନଦଣ୍ଡ ଓ ସିଦ୍ଧାନ୍ତ ହୋଇ ରହିବ । ତା' ନହେଲେ ଆମେ, ଯେତେବେଳେ ଯେଉଁଟା କାମ ଦେଇ ପାରୁଛି, ସେତେବେଳେ ସେଇଟାକୁହିଁ ଉଚିତ ବୋଲି ଗ୍ରହଣ କରି ନେବାର ଛଳନାକାରୀ ଓ ପ୍ରମାଦପୂର୍ଣ୍ଣ ସିଦ୍ଧାନ୍ତଟିର କବଳରେ ଯାଇ ପଡ଼ିଯିବା, ଯାହାର ସମୁଦାୟ ରୀତି ଓ ପଦ୍ଧତି ସକଳ ନୀତି ଓ ନୈତିକତାର ପ୍ରତିକୂଳ ହୋଇ ରହିଥାଏ ବା ସେଥିରୁ ସର୍ବଦା ବହିର୍ଭୂତ ହୋଇ ରହିଥାଏ ।''

ପ୍ରୟୋଜନୀୟତାର ମାନଦଣ୍ଡଟି ବ୍ୟକ୍ତିର ସ୍ୱଭାବ ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ । ଜଗତ୍ ବିଷୟରେ ବ୍ୟକ୍ତିମାନେ ଭିନ୍ନ ଭିନ୍ନ ଦୃଷ୍ଟିକୋଣ ରଖିଥା'ନ୍ତି, ସେମାନଙ୍କ ମନ ମଧ୍ୟ ବିଭିନ୍ନ ଭାବରେ ଅଭ୍ୟସ୍ତ ହୋଇଥାଏ । ସୁତରାଂ ପ୍ରୟୋଜନୀୟତାର ମାନଦଣ୍ଡଟି ସମସ୍ତଙ୍କ କ୍ଷେତ୍ରରେ ସମାନ ପ୍ରକାର ହୋଇ ନଥାଏ । ଏହା କୌଣସି ସାଧାରଣ ନିୟମକୁ ଅନୁସରଣ କରେ ନାହିଁ । ନୈତିକତା ଓ ନୀତିଗତ ବିଧାନଟି ଗୋଟାଏ ହିସାବର ସାମଗ୍ରୀ ନୁହେଁ । ତେବେ କୌଣସି ବ୍ୟକ୍ତି ଅନ୍ତଃପ୍ରେରିତ ହୋଇ ଯାହାକୁ ଭଲ ବା ମଙ୍ଗଳ ବୋଲି ମାନେ, ତାହା ଉପରେ ସେ ଅଟଳ ହୋଇ ରହିବା ଉଚିତ । ଏ ମାର୍ଗରେ ସେ ହୁଏତ ଅନେକ ଭୁଲ୍ କରି ପକାଇବ, ମାତ୍ର ତଥାପି ସେ ଆପଣା ସ୍ୱଭାବର ବିଧାନଟି ପ୍ରତି ଅନୁଗତ ହୋଇ ରହିଥିଲେ ପରିଶେଷରେ ସେ ଯାହା କରିବ ତାହା ନିଶ୍ଚୟ ମଙ୍ଗଳକର ହେବ । ଗୀତା ସେଥିପାଇଁ ସ୍ୱଧର୍ମ ପାଳନ ଉପରେ ଗୁରୁତ୍ୱ ଦେଇଛି, ପରଧର୍ମକୁ ଭୟାବହ ବା ପ୍ରମାଦପୂର୍ଣ୍ଣ ବୋଲି କହିଛି । ମଙ୍ଗଳର ଅନୁସରଣ କରିବା ହେଉଛି ନୈତିକ ସତ୍ତାର ସ୍ୱଭାବଗତ ଧର୍ମ । ପ୍ରୟୋଜନର ଅନୁସରଣ କଦାପି ସ୍ୱଭାବଗତ ଧର୍ମ ହୋଇ ପାରିବ ନାହିଁ।

ସୁଖର ଅନୁଧାବନ କରିବା ଓ ଆତ୍ମ-ପରିତୃପ୍ତି ସାଧନ କରିବା ନୀତିଗତ ସତ୍ତାର ବିଧାନ ହୋଇ ନପାରେ । କ୍ଷଣିକ ଓ ଅସ୍ଥାୟୀ ସୁଖ ଆମର କାମ୍ୟ ନୁହେଁ । ଆମେ ଚାହୁଁ ସର୍ବୋଚ୍ଚ ଆନନ୍ଦ ଯାହା ସ୍ୱୟଂସ୍ଥିତ ଓ ଅନ୍ତରର ଗଭୀର ଉତ୍ସରୁ ନିଃସୃତ ହୋଇଥାଏ । ସର୍ବୋଚ୍ଚ ମଙ୍ଗଳ କହିଲେ ସର୍ବୋଚ୍ଚ ଆନନ୍ଦକୁ

ବୁଝାଏ । ଯିଏ ସର୍ବଦା ମଙ୍ଗଳରହିଁ ଅନୁସରଣ କରେ, ତାକୁ ସେଇ ସର୍ବୋଚ୍ଚ ଆନନ୍ଦ ପ୍ରାପ୍ତ ହୋଇ ପାରିବ । ମନୁଷ୍ୟ ତା'ର ସକଳ କ୍ରିୟାଶୀଳତା ମଧ୍ୟ ଦେଇ ଆନନ୍ଦରହିଁ ଅନ୍ୱେଷଣ କରୁଛି । ପ୍ରକୃତିର ଦାସତ୍ୱ ବରଣ ନକରି ସେ ଆପଣାର ଗୁଣଗୁଡ଼ିକର ବିକାଶ ସାଧନ କରିବା ଉଚିତ । ସଦ୍‌ଗୁଣର ବିକାଶ ଦ୍ୱାରା ସେ ମଙ୍ଗଳକୁ ଉପଲବ୍ଧି କରିବ । ଦୁଃଖକଷ୍ଟ ଓ ସଂଗ୍ରାମ ମଧ୍ୟ ଦେଇ ତା'ର ନୈତିକ ଉନ୍ନତି ସାଧିତ ହେବ ଏବଂ ସେ ନିଷ୍ଠାର ସହ ମଙ୍ଗଳର ଅନୁସରଣ କଲେ ପରିଶେଷରେ ସର୍ବୋଚ୍ଚ ଆନନ୍ଦକୁ ଲାଭ କରିବ । ବ୍ୟକ୍ତି ତା'ର ଅନ୍ତରସ୍ଥ ଚିଦ୍ ସତ୍ତାର ଆହ୍ୱାନ ଶୁଣି ଯଦି ସେହି ଅନୁସାରେ କାର୍ଯ୍ୟ କରେ ତେବେ ତାକୁ ଅବଶ୍ୟ ଉଚ୍ଚତମ ଆନନ୍ଦ ପ୍ରାପ୍ତ ହେବ । ମନୁଷ୍ୟ ନିମ୍ନ ସ୍ତରୀୟ ନୀତିଗତ ବିଧାନକୁ ଅନୁସରଣ ନକରି ଏକ ପରମ ମାନଦଣ୍ଡ (absolute standard) ଓ ପରମ ଦିବ୍ୟତାର ବିଧାନକୁ ଅନୁସରଣ କରି ଜୀବନ ବଞ୍ଚିବା ଉଚିତ ।

ଯେତେବେଳେ ମନୁଷ୍ୟକୁ ତା'ର ବ୍ୟକ୍ତିଗତ ଅଗ୍ରରୁଚି ଓ ପ୍ରାଣଗତ ସୁଖ ତୃପ୍ତି ଦେଇପାରେ ନାହିଁ ସେତେବେଳେ ସେ ନୀତି ବା ନୈତିକ ବୋଧ ଆଡ଼କୁ ଆକୃଷ୍ଟ ହୋଇଥାଏ । ନୀତି ଦ୍ୱାରା ପ୍ରେରିତ ହୋଇ ସେ ଆବଶ୍ୟକ ସ୍ଥଳେ ସାମାଜିକ ଦାବି ବା ସାମାଜିକ ମାନଦଣ୍ଡକୁ ବର୍ଜନ କରେ । ଭଗବାନଙ୍କ ସହିତ ତା'ର ଯାବତୀୟ ସମ୍ପର୍କକୁ ନେଇ ତା'ର ନୀତିଗତ ସତ୍ତାଟି ନିର୍ଦ୍ଧାରିତ ହୁଏ । ସେତେବେଳେ ସେ କୌଣସି ବାହ୍ୟ ମାନଦଣ୍ଡ ମାନେ ନାହିଁ । କେବଳ ଅନ୍ତର ଭିତରୁ ଯେଉଁ ନିର୍ଦ୍ଦେଶ ଆସେ ତାକୁହିଁ ସେ ଅନୁସରଣ କରେ ।

ମନୁଷ୍ୟର ପ୍ରକୃତିରେ ବିବର୍ତ୍ତନ ଘଟି ଚାଲିଛି ଏବଂ ଗୋଟିଏ ପର୍ଯ୍ୟାୟରେ ତା' ଭିତରେ ବିବେକର ଉଦୟ ହେଉଛି । ତା'ର ଆପଣା ପ୍ରକୃତିର ମୂଳରେ ତଥା ପୃଥିବୀର ମୂଳରେ ଏପରି ଏକ ତତ୍ତ୍ୱ ରହିଛି ଯାହା କାଳକ୍ରମେ ବିଭିନ୍ନ ରୂପରେ ବିକଶିତ ହୋଇ ଆସୁଛି । ଅବଚେତନ ସ୍ତରରେ ମଧ୍ୟ ଏପରି ଏକ ତତ୍ତ୍ୱ ରହିଛି ଯାହା ମନୁଷ୍ୟର ସୋପାନଟିକୁ ଆସି ନୈତିକ ସତ୍ତା ରୂପେ ଦେଖା ଦେଉଛି । ଅସ୍ତିତ୍ୱର ସର୍ବୋଚ୍ଚ ଶିଖରରେ ପ୍ରକୃତି ନୀତିଗତ ଯାବତୀୟ ଅଧୀନତା ଓ ବୁଦ୍ଧିଗତ ସକଳ ସୀମାକୁ ଅତିକ୍ରମ କରି ରହିଥାଏ । ପରିପୂର୍ଣ୍ଣତାର ସ୍ତରରେ ପହଞ୍ଚିବାକୁ ହେଲେ ନୈତିକ ସୋପାନ ପାର ହୋଇ ଆସିବାକୁ ହୁଏ । ନୀତିଗତ କଳ୍ପନାଗୁଡ଼ିକୁ ଅତିକ୍ରମ କରିଗଲେ ଯାଇ ଆମେ ଊର୍ଦ୍ଧ୍ୱସ୍ଥ ପରମ ମଙ୍ଗଳରେ ପହଞ୍ଚିବା ।

ନୀତିଗତ ଆବେଗଗୁଡ଼ିକ ଅବବୌଦ୍ଧିକ ସ୍ତରରେ ଉତ୍ପନ୍ନ ହୋଇଥା'ନ୍ତି । ତ୍ୟାଗ ଓ ଆତ୍ମୋତ୍ସର୍ଗର ପ୍ରବୃତ୍ତି, ଭଲ ପାଇବା, ଅନ୍ୟମାନଙ୍କ ସହିତ ଏକତ୍ର ସମ୍ମିଳିତ ହୋଇ ରହିବା, ଉଚିତ କାର୍ଯ୍ୟ କରିବା – ଏହି ସହଜାତ ପ୍ରବୃତ୍ତିସବୁ ନୀତିଗତ ଆବେଗରୁ ଜନ୍ମ ଲାଭ କରିଥା'ନ୍ତି । ବୁଦ୍ଧି ଏହି ପ୍ରବୃତ୍ତିଗୁଡ଼ିକୁ ନେଇ ନିୟମମାନ ଗଢ଼ି ଥୋଇଦିଏ, ସେଥିରେ ସଂଶୋଧନ କରିବାକୁ ଆଗେଇ ଆସେ । ଏହା ପରସ୍ପର ବିରୋଧୀ ନୀତିଗତ ଆଦର୍ଶଗୁଡ଼ିକ ମଧ୍ୟରେ ମଧ୍ୟସ୍ଥତା କରି ଏକ ସାଲିସ ଆଣିବାକୁ ଚେଷ୍ଟା କରିଥାଏ । ତଥାପି ଏକ ପର୍ଯ୍ୟାୟ ଆସେ ଯେତେବେଳେ କି ନୀତି ସମ୍ବନ୍ଧୀୟ ଧାରଣାଗୁଡ଼ିକ ବୁଦ୍ଧିର ନିୟନ୍ତ୍ରଣ ଭିତରୁ ଖସି ବାହାରି ଯା'ନ୍ତି ।

ଆମର ନୀତିଗତ ସତ୍ତାଟି ଦିବ୍ୟ ପରିପୂର୍ଣ୍ଣତା ଅଭିମୁଖରେ ତା'ର ଅନ୍ୱେଷଣ ଚଳାଇ ରଖିଥାଏ । ସେ ପରିପୂର୍ଣ୍ଣ ସତ୍ୟ, ପରିପୂର୍ଣ୍ଣ ବିଶୁଦ୍ଧତା, ପରିପୂର୍ଣ୍ଣ ଶକ୍ତି ଓ ପରିପୂର୍ଣ୍ଣ ପ୍ରେମକୁ ଉପଲବ୍ଧି କରିବା ପାଇଁ ଆସ୍ପୃହା କରିଥାଏ । ସେସବୁକୁ ଲାଭ କଲେ ଯାଇ ସେ ପରମ ତୃପ୍ତି ଲାଭ କରେ । ଅନ୍ୟ ପକ୍ଷରେ ବୁଦ୍ଧି କେବଳ ବହିଃର୍ଭୂମିର କାର୍ଯ୍ୟରେ ନିଜକୁ ସମ୍ପୃକ୍ତ ରଖିଥାଏ । ତାହା ଯାନ୍ତ୍ରିକ ଗଠନ ଏବଂ ବାହ୍ୟ ପ୍ରକ୍ରିୟା ଓ ପରିବେଶକୁ ନେଇ ବ୍ୟସ୍ତ ରହିଥାଏ । ଯେଉଁଟିକୁ ସେ ଅଧିକ ବୁଝିପାରେ କେବଳ ତାହାରି ଉପରେହିଁ ସେ ଧ୍ୟାନ କେନ୍ଦ୍ରିତ କରେ । ଆମର ନୈତିକ ସତ୍ତାଟି ଅନ୍ତରର ଗଭୀରରେ ଥିବା ସତ୍ୟକୁ ଖୋଜିବାରେ ଲାଗିଥାଏ । ସେ ବୁଦ୍ଧିର ବାହ୍ୟ କ୍ରିୟାକୁ ନିଜ ଉଦ୍ଦେଶ୍ୟ ସାଧନ ଲାଗି ବ୍ୟବହାର କରେ । ତାହା ଆମ ଅନ୍ତର ଭିତରେ ଅବସ୍ଥିତ ପରମ ଦିବ୍ୟତାର ଅଭିବୃଦ୍ଧି ନିମନ୍ତେ କ୍ରିୟାଶୀଳ ହୋଇ ରହିଥାଏ । ଆମର ଅନ୍ତରତର ସତ୍ତାଟି ବିଶୁଦ୍ଧ ମଙ୍ଗଳ ସହିତ ନିବିଡ଼ ସମ୍ବନ୍ଧ ରଖିବା ଉଚିତ । ଆମର ସକଳ ବୋଧ ତଥା ସକଳ ଇଚ୍ଛା ନେଇ ବିଶୁଦ୍ଧ ମଙ୍ଗଳ ଆଡ଼କୁ ଉନ୍ମୁକ୍ତ ହୋଇ ରହିଲେ ଜୀବନରେ ଯଥାର୍ଥ ତୃପ୍ତି ମିଳି ପାରିବ ।

ଶ୍ରୀଅରବିନ୍ଦ କହନ୍ତି, – ନୈତିକତା ହେଉଛି ଦିବ୍ୟ ସ୍ୱଭାବ ମଧ୍ୟକୁ ବିକଶିତ ହୋଇ ପାରିବାର ଏକ ପ୍ରୟାସ (an attempt to grow into the divine nature) । କୌଣସି କାର୍ଯ୍ୟର ଭଲ ଓ ମନ୍ଦ ପରିଣାମକୁ ହିସାବ କରିବା ନୈତିକତାର ମୁଖ୍ୟ କାର୍ଯ୍ୟ ନୁହେଁ । ନୈତିକତାର ମୁଖ୍ୟ କାର୍ଯ୍ୟ ହେଲା ଶୁଦ୍ଧତା, ସତ୍ୟ, ଭଗବତ୍ ଜ୍ଞାନ, ଭଗବତ୍ ପ୍ରେମ ଓ ଭଗବତ୍ ଶକ୍ତିକୁ ଆକାଂକ୍ଷା କରିବା ଓ ସେଗୁଡ଼ିକୁ ପୃଥିବୀରେ ପ୍ରକାଶିତ କରିବା । ମନୁଷ୍ୟର ଯାବତୀୟ କାର୍ଯ୍ୟର ମୂଳରେ ଯଦି ଏହି ଉଦ୍ଦେଶ୍ୟ

ଦୃଢ଼ ଭାବେ ଅବସ୍ଥିତ ଥାଏ, ତାହାହେଲେ ତା’ ପକ୍ଷରେ ପରିପୂର୍ଣ୍ଣତା ଲାଭ କରିବା ସମ୍ଭବ ହେବ । ଏଥିପାଇଁ କିନ୍ତୁ ଯାହା ଏକାନ୍ତ ଆବଶ୍ୟକ ତାହା ହେଲା ଅହଂ, ସ୍ୱାର୍ଥ, କାମନା ଓ ବାସନାରୁ ମୁକ୍ତ ହୋଇ ରହିବା ଏବଂ ବୁଦ୍ଧିର ଅତୀତ ଆଲୋକ ଓ ସାମର୍ଥ୍ୟ ଦ୍ୱାରା ପ୍ରେରିତ ହୋଇ ସକଳ କାର୍ଯ୍ୟ କରିବା ।

ଆମର ନୈତିକ ସତ୍ତା ତିନୋଟି ସ୍ତରରେ କାର୍ଯ୍ୟ କରିଥାଏ । ପ୍ରଥମେ ଅବବୌଦ୍ଧିକ ସ୍ତରରେ ଏହି ନୈତିକ ସତ୍ତାର ଜନ୍ମ ହୁଏ । ତା’ପରେ ମଧ୍ୟବର୍ତ୍ତୀ ପର୍ଯ୍ୟାୟରେ ତାହା ବୁଦ୍ଧି ଉପରେ ଏକାନ୍ତ ନିର୍ଭରଶୀଳ ରହେ ଏବଂ ପରିଶେଷରେ ଏହା ବୁଦ୍ଧିର ଅତୀତ ଏକ ସୋପାନକୁ ଉଠିଯାଇ ପରିପୂର୍ଣ୍ଣତା ଲାଭ କରେ । ମଣିଷର ସୌନ୍ଦର୍ଯ୍ୟକାମୀ ସତ୍ତା ପରି ନୈତିକ ସତ୍ତାଟି ମଧ୍ୟ ପରମ ଶାଶ୍ୱତଙ୍କୁ ଉପଲବ୍ଧି କରିବା ପାଇଁ ଅଭିଳାଷ ରଖିଥାଏ ।

❑❑❑

# ଆଗାମୀ

## ନିମାଇଁ ପଟ୍ଟନାୟକ

ସ୍ମୃତିରୁ ନିସ୍ତାର କାହିଁ !
ନିସ୍ତରଙ୍ଗ ହେଲେ ହୃଦ-ହ୍ରଦ
ନିସ୍ତରିବି ମୁହିଁ ।

ମହାବଳୀ ପଞ୍ଚ ପଣ୍ଡୁପୁତ୍ର
କ୍ରମଶଃ ନିସ୍ତେଜ ହେବେ
ଫେରିବେ ସ୍ୱସ୍ଥାନେ,
ଆକାଶ ମାଗିନେବ ଶବ୍ଦ
ସମୁଦ୍ର ସମସ୍ତ ଦୃଶ୍ୟ
ପ୍ରଜ୍ଞା ହେବ ଅଗ୍ନିଭୂତ
ବସୁଧା ଶୋଷି ନେବ ସମଗ୍ର ଅସ୍ତିତ୍ୱ ।

ସେ ଉତ୍ତୁଙ୍ଗ ହିମବନ୍ତ ଉଚ୍ଚତାରେ
ନିରର୍ଥକ ଗାଣ୍ଡିବ ଶକ୍ତି,
ଭୀମ ମହାବଳ,
ସହଦେବ ପ୍ରଜ୍ଞା,
ନକୁଳ ସୌନ୍ଦର୍ଯ୍ୟ ।

କେ ପାରିବ ରଖି ସତେ
ଯାଜ୍ଞସେନୀ ଧୀରେ ଯେବେ
ପଡୁଥିବେ ଢଳି ।
ଏକା ଏକା ଯୁଧିଷ୍ଠିର
ନିର୍ଲିପ୍ତ ନୟନେ
ଅକାତରେ ପ୍ରଶାନ୍ତ ପଦପାତେ
ପୂର୍ଣ୍ଣ କରୁଥିବେ ଯାତ୍ରା, ମହାଯାତ୍ରା
ଚେତନାର ଅଭିଯାତ୍ରା ।

ଦିବ୍ୟ ଆଲୋକ ତୋରଣ
ଶଙ୍ଖ ପୁଷ୍ପ ଗହଳି ଭିତରେ
ବିନମ୍ର ଦେବଲୋକେ
ଶୁଭୁଥିବ ସ୍ୱାଗତ ଗୀତିକା
ରୂପାନ୍ତରିତ ମାନବଟି ପାଇଁ, –
ଆଗାମୀ ସୁନେଲି ସକାଳେ ଧୀରେ
ଏ ଧରାକୁ ଯାହା ସତେ
ଆସିବ ଓହ୍ଲାଇ ! ❑



ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୩୩)

### ଆରୋଗ୍ୟ ଲାଭ ପରେ ଶ୍ରୀଅରବିନ୍ଦଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା (ଗ) :

ନୀରଦବରଣଙ୍କର ବର୍ଣ୍ଣନାରୁ ଉଦ୍ଧୃତି : ''(ପୂର୍ବ ପ୍ରକାଶିତ ଉତ୍ତାରୁ) ପ୍ରାରମ୍ଭରେ ଆମେ ସମସ୍ତେ ତାଙ୍କ ଭୋଜନ ବେଳର ଅନୁଷ୍ଠାନଟିକୁ ତଥା ତହିଁରେ ଶ୍ରୀମା'ଙ୍କର ଭୂମିକାକୁ ଲକ୍ଷ୍ୟ କରିବାକୁ ସେଠାରେ ଉପସ୍ଥିତ ରହିବା ଲାଗି ସ୍ଥିର କଲୁ ।* ସମୟଟି ଘୋଷିତ ହେବା କ୍ଷଣି ଶ୍ରୀଅରବିନ୍ଦଙ୍କ ହାତ ଧୋଇବା ପାଇଁ ପାଣି ଅଣାଯାଏ, ତା'ପରେ ସେ ଚାମଚରେ ଖାଇବା ଆରମ୍ଭ କରନ୍ତି — ଖୁବ୍ କ୍ୱଚିତ୍ ଛୁରୀ ଓ କଣ୍ଟା ଚାମଚ (knife and fork) ବ୍ୟବହାର କରନ୍ତି । ହାତ ଧୋଇବା ପୂର୍ବରୁ ସେ ହାତରୁ ମୁଦିଟି ବାହାର କରି ଚମ୍ପକଲାଲଙ୍କୁ ଦିଅନ୍ତି । ପରେ ଚମ୍ପକଲାଲ ସେଇଟିକୁ ପୁଣି ତାଙ୍କ ଅଙ୍ଗୁଳିରେ ପିନ୍ଧାଇ ଦିଅନ୍ତି । କେବେ କେମିତି ଶ୍ରୀଅରବିନ୍ଦ ମୁଦିଟିକୁ ବାହାର କରିବାକୁ ଭୁଲି ଗଲେ ପାଣିରେ ତାହା ବୁଡ଼ା ହେବା ପୂର୍ବରୁ ଚମ୍ପକଲାଲ ଯାଇ ତାଙ୍କ ହାତକୁ ଧରି ପକାନ୍ତି । ତା'ପରେ ଶ୍ରୀମା ଆସନ୍ତି, ଟେବୁଲଟିକୁ ସଜାଇ ଶ୍ରୀଅରବିନ୍ଦଙ୍କ ନିକଟକୁ ଠେଲି କରି ନିଅନ୍ତି ଏବଂ ନାନା ପ୍ରକାର ଖାଦ୍ୟ ଗିନା, ଗ୍ଲାସରେ ସଜାଇ ରଖନ୍ତି — ସୁସ୍ୱାଦୁ ଖାଦ୍ୟ, ମିଷ୍ଟାନ୍ନ, ଫଳରସ — ଏହି କ୍ରମରେ । ସବୁକିଛି ପରିବହନ କରୁଥାଏ ପରିଚ୍ଛନ୍ନ, ଶୁଦ୍ଧ ଓ ସୌନ୍ଦର୍ଯ୍ୟର ବାତାବରଣ । ତା'ପରେ ଶ୍ରୀମା ସେହି ମୌନ ଦେବତାଙ୍କୁ ଗୋଟିକ ପରେ ଗୋଟିଏ ପାତ୍ର ଦେଇ ଚାଲନ୍ତି ଓ ସେ ଧୀରେ, ନୀରବରେ ତାହା ଗ୍ରହଣ କରନ୍ତି ଯେପରି ଭୋଜନଟି ଜିହ୍ୱାଲାଳସା ତୃପ୍ତି ପାଇଁ ନୁହେଁ, ତାହା ଏକ ଆତ୍ମ-ନୈବେଦ୍ୟ । ସ୍ଥିରତା ଓ ନୀରବତା ଥିଲା ଶ୍ରୀଅରବିନ୍ଦଙ୍କର ଚାରିତ୍ରିକ ବୈଶିଷ୍ଟ୍ୟ । ତାଙ୍କ ମତରେ 'ଧୀରତ୍ୱ' ହେଲା ଆର୍ଯ୍ୟ ସଂସ୍କୃତିର ଆଦର୍ଶ । ଅସ୍ଥିରତା, ଚଞ୍ଚଳତା — ଏ ଶବ୍ଦମାନ ତାଙ୍କ ଅଭିଧାନରେ ନଥିଲା । ଖାଇବା, ପିଇବା, ଚାଲିବା, କଥା କହିବା ସବୁକିଛିକୁ ସେ ଅତ୍ୟନ୍ତ ଶାନ୍ତ, ପରିମିତ ଛନ୍ଦଃରେ କରୁଥିଲେ; ଏସବୁଥିରେ ସେ ଏହି ଭାବ ସୃଷ୍ଟି କରୁଥିଲେ ଯେ ପ୍ରତ୍ୟେକ ଗତିବୃତ୍ତି ସଜାଗ ଓ ନିବେଦିତ । ଶ୍ରୀମା କିନ୍ତୁ ସେହି ନୀରବତାକୁ ଭଙ୍ଗ କରନ୍ତି, କିଛି ଏକ ପ୍ରଶ୍ନ ପଚାରି ବସି : 'ଏ ଖାଦ୍ୟଟି ଆପଣଙ୍କୁ କିପରି ଲାଗୁଛି ?' କିଂବା କହନ୍ତି, 'ଏଇ ଛତୁ ଏଠାରେ ଉତ୍ପାଦିତ ହେଉଛି, ଆଉ ଏଇଟି ଏକ ପ୍ରକାର ସ୍ୱତନ୍ତ୍ର ବାଇଗଣ — ବନାରସରୁ ଆସିଛି,

* ଏହିଠାରେ ଆମର ସ୍ୱତଃ ସ୍ମରଣରେ ଆସେ ନୀରଦଙ୍କର ଇତିପୂର୍ବରୁ ବର୍ଣ୍ଣିତ ଘଟଣାଟି : ''ଶ୍ରୀଅରବିନ୍ଦଙ୍କର ଦୁର୍ଘଟଣା ଘଟିବାର କିଛିଦିନ ପରେ, ଯେତେବେଳେ ସେ ତାଙ୍କର ଶଯ୍ୟା ଉପରେ ବସି ଭୋଜନ ଗ୍ରହଣ କରିବାକୁ ସକ୍ଷମ ହୋଇ ଉଠିଲେ । ଶ୍ରୀମା'ଙ୍କର ଏକ ଚକଲଗା ଟେବୁଲ ଥିଲା, ସେ ନିଜେ ସେଇ ଟେବୁଲରେ ଶ୍ରୀଅରବିନ୍ଦଙ୍କ ସକାଶେ ଭୋଜନ ଦ୍ରବ୍ୟସବୁ ସଜାଇ ରଖି ନିଜେ ଟେବୁଲଟିକୁ ଶ୍ରୀଅରବିନ୍ଦଙ୍କର ଶଯ୍ୟା ନିକଟକୁ ଠେଲି ଠେଲି ନେଇ ଆସୁଥିଲେ । ସେତେବେଳେ ଆମେ ସଦ୍ୟ-ନିର୍ବାଚିତ ସେବକବୃନ୍ଦ ଶ୍ରୀମା'ଙ୍କର ଅନ୍ଦର ମହଲର କର୍ମଧାରା ସମ୍ବନ୍ଧେ ଅବଗତ ନଥିବାରୁ ଟେବୁଲଟିକୁ ସେ ନିଜେ ଠେଲି ଠେଲି ନେଇ ଆସୁଥିବାର ଦେଖିବା ମାତ୍ରେ ଆମେ ତାଙ୍କୁ ସାହାଯ୍ୟ କରିବାକୁ, କହିବାକୁ ଗଲେ ତତ୍କ୍ଷଣାତ୍ ତତ୍ପର ହୋଇ ତାଙ୍କ ନିକଟକୁ ଦୌଡ଼ିଗଲୁ । ଶ୍ରୀମା'ଙ୍କୁ ତାଙ୍କ କର୍ମରୁ କ୍ଷାନ୍ତ କରି ପାରିଲୁ ନାହିଁ ସତ, କିନ୍ତୁ ସେଇ ମୁହୂର୍ତ୍ତରେ ସବୁଠାରୁ ହୃଦୟସ୍ପର୍ଶୀ ଦୃଶ୍ୟଟି ଥିଲା ଏହିପରି — ଟେବୁଲଟିକୁ ଶ୍ରୀଅରବିନ୍ଦଙ୍କ ଶଯ୍ୟା ନିକଟରେ ରଖି ସେ ଏକ ମଧୁର ସ୍ମିତହାସ୍ୟ ସହ ଗୁରୁଦେବଙ୍କ ସାମନାରେ ଅଭିଯୋଗ ବାଢ଼ିଲେ : 'ଦେଖନ୍ତୁ, ଏମାନେ କିପରି ମୋ କାମଟିକୁ ମୋ ହାତରୁ ଛଡ଼ାଇ ନେବାକୁ ଚାହୁଁଛନ୍ତି !' ଗୁରୁଦେବଙ୍କର ମଧ ସେଇ ମୁହୂର୍ତ୍ତରେ ସେ କି ଅପୂର୍ବ ସ୍ମିତହାସ୍ୟ ! ଆମେ ତତ୍କ୍ଷଣାତ୍ ଯଥେଷ୍ଟ ଅପ୍ରତିଭ ହୋଇ ପଛକୁ ହଟି ଗଲୁ ଏବଂ ଏହି ଶିକ୍ଷା ଲାଭ କଲୁ ଯେ କେବେ ବି ତତ୍କ୍ଷଣାତ୍ ଅତ୍ୟଧିକ ଭାବରେ ଆଗୁଆ ହେବା ଉଚିତ ନୁହେଁ !...''

('ଶ୍ରୀଅରବିନ୍ଦଙ୍କ ସହ ବାର ବର୍ଷ', ପୃଷ୍ଠା. ୧୦ ଦ୍ରଷ୍ଟବ୍ୟ)

ଏଇଟି butter fruit । ପ୍ରତି କ୍ଷେତ୍ରରେ ଶ୍ରୀଅରବିନ୍ଦଙ୍କ ଉତ୍ତର ଏହିପରି ଥିଲା : 'Oh, I see ! quite good !' — ('ଆଚ୍ଛା, ବେଶ୍ ସ୍ୱାଦିଷ୍ଟ !') ତାଙ୍କ ଉତ୍ତରର ଭଙ୍ଗୀ ଓ ସ୍ୱର ପୂରାପୂରି ଇଂରେଜୋଚିତ ! ତାଙ୍କର ନୀରବତା ଓ ସଂକ୍ଷିପ୍ତ ପ୍ରଶଂସା ଶୁଣି ଆମେ ଭାବୁଥାଉ ସେ ଆଉ ରସର ତାରତମ୍ୟ ହରାଇ ନାହାନ୍ତି ତ' ! ଭଗବାନଙ୍କର ଇନ୍ଦ୍ରିୟାନୁଭୂତିରେ ରସଗୋଲା, ପାଉଁରୁଟି ଓ ବାଇଗଣର କ'ଣ ସମାନ ସ୍ୱାଦ ? ଏହି ବିଶେଷ ବିଷୟବସ୍ତୁଟିକୁ ସ୍ପଷ୍ଟ କରିବାକୁ ଯାଇ ସେ ଗୋଟିଏ ଚିଠିରେ ଲେଖିଥିଲେ : 'ରସର ତାରତମ୍ୟ କେବେ ବି ନଷ୍ଟ ହୁଏ ନାହିଁ । ପାଉଁରୁଟି କେବେ ବି ଲୁଚି ପରି ସୁସ୍ୱାଦୁ ହେବ ନାହିଁ, କିନ୍ତୁ ଜଣେ ଯୋଗୀ ପାଉଁରୁଟିକୁ ଲୁଚି ପରି ସମାନ ରସ ସହ ଉପଭୋଗ କରିପାରେ — ଯଦିଓ ତାହା ସମ୍ପୂର୍ଣ୍ଣ ଭିନ୍ନ ଜିନିଷ ।' '' ...

('ଶ୍ରୀଅରବିନ୍ଦଙ୍କ ସହ ବାର ବର୍ଷ', ପୃଷ୍ଠା. ୪୬-୪୭)

ଏଇ ପରିପ୍ରେକ୍ଷୀରେ ଆମେ ବାଇଗଣ ସମ୍ବନ୍ଧେ ଏକ ଘଟଣା ବର୍ଣ୍ଣନା କରୁଛୁ । ଏହା ଥିଲା ୧୪ ଏପ୍ରିଲ, ୧୯୪୪ର ଘଟଣା । ସେତେବେଳେ ଆଶ୍ରମ ଅଗଣା ଭିତରେ ନୀରଦଙ୍କ ରୁମ୍ ପାର୍ଶ୍ୱରେ ଥିବା ଉପର ମହଲାକୁ ଯିବା ସକାଶେ ଶିଡ଼ି ପାହାଚ ନିକଟରେ ନିତି ଶ୍ରୀମା ପନିପରିବା ଦେଖୁଥିଲେ । ଏହାକୁ ଶ୍ରୀମା'ଙ୍କର 'ଭେଜିଟେବଲ୍ ଦର୍ଶନ' ବୋଲି କୁହାଯାଉଥିଲା । ଏବେ ଚମ୍ପକଲାଲଙ୍କର ସ୍ମୃତିକଥାରୁ ଉଦ୍ଧୃତି : ''ଶ୍ରୀଅରବିନ୍ଦ ତାଙ୍କ ଆଖି ଧୋଇବା ସକାଶେ ଶ୍ରୀମା କପ୍ (Eye cup)ଟିଏ ଧରି ତାଙ୍କ କକ୍ଷକୁ ପ୍ରବେଶ କଲେ । ତା'ପରେ ସେ ଶ୍ରୀଅରବିନ୍ଦଙ୍କୁ କହିଲେ, 'ମୁଁ ପନିପରିବା ଦେଖିବାକୁ ତଳକୁ ଯାଇଥିଲି । ଦ୍ୟୁମାନ୍‌ଙ୍କୁ ମୁଁ କହିଥିଲି ଯେ ଆଜି ସନ୍ଧ୍ୟା ଓ କାଲି ଦ୍ୱିପ୍ରହରରେ ଯେଉଁ ପନିପରିବାସବୁ ରୋଷେଇରେ ବ୍ୟବହାର ହେବ ସେସବୁକୁ ଅଗଣାରେ ଆଣି ଥୋଇବା ପାଇଁ । ଏହା ଦ୍ୱାରା ସାରା ଦିନରେ କେତେ ପରିମାଣର ପନିପରିବା ରୋଷେଇ କାର୍ଯ୍ୟରେ ବ୍ୟବହୃତ ହେଉଛି — ଏ ସମ୍ବନ୍ଧରେ ମୋର ଏକ ପ୍ରକୃତ ଧାରଣା ହେବ ।'

''ତା'ପରେ ଶ୍ରୀମା ମୋତେ କହିଲେ, 'ତୁମେ ଯାଇ ଦେଖି ଆସ, ଏଥିରେ ତୁମର ବି ଏକ ଧାରଣା ହେବ ।'

''ତଳକୁ ଯାଇ ସେଦିନର ସେହିସବୁ ପନିପରିବା ଦେଖି ମୋତେ ଭାରି ଖୁସି ଲାଗିଲା । ସେଥିରେ ଖୁବ୍ ଆକର୍ଷଣୀୟ ବାଇଗଣସବୁ ବି ଥିଲା । ଶ୍ରୀଅରବିନ୍ଦଙ୍କୁ ଦେଖାଇବା ସକାଶେ ଚାରୋଟି ବଡ଼ ବଡ଼ ଟୋକେଇଭର୍ତ୍ତି ବାଇଗଣରୁ ଗୋଟିଏ ଟୋକେଇ ପରିବା ଉପରକୁ ନେଇ ଆସିଲି ଯଦ୍ଦ୍ୱାରା ଉଭୟେ ପରିବା ଚାଷୀ ଓ ପରିବା ଗୁରୁଦେବଙ୍କର କୃପା ଦୃଷ୍ଟି ପ୍ରାପ୍ତ ହେବେ !

''ଶ୍ରୀଅରବିନ୍ଦ ତାଙ୍କର ଚକ୍ଷୁ ଧୋଇବା କାର୍ଯ୍ୟରେ ବ୍ୟସ୍ତ ଥିବା ସତ୍ତ୍ୱେ ଟୋକେଇ ଆଡ଼କୁ କଣେଇ କରି ଚାହିଁଥିବାର ଦେଖି ମୁଁ କହିଲି : 'ଏହିଭଳି ଚାରୋଟି ବଡ଼ ବଡ଼ ଟୋକେଇରେ ବାଇଗଣ ଭର୍ତ୍ତି ହୋଇ ରହିଛି ଏବଂ ଛ'ଟି ଟୋକେଇରେ କାକୁଡ଼ି ରହିଛି । ଶ୍ରୀଅରବିନ୍ଦ ମୋ କଥା ଶୁଣି ହସିଲେ । ...''

('Champaklal Speaks', pp. 118-119)

ପୁନଶ୍ଚ ନୀରଦଙ୍କ ବର୍ଣ୍ଣନାରୁ ଉଦ୍ଧୃତି : ''ଶ୍ରୀଅରବିନ୍ଦଙ୍କ ଭୋଜନ ବେଳେ ଗୋଟିଏ ମଜାର ଦୃଶ୍ୟ ହେଲା ଚଞ୍ଚଳ ପ୍ରକୃତିର ଲୁଚି ପ୍ରସ୍ତୁତକାରିଣୀ ଆମ ମୃଦୁର ଆଗମନ । ଏଇ ଅସାଧାରଣ ସୁଯୋଗ ତାକୁ କେମିତି ମିଳିଲା ମୁଁ ଜାଣେନି । ନିରୀହ ମେଷଶାବକ ଭଳି ସେ କିଛି ଧୂପ ଓ ଫୁଲ ଧରି ଆସେ ଏବଂ ଦ୍ୱାରଦେଶରେ ଆଣ୍ଠୁମାଡ଼ି ଅଞ୍ଜଳିବଦ୍ଧ ହୋଇ ବସି ରହେ ତା'ର 'ପିତାଙ୍କର ଆଶୀର୍ବାଦ' ପାଇବା ପାଇଁ । ତା'ର ଆଗମନ ସମ୍ବନ୍ଧରେ ଶ୍ରୀଅରବିନ୍ଦଙ୍କୁ ଜଣାଇ ଦିଆଗଲେ ସେ ଖାଇବା ବନ୍ଦ କରି ତା' ପ୍ରତି ଏକ ନୀରବ ଦୃଷ୍ଟିପାତ କରନ୍ତି । ଆଉ ତା'ର ଅସଂଯତ ଦୁର୍ଦାନ୍ତ ପ୍ରକୃତି ଶ୍ରୀଅରବିନ୍ଦଙ୍କ ସମକ୍ଷରେ କିଛି କ୍ଷଣ ପାଇଁ ହୋଇଯାଏ ବିନମ୍ର । ଯେତେବେଳେ ତା'ର ପ୍ରଚଣ୍ଡ ମିଜାଜଟି ବାହାରେ, ଯେଉଁଟାକି ମୋଟେ ବିରଳ ନଥିଲା — ସେତେବେଳେ ତାକୁ ଏହି ଭୟ ପ୍ରଦର୍ଶନ କରାଯାଏ ଦର୍ଶନ ମିଳିବ ନାହିଁ ବୋଲି । ଏଠାରେ ମୁଁ ଆଉ ଏକ କଥା ଯୋଗ କରିପାରେ ଯେ ଶ୍ରୀଅରବିନ୍ଦଙ୍କର ଅନ୍ୟ ଜଣେ କୃପାଗ୍ରାହୀ ବଂଶୀଧର — ଚମ୍ପକଲାଲଙ୍କ ଭାଇ — ଶ୍ରୀଅରବିନ୍ଦଙ୍କ ସ୍ପଞ୍ଜ-ବାଥ୍ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟରେ ଦୁଇ ବାଲଟି ଗରମ ଜଳ ନେଇ ଆସୁଥିଲେ । ଫେରି ଗଲାବେଳେ ଟିକିଏ ଦୂରରେ ରହି ସେ ପ୍ରଣାମ କରୁଥିଲେ ଏବଂ ଶ୍ରୀଅରବିନ୍ଦ ଯେକୌଣସି କାମ କରନ୍ତୁ ନା କାହିଁକି ତାହା ବନ୍ଦ କରି ତାଙ୍କ ଆଡ଼କୁ ଦୃଷ୍ଟିପାତ କରି ଆଶୀର୍ବାଦ କରୁଥିଲେ ।

''ଶ୍ରୀଅରବିନ୍ଦଙ୍କ ଭୋଜନ ସାମଗ୍ରୀରୁ ଦୁଗ୍ଧ ବାଦ ଦିଆ ଯାଇଥିବାର ଲକ୍ଷ୍ୟ କରି ଆମେ ବିସ୍ମିତ ହେଲୁ । ଶ୍ରୀମା'ଙ୍କଠୁ ଜାଣିଲୁ — ସେଟା ଜାପାନ ରୀତି ଅନୁସାରେ ! ଦୁର୍ଘଟଣା ପୂର୍ବରୁ କିନ୍ତୁ ଗୋଟିଏ ଗାଈ ଥିଲା ଯାହାକୁ କି ବିଶେଷ ଭାବରେ

'ଶ୍ରୀଅରବିନ୍ଦଙ୍କ ଗାଭୀ' ବୋଲି କୁହାଯାଉଥିଲା । ତା'ର ବିଶେଷ ଯତ୍ନ ନିଆ ଯାଉଥିଲା ଓ ତାକୁ ତା'ର ବାଛୁରୀଟି ସହ ବାଲ୍‌କୋନି ଦର୍ଶନବେଳେ ଶ୍ରୀମା'ଙ୍କ ଆଶୀର୍ବାଦ ନିମିତ୍ତ ଅଣା ଯାଉଥିଲା ।* ଶ୍ରୀଅରବିନ୍ଦ ନୀରବରେ ବସି ଖାଉଥିଲା ବେଳେ ଶ୍ରୀମା କେତେକ ସାଧାରଣ ବିଷୟ ସମ୍ପର୍କରେ ତାଙ୍କୁ କହନ୍ତି — ଲୋକଙ୍କର ଅସୁସ୍ଥତା କଥା, ଦର୍ଶନ ପାଇଁ ପରିଦର୍ଶକବୃନ୍ଦଙ୍କ କଥା କିଂବା ଏପରିକି ଆଶ୍ରମ ଜୀବନର ଛୋଟ ଛୋଟ ସମସ୍ୟା ବିଷୟରେ ଜଣାନ୍ତି । ଚିକିତ୍ସା ଶାସ୍ତ୍ର ସମ୍ବନ୍ଧରେ ଶ୍ରୀଅରବିନ୍ଦ ବେଳେବେଳେ ଶ୍ରୀମା'ଙ୍କ ମତାମତ ପଚାରୁଥିଲେ । ଯଦି କୌଣସି ସମୟରେ ଶ୍ରୀମା'ଙ୍କ ମତ ବିପକ୍ଷରେ ଆମେ ଆମର ମତ ଉତ୍‌ଥାପନ କରୁ, ଶ୍ରୀଅରବିନ୍ଦ ଆମକୁ ଏଇଆ କହି ବିରତ କରାନ୍ତି, 'ତୁମେ କ'ଣ ଭାବୁଛ ଶ୍ରୀମା ଜାଣନ୍ତି ନାହିଁ ?' ଅଥବା 'ତୁମେ ଶ୍ରୀମା'ଙ୍କଠୁ କ'ଣ ବେଶୀ ଜାଣ ?' ଠିକ୍ ସେହିପରି, ଶ୍ରୀଅରବିନ୍ଦ ଯଦି କିଛି ମନ୍ତବ୍ୟ ପ୍ରକାଶ କରନ୍ତି, ଶ୍ରୀମା ତାକୁ ଶେଷ କଥା ଭାବରେ ଗ୍ରହଣ କରନ୍ତି । ବହୁତ ସମୟରେ ସାଧକମାନେ ଶ୍ରୀମା'ଙ୍କୁ ଏଭଳି କହିବାର ଶୁଣିଛନ୍ତି, 'ଶ୍ରୀଅରବିନ୍ଦ ଏଇଆ କହିଲେ' ଏବଂ ଶ୍ରୀଅରବିନ୍ଦ ଶ୍ରୀମା'ଙ୍କ ପ୍ରାଧିକାର (authority) ଉଲ୍ଲେଖ କରନ୍ତି । ଥରେ ଜଣେ ସାଧକ ବିଶେଷ ଭାବରେ କିଛି ଗୋଟିଏ କାମ କରିବାକୁ ଚାହୁଁଥା'ନ୍ତି, ଶ୍ରୀମା ସେବିଷୟରେ ପ୍ରାୟ ସ୍ୱୀକୃତି ଦେଇ ଦେଇଥିଲେ; କିନ୍ତୁ ଶ୍ରୀଅରବିନ୍ଦଙ୍କର ତହିଁରେ ଆପତ୍ତି ଶୁଣି କହିଲେ, 'ଓଃ, ଆପଣ ଏଇଭଳି ଭାବୁଛନ୍ତି ? ତା'ହେଲେ ତ' ତାହା ହୋଇ ପାରିବନି ।' ଉଭୟଙ୍କ ପାଇଁ ଅନ୍ୟର କଥା — ଅଭ୍ରାନ୍ତ ଶେଷ କଥା । ଆମ ଭିତରୁ ଜଣେ ମନ୍ତବ୍ୟ ପ୍ରକାଶ କରିଥିଲେ ଯେ କେବଳ ଦୁଇ ଜଣ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ସମର୍ପଣ ଯୋଗ ଉପଲବ୍ଧି କରିଛନ୍ତି ଓ କାର୍ଯ୍ୟରେ ପରିଣତ କରିଛନ୍ତି : ଶ୍ରୀମା'ଙ୍କର ଶ୍ରୀଅରବିନ୍ଦଙ୍କ ପ୍ରତି ସମର୍ପଣ ଓ ଶ୍ରୀଅରବିନ୍ଦଙ୍କର ଶ୍ରୀମା'ଙ୍କ ପ୍ରତି ।'' ...

('ଶ୍ରୀଅରବିନ୍ଦଙ୍କ ସହ ବାର ବର୍ଷ', ପୃ. ୪୯-୫୦)

ଅବଶେଷରେ ଏହି ପରିପ୍ରେକ୍ଷୀରେ ଆମେ ଏକ ଚିତ୍ତାକର୍ଷକ ଉଦାହରଣ ଦେଉଛୁ : ଶ୍ରୀମା ତାଙ୍କର 'ଧ୍ୟାନ ଓ ପ୍ରାର୍ଥନା' ପୁସ୍ତକଟି ମୂଳ ଫରାସୀ ଭାଷାରେ ଲିପିବଦ୍ଧ କରିଥିଲେ । ସେହି ପୁସ୍ତକର ୨୮ ନଭେମ୍ବର, ୧୯୧୩ ମସିହାର ପ୍ରାର୍ଥନାର ତୃତୀୟ ପରିଚ୍ଛେଦଟି ସେ ଆରମ୍ଭ କରିଥିଲେ : 'O Divine Master, grant that ... in the world.' ପରେ ଶ୍ରୀଅରବିନ୍ଦ ଶ୍ରୀମା'ଙ୍କର ଉପରୋକ୍ତ ପୁସ୍ତକର କେତୋଟି ନିର୍ବାଚିତ ଅଂଶକୁ ଇଂରାଜୀରେ ଅନୁବାଦ କରିଥିଲେ । ତନ୍ମଧ୍ୟରେ ସେହି ୨୮ ନଭେମ୍ବର, ୧୯୧୩ ପ୍ରାର୍ଥନାର ତୃତୀୟ ପରିଚ୍ଛେଦଟି ଅନ୍ତର୍ଭୁକ୍ତ । ଶ୍ରୀଅରବିନ୍ଦ ସେଇଟିକୁ ଅନୁବାଦ କରିବା ବେଳେ ଆରମ୍ଭ କରିଛନ୍ତି, 'Mother Divine, grant that...' । ପୁନଶ୍ଚ ଶ୍ରୀଅରବିନ୍ଦ ପରେ ଜଣେ ସାଧକଙ୍କୁ 'A Morning Prayer' ଶିରୋନାମାରେ ସ୍ୱହସ୍ତରେ ସମଗ୍ର ପରିଚ୍ଛେଦଟିକୁ ଲେଖିଦେଇ ନିମ୍ନରେ ଲିପିବଦ୍ଧ କରି ଦେଇଥିଲେ ନିଜର ସ୍ୱାକ୍ଷର 'Sri Aurobindo' । ସେଥିରେ ମଧ୍ୟ 'Mother Divine, grant that ...' ଉଲ୍ଲେଖ ଥିଲା । ପରେ ଶ୍ରୀମା ୨୪ ଏପ୍ରିଲ ୧୯୫୩ରେ ଅବିକଳ ଶ୍ରୀଅରବିନ୍ଦଙ୍କର ସେହି ପ୍ରାର୍ଥନାଟିକୁ 'ଦର୍ଶନ ବାଣୀ' ହିସାବରେ ବିତରଣ କରିଥିଲେ, କିନ୍ତୁ ଶେଷରେ 'The Mother' ଉଲ୍ଲେଖ ଥିଲା ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

* ଏବଂ ସେହି ସମୟକାଳରେ ଶ୍ରୀମା ନିଜେ ଦୁଗ୍ଧ ସହିତ ଉତ୍ତମ ଭାବରେ କଦଳୀ ଚକଟା ମିଶାଇ ଶ୍ରୀଅରବିନ୍ଦଙ୍କର ପ୍ରାତଃଭୋଜନ ପ୍ରସ୍ତୁତ କରୁଥିଲେ । ଏଥି ନିମିତ୍ତ ଶ୍ରୀମା 'ଲାଇବ୍ରେରି ହାଉସ୍'ର ସମ୍ମୁଖରେ ଓ ପଶ୍ଚାତରେ ଥିବା ଅଗଣାରେ ତାଙ୍କ ନିମିତ୍ତ କଦଳୀ ବଗିଚା କରିଥିଲେ । କଦଳୀଟିର ନାମ ଦିଆ ଯାଇଥିଲା 'ଶ୍ରୀଅରବିନ୍ଦଙ୍କ କଦଳୀ' — ଶ୍ରୀଅରବିନ୍ଦ ବିଶେଷତଃ ଏହି ନିର୍ଦ୍ଦିଷ୍ଟ ଧରଣର କଦଳୀ ଖାଇବାକୁ ବେଶ୍ ପସନ୍ଦ କରୁଥିଲେ । ବଗିଚା ଦୁଇଟିର ରକ୍ଷଣାବେକ୍ଷଣର ଭାର ଶ୍ରୀମା ନିଜେ ବହନ କରିଥିଲେ ।

('Champaklal Speaks' : p. 64)

# ଚୈତ୍ୟପୁରୁଷର ସ୍ୱରୂପ

## ରାମକୃଷ୍ଣ ଦାସ

ଚୈତ୍ୟପୁରୁଷ (Psychic being) ଭଗବାନଙ୍କ ଅଂଶ, ପ୍ରତିଭୂ ବା ଭଗବତ୍ ସ୍ୱରୂପ । ତା'ର ନିବାସ ହୃଦୟର ପଶ୍ଚାତରେ, ବହୁ ଗଭୀରରେ । ଚୈତ୍ୟପୁରୁଷ ବ୍ୟକ୍ତି ଊର୍ଦ୍ଧ୍ୱସ୍ଥ ଜୀବାତ୍ମା ସହିତ ତତ୍ତ୍ୱତଃ ଏକ ଥିବା ସତ୍ତ୍ୱେ ପୃଥକ୍ । ଉପନିଷଦ୍, ଭାଗବତରେ ଚୈତ୍ୟପୁରୁଷ ଓ ଊର୍ଦ୍ଧ୍ୱସ୍ଥ ଜୀବାତ୍ମାଙ୍କୁ ଦୁଇଟି ପକ୍ଷୀର ଉଦାହରଣ ଦେଇ ମନୁଷ୍ୟ ଶରୀରକୁ ଗୋଟିଏ ବୃକ୍ଷ ସହିତ ତୁଳନା କରାହୋଇଅଛି । ଶରୀର-ରୂପ ବୃକ୍ଷରେ ଏହି ପକ୍ଷୀଦ୍ୱୟ ବାସ କରନ୍ତି । ଜୀବାତ୍ମା ସାକ୍ଷୀ, ନିର୍ଲିପ୍ତ ଓ ବୃକ୍ଷଫଳ ଅଭୋକ୍ତା ହୋଇ ଥିବାରୁ ସେ ଜନ୍ମମରଣ ବନ୍ଧନରୁ ମୁକ୍ତ । ଅନ୍ତରସ୍ଥ ଚୈତ୍ୟସତ୍ତା ଶରୀରର ଯଥାର୍ଥ ସତ୍ତା ଅନ୍ନମୟ ପୁରୁଷ, ପ୍ରାଣର ଯଥାର୍ଥ ସତ୍ତା ପ୍ରାଣମୟ ପୁରୁଷ ଓ ମନର ଯଥାର୍ଥ ସତ୍ତା ମନୋମୟ ପୁରୁଷଙ୍କୁ ଧାରଣ କରିଥାଏ; ଏବଂ ଏହି ଚୈତ୍ୟପୁରୁଷ ମଧ୍ୟରେ ସମସ୍ତ ବିକାଶର ସମ୍ଭାବନା ବୀଜାକାରରେ ବିଦ୍ୟମାନ ଥାଏ । ସେଥିନେଇ ଏହି ସତ୍ତା ଜନ୍ମମରଣ ମଧ୍ୟ ଦେଇ ବିକଶିତ ହେଉଥାଏ । ଏହି କାରଣରୁ ଏହାକୁ ଫଳଭୋକ୍ତା ତଥା ବନ୍ଧନଯୁକ୍ତ ବୋଲି ଉପନିଷଦ୍ ଓ ଭାଗବତ ଘୋଷଣା କରିଅଛି । ଚୈତ୍ୟସତ୍ତାକୁ ଜୀବ, ଊର୍ଦ୍ଧ୍ୱସ୍ଥ ଜୀବାତ୍ମାକୁ ଆତ୍ମା ବୋଲି ପୁରାଣ ତଥା ଧର୍ମଗ୍ରନ୍ଥମାନଙ୍କରେ କୁହାହୋଇଅଛି । ଊର୍ଦ୍ଧ୍ୱସ୍ଥ ଜୀବାତ୍ମା ବିଶ୍ୱାତ୍ମା ସହିତ ଅଭେଦ, ଏକ । ଚୈତ୍ୟସତ୍ତା ଜୀବାତ୍ମା ସହିତ ତତ୍ତ୍ୱତଃ ଏକ ହେବା ସତ୍ତ୍ୱେ ପୃଥକ୍ । ସେ ଜ୍ଞାନ, ଆନନ୍ଦ, ଶାନ୍ତି, ସମତାଦି ଦିବ୍ୟ ଗୁଣରେ ବିଭୂଷିତ । ତା'ର ଗତି ସର୍ବଥା ଭଗବତ୍‌ମୁଖୀ । ସେ ଜ୍ଞାନଯୁକ୍ତ ହୋଇ ଥିବାରୁ ଯଥାର୍ଥ ଅଯଥାର୍ଥ ବୁଝିପାରେ । ବ୍ୟକ୍ତିର ଏହି ଚୈତ୍ୟସତ୍ତା ଜାଗ୍ରତ ନ ହେଲେ ମନୁଷ୍ୟର ମନ-ବୁଦ୍ଧି ଯେତେ ବିକଶିତ ହେଲେ ବି ସେ ସମସ୍ତ କାର୍ଯ୍ୟ ନିର୍ଭୁଲ ଭାବେ କରିପାରେ ନାହିଁ, ଯଥାର୍ଥ ଅଯଥାର୍ଥ ଜାଣିପାରେ ନାହିଁ । ଏପରିକି ମନୁଷ୍ୟର ଯେଉଁ ଏକମାତ୍ର ଲକ୍ଷ୍ୟ ପରମାନନ୍ଦସ୍ୱରୂପ ଭଗବତ୍ ପ୍ରାପ୍ତି, ଯାହାକୁ ପ୍ରତ୍ୟେକ ବ୍ୟକ୍ତି ଅଜ୍ଞାତ ରୂପେ ଭ୍ରମବଶତଃ ସାଂସାରିକ ବସ୍ତୁରେ ଖୋଜୁ ଅଛନ୍ତି, ସେ ସମ୍ବନ୍ଧେ ସେ ସଚେତ ହୋଇପାରେ ନାହିଁ । ବ୍ୟକ୍ତି ସଚେତ ହୁଏ ତା'ର ଅନ୍ତରାତ୍ମା ଜାଗ୍ରତ ହେଲେ । କିନ୍ତୁ ଅନ୍ତରାତ୍ମା ସର୍ବଦା ଥାଏ ମନ-ପ୍ରାଣର ପଶ୍ଚାତରେ । ତା'ର ପ୍ରେରଣା ପ୍ରକାଶ ହୁଏ ମନ, ପ୍ରାଣ ମଧ୍ୟ ଦେଇ । ମନ, ପ୍ରାଣ ଯେତେ ଅଧିକ ଅଶୁଦ୍ଧ ଥାଏ ତା'ର ପ୍ରେରଣା ସେତେ ଅଧିକ ବିକୃତ ହୁଏ । ସେହି ସକାଶେ ସାଧନାରେ ପ୍ରଥମ କରଣୀୟ ବସ୍ତୁ ହେଲା ମନ-ପ୍ରାଣର ବିଷୟସଂଯମ ଏବଂ ଶୁଦ୍ଧି । ଏହା ହୁଏ ଅଧ୍ୟାତ୍ମ-ସାଧନା – ଅଭୀପ୍ସା, ସମର୍ପଣ, ପ୍ରତିକୂଳ ବସ୍ତୁ ଓ କ୍ରିୟାର ତ୍ୟାଗ ଦ୍ୱାରା । ଏହାର ସହାୟକ ଧ୍ୟାନ ।

ଶ୍ରୀଅରବିନ୍ଦ ଲେଖିଛନ୍ତି – ''ପୁରୁଷହିଁ ଆତ୍ମନ୍, ବ୍ରହ୍ମନ୍ ଓ ମୂଳତଃ ଭଗବାନ୍ । ଅଦ୍ୱିତୀୟ ଏକ ଭଗବାନ୍ ଯେତେବେଳେ ନିଜ ଚିରନ୍ତନ ଅନ୍ତର୍ନିହିତ ବହୁତ୍ୱ ପ୍ରକାଶ କରନ୍ତି ସେତେବେଳେ ଏହି ମୂଳସତ୍ତା ବା ଆତ୍ମନ୍ ସେହି ଅଭିବ୍ୟକ୍ତିର କେନ୍ଦ୍ରୀୟ ସତ୍ତା ରୂପେ ଊର୍ଦ୍ଧ୍ୱରୁ ଏହାର ଯାବତୀୟ ବ୍ୟକ୍ତିରୂପ ଓ ଐହିକ ଜୀବନସମୂହର ବିବର୍ତ୍ତନର ଅଧ୍ୟକ୍ଷ ପଦରେ ଅଧିରୂଢ଼ ହୋଇ ଥାଆନ୍ତି । କିନ୍ତୁ ଏହି ସତ୍ତା ସ୍ୱରୂପତଃ ପାର୍ଥିବ ଅଭିବ୍ୟକ୍ତିର ପୂର୍ବରୁହିଁ ବିଦ୍ୟମାନ, ଭଗବାନଙ୍କ ଏକ ସନାତନ ଅଂଶ, 'ପରାପ୍ରକୃତିର୍ଜୀବଭୂତା' ।

''ଏହି ଅଧସ୍ତନ ଭୁବନ ଅପରା ପ୍ରକୃତିରେ ଭଗବାନଙ୍କର ସେହି ଚିରନ୍ତନ ଅଂଶ ଅନ୍ତରାତ୍ମା (ଚୈତ୍ୟପୁରୁଷ) ରୂପେ, ଦିବ୍ୟ ଅଗ୍ନିସ୍ଫୁଲିଙ୍ଗ ରୂପେ ଆବିର୍ଭୂତ ହୁଅନ୍ତି ଏବଂ ବ୍ୟକ୍ତିଗତ କ୍ରମବିକାଶକୁ ତଥା ମନ-ପ୍ରାଣ-ଦେହମୟ ସତ୍ତାକୁ ଧାରଣ କରି ରହି ଥାଆନ୍ତି । ଚୈତ୍ୟପୁରୁଷ ହେଲେ ଏହି ସ୍ଫୁଲିଙ୍ଗ ଯେ ଚେତନାର ବିକାଶ ସଙ୍ଗେ ସଙ୍ଗେ କ୍ରମବିକାଶ ପ୍ରଣାଳୀରେ ବିବର୍ଦ୍ଧିତ ଅଗ୍ନିଶିଖାରେ ପରିଣତ ହୁଅନ୍ତି । ଅତଏବ ଚୈତ୍ୟପୁରୁଷ ବିବର୍ତ୍ତନଶୀଳ, ସେ ଜୀବାତ୍ମା ତୁଲ୍ୟ ବିବର୍ତ୍ତନର ପୂର୍ବବର୍ତ୍ତୀ ନୁହନ୍ତି ।

''କିନ୍ତୁ ମନୁଷ୍ୟ ତାହାର ଅନ୍ତରାତ୍ମା ଓ ଜୀବାତ୍ମା ସମ୍ବନ୍ଧେ ସଚେତ ନୁହେଁ; ସେ କେବଳ ସଚେତ ନିଜର ଅହଂ ବା ଦେହ-ପ୍ରାଣ ନିୟାମକ ମନୋମୟ ପୁରୁଷ ସମ୍ପର୍କରେ । ସେ ଆହୁରି ଗଭୀରରେ ପ୍ରବେଶ କଲେ ସଚେତ ହୁଏ ତା'ର ଅନ୍ତରାତ୍ମା ବା ଚୈତ୍ୟପୁରୁଷ ସମ୍ପର୍କରେ, ନିଜର ଯଥାର୍ଥ କେନ୍ଦ୍ର, ନିଜର ହୃଦୟରେ ପ୍ରତିଷ୍ଠିତ ପୁରୁଷ ସମ୍ବନ୍ଧେ । ବିବର୍ତ୍ତନର କେନ୍ଦ୍ରୀୟ ସତ୍ତା ହେଲେ ଚୈତ୍ୟପୁରୁଷ, ସେ ଭଗବାନଙ୍କର

ସନାତନ ଅଂଶ, ଜୀବାତ୍ମାରୁ ଉଦ୍ଭୂତ ଏବଂ ତାଙ୍କର ପ୍ରତିଭୂ । ଯେତେବେଳେ ଚେତନା ପୂର୍ଣ୍ଣତାକୁ ପ୍ରାପ୍ତ ହୁଏ ସେତେବେଳେ ଜୀବାତ୍ମା ଓ ଅନ୍ତରାତ୍ମା ଏକତ୍ର ମିଳି ଯାଆନ୍ତି ।

''ଅହଂ ପ୍ରକୃତିର ଗୋଟିଏ ରୂପାୟନ, କିନ୍ତୁ ଏହା କେବଳ ଜଡ଼-ପ୍ରକୃତିର ରୂପାୟନ ନୁହେଁ; ସୁତରାଂ ଏହା ଶରୀର ସହିତ ବିନଷ୍ଟ ହୁଏ ନାହିଁ । ଏହାଛଡ଼ା ମନର ଓ ପ୍ରାଣର ଅହଂ ମଧ୍ୟ ଅଛି ।

''ପାର୍ଥିବ ଚେତନା ମୂଳରେ କେବଳ ଯେ ଅଜ୍ଞାନତା ଅଛି ତାହା ନୁହେଁ, ନିଶ୍ଚେତନା ମଧ୍ୟ ଅଛି, ଅର୍ଥାତ୍ ଚେତନା ଜଡ଼ ରୂପେ ଓ ଜଡ଼ର ଶକ୍ତି ରୂପେ ମଧ୍ୟ ଜଡ଼ ମଧ୍ୟରେ ଅନ୍ତର୍ଲୀନ ହୋଇ ରହିଅଛି । କେବଳ ଜଡ଼ ଚେତନା ନୁହେଁ, କିନ୍ତୁ ପ୍ରାଣମୟ ଓ ମନୋମୟ ଚେତନା ମଧ୍ୟ ଅଜ୍ଞାନତା ଦ୍ୱାରା ପରମ ସତ୍ୟଠାରୁ ବିଚ୍ଛିନ୍ନ ହୋଇ ରହିଅଛି ।''

('ଯୋଗ-ପ୍ରଦୀପ' ପୁସ୍ତକରୁ ଗୃହୀତ)

'ଜୀବ' ଏବଂ 'ଆତ୍ମା', ଏହି ଦୁଇ ସତ୍ତା ସମ୍ବନ୍ଧେ ଯଦ୍ୟପି କେତେକ ଧର୍ମଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି ତଥାପି ଏହି ଦୁଇ ସତ୍ତା ମଧ୍ୟରେ ପାର୍ଥକ୍ୟ ବିଷୟରେ ସ୍ପଷ୍ଟ ରୂପେ କୁହା ହୋଇ ନାହିଁ । ପୁରାଣ ଏବଂ ଅନ୍ୟାନ୍ୟ ଧର୍ମଗ୍ରନ୍ଥରେ ବହୁ ସ୍ଥଳରେ ଅନ୍ନମୟ ପୁରୁଷ, ପ୍ରାଣମୟ ପୁରୁଷ ଓ ମନୋମୟ ପୁରୁଷକୁ ମଧ୍ୟ 'ଜୀବ' ବୋଲି କୁହାଯାଇଛି । ଏହି କାରଣରୁ ଏହି ଦୁଇ ସତ୍ତାର ପ୍ରଭେଦ ଶବ୍ଦ ସାହାଯ୍ୟରେ ବୁଝିବା ବହୁତ କଠିନ । ଏହି ଜଟିଳତାକୁ ସରଳ କରିବା ସକାଶେ ଶ୍ରୀଅରବିନ୍ଦ ଏହି ଦୁଇ ସତ୍ତାର ଗୁଣ ଧର୍ମ ଦ୍ୱାରା ପୃଥକ୍ କରି ସ୍ପଷ୍ଟ ରୂପେ ନାମ ବ୍ୟବହାର କରିଅଛନ୍ତି । ଏହି ଦୁଇ ସତ୍ତାକୁ ବୁଝିବାର ସବୁଠାରୁ ଉତ୍ତମ ଉପାୟ ହେଲା ଏହାର ଗୁଣଧର୍ମର ପୃଥକତ୍ୱ ଜାଣିବା ।

ବ୍ୟକ୍ତିର ହୃଦୟ ଗଭୀରରେ ଅଧିଷ୍ଠିତ ସତ୍ତାକୁ ଶ୍ରୀଅରବିନ୍ଦଙ୍କ ଯୋଗରେ ହୃତ୍‌ପୁରୁଷ, ଚୈତ୍ୟପୁରୁଷ, ଚୈତ୍ୟସତ୍ତା, ଆତ୍ମନ୍, ଅନ୍ତଃପୁରୁଷ (Psychic being or Soul or Inner being) ନାମରେ ସମ୍ବୋଧନ କରାହୋଇଅଛି । ପୁରାଣରେ ବହୁ ସ୍ଥଳରେ ଏହାକୁହିଁ 'ଜୀବ' ନାମରେ ଅଭିହିତ କରାହୋଇଛି ।

ଶାସ୍ତ୍ରରେ ଯେଉଁ ସତ୍ତାକୁ 'ଆତ୍ମା' ନାମ ଦିଆଯାଇଛି ଶ୍ରୀଅରବିନ୍ଦଙ୍କ ଯୋଗରେ ତାହାକୁ 'ଜୀବାତ୍ମା'(self) ନାମ ଦିଆଯାଇଛି । ଏହି ସତ୍ତା ବ୍ୟକ୍ତିର ଊର୍ଦ୍ଧ୍ୱରେ ବ୍ୟଷ୍ଟି ସତ୍ତା ରୂପେ ଅବସ୍ଥିତ ହୋଇ ଜନ୍ମ-ମୃତ୍ୟୁକୁ ଅତିକ୍ରମ କରି ହୃଦୟସ୍ଥ ଚୈତ୍ୟସତ୍ତାର ବିକାଶକୁ ଧାରଣ କରିଥାଏ ।

ଚୈତ୍ୟପୁରୁଷ (Psychic being) ଭଗବାନଙ୍କ ଅଂଶ ଅଥବା ଭଗବତ୍ ସ୍ୱରୂପ ଚିନ୍ମୟ ସତ୍ତା । ବ୍ୟକ୍ତିର ଊର୍ଦ୍ଧ୍ୱସ୍ଥ ଆତ୍ମାର ଚୈତ୍ୟପୁରୁଷ ହେଲା ପ୍ରତିଭୂ ବା ପ୍ରତିନିଧି । ସମସ୍ତ ପ୍ରାଣବନ୍ତ ପ୍ରାଣୀ ମଧ୍ୟରେ ଏହି ସତ୍ତା ଶକ୍ତି ବା ପ୍ରଭାବ ଅଥବା ସ୍ଫୁଲିଙ୍ଗ ରୂପେ ରହିଥାଏ । କିନ୍ତୁ ଏହା ମଧ୍ୟରେ ଥାଏ ବୀଜ ରୂପେ ବିକାଶର ସମସ୍ତ ସମ୍ଭାବନାରାଜି । ଏହାହିଁ ହେଲା ଚୈତ୍ୟପୁରୁଷର ପ୍ରଥମ ଅବସ୍ଥା । ଏହା ପ୍ରାଣୀର ଜନ୍ମ-ମରଣ ମଧ୍ୟ ଦେଇ ବିକଶିତ ହୋଇ ଚାଲିଥାଏ । ଏହି ସତ୍ତାକୁ ଶ୍ରୀଅରବିନ୍ଦ ସ୍ଫୁଲିଙ୍ଗ ବା ବିନ୍ଦୁ ଆତ୍ମା ବୋଲି କହିଅଛନ୍ତି । ଏହି ସ୍ଫୁଲିଙ୍ଗ ବା ବିନ୍ଦୁ ଆତ୍ମା ଚୈତ୍ୟପୁରୁଷଙ୍କ ଠାରୁ ଭିନ୍ନ ଗୋଟିଏ ସତ୍ତା ନୁହେଁ; ଚୈତ୍ୟପୁରୁଷର ଗୋଟିଏ ଅବସ୍ଥା । ଏହି ସତ୍ତା ମନୁଷ୍ୟ ମଧ୍ୟରେ ରୂପ ଗ୍ରହଣ କଲେ ଏହାକୁ ଚୈତ୍ୟପୁରୁଷ କୁହାହୁଏ । ଏହି ସତ୍ତା ମନୁଷ୍ୟର ପଶ୍ଚାତରେ ରହି ଶରୀର, ପ୍ରାଣ ଓ ମନକୁ ଧାରଣ କରିଥାଏ; ଏବଂ ଏସବୁର ଅଜ୍ଞାତରେ ଏକମାତ୍ର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଜନ୍ମ-ମରଣ ମଧ୍ୟ ଦେଇ ଗତି କରୁଥାଏ । କ୍ରମ-ବିବର୍ତ୍ତନ ପ୍ରଣାଳୀରେ ଏହାର ବିକାଶ ହୁଏ, ବହୁତ ମନ୍ଥର ଗତିରେ । ବ୍ୟକ୍ତିକୁ ଜନ୍ମ-ମରଣ ମାର୍ଗରେ ଯିବାରେ ବହୁତ ଦୁଃଖକଷ୍ଟ, ଦ୍ୱନ୍ଦ୍ୱ, ଦାରୁଣ ବେଦନା ଭୋଗିବାକୁ ପଡ଼େ । ବିକାଶର ଗତି ତୀବ୍ର, ଅଳ୍ପକାଳ ମଧ୍ୟରେ ଜନ୍ମ-ମରଣରୂପ ମହାନ୍ ଦ୍ୱନ୍ଦ୍ୱର ନିବୃତ୍ତି ହୁଏ ଅଧ୍ୟାତ୍ମ ସାଧନା ଦ୍ୱାରା । ଚୈତ୍ୟପୁରୁଷ ଜାଗ୍ରତ ହୋଇ ସମ୍ମୁଖକୁ ଆସିଲେ ବ୍ୟକ୍ତିକୁ ଯଥାର୍ଥ ମାର୍ଗରେ ପରିଚାଳନା କରେ, ମନ-ପ୍ରାଣକୁ ନିୟନ୍ତ୍ରଣ କରି ନିଜ ଧର୍ମରେ ଦୀକ୍ଷିତ କରାଏ । ମନ-ପ୍ରାଣ ନିଜ ନିଜ ସାଂସାରିକ କାମନା-ବାସନା, ମୋହ-ଆସକ୍ତି, ଭୋଗ ବିଳାସ ତ୍ୟାଗ କରି ଚୈତ୍ୟପୁରୁଷ ସହିତ ସହଯୋଗୀ ହୋଇ ନିଜ ଲକ୍ଷ୍ୟ ଭଗବତ୍ ପ୍ରାପ୍ତିର ପ୍ରୟାସ କରେ ।

ମନୁଷ୍ୟର ମନ, ପ୍ରାଣ, ଶରୀର ତଥା ଚୈତ୍ୟପୁରୁଷ ସଂଯୋଗରେ ବ୍ୟକ୍ତି ବା ଜୀବିତ ଶରୀର ଗଠିତ ହୁଏ । ଏହି ସମସ୍ତ ସତ୍ତା ମୂଳତଃ ଭଗବାନଙ୍କ ଦିବ୍ୟତତ୍ତ୍ୱ ଏବଂ ଭଗବତ୍ ସ୍ୱରୂପ । କିନ୍ତୁ ମନ, ପ୍ରାଣ, ଶରୀରର ତତ୍ତ୍ୱ ମୂଳତଃ ଦିବ୍ୟ ହେଲେହେଁ ଏଠାରେ ହୋଇଛନ୍ତି ବିକୃତ, ଅଜ୍ଞାନ, ଜଡ଼ । ଅନ୍ତରାତ୍ମା ବା ଚୈତ୍ୟପୁରୁଷ ଅବିକୃତ, ଦିବ୍ୟ ଜ୍ଞାନରେ ବିଭୂଷିତ, ଭଗବାନଙ୍କ ଅଂଶ, ପ୍ରତିଭୂ ବା ସ୍ୱୟଂ ଭଗବତ୍ ସ୍ୱରୂପ । ଏହି

ସତ୍ତା ଅବିକୃତ ଥିବାରୁ ତା'ର ଜ୍ଞାନ ଅଖଣ୍ଡ ଥାଏ । ଏହି ଜାଗ୍ରତ ସତ୍ତାହିଁ ମନ-ପ୍ରାଣ-ଶରୀରକୁ ଚୈତନ୍ୟ କରିଥାଏ । କିନ୍ତୁ ଚୈତ୍ୟସତ୍ତା ଥାଏ ମନ-ପ୍ରାଣର ପଶ୍ଚାତରେ । ଚୈତ୍ୟସତ୍ତାର ପ୍ରେରଣା ଆସେ ମନ-ପ୍ରାଣର ମଧ୍ୟ ଦେଇ । ମନ-ପ୍ରାଣ ଯେତେ ଅଧିକ ଅଶୁଦ୍ଧ ଓ ଅପବିତ୍ର ହୋଇ ଥାଆନ୍ତି ଚୈତ୍ୟପୁରୁଷର ପ୍ରେରଣା ସେତେ ବେଶୀ ବିକୃତ ହୋଇ ପ୍ରକାଶ ହୁଏ । ଚୈତ୍ୟପୁରୁଷ ସର୍ବଦା ଚାହେଁ ପରମାନନ୍ଦ ସ୍ୱରୂପ ଭଗବାନଙ୍କୁ । ତା'ର ସମସ୍ତ ପ୍ରେରଣା ହୁଏ ସେହି ଲକ୍ଷ୍ୟ ଆଡ଼କୁ । କିନ୍ତୁ ସେହି ପ୍ରେରଣା ମନ-ପ୍ରାଣର ଅଶୁଦ୍ଧତା ଅନୁପାତରେ ବିକୃତ ହୁଏ । ଯେଉଁ ବ୍ୟକ୍ତିର ମନ-ପ୍ରାଣ ଅଧିକ ଅଶୁଦ୍ଧ ଥାଏ ସେ ବ୍ୟକ୍ତି ଚୈତ୍ୟପୁରୁଷର ପରମାନନ୍ଦସ୍ୱରୂପ ଭଗବାନଙ୍କୁ ପାଇବାର ପ୍ରେରଣାକୁ ଚୋରି, ଡକାୟତି, ଧନପ୍ରାପ୍ତି, ବ୍ୟଭିଚାର, ମାନଯଶଃ ପ୍ରତିଷ୍ଠା ଇତ୍ୟାଦିରେ ସମସ୍ତ ପ୍ରକାର କଳକୌଶଳ ପ୍ରୟୋଗ କରି ମିଥ୍ୟା ପ୍ରବଞ୍ଚନାର ଆଶ୍ରୟ ନିଏ । ଯେଉଁ ବ୍ୟକ୍ତିର ମନ-ପ୍ରାଣ ଅଧିକ ଶୁଦ୍ଧ ହୋଇଥାଏ ସେ ବ୍ୟକ୍ତି ପରୋପକାର, ଦେଶସେବା ତଥା ଦାନ, ଯଜ୍ଞାଦି ସାତ୍ତ୍ୱିକ କର୍ମ କରେ । କିନ୍ତୁ ଏହାର ପଶ୍ଚାତରେ ଥାଏ ଅହଂ । ଯେଉଁ ବ୍ୟକ୍ତିର ମନ-ପ୍ରାଣ ଉପରେ ଚୈତ୍ୟସତ୍ତାର ବିଶେଷ ପ୍ରଭାବ ପଡ଼େ ସେହି ବ୍ୟକ୍ତି ଚୈତ୍ୟସତ୍ତାର ପ୍ରେରଣାକୁ ଅବିକୃତ ରୂପେ ଗ୍ରହଣ କରେ ଏବଂ ତା'ର ପ୍ରେରଣାରେ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ଜାଣି ସେହି ଲକ୍ଷ୍ୟପ୍ରାପ୍ତି ସକାଶେ ସମସ୍ତ କର୍ମ କରେ । ଅନ୍ୟଥା ବ୍ୟକ୍ତିର ମନବୁଦ୍ଧି ବିକଶିତ ହେଲେ ସେ ସଂସାରରେ ଅଲୌକିକ କର୍ମ କରିପାରେ; କିନ୍ତୁ ନିଜ ଜୀବନର ଲକ୍ଷ୍ୟପ୍ରାପ୍ତି ବିଷୟରେ ସଚେତ ହୁଏ ନାହିଁ ।

ଭଗବାନ୍ ସୃଷ୍ଟି କରିବା ସଂକଳ୍ପରେ ଯେତେବେଳେ ଏକରୁ ବହୁ ହେଲେ ସେତେବେଳେ ଭଗବାନଙ୍କଠାରୁ ଆସିଥିବା ସମସ୍ତ ତତ୍ତ୍ୱ ବିକୃତ ହୋଇ ଜଡ଼ ଓ ଅନ୍ଧକାରରେ ପରିଣତ ହୋଇଗଲେ । କିନ୍ତୁ ଭଗବତ୍ ସ୍ୱରୂପ ଜୀବାତ୍ମାର ପ୍ରଭାବ ଜଡ଼ ମଧ୍ୟରେ ଅବିକୃତ ଭାବେ ବିଦ୍ୟମାନ ରହିଲା । ଏହି ପ୍ରଭାବ ମଧ୍ୟରେ ବିକାଶର ସମସ୍ତ ସମ୍ଭାବନା ରହିଥିଲା । କ୍ରମବିକାଶ ଅନୁସାରେ ଜଡ଼ ମଧ୍ୟରେ ଊର୍ଦ୍ଧ୍ୱରୁ ଅବତରଣ କଲା ପ୍ରାଣ । ପ୍ରାଣର ଅବତରଣ ଦ୍ୱାରା ଜଡ଼ରେ ବ୍ୟାପ୍ତ ଜୀବାତ୍ମାର ପ୍ରଭାବ ମଧ୍ୟରେ ଥିବା ପ୍ରାଣଶକ୍ତି ଜାଗ୍ରତ ହେଲା । ଉଭୟ ପ୍ରାଣଶକ୍ତିର ମିଳନରେ ପ୍ରାଣର ସ୍ପନ୍ଦନ ସୃଷ୍ଟି ହେଲା । ଜଡ଼ରୁ ଜାତ ହେଲେ ପ୍ରାଣବନ୍ତ ପ୍ରାଣୀ – କୀଟପତଙ୍ଗାଦି ପଶୁ ପକ୍ଷୀ । ସେହି ପ୍ରାଣୀମାନଙ୍କ ମଧ୍ୟରେ ଜୀବାତ୍ମାର ସେହି ପ୍ରଭାବ ହେଲା ସ୍ଫୁଲିଙ୍ଗ ବା ବିନ୍ଦୁ ଆତ୍ମା । ପ୍ରକୃତି କ୍ରମବିକାଶ ଗତିରେ ପ୍ରାଣସ୍ତରକୁ ଅତିକ୍ରମ କରିବାରୁ ଊର୍ଦ୍ଧ୍ୱରୁ ଅବତରଣ କଲା ମନ, ତା' ଫଳରେ ପଶୁ ମଧ୍ୟସ୍ଥ ସୁପ୍ତ ବିନ୍ଦୁ ଆତ୍ମାରେ ଥିବା ବୀଜାକାର ମନସ୍ତତ୍ତ୍ୱ ପ୍ରକାଶ ହେଲା । ମନସ୍ତତ୍ତ୍ୱର ଅବତରଣ ଦ୍ୱାରା ମନୋମୟ ମାନବର ସୃଷ୍ଟି ହେଲା । ଏବେ ଊର୍ଦ୍ଧ୍ୱରୁ ଅତିମାନସ ଅବତରଣ କରିଛି, ସୁପ୍ତ ଥିବା ଅତିମାନସ ଜାଗ୍ରତ ହେଲେ ଏହି ପୃଥିବୀରେ ଅତିମାନବଜାତି ପ୍ରତିଷ୍ଠିତ ହେବ । ଜଡ଼ରେ ପରିଣତ ହୋଇଥିବା ସେହିସବୁ ତତ୍ତ୍ୱରେ ଜୀବାତ୍ମାର ପ୍ରଭାବ ଯଦି ଅବିକୃତ ନ ଥା'ନ୍ତା, ତେବେ କ୍ରମ-ବିବର୍ତ୍ତନ ପ୍ରଣାଳୀରେ ସେହି ଜଡ଼ତତ୍ତ୍ୱ କେବେ ମଧ୍ୟ ବିକାଶ ଲାଭ କରି ନ ଥା'ନ୍ତା । ଆଜି ଆମ୍ଭେମାନେ ଜଡ଼ରୁ ବିକଶିତ ହୋଇ ମନୁଷ୍ୟ ଶରୀର ପ୍ରାପ୍ତ ହୋଇ ନଥା'ନ୍ତୁ । ଚୈତ୍ୟସତ୍ତା ହେଉଛି ଯଥାର୍ଥରେ ବ୍ୟକ୍ତି । ସେ ସୁପ୍ତ ଥିଲେ ମନୁଷ୍ୟର ମନ-ବୁଦ୍ଧି ବିକଶିତ ହେଲେ ମଧ୍ୟ ତା' ମଧ୍ୟରୁ ହିଂସା, ଦ୍ୱେଷ, କାମ, କ୍ରୋଧ, ଲୋଭ, ମୋହାଦି ଦୁର୍ଗୁଣ ଦୂର ହୁଏ ନାହିଁ । ତା'ର ମାନସିକ ବିଚାରରେ ଯେତେ ଶାନ୍ତି, ସମତା ରହିଲେ ମଧ୍ୟ କାର୍ଯ୍ୟରେ ହିଂସା, ସ୍ୱାର୍ଥ ଇତ୍ୟାଦି ଦେଖାଦିଅନ୍ତି । ବ୍ୟକ୍ତି ଉତ୍ତମ କାର୍ଯ୍ୟ କରିବାକୁ ଚାହେଁ, କିନ୍ତୁ ତା' ଅଜ୍ଞାତରେ ବହୁତ ପ୍ରତିକୂଳ କର୍ମ ହୋଇଯାଏ ।

ବ୍ୟକ୍ତି ସମର୍ପଣ, ଅଭୀପ୍ସା ଦ୍ୱାରା ପ୍ରତିକୂଳ ବସ୍ତୁକୁ ତ୍ୟାଗ କରି ଚେତନାକୁ ଏହି ଚୈତ୍ୟସତ୍ତା ବା ଭାଗବତୀ ଶକ୍ତି ଅଥବା ଶ୍ରୀମା ଶ୍ରୀଅରବିନ୍ଦଙ୍କ ସ୍ୱରୂପରେ ଏକାଗ୍ର କରିବା ଦ୍ୱାରା ଚୈତ୍ୟସତ୍ତା ସଂପୂର୍ଣ୍ଣ ଜାଗ୍ରତ ହୁଏ – ମନ, ପ୍ରାଣର କ୍ରିୟାକୁ ନିୟନ୍ତ୍ରଣ କରେ । ଶେଷରେ ମନ, ପ୍ରାଣର ଧର୍ମ ଚୈତ୍ୟଧର୍ମରେ ରୂପାନ୍ତରିତ ହୁଏ । ଅର୍ଥାତ୍, ମନ, ପ୍ରାଣର କ୍ରିୟା ଚୈତ୍ୟସତ୍ତାର କ୍ରିୟାର ପ୍ରତିକୂଳ ହୁଏ ନାହିଁ । ଚୈତ୍ୟସତ୍ତା ଯେପରି ସର୍ବାନ୍ତଃକରଣରେ ଭଗବାନଙ୍କ ଆଡ଼କୁ ଗତି କରେ ସେହିପରି ମନ, ପ୍ରାଣ ମଧ୍ୟ ପୂର୍ଣ୍ଣତଃ ଭଗବଦାଭିମୁଖୀ ହୁଏ । ମନୁଷ୍ୟର ସମସ୍ତ ସତ୍ତା ଭଗବଦାଭିମୁଖୀ ହେବାର ଅର୍ଥ ଶ୍ରୀଅରବିନ୍ଦଙ୍କ ଯୋଗର ପ୍ରଥମ ଚୈତ୍ୟସିଦ୍ଧି । ଚୈତ୍ୟସିଦ୍ଧି ଛଡ଼ା ଶ୍ରୀଅରବିନ୍ଦଙ୍କ ଯୋଗରେ ମନୁଷ୍ୟର ମନ, ପ୍ରାଣ ଓ ଶରୀରର ମୂଳ ଦିବ୍ୟ ତତ୍ତ୍ୱରେ ରୂପାନ୍ତର ସାଧନ ଅସମ୍ଭବ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା : *୬୨୦-୬୨୩*)

❑❑❑

ଶ୍ରୀ ପ୍ରପତ୍ତିଙ୍କର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି :

# ସେ ଆମ ମାତୃ-ଯଜ୍ଞର ପୁରୋଧା

## ଭଗବାନ ନାୟକ ବର୍ମା

ପ୍ରପତ୍ତି ଆମ ପାଇଁ ଏକ ଚିରନ୍ତନ ପ୍ରାଣ-ପ୍ରାଚୁର୍ଯ୍ୟର ପ୍ରତୀକ, ଏକ ଶାଶ୍ୱତ ଜୀବନବୋଧର ଅସରନ୍ତି ପ୍ରେରଣାର ଉତ୍ସ, ଏକ ଅନନ୍ତ ପ୍ରେମମୟ କର୍ମ-ତତ୍ପରତାର କେନ୍ଦ୍ରବିନ୍ଦୁ ଏବଂ ଏକ ଅଫୁରନ୍ତ ସ୍ନେହ-ମମତାର ଚିରସ୍ରାବୀ ପ୍ରବାହ । ତାଙ୍କର ଭୌତିକ ଶରୀର ଆଜି ଆଉ ଆମ ଆଖି ଆଗରେ ନାହିଁ ସତ; କିନ୍ତୁ ଆନ୍ତରିକ ଅନୁଭୂତି ଓ ଆତ୍ମିକ ଚେତନାରେ ସେ ଆମ ସହିତ ପୂର୍ବରୁ ଯେପରି ଏକାତ୍ମ ଥିଲେ, ଏବେ ବି ସେହିପରି ଅଛନ୍ତି ଓ ଭବିଷ୍ୟତରେ ମଧ୍ୟ ରହିବେ ।

ଦିବ୍ୟ ଜନନୀ ଶ୍ରୀମା'ଙ୍କ ଶରୀର-ତ୍ୟାଗ ବେଳେ ମୋର ଯେପରି ଅନୁଭୂତି ହୋଇଥିଲା, ତାଙ୍କର ଅନ୍ୟତମ ପରମ ଅନୁଗତ ଭକ୍ତ ପ୍ରପତ୍ତିଙ୍କର ଦେହାନ୍ତ ବେଳେ ମଧ୍ୟ ମୋର ଠିକ୍ ସେହିପରି ଅନୁଭୂତି ହେଲା । ମୋର ମାନସିକ ଚେତନାରେ ସେ ଏପରି ଏକ ସ୍ଥାନରେ ଅଧିଷ୍ଠିତ ଥିଲେ ଯେ ତାଙ୍କର ଭୌତିକ ଶରୀରର ଅନୁପସ୍ଥିତି ମୋତେ ଆଦୌ ବିଚଳିତ କରିପାରି ନଥିଲା ।

ଗତ ଫେବୃଆରୀ ଦର୍ଶନ ପାଇଁ ମୁଁ ଆଶ୍ରମ ଯାଇଥିବାବେଳେ ବନ୍ଧୁ ଡାକ୍ତର ଅଶୋକ ଦାସଙ୍କ ଠାରୁ ସୂଚନା ପାଇଥିଲି ଯେ ପ୍ରପତ୍ତିଙ୍କ ଶରୀରରେ ଏକ ଜଟିଳ ଅସ୍ତ୍ରୋପଚାର କରାଇବା ପାଇଁ ସେ ବ୍ୟବସ୍ଥା କରୁଛନ୍ତି ଏବଂ ଏଥିଲାଗି ପୂଜ୍ୟ ବାବାଜି ମହାରାଜଙ୍କ ଅନୁମୋଦନ ମଧ୍ୟ ପାଇ ସାରିଛନ୍ତି । ସେତେବେଳେ ମୋର କାହିଁକି କେଜାଣି ମନେ ହୋଇଥିଲା ଯେ ଏହି ଅସ୍ତ୍ରୋପଚାର ହୁଏତ ପ୍ରପତ୍ତିଙ୍କର ଶାରୀରିକ ଜୀବନରେ ଶେଷ ପରିଣତି ଆଣିଦେଇ ପାରେ ଏବଂ ହୁଏତ ଭବିଷ୍ୟତରେ ଆଉ ତାଙ୍କ ସହିତ ସାକ୍ଷାତ୍ ନ ହୋଇ ପାରେ ! ତଥାପି, ମା'ଙ୍କର ଯାହା ଇଚ୍ଛା ତାହାହିଁ ହେବ ଏବଂ ସେଥିରେ ଆମର କିଛି ଚିନ୍ତା କରିବାର ନାହିଁ ବୋଲି ଭାବିନେଇ ମୁଁ ନିଶ୍ଚିତ ହୋଇ ଯାଇଥିଲି । ତା' ସତ୍ତ୍ୱେ ଆଶ୍ରମରୁ ଫେରିବା ସମୟରେ ପ୍ରପତ୍ତିଙ୍କ ଠାରୁ ବିଦାୟ ନେବାକୁ ଯାଇ ମୁଁ ଟିକିଏ ଅଧିକ ଭାବପ୍ରବଣ ହୋଇ ପଡ଼ିଥିଲି । ସେ କିନ୍ତୁ ନିଜର ସ୍ୱାଭାବିକ ସ୍ନେହସିକ୍ତ ଆଶ୍ୱାସନାର ଭଙ୍ଗିରେ ମୋତେ ବିଦାୟ ଦେଇଥିଲେ । ସେତେବେଳେ ତାଙ୍କ ଆଖିର ସେଇ ମମତାବୋଳା ଅର୍ଥପୂର୍ଣ୍ଣ ଚାହାଣି ଏବଂ ଓଠର ସେଇ ରହସ୍ୟମୟ ହସର ମୁଦ୍ରା ଏବେ ବି ମୋ ମାନସ-ଚକ୍ଷୁରେ ପ୍ରତିଭାତ ହୋଇ ଉଠୁଛି । ଚିରଦିନ ଅପାସୋରା ରହିବ ସେହି ଶେଷ ସ୍ମୃତିର ଝଲକ ।

ବ୍ୟକ୍ତିଗତ ଭାବେ ପ୍ରପତ୍ତି ମୋ ପାଇଁ ଥିଲେ ଜଣେ ଦେବଦୂତ । ଆଜି ଶ୍ରୀମାଶ୍ରୀଅରବିନ୍ଦଙ୍କ ଶ୍ରୀଚରଣକମଳ ତଳେ ଆଶ୍ରୟ ନେବାର ସୌଭାଗ୍ୟ ଅର୍ଜନ କରି ନିଜର ଜୀବନକୁ ଯଦି ମୁଁ ଧନ୍ୟ ଓ ସାର୍ଥକ ମନେ କରୁଥାଏ, ତେବେ ସେଥିଲାଗି ଯେଉଁ ଦୁଇ ଜଣଙ୍କ ନିକଟରେ ମୁଁ ସବୁଠାରୁ ବେଶୀ କୃତଜ୍ଞ, ସେ ଦୁଇ ଜଣ ହେଲେ – ପ୍ରପତ୍ତି ଓ ବନ୍ଧୁ ମନୋଜ ଦାସ । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ସର୍ବପ୍ରଥମେ ମୁଁ ସୂଚନା ପାଇଥିଲି ମନୋଜବାବୁଙ୍କ ଠାରୁ । କିନ୍ତୁ ୧୯୬୨ ମସିହାରେ କଟକ ଠାରେ ପ୍ରପତ୍ତିଙ୍କର ଗୋଟିଏ ଭାଷଣ ମୋ ଜୀବନ-ପଥକୁ ସମ୍ପୂର୍ଣ୍ଣ ରୂପେ ଘୂରାଇ ଦେଇଥିଲା । ସେହିଦିନ ଠାରୁ ମୁଁ ତାଙ୍କୁ ମୋ ହୃଦୟରେ 'ଦେବଦୂତ'ର ଆସନ ଦେଇଆସିଛି । ବ୍ୟକ୍ତିଗତ ଭାବରେ ତାଙ୍କର ମମତାପୂର୍ଣ୍ଣ ସ୍ନେହ ଓ ଶ୍ରଦ୍ଧା ପାଇବାର ସୌଭାଗ୍ୟ ମଧ୍ୟ ମୋର ହୋଇଛି । ସେତିକିରେ ମୁଁ ବାସ୍ତବିକ ଧନ୍ୟ ।

ଆମ ସମସ୍ତଙ୍କ ପାଇଁ ପୂଜ୍ୟ ବାବାଜି ମହାରାଜ ହେଉଛନ୍ତି ରାମକୃଷ୍ଣ ପରମହଂସଙ୍କ ପରି, ଆଉ ପ୍ରପତ୍ତି ହେଉଛନ୍ତି ସ୍ୱାମୀ ବିବେକାନନ୍ଦଙ୍କ ପରି । ଚିରଦିନ ସେ ଦୁହେଁ ଆମ ନିକଟରେ ତାହାହିଁ ହୋଇ ରହିବେ । କାରଣ ଓଡ଼ିଶାରେ ଯେପରି ବିପୁଳଭାବେ ମାତୃ-ଯଜ୍ଞ ଆଜି ଚାଲିଛି, ତା'ର ମନ୍ତ୍ରଦାତା ହେଲେ ପୂଜ୍ୟ ବାବାଜି ମହାରାଜ ଏବଂ ତା'ର ପଟ୍ଟପୁରୋଧା ହେଲେ ପ୍ରପତ୍ତି । ଅଳ୍ପ କେତେଟା ବର୍ଷ ମଧ୍ୟରେ ପ୍ରପତ୍ତି ସମଗ୍ର ଓଡ଼ିଶାରେ ବୁଲି ମା'ଙ୍କର ଯନ୍ତ୍ର ରୂପେ ଚାରିଆଡ଼େ ଯେଉଁ ଅଗଣିତ ପାଠଚକ୍ର, ଶିକ୍ଷାନୁଷ୍ଠାନ, ଅନ୍ୟାନ୍ୟ ସଙ୍ଗଠନ ଓ ରିଲିକ୍ସ ସେଣ୍ଟର ସବୁ ପ୍ରତିଷ୍ଠା କରାଇ ଯାଇଛନ୍ତି, ସେଗୁଡ଼ିକରେ ତାଙ୍କର ସ୍ମୃତି ଚିର-ସଜୀବ ଓ ଜାଜ୍ୱଲ୍ୟମାନ ହୋଇ ରହିଥିବ ।

ମାତୃ ଚରଣରେ ଏପରି ଏକ ସମର୍ପିତ ଜୀବନ ଓ ସଙ୍ଗଠନ-ଶକ୍ତିର ଏପରି ଏକ ଉଦ୍ଧାମ ବ୍ୟକ୍ତିତ୍ୱର ନିଦର୍ଶନ ବାସ୍ତବିକ ଖୁବ୍ କ୍ୱଚିତ୍ ଦେଖିବାକୁ ମିଳିଥାଏ । ପ୍ରପତ୍ତିଙ୍କ ପାଇଁ ଓଡ଼ିଶା ମାଟି ଧନ୍ୟ ହୋଇଛି, ଆମେ ସମସ୍ତେ କୃତାର୍ଥ ହୋଇଛୁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଆଶୀର୍ବାଦ ଲାଭ କରି । ତେଣୁ ତାଙ୍କ ପ୍ରତି ଆମ କୃତଜ୍ଞତାର ଶେଷ ନାହିଁ ।

(୨୮ ଜୁନ୍, ୧୯୯୦ରେ ମାତୃଭବନ ଦ୍ୱାରା ପ୍ରକାଶିତ 'A Flame of Gratitude' ଶୀର୍ଷକ ସ୍ମରଣିକାରୁ ସଂଗୃହୀତ) ❑

## କର୍ମ ସମ୍ପାଦନରେ ତୁମର ଯାହା ମନେ ରଖିବା ବିଧେୟ

ଆଧ୍ୟାତ୍ମିକ ଜୀବନର ଦୃଷ୍ଟିକୋଣରୁ, ତୁମେ ଯେଉଁ କାର୍ଯ୍ୟ କର ତାହା ଅପେକ୍ଷା ଯେଉଁ ଭାବରେ ଏହା କରାଯାଏ ଏବଂ ଯେଉଁ ଚେତନା ସହିତ ଏହା କରାଯାଏ, ତାହା ଗୁରୁତ୍ୱପୂର୍ଣ୍ଣ । ସର୍ବଦା ଭଗବାନଙ୍କୁ ମନେରଖ ଏବଂ ତୁମେ ଯେଉଁ କର୍ମ କର ତାହା ଦିବ୍ୟ-ଉପସ୍ଥିତିର ଏକ ପ୍ରକାଶ ହୋଇ ଉଠିବ ।

*

ଜଣେ ଯେଉଁ କାର୍ଯ୍ୟ କରେ ତାହା ଉପଯୋଗୀ ହୁଏ ଯଦି ଏଥିସହିତ କିଛି ଯଥାର୍ଥ ଚେତନାର ଶିଖା ମିଶାଇ ଦେଇ ହୁଏ ।

ଜଣେ ଯେଉଁ କର୍ମ କରେ ତାହା ଅପେକ୍ଷା ଜଣେ ଯେଉଁ ଚେତନାରେ ଥାଏ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । ଯଥାର୍ଥ ଚେତନାରେ ତାହା ସମ୍ପାଦନ କଲେ, ବାହ୍ୟତଃ ଖୁବ୍ ଅନୁପଯୋଗୀ କର୍ମ ମଧ୍ୟ ଖୁବ୍ ଉତ୍ପାଦନକ୍ଷମ ହୋଇଥାଏ ।

*

ସର୍ବଦା ଦିବ୍ୟ-ଉପସ୍ଥିତିରେ ବାସ କର; ଯେପରି ଏହି ଉପସ୍ଥିତି ତୁମକୁ ପରିଚାଳିତ କରୁଛି, ଏବଂ ଏହା ଏସବୁ କର୍ମ ସମ୍ପାଦନ କରୁଛି ଯାହା ତୁମେ କରୁଛ । ତୁମର ସମସ୍ତ ଗତିବୃତ୍ତି ତାଙ୍କୁ ନିବେଦନ କର, କେବଳ ମାନସିକ କର୍ମ ନୁହେଁ, ପ୍ରତିଟି ଚିନ୍ତା ଓ ଅନୁଭବ ତଥା ଖୁବ୍ ସାଧାରଣ ଓ ବାହ୍ୟ କ୍ରିୟାକଳାପ ମଧ୍ୟ । ...

*

ସମସ୍ତ କିଛି କ୍ରିୟାକର୍ମ (Pursuits) ବୌଦ୍ଧିକ କିଂବା ବାହ୍ୟ କାର୍ଯ୍ୟରେ ତୁମର ଏକମାତ୍ର ଲକ୍ଷ୍ୟ ହେଉ, ''ସ୍ମରଣ ଓ ସମର୍ପଣ'' । ତୁମେ ଯାହା କିଛି କର୍ମ କର ସେସବୁ ଭଗବାନଙ୍କ ପ୍ରତି ଅର୍ଘ୍ୟ ଭାବରେ ସମର୍ପଣ କର । ଏହା ତୁମ ପାଇଁ ଏକ ସର୍ବୋତ୍କୃଷ୍ଟ ଶୃଙ୍ଖଳା ଭାବରେ ପରିଣତ ହେବ; ଏହା ତୁମକୁ ଅନେକ ନିର୍ବୋଧ ଓ ନିରର୍ଥକ କାର୍ଯ୍ୟରୁ ନିବୃତ୍ତ ରଖିବ ।

*

କର୍ମ ସମ୍ପାଦନରେ ପୂର୍ଣ୍ଣତାରୁ କିଛି ବି ଊଣା ତୁମର ଆଦର୍ଶ ହେବା ଅନୁଚିତ । ଏହା ଦ୍ୱାରା ତୁମେ ନିଶ୍ଚୟ ଭଗବାନଙ୍କର ଏକ ଯଥାର୍ଥ ଯନ୍ତ୍ର ହୋଇପାରିବ ।

(*All India Magazine*, ଫେବ୍ରୁଆରୀ ୨୦୧୦, ପୃ. ୨୫) — ଶ୍ରୀମା

# ହିରୋବୂମି ଇତୋ*

## ଶ୍ରୀଅରବିନ୍ଦ

ମାନବଜାତି ମଧ୍ୟରେ ଦୁଇ ପ୍ରକାରର ଜୀବ ଜନ୍ମଗ୍ରହଣ କରନ୍ତି । ଯେଉଁମାନେ ଆସ୍ତେ ଆସ୍ତେ କ୍ରମ-ବିକାଶର ସ୍ରୋତରେ ଅଗ୍ରସର ହୋଇ ଅନ୍ତର୍ନିହିତ ଦେବତ୍ୱ ପ୍ରକାଶ କରୁଛନ୍ତି, ସେମାନେ ସାଧାରଣ ମନୁଷ୍ୟ । ଯେଉଁମାନେ ସେହି କ୍ରମ-ବିକାଶର ସାହାଯ୍ୟାର୍ଥେ ବିଭୂତି ରୂପରେ ଜନ୍ମଗ୍ରହଣ କରନ୍ତି, ସେମାନେ ସ୍ୱତନ୍ତ୍ର । ସେମାନେ ଯେଉଁ ଜାତି ମଧ୍ୟରେ ଓ ଯେଉଁ ଯୁଗରେ ଅବତରଣ କରନ୍ତି, ସେହି ଜାତିର ଚରିତ୍ର ଓ ଆଚାର, ସେହି ଯୁଗର ଧର୍ମ ଗ୍ରହଣପୂର୍ବକ ଐଶ୍ୱରିକ ଶକ୍ତି ଓ ସ୍ୱଭାବ ବଳରେ ସାଧାରଣ ମନୁଷ୍ୟର ଅସାଧ୍ୟ କର୍ମ ସାଧନ କରି ଜଗତର ଗତି କିଞ୍ଚିତ୍ ପରିବର୍ତ୍ତନ କରି ଇତିହାସରେ ଅମର ନାମ ରଖି ସ୍ୱଲୋକକୁ ଗମନ କରନ୍ତି । ସେମାନଙ୍କର କର୍ମ ଓ ଚରିତ୍ର ମନୁଷ୍ୟର ପ୍ରଶଂସା ଓ ନିନ୍ଦାର ଅତୀତ । ଆମେ ପ୍ରଶଂସା କରୁ ବା ନିନ୍ଦା କରୁ, ସେମାନେ ଭଗବଦ୍-ଦତ୍ତ କାର୍ଯ୍ୟ କରି ଯାଇଛନ୍ତି । ମାନବଜାତିର ଭବିଷ୍ୟତ୍ ସେହି କାର୍ଯ୍ୟ ଦ୍ୱାରା ନିୟନ୍ତ୍ରିତ ହୋଇ ନିର୍ଦ୍ଦିଷ୍ଟ ପଥରେ ଖରସ୍ରୋତରେ ବହିବ । ସିଜର୍, ନେପୋଲିୟନ୍, ଆକବର, ଶିବାଜୀ ଏହି ପ୍ରକାରର ବିଭୂତି । ଜାପାନର ମହାପୁରୁଷ ହିରୋବୂମି ଇତୋ ମଧ୍ୟ ଏହି ଶ୍ରେଣୀର ଅନ୍ତର୍ଗତ ଏବଂ ଯେଉଁମାନଙ୍କର ନାମ ଊର୍ଦ୍ଧ୍ୱରେ ଉଲ୍ଲେଖ କଲି, ସେମାନଙ୍କ ମଧ୍ୟରୁ ଜଣେ ମଧ୍ୟ ଗୁଣରେ, ପ୍ରତିଭାରେ ବା କର୍ମର ମହତ୍ତ୍ୱରେ ଓ ଭବିଷ୍ୟତ୍ ଫଳରେ ଇତୋଙ୍କ ଅପେକ୍ଷା ଶ୍ରେଷ୍ଠ ନଥିଲେ । ଇତିହାସରେ ଓ ଜାପାନର ଅଭ୍ୟୁଦୟରେ ଇତୋଙ୍କର ପ୍ରଧାନ ସ୍ଥାନ ବିଷୟରେ ସମସ୍ତେ ଅବଗତ ଅଛନ୍ତି, କିନ୍ତୁ ସକଳେ ନଜାଣି ଥାଇ ପାରନ୍ତି ଯେ ଇତୋହିଁ ସେହି ଅଭ୍ୟୁଦୟର କ୍ରମ, ଉପାୟ ଓ ଉଦ୍ଦେଶ୍ୟ ଉଦ୍ଭାବନା କରି ଶେଷ ପର୍ଯ୍ୟନ୍ତ ଏକା ଏହି ମହତ୍ ପରିବର୍ତ୍ତନ କରିଛନ୍ତି, ଜାପାନର ଆଉ ସବୁ ମହାପୁରୁଷ ତାଙ୍କ ହସ୍ତର ଯନ୍ତ୍ର ମାତ୍ର । ଇତୋହିଁ ଜାପାନର ଐକ୍ୟ, ଜାପାନର ସ୍ୱାଧୀନତା, ଜାପାନର ବିଦ୍ୟାବଳ, ସୈନ୍ୟବଳ, ନୌ-ସେନାବଳ, ଅର୍ଥବଳ, ବାଣିଜ୍ୟ, ରାଜନୀତିକୁ ମନରେ କଳ୍ପନା କରି କାର୍ଯ୍ୟରେ ପରିଣତ କରିଥିଲେ । ସେହିଁ ଭାବୀ ଜାପାନର ସାମ୍ରାଜ୍ୟ ପ୍ରସ୍ତୁତ କରୁଥିଲେ । ଯାହା କରିଛନ୍ତି ପ୍ରାୟହିଁ ଅନ୍ତରାଳରେ ଦଣ୍ଡାୟମାନ ହୋଇ କରିଛନ୍ତି । ଜର୍ମାନୀର କାଇସାର୍ ଓୟିଲହେମ୍ ବା ବିଲାତର ଲୟେଡ୍ ଜର୍ଜ ଯାହା କରୁଛନ୍ତି, ଯାହା ଭାବୁଛନ୍ତି, ସମସ୍ତ ଜଗତ୍ ସେହି ସମୟରେହିଁ ତାହା ଜାଣିପାରେ । ଇତୋ ଯାହା ଭାବୁଥିଲେ, ଯାହା କରୁଥିଲେ, ତା'କୁ କେହି ଜାଣୁ ନଥିଲେ — ଯେତେବେଳେ ତାଙ୍କର ନିଭୃତ କଳ୍ପନା ଓ ଚେଷ୍ଟା ଫଳବତୀ ହେଲା ସେତେବେଳେ ଜଗତ୍ ବିସ୍ମିତ ହୋଇ ବୁଝିପାରିଲା, ଏହାହିଁ ଏତେଦିନ ଧରି ପ୍ରସ୍ତୁତ ହେଉଥିଲା । ଅଥଚ କି ପ୍ରକାଣ୍ଡ କାର୍ଯ୍ୟ, କି ଅଦ୍ଭୁତ ପ୍ରତିଭା ତାହାହିଁ କାର୍ଯ୍ୟରେ ପ୍ରକାଶ ପାଉଛି ! ଯଦି ଇତୋ ନିଜେ ମନରେ କଳ୍ପନା କରିବାକୁ ଅଭ୍ୟସ୍ତ ହୋଇଥା'ନ୍ତେ, ସମସ୍ତ ଜଗତ୍ ପଦେ ପଦେ ତାହାଙ୍କୁ ଉନ୍ମତ୍ତ ଅସାଧ୍ୟ-ସାଧନ-ପ୍ରୟାସୀ ଓ ବ୍ୟର୍ଥ-ସ୍ୱପ୍ନର ଅନୁରକ୍ତ ଆଦର୍ଶବାଦୀ (idealist) କହି ଉପହାସ କରନ୍ତା । କିଏ ବିଶ୍ୱାସ କରନ୍ତା ଯେ ପଚାଶ ବର୍ଷ ମଧ୍ୟରେ ଜାପାନ ଦୁର୍ଲଭ ସ୍ୱାଧୀନତା ରକ୍ଷା କରି ସମସ୍ତ ପାଶ୍ଚାତ୍ୟ ସଭ୍ୟତା ଆୟତ୍ତ କରିବ, ଇଂଲଣ୍ଡ, ଜର୍ମାନୀ, ଫ୍ରାନ୍ସର ସମକକ୍ଷ ପ୍ରବଳ ପରାକ୍ରମଶାଳୀ ଜାତି ହେବ, ଚୀନ୍‌କୁ ପରାଭୂତ କରିବ, ରୁଷକୁ ପରାଭୂତ କରିବ, ଦୂର ଦେଶ-ବିଦେଶରେ ଜାପାନୀ ବାଣିଜ୍ୟ, ଜାପାନୀ ଚିତ୍ରକଳା, ଜାପାନୀ ବୁଦ୍ଧିର

* ପ୍ରିନ୍ସ ହିରୋବୂମି ଇତୋ (ଜୁନିୟର୍ ଫାଷ୍ଟ୍ ର୍ୟାଙ୍କ୍, ୧୬ ଅକ୍ଟୋବର ୧୮୪୧–୨୬ ଅକ୍ଟୋବର ୧୯୦୯) : ଆଧୁନିକ ଓ ଉଦାର ଜାପାନ ଇତିହାସରେ ଜଣେ ଦୂରଦର୍ଶୀ ରାଜନୈତିକ ଓ ପଥପ୍ରଦର୍ଶନକାରୀ ପ୍ରବୀଣ ପ୍ରଶାସନିକ । ସେ ଥିଲେ ଜାପାନର ପ୍ରଥମ ପ୍ରଧାନ ମନ୍ତ୍ରୀ ଏବଂ ଏକାଦିକ୍ରମେ ଚାରିଥର ଏହି ପଦ ଅଳଙ୍କୃତ କରିଥିଲେ । ସୁଚାରୁରୂପେ ନିଜର କର୍ତ୍ତବ୍ୟ ପାଳନରେ ବ୍ରତୀ ଥିବାବସ୍ଥାରେ ଅଚାନକ ଜଣେ କୋରିଆନ୍ ଆତତାୟୀର ଗୁଳିରେ ନିହତ ହୋଇଥିଲେ । ଆତତାୟୀକୁ ସନାକ୍ତ କରିବା ଉଦ୍ଦେଶ୍ୟରେ ଯେତେବେଳେ ଇତୋଙ୍କୁ ପଚରାଗଲା ସେ କୋମଳ କଣ୍ଠରେ କେବଳ ଏତିକି ଉଚ୍ଚାରଣ କରିଥିଲେ, 'The fellow is a fool.'।

— ସମ୍ପାଦକ

(*ଅବଶିଷ୍ଟାଂଶ ପୃଷ୍ଠା ୨୬ରେ ଦେଖନ୍ତୁ*)

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୮୮)

## ମହେନ୍ଦ୍ରନାଥ ସ୍ୱାଇଁ

**ଚମତ୍କାରିତା :**

ବେଳେବେଳେ ଆମର ବ୍ୟସ୍ତବହୁଳ ଜୀବନରେ ଆମେ କେତୋଟି ମୁହୂର୍ତ୍ତ ନିମନ୍ତେ କେତେକ ନିର୍ଦ୍ଦିଷ୍ଟ କାରଣ ଯୋଗୁଁ କହୁଥିବା କଥା, ଦେଉଥିବା ବକ୍ତୃତା ନିଜର ମାଧୁର୍ଯ୍ୟକୁ ହରାଇଥା'ନ୍ତି । ତେଣୁ ଆମ କଥା ଶୁଣିବାକୁ କେହି ଭଲ ପାଆନ୍ତି ନାହିଁ । ସେତେବେଳେ ଆମେ ଆମ ଅନ୍ତଃପ୍ରଦେଶକୁ ଯାଇ ଆତ୍ମସ୍ଥଳ ବା 'Soul space' ଆଡ଼କୁ ଚକ୍ଷୁ ବିସ୍ତାରିତ କରି ଦେଖିଥାଉ ଏବଂ ସେତିକିବେଳେ ବିଶ୍ୱରେ ପ୍ରଭୁଙ୍କର ଲୀଳା ଓ ପରିପ୍ରକାଶକୁ ଲକ୍ଷ୍ୟ କରି ସେସବୁର ସୌନ୍ଦର୍ଯ୍ୟରେ ଆଶ୍ଚର୍ଯ୍ୟ ଚକିତ ହୋଇ ଆମ ଚକ୍ଷୁ ଦ୍ୱୟରେ କୃତଜ୍ଞତାର ଅଶ୍ରୁ ଭରିଯାଏ ।

ପ୍ରଭୁ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର ଅନୁଗାମୀ ଭକ୍ତମାନେ ପ୍ରକୃତରେ ଭାଗ୍ୟବାନ୍, କାରଣ ଏହି ପୃଥିବୀରେ ବାସ କରୁଥିବା ଲକ୍ଷ ଲକ୍ଷ ଲୋକମାନେ ସଦାସର୍ବଦା ବୁଡି ରହିଥା'ନ୍ତି ସାଂସାରିକ କାର୍ଯ୍ୟକଳାପରେ । ସୁତରାଂ ଆମ ପାଇଁ ଖୁବ୍ କମ୍ ସୁଯୋଗ ମିଳିଥାଏ ଏକ ଉଚ୍ଚତର ଜୀବନ ଯାପନ କରିବା ପାଇଁ ଅଥବା କୌଣସି ପ୍ରକାର ଆଲୋକମୟ ପରିବେଶ ଭିତରେ ବାସ କରିବା ପାଇଁ । ପୁନଶ୍ଚ ଆମ୍ଭମାନଙ୍କୁ ପ୍ରଭୁ ଶ୍ରୀଅରବିନ୍ଦ ଏବଂ ଶ୍ରୀମା'ଙ୍କର ଦିବ୍ୟ ଆଲୋକର ବଳୟ ଭିତରେ ବାସ କରିବା ନିମନ୍ତେ ବେଳେବେଳେ ସମ୍ଭାବନା ମଧ୍ୟ ପ୍ରାପ୍ତ ହୋଇଥାଏ । କିନ୍ତୁ ଆମେ ତାହା ଜାଣିପାରୁ ନାହୁଁ; ଆମକୁ ସେ ବିଷୟରେ ପ୍ରଶ୍ନ କଲେ ଆମେ କହିଥାଉ କେଜାଣି, ଏହା କିପରି ହେଲା ମୋତେ ଜଣା ନାହିଁ; ଏହା ତ ଦିବ୍ୟ ଜନନୀଙ୍କ କୃପା ଓ କରୁଣା । ଆମ କ୍ଷୁଦ୍ର ମନର ଆଲୋକରେ ଏହା ବୁଝିବା ଅସମ୍ଭବ । ବେଳେବେଳେ ଆମ ହୃଦୟରେ ଏକ ପ୍ରକାର ଅଦ୍ଭୁତ ଭକ୍ତି ଭାବର ଉଦ୍ରେକ ହୋଇଥାଏ । ଫଳରେ ଆମେ ସମସ୍ତେ ଦିବ୍ୟ ଜନନୀ ଶ୍ରୀମା ଓ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଦିବ୍ୟ ଆଲୋକର ଝଲକ ଦର୍ଶନ କରିବାରେ ସକ୍ଷମ ହୋଇଥାଉ । ଧ୍ୟାନ ଓ ପ୍ରାର୍ଥନା ପାଠ କଲାବେଳେ ଆମେ ଏପରି କେତେକ ଶବ୍ଦ ଏବଂ ବାକ୍ୟର ସଂସ୍ପର୍ଶରେ ଆସିଥାଉ ଯାହା ଆମ ଆନ୍ତର ଚକ୍ଷୁକୁ ଉନ୍ମୀଳିତ କରି ଦେଇଥାଏ, ଫଳରେ ଦିବ୍ୟ ଜନନୀଙ୍କର ରାଜରାଜେଶ୍ୱରୀ ସ୍ୱରୂପକୁ କ୍ଷଣକ ନିମନ୍ତେ ଦର୍ଶନ କରି କୃତାର୍ଥ ହୋଇ ଯାଇଥାଉ । ଶ୍ରୀମା'ଙ୍କର ଫେବ୍ରୁଆରୀ ୧୯, ୧୯୧୪ ମସିହାର ପ୍ରାର୍ଥନାଟି କ୍ଷୁଦ୍ର ହେଲେ ମଧ୍ୟ ତନ୍ମଧ୍ୟରେ ସ୍ଥିତ ବିଶାଳ ସତ୍ୟକୁ ସନ୍ଦର୍ଶନ କରିବାରେ ଆମେ ସକ୍ଷମ ହୋଇପାରୁ । ତାହାହେଲା –

''O LORD, be ever present in my thought! Not that I ask this of Thee, for I know that Thy Presence is constant and sovereign, I know that all we see and all that escapes our sight is just what it is only through Thy marvellous intervention, because of Thy divine law of love; but I say this and repeat it, I implore, in order to escape from forgetfulness and negligence.

"Oh! to become Thy living love so powerfully as to transfigure and illumine all things, so completely as to awaken peace and benevolent satisfaction in all.

"Oh, to become Thy divine love, pure and clearsighted, to be that always and everywhere! ...''

''ହେ ପ୍ରଭୁ, ମୋ ଚିନ୍ତା ଓ ଭାବନାରେ ସଦାସର୍ବଦା ବିରାଜିତ ହୁଅ ! କେବଳ ଯେ ମୁଁ ଏହା ଚାହୁଁଛି ବୋଲି ନୁହେଁ, କାରଣ ମୁଁ ଜାଣିଛି ଯେ ତୁମର ଉପସ୍ଥିତି ସଦାସର୍ବଦା ନିରବଚ୍ଛିନ୍ନ ଭାବରେ ରହିଛି ଏବଂ ତାହା ହେଉଛି ସାର୍ବଭୌମ । ମୋତେ ଜଣାଅଛି ଯେ ଆମେ ଯାହା ସବୁ ଦେଖୁଛୁ ଏବଂ ଆଉ ଯାହାସବୁ ଆମ ଦୃଷ୍ଟିପଥରୁ ଖସି ଚାଲି ଯାଉଛି ତାହା ସମସ୍ତ କେବଳ ତୁମର ଚମତ୍କାର ହସ୍ତକ୍ଷେପର ମାଧ୍ୟମ ବ୍ୟତୀତ ଆଉ କିଛି

ନୁହେଁ, କାରଣ ଏହାହିଁ ହେଉଛି ତୁମର ପ୍ରେମର ଦିବ୍ୟବିଧାନ; ତଥାପି ମୁଁ ଏହା କହୁଛି ଏବଂ ବାରଂବାର କହୁଛି, ବିନମ୍ର ଭାବରେ ନିବେଦନ ଜଣାଉଛି ଯେପରିକି ମୁଁ ଏହା ଭୁଲି ନଯାଏ ଓ ଅବହେଳା ନକରେ ।

''ହେ ପ୍ରଭୁ, ମୁଁ ହେବାକୁ ଚାହେଁ ତୁମର ଜୀବନ୍ତ ଦିବ୍ୟ ପ୍ରେମ, ଯେଉଁଥିରେ ପରିପୂର୍ଣ୍ଣ ରୂପେ ସକଳ ବସ୍ତୁ ରୂପାନ୍ତରିତ ହୋଇଯିବ ଓ ଜ୍ୟୋତିର୍ମୟ ହୋଇ ଉଠିବ, ଯାହା ଦ୍ୱାରା ସମସ୍ତଙ୍କ ଭିତରେ ଶାନ୍ତି ଓ ଏକ ଉଦାର ତୃପ୍ତି ଜାଗି ଉଠିବ ।

''ହେ ପ୍ରଭୁ, ତୁମର ବିଶୁଦ୍ଧ ଏବଂ ଦିବ୍ୟଦୃଷ୍ଟି ସମ୍ପନ୍ନ ବିଶୁଦ୍ଧ-ପ୍ରେମ ସର୍ବଦା ଓ ସର୍ବତ୍ର ତାହାହିଁ ହୋଇ ଉଠିବାକୁ ପ୍ରାର୍ଥନା ଜଣାଉଛି । ...''

ଦିବ୍ୟଜନନୀଙ୍କ ଲେଖନୀରୁ ନିଃସୃତ ଉଲ୍ଲିଖିତ ଅମୃତ-ଶବ୍ଦଗୁଡ଼ିକୁ ପାଠ କଲେ ପାଠକର ହୃଦୟ ଆନନ୍ଦରେ ସିକ୍ତ ହୋଇଯାଇ ଶ୍ୱାସରୁଦ୍ଧ ହେଲା ପରି ଲାଗେ; କାରଣ ତା' ଭିତରେ ଆଉ କିଛି ନିମନ୍ତେ ଶୂନ୍ୟସ୍ଥାନ ନଥାଏ । ଏହାହିଁ ସମଗ୍ର ଜଗତ୍ ପାଇଁ ଏକ ସାର୍ବଭୌମ, ସାମଗ୍ରିକ ଦିବ୍ୟପ୍ରେମର ସୂଚନା । ସମସ୍ତ ଜୀବ-ସତ୍ତାମାନଙ୍କ ନିମନ୍ତେ, ସେମାନଙ୍କ ଯୋଗ୍ୟତା ବା ଅଯୋଗ୍ୟତା, ଧାରଣ କରିବାର କ୍ଷମତା ବା ଅକ୍ଷମତାକୁ ବିଚାରକୁ ନନେଇ ଜଗଜ୍ଜନନୀ ମାହେଶ୍ୱରୀଙ୍କ ବ୍ୟତୀତ ଆଉ ବା କିଏ ସେମାନଙ୍କ ନିମନ୍ତେ ଏପରି ପ୍ରାର୍ଥନା କରିପାରିବ ? ଏହାହିଁ ସର୍ବୋତ୍ତମା ଦିବ୍ୟଜନନୀଙ୍କର ସର୍ବୋତ୍ତମ କରୁଣା । ଶ୍ରୀମା'ଙ୍କର କାର୍ଯ୍ୟ ହେଲା ଏହି ପୃଥିବୀରେ ଅସମ୍ଭବ ମନେ ହେଉଥିବା ଲକ୍ଷ୍ୟକୁ ପ୍ରାପ୍ତ ହେବା ଏବଂ ଏଥିପାଇଁ ଅବିରତ ପ୍ରଭୁଙ୍କୁ ସ୍ମରଣ କରିବାକୁ ହେବ । ଏହି ଲକ୍ଷ୍ୟସ୍ଥଳଟି ହେଲା ଏହି ଯନ୍ତ୍ରଣା ଜର୍ଜରିତ, ଦୁଃଖପୂର୍ଣ୍ଣ ଜଗତରେ ସମ୍ପୂର୍ଣ୍ଣ ସାମଗ୍ରିକ ରୂପାନ୍ତର ।

ଦିବ୍ୟଜନନୀ ଶ୍ରୀମା'ଙ୍କର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକଙ୍କ ହୃଦୟରେ ପ୍ରଶାନ୍ତି ଏବଂ ଦୟାର୍ଦ୍ରଭାବର ଆତ୍ମସନ୍ତୁଷ୍ଟିକୁ ଉଦ୍ରେକ କରାଇବା । ଫଳତଃ ପ୍ରତ୍ୟେକ ଜୀବସତ୍ତା କେବଳ ନୁହଁନ୍ତି, ପ୍ରତ୍ୟେକ ଦ୍ରବ୍ୟ ବା ପଦାର୍ଥ ମଧ୍ୟ ରୂପାନ୍ତରିତ ହୋଇପାରିବ । ଶ୍ରୀମା'ଙ୍କର ଏତାଦୃଶ ଶକ୍ତି ଉପରେ ଦୃଢ଼ ବିଶ୍ୱାସ ସ୍ଥାପନ କରି ବିନା ଔଷଧ ସେବନରେ ରୋଗମୁକ୍ତ ହୋଇ ଯାଇଥିବା ଜନୈକ ଭକ୍ତଙ୍କ ବିଷୟରେ ଆଲୋଚନା କଲେ ଆମେ ତାହା ସ୍ପଷ୍ଟ ବୁଝି ପାରିବା । ତାହାହେଲା –

'ସ' ନାମକ ଜନୈକ ଭକ୍ତଙ୍କର ବାହୁରେ ଗୋଟିଏ ଟ୍ୟୁମର୍ ବାହାରିଲା ଏବଂ କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଲା । ସେ ଶ୍ରୀମା'ଙ୍କର ଅନୁମତି ନେଇ ତାଙ୍କ ପ୍ରକୋଷ୍ଠକୁ ଯାଇ ସେଇଟିକୁ ଶ୍ରୀମା'ଙ୍କୁ ଦେଖାଇଲେ ଏବଂ ବିନମ୍ର ପ୍ରାର୍ଥନା ନିବେଦନପୂର୍ବକ କହିଲେ, ''ମା' ଏହା କ'ଣ କ୍ୟାନସର ହୋଇପାରେ କି ? ଏହାକୁ କ'ଣ ଅପରେସନ୍ କରିବା ଆବଶ୍ୟକ ?'' ଶ୍ରୀମା ଖୁବ୍ ଜୋର୍ ଦେଇ କହିଲେ, "Not at all" (''ଆଦୌ ନୁହେଁ'') । ତତ୍ପରେ ଶ୍ରୀମା ବହୁ ସମୟ ଧରି ସେହି ଟ୍ୟୁମରଟି ଉପରେ ନିଜର ଦୃଷ୍ଟି ନିବଦ୍ଧ କରି ନିରୀକ୍ଷଣ କଲେ । 'ସ'ଙ୍କର ମନେ ହେଲା ସତେ ଯେପରି ଶ୍ରୀମା ତା' ଉପରେ ତାଙ୍କର ଶକ୍ତି-ସାମର୍ଥ୍ୟର ଉଷ୍ମତାକୁ ଢାଳି ଦେଉଛନ୍ତି । ଟ୍ୟୁମରଟିକୁ ସେ ଦିବ୍ୟ-ହସ୍ତରେ ଟିକିଏ ଆଉଁଶି ଦେଲେ ଏବଂ କହିଲେ, ''ଆଦୌ ବ୍ୟସ୍ତ ହେବ ନାହିଁ – ଏହା ତୁମକୁ ମୋର ଆଦେଶ ।''

'ସ'ଙ୍କର ମନ ସର୍ବଦା ସେହି ଟ୍ୟୁମର୍ ଉପରେ ଥାଏ । ମା'ଙ୍କ ପାଖରୁ ଫେରିଲା ପରେ ସେ ତାକୁ ନିରୀକ୍ଷଣ କଲେ । ଦେଖିଲେ ଟ୍ୟୁମରଟି ଗୋଟିଏ କଡ଼କୁ ଘୁଞ୍ଚି ଯାଇଛି ଏବଂ ପ୍ରାୟ ଦୁଇଇଞ୍ଚ ତଳକୁ ଖସି ଯାଇଛି । ଏହା ଦେଖି ସେ ବିସ୍ମୟାଭିଭୂତ ହୋଇ ପଡ଼ିଲେ । ଏହି ଘଟଣା ପରେ ତାହା ଆଉ ତାଙ୍କୁ ଯନ୍ତ୍ରଣା ଦେଇ ନଥିଲା ଏବଂ ତା'ର ବୃଦ୍ଧି ମଧ୍ୟ ହୋଇ ନଥିଲା । ତାଙ୍କର କେତେଜଣ ବନ୍ଧୁ କହିଲେ, ''ଟ୍ୟୁମରଟିକୁ ଅପରେସନ୍ କରି ବାହାର କରିଦିଅ ।'' କିନ୍ତୁ ସେ କହିଲେ, ''ମା' ମୋତେ ଆଦୌ ବ୍ୟସ୍ତ ନହେବା ପାଇଁ କହିଛନ୍ତି, ଏଣୁ ବ୍ୟତିବ୍ୟସ୍ତ ହେବାର ଆଉ କୌଣସି କାରଣ ନାହିଁ ।'' ଶେଷଜୀବନ ପର୍ଯ୍ୟନ୍ତ ତାଙ୍କର ଟ୍ୟୁମରଟି ସେହିପରି ରହିଥିଲା, ତାହା ନା ଯନ୍ତ୍ରଣା ଦେଉଥିଲା ନା ବଢ଼ିଥିଲା ।

ଆଉ ଗୋଟିଏ ଘଟଣା । 'ସ' ''ହାମୋରେଜ୍'' ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ପଡ଼ିଲେ । ତାଙ୍କ ଶରୀରର ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ହେଉଥାଏ, ପଣ୍ଡିଚେରୀ ଆସିଲେ ତାହା ବଢ଼ିଯାଏ । ଶ୍ରୀମା'ଙ୍କ ପାଖକୁ ଯାଇ ଭକ୍ତି ନିବେଦନପୂର୍ବକ ସେ ପ୍ରକାଶ କଲେ, ''ମା' ଆଉ ଔଷଧ କାମ କରୁ ନାହିଁ । ଭାବୁଛି ମୋତେ କ୍ୟାନସର ରୋଗ ହୋଇ ଗଲାଣି । ମୁଁ କଲିକତା ଚାଲିଯିବା ଉଚିତ ହେବ କି ?'' ଶ୍ରୀମା ସେହିପରି ଜୋର୍ ଦେଇ କହିଲେ, ''ଆଦୌ ନୁହେଁ, ଆଦୌ ନୁହେଁ, ଏହା କ୍ୟାନସର ନୁହେଁ । କଲିକତା ଯିବାର କୌଣସି ଆବଶ୍ୟକତା ନାହିଁ ।'' 'ସ'ଙ୍କର ଶ୍ରୀମା'ଙ୍କ ଉପରେ ଥିବା ବିଶ୍ୱାସ ଏବଂ ଆସ୍ଥା ଆହୁରି ବଢ଼ିଗଲା ।

ତେଣୁ ସେ ଶ୍ରୀମା'ଙ୍କର ଆଦେଶକୁ ସର୍ବାନ୍ତଃକରଣରେ ମାନିନେଲେ । ଅଳ୍ପ କିଛି ଦିନ ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲେ ।

ଥରେ 'ସ'ଙ୍କୁ ଦୀର୍ଘ ଦିନ ଧରି ଜ୍ୱର ହେଲା, ସେ ଖୁବ୍ ଅସୁସ୍ଥ ହୋଇ ପଡ଼ିଲେ । ଦିନେ ସେ ଶ୍ରୀମା'ଙ୍କୁ ଦର୍ଶନ ଓ ପ୍ରଣାମ ନିବେଦନ କରିବା ନିମନ୍ତେ ତାଙ୍କ ପ୍ରକୋଷ୍ଠକୁ ଯାଇଥା'ନ୍ତି । ତାଙ୍କ ଦେହରୁ ବହୁତ ଝାଳ ବୋହୁଥାଏ । ଯୋଗକୁ ସେହି ଦିନ ସେଠାରେ ଡାକ୍ତର ସାନ୍ୟାଲ ଉପସ୍ଥିତ ଥା'ନ୍ତି । ତେଣୁ 'ସ' ଶ୍ରୀମା'ଙ୍କ ପାଖରେ ହାତଯୋଡ଼ି ନିବେଦନ କଲେ, ''ମା' ! ମୁଁ କ୍ରମାଗତ ଭାବରେ ଅସୁସ୍ଥ ହେଉଛି । ଡା. ସାନ୍ୟାଲ ମୋତେ ଯେତେ ଆଣ୍ଟିବାୟୋଟିକ୍ ବଟିକା ଖାଇବାକୁ ଦେଉଛନ୍ତି ତା'ର କୌଣସି ସୁଫଳ ହେଉ ନାହିଁ ।'' ଏତିକି ବେଳେ ଶ୍ରୀମା ଡା. ସାନ୍ୟାଲଙ୍କ ଆଡ଼କୁ ଉତ୍ସୁକତା ଭଙ୍ଗିରେ ଚାହିଁଲେ ଏବଂ ସାନ୍ୟାଲ କଥାଟିର ସତ୍ୟତା ସ୍ୱୀକାର କରିଥିଲେ । ଶ୍ରୀମା କହିଲେ, ''ଔଷଧ ନିମ୍ନ ଚେତନାରେ କେବଳ କାର୍ଯ୍ୟକାରୀ ହୋଇଥାଏ । ଏହା ତୁମ ମଧ୍ୟରେ କୌଣସି କାର୍ଯ୍ୟ କରିବାକୁ ଆଦୌ ସକ୍ଷମ ହେବ ନାହିଁ ।'' 'ସ' ପୁନଶ୍ଚ କହିଲେ, ''ମା' ! ଯେତେବେଳେ ମୋ ଦେହରୁ ଝାଳ ବୋହି ଯାଉଛି, ଜ୍ୱର ଆପେ ଆପେ ପ୍ରଶମିତ ହୋଇ ଯାଉଛି ।'' ତତ୍ପରେ ଦିବ୍ୟଜନନୀ ଶ୍ରୀମା ନିଜର ହୃଦ୍-କେନ୍ଦ୍ରକୁ ସ୍ପର୍ଶ କଲେ ଏବଂ କହିଲେ, ''ଠିକ୍ ଏକାପରି ମୋର ଏହି ହୃଦ୍-କେନ୍ଦ୍ରରେ ଘଟୁଛି; କିନ୍ତୁ ମୋତେ ଆଦୌ ଅସୁସ୍ଥ ବୋଧ ହେଉ ନାହିଁ । ମୋର ଜୀବକୋଷ (cells)ଗୁଡ଼ିକ ରୂପାନ୍ତରିତ ହେଉଛନ୍ତି ।''

ଏହାପରେ ଘଟିଲା ଦିବ୍ୟଜନନୀଙ୍କର ଦିବ୍ୟକୃପାର ଚମତ୍କାରିତା । 'ସ' କୁହନ୍ତି, ''ମୁଁ କୌଣସି ଔଷଧ ସେବନ ନକରି ଆରୋଗ୍ୟ ଲାଭ କଲି ।''

('ସୁଧା ସମାଚାର' ପୁସ୍ତକର ପୃଷ୍ଠା. ୧୬୨-୧୬୩)

(କ୍ରମଶଃ) ❑

---

## ତଥ୍ୟ ନିର୍ଦ୍ଦେଶିକା


(୧) Prayers and Meditations – The Mother

(୨) Musing on the Mother's Prayers and Meditations, Vol. I, Shyam Kumari


---

*(ପୃଷ୍ଠା ୨୩ର ଅବଶିଷ୍ଟାଂଶ)*

ପ୍ରଶଂସା ଓ ଜାପାନୀ ସାହସର ବିସ୍ତାର କରିବ, କୋରିଆ ଅଧିକାର କରିବ, ଫର୍ମୋଜା ଅଧିକାର କରିବ, ବୃହତ୍ ସାମ୍ରାଜ୍ୟର ଭିତ୍ତିସ୍ଥାପନ କରିବ, ଏକତା, ସ୍ୱାଧୀନତା, ସାମ୍ୟ, ଜାତୀୟ ଶିକ୍ଷାର ଚରମ ଉନ୍ନତି ସାଧନ କରିବ । ନେପୋଲିୟନ୍ କହୁଥିଲେ ମୋ ଶବ୍ଦକୋଷରୁ ଅସାଧ୍ୟ କଥା ବାଦ୍ ଦେଇଛି । ଇତୋ ସେକଥା କହି ନଥିଲେ, କିନ୍ତୁ କାର୍ଯ୍ୟରେ ତାହାହିଁ ପରିଣତ କରିଥିଲେ । ନେପୋଲିୟନ୍‌ଙ୍କ କାର୍ଯ୍ୟ ଅପେକ୍ଷା ଇତୋଙ୍କ କାର୍ଯ୍ୟ ବଡ଼ । ଏହିପରି ମହାପୁରୁଷ ହତ୍ୟାକାରୀର ଗୁଳିରେ ନିହତ ହୋଇଛନ୍ତି, ଏଥିରେ କାହାରି ହେଲେ ଦୁଃଖ କରିବାର ନାହିଁ । ଯେ ଜାପାନ ପାଇଁ ପ୍ରାଣ ଉତ୍ସର୍ଗ କରିଛନ୍ତି, ଜାପାନହିଁ ଯାହାଙ୍କର ଚିନ୍ତା, ଜାପାନହିଁ ଯାହାଙ୍କର ଉପାସ୍ୟ ଦେବତା – ସେ ଜାପାନ ପାଇଁ ପ୍ରାଣତ୍ୟାଗ କରିଛନ୍ତି – ଏହା ବଡ଼ ସୁଖର କଥା, ସୌଭାଗ୍ୟର କଥା, ଗୌରବର କଥା । ''ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ, ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍ ।'' ହିରୋବୂମି ଇତୋଙ୍କର ଭାଗ୍ୟରେ ଏହି ଦୁଇଟି ପରମ ଫଳ ଏକ ଜୀବନ-ବୃକ୍ଷରେ ଲବ୍ଧ ହେଲା ।

(ଇତୋଙ୍କ ତିରୋଧାନରେ ଶ୍ରଦ୍ଧାଞ୍ଜଳି ଜ୍ଞାପନପୂର୍ବକ
୧୯୦୯ରେ ଲିଖିତ)

('ଶ୍ରୀଅରବିନ୍ଦଙ୍କ ମୂଳ ବଙ୍ଗଳା ରଚନାବଳି' :
ପୃଷ୍ଠା. ୨୦୩-୨୦୪) ❑

# ଚତୁର୍ଥ ଭୂମି

## ପ୍ରପତ୍ତି

ସାଧାରଣତଃ ମନୁଷ୍ୟ ତିନୋଟି ଭୂମିରେ ବାସ କରୁଛି । ଏ ବିଶ୍ୱରେ ଏହି ତିନୋଟି ଭୂମି ବିବର୍ତ୍ତନଧାରାରେ ପ୍ରକାଶିତ ହୋଇଛି । ଏହି ଭୂମିଗୁଡ଼ିକ ହେଲା ଜଡ଼, ପ୍ରାଣ ଓ ମନ । ଜଡ଼ଭୂମି ହେଲା ଶରୀରର କ୍ଷେତ୍ର ଯାହାର ଲକ୍ଷଣ ହେଲା ସ୍ଥୂଳତା, ଘନତା ଓ ତାମସିକତା । ଦ୍ୱିତୀୟ ଭୂମି ହେଲା ପ୍ରାଣଭୂମି । ଏହା ଶକ୍ତି, ସାମର୍ଥ୍ୟ, ପ୍ରବୃତ୍ତି, କାମନା, ବାସନା, ପ୍ରଣୋଦନା ଦ୍ୱାରା ପର୍ଯ୍ୟବସିତ । ମନୋଭୂମି ହେଲା ବୁଦ୍ଧି, ବିଚାର, ତର୍କ, ଯୁକ୍ତି, ବିଶ୍ଳେଷଣ ଇତ୍ୟାଦିର କ୍ଷେତ୍ର । ପୃଥିବୀ ବିବର୍ତ୍ତନରେ ପ୍ରଥମେ ନିଶ୍ଚେତନା ଗର୍ଭରୁ ଜଡ଼ଭୂମିର ପ୍ରକାଶ । କୋଟି କୋଟି ବର୍ଷ ପରେ ଏହି ଜଡ଼ ମଧ୍ୟରେ ପ୍ରାଣଭୂମିରୁ ପ୍ରାଣର ଅବତରଣ ଘଟିଲା ଏବଂ ଜଡ଼ ମଧ୍ୟରେ ଯେଉଁ ଚେତନା ମୁକ୍ତ ହୋଇ ଉର୍ଦ୍ଧ୍ୱାୟନ ଗତି ନିମିତ୍ତ ପ୍ରସ୍ତୁତ ଥିଲା ତାହା ଏହି ପ୍ରାଣ ଭୂମିରୁ ଅବତରଣ କରିଥିବା ପ୍ରାଣଶକ୍ତିର ଉତ୍ତର ଦେଲା । ଏହା ଫଳରେ ପ୍ରାଣ ଜଗତର ଉଦ୍ଭବ ହେଲା ଏବଂ ଜଡ଼ ମଧ୍ୟରେ ପ୍ରାଣର ପ୍ରବେଶ ଫଳରେ ଜଡ଼ ମଧ୍ୟରେ ଏକ ରୂପାନ୍ତର ଦେଖାଦେଲା । ଜନ୍ମ ହେଲେ ଅତି କ୍ଷୁଦ୍ର କ୍ଷୁଦ୍ର କୋଷାଣୁ, ଗୁଳ୍ମ, ବୃକ୍ଷଲତା, ପଶୁପକ୍ଷୀ ଏବଂ ବୃହଦାକାର ଜୀବସକଳ । ଏହିପରି କୋଟି କୋଟି ବର୍ଷ ବିତିଗଲା – ପୁନର୍ବାର ପ୍ରାଣଭୂମିରୁ ଆଚ୍ଛାଦିତ ଓ ସୁପ୍ତ ଚେତନା ନିଜକୁ ମୁକ୍ତ କରିବା ନିମିତ୍ତ ପ୍ରସ୍ତୁତ ହେଲା ଏବଂ ଉର୍ଦ୍ଧ୍ୱଲୋକରୁ ମନୋଭୂମିର ଅବତରଣ ଘଟିଲା । ମନୋଭୂମିର ଅବତରଣ ଓ ପ୍ରତିଷ୍ଠା ଫଳରେ ମନୋମୟ ଜୀବ ସୃଷ୍ଟି ହେଲା । ଏହାହିଁ ହେଲା ମନୁଷ୍ୟଜାତି । ଏହା ବିବର୍ତ୍ତନର ତୃତୀୟ ପର୍ବ । ମନୁଷ୍ୟ ଦେହ-ପ୍ରାଣ-ମନଧାରୀ ଜୀବ ଏବଂ ଏହି କ୍ଷେତ୍ରରେ ଦେହ-ପ୍ରାଣରେ ମନର ପ୍ରତିଷ୍ଠା ଦ୍ୱାରା ଏକ ରୂପାନ୍ତର ସାଧିତ ହେଲା । ମାନସିକ ଶକ୍ତି ଦ୍ୱାରା ଜଡ଼ ଓ ପ୍ରାଣ କିଛି ଭାବରେ ପରିଚାଳିତ ଓ ନିୟନ୍ତ୍ରିତ ହେଲେ । କିନ୍ତୁ ମନର ଅର୍ଦ୍ଧସ୍ଫୁଟ, ସୀମିତ ଚେତନା ଓ ଜ୍ଞାନ ଦେହ ଓ ପ୍ରାଣକୁ ପୂର୍ଣ୍ଣରୂପେ ନିୟନ୍ତ୍ରିତ କରିପାରିଲା ନାହିଁ । ଚେତନା ଏହି ମନୋଭୂମିରେ ମଧ୍ୟ ପୂର୍ଣ୍ଣରୂପେ ବିକଶିତ ହୋଇ ପାରିଲା ନାହିଁ । ବର୍ତ୍ତମାନ ପୃଥିବୀ ଓ ମାନବଜାତି ଏହି ମନଃଶକ୍ତି ଦ୍ୱାରା ପରିଚାଳିତ । କିନ୍ତୁ ମନୁଷ୍ୟ ମଧ୍ୟସ୍ଥ ଯେଉଁ ସଙ୍କଳ୍ପ ଓ ଅଭୀପ୍ସା ରହିଛି ସ୍ୱତନ୍ତ୍ରତା, ସତ୍ୟ, ଜ୍ୟୋତିଃ, ଅମୃତତ୍ୱ, ଅମରତ୍ୱ, ଦିବ୍ୟତା ପ୍ରାପ୍ତ ହେବା ପାଇଁ – ତାହା ମନୋମୟ ଚେତନାରେ କଦାପି ପ୍ରାପ୍ତ କରିପାରିବ ନାହିଁ । କାରଣ ଏହି ସ୍ତରରେ ଚେତନା ଖଣ୍ଡିତ, ଦ୍ୱିଧାଗ୍ରସ୍ତ ଓ ସୀମିତ । ଏହାର ପୂର୍ଣ୍ଣତମ ସ୍ଫୁରଣ (Fullest recovery) ଘଟିବ ଚତୁର୍ଥ ଭୂମିରେ ।

ତେବେ ଦୁଇଟି କଥା ଲକ୍ଷ୍ୟ ରଖିବାକୁ ହେବ । ପୂର୍ବରୁ ଯେଉଁ ବିବର୍ତ୍ତନ ଚାଲି ଆସିଥିଲା ତାହା ପୂର୍ଣ୍ଣ ରୂପେ ପ୍ରକୃତି ଦ୍ୱାରା ପରିଚାଳିତ ହୋଇଥିଲା । ପ୍ରକୃତି ତା'ର ନିଜସ୍ୱ ଧାରାରେ ଜଡ଼, ପ୍ରାଣ ଓ ମନର ବିକାଶ ଘଟାଇଛି । କିନ୍ତୁ ମାନସୋତ୍ତର ଯେଉଁ ଚତୁର୍ଥ ଭୂମିର ପ୍ରକାଶ ହେବ ସେଥିରେ ମନୁଷ୍ୟର ସହଯୋଗ ଓ ସଚେତନତା ଆବଶ୍ୟକ ହେଉଛି । ମନୁଷ୍ୟ ମଧ୍ୟଦେଇ ପ୍ରକୃତି ସଚେତନ, ପ୍ରଜ୍ଞାବାନ୍ । ଯଦି ମନୁଷ୍ୟ ଚାହେଁ, ସଙ୍କଳ୍ପ କରେ ତେବେ ସେ ଏହି ଚତୁର୍ଥ ଭୂମିକୁ ଉଠିଯାଇପାରେ । ଅବଶ୍ୟ ଏହି ସ୍ତର ହେଲା ଅତିମାନସ ବିଜ୍ଞାନଭୂମି – ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ଆନନ୍ଦର ଭୂମି । ଏହି ସ୍ତରରେ ସଚ୍ଚିଦାନନ୍ଦ ପୂର୍ଣ୍ଣ ନିରାବରଣ ଏବଂ ଏହା ସତ୍ୟର ସ୍ୱଭୂମି, ସତ୍-ଚିତ୍-ପରାର୍ଦ୍ଧ । ମନ-ପ୍ରାଣ-ଶରୀର ହେଲା ଅପରାର୍ଦ୍ଧର ଭୂମିତ୍ରୟ – ଅନ୍ଧକାର, ଅବିଦ୍ୟା, ଜରା, ରୋଗ, ମୃତ୍ୟୁର ଭୂମି । ଏହି ଭୂମିରେ କିପରି ଯେ ପୂର୍ଣ୍ଣ ସତ୍ୟର ଅବତରଣ ଘଟିପାରେ ତାହା କଳ୍ପନାର ଅତୀତ । କିନ୍ତୁ ବର୍ତ୍ତମାନ ସେହି ସମୟ ଉପସ୍ଥିତ ଯେତେବେଳେ ପରାର୍ଦ୍ଧର ଏହି ପରମ ଦିବ୍ୟସତ୍ୟକୁ ଗ୍ରହଣ କରିବାକୁ ପଡ଼ିବ, ଏ ବିଷୟରେ ସଚେତନ ହେବାକୁ ହେବ । ମନୋଭୂମିର ବିକାଶ ଶେଷ ହୋଇଛି ଏବଂ ବର୍ତ୍ତମାନ ଅତିମାନସ ଭୂମି ପୂର୍ଣ୍ଣ ଚେତନା ଓ ପୂର୍ଣ୍ଣ ଜ୍ୟୋତିଃର ପ୍ରକାଶର ବେଳ । ଏହି ଚେତନାର ଅବତରଣ ଫଳରେ ନିମ୍ନସ୍ତରରେ ସକଳ ଶକ୍ତିଗୁଡ଼ିକର କେବଳ ପରିବର୍ତ୍ତନ ନୁହେଁ ଏକ ଆମୂଳ ରୂପାନ୍ତର ଘଟିବ । ଏହି ମରଲୋକରେ ଦିବ୍ୟ ଜଗତର ପ୍ରତିଷ୍ଠା ହେବ ।

ଏହି କାର୍ଯ୍ୟ କରିବା ନିମିତ୍ତ ଶ୍ରୀଅରବିନ୍ଦ ମାନବଜାତିର ପ୍ରତିନିଧି ରୂପେ ଦୀର୍ଘକାଳ ତପସ୍ୟା କରି ଉର୍ଦ୍ଧ୍ୱଲୋକରୁ ସେହି ପୂର୍ଣ୍ଣ ଜ୍ୟୋତିଃ, ପୂର୍ଣ୍ଣ ଜ୍ଞାନ ଓ ପୂର୍ଣ୍ଣ ଚେତନାକୁ ଅବତରଣ କରାଇଛନ୍ତି । ଏହା ଘଟିଲା ୧୯୫୦ ମସିହାରେ ଏବଂ ବିଶ୍ୱରେ

ଏହାର ପ୍ରଘଟ ହେଲା ୧୯୫୬ ମସିହାରେ । ଏହି ବିଶାଳ ଅଧ୍ୟାତ୍ମ ଶକ୍ତିର କ୍ରିୟା ତୀବ୍ର ଭାବରେ ଚାଲୁଛି । ଅନେକେ ଏକଥା ଭାବନ୍ତି ଯେ ଯଦି ଏପରି ଏକ ଶକ୍ତି ଏ ପୃଥିବୀରେ ଅବତରଣ କରିଛି, ତେବେ ନିମିଷକେ ସବୁ ପରିବର୍ତ୍ତନ ହୋଇ ଯାଆନ୍ତା । କିନ୍ତୁ ଏହା ଏକ ଭ୍ରାନ୍ତ ଧାରଣା । କାରଣ ଅଧ୍ୟାତ୍ମ ଶକ୍ତି ଜୋର୍ ଜବରଦସ୍ତ କାର୍ଯ୍ୟ କରେ ନାହିଁ । ଯଦି ପରିବର୍ତ୍ତନ ନିମନ୍ତେ ଜୋର୍ ଜବରଦସ୍ତ କରି ମନୁଷ୍ୟକୁ ବାଧ କରାଯାଏ ତେବେ ତାହା ଆସୁରିକ ଶକ୍ତିର କ୍ରିୟା ହେବ, ଦିବ୍ୟ ଶକ୍ତିର ନୁହେଁ । ମନୁଷ୍ୟ ସଚେତନ ଭାବେ, ସ୍ୱେଚ୍ଛାରେ ଯେବେ ସତ୍ୟାଭିମୁଖୀ ହେବ, ତେବେହିଁ ସ୍ଥାୟୀ ପରିବର୍ତ୍ତନ ଆସିବ । ମନୁଷ୍ୟ ଅନ୍ତରରେ ଯେଉଁ ଅଭୀପ୍ସା ଅଛି ସତ୍ୟ, ଜ୍ଞାନ, ଜ୍ୟୋତିଃ ଓ ଅମରତ୍ୱ ପାଇଁ, ତାହାହିଁ ତାକୁ ଧୀରେ ଧୀରେ ବାଧ କରି ଏହି ଶକ୍ତି ଆଡ଼କୁ ନେଇଯିବ । ଏତତ୍ ବ୍ୟତୀତ ମନୁଷ୍ୟ ମଧ୍ୟରେ ବି ସନାତନଙ୍କ ଦିବ୍ୟ ଅଂଶ, ଦିବ୍ୟ ସ୍ଫୁଲିଙ୍ଗ, ଚୈତ୍ୟ ପୁରୁଷ ବିଦ୍ୟମାନ । ତାହାହିଁ ଆମ ମଧ୍ୟରେ ଏବଂ ଦିବ୍ୟଲୋକର ଅତିମାନସ ସହିତ ସେତୁ ନିର୍ମାଣ କରିପାରେ । ଏହି ଅଜ୍ଞାନ ଜଗତରେ ଏହାହିଁ ଆମର ଚତୁର୍ଥ ଭୂମି (Fourth dimension) । ଏହି ଚୈତ୍ୟ ପୁରୁଷଙ୍କ ପ୍ରକାଶ ଓ ବିକାଶ ଫଳରେ କ୍ରମଶଃ ବ୍ୟକ୍ତି ମଧ୍ୟରେ ଏକ ଭିନ୍ନ ଦୃଷ୍ଟି, ଭିନ୍ନ ଚେତନା ପ୍ରକାଶିତ ହୁଏ ଏବଂ କିଛି କିଛି ରୂପାନ୍ତର ମଧ୍ୟ ଦେଖାଦିଏ । ଏହି ଚତୁର୍ଥ ଭୂମିରେ ସତ୍ୟର ସ୍ୱରୂପ, ବିଚାର, ଶକ୍ତି ଭିନ୍ନ ପ୍ରକାରର ହୁଏ । ଯାହା ଦିନେ ସତ୍ୟ ଓ ଯୁକ୍ତିଯୁକ୍ତ ବୋଲି ମନେ ହେଉଥିଲା, ଏହି ସ୍ତରରେ ଉପନୀତ ହେଲେ ତାହା ଆଉ ସେପରି ବୋଧ ହୁଏ ନାହିଁ । ଚତୁର୍ଥ ଭୂମିର ଧାରା ଭିନ୍ନ, — ଏହା ଅନନ୍ତଙ୍କ ଧାରା (The way of the Infinite) ।

ଶ୍ରୀଅରବିନ୍ଦ ତାଙ୍କର 'ଦିବ୍ୟଜୀବନ' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି — ''This too is the magic, but also the logic of the Infinite.''

(CWSA, Vol. 21-22, p. 374)

ଏହି ଚତୁର୍ଥ ଭୂମିରେ ମନୁଷ୍ୟର ପ୍ରବେଶର ବେଳ ଆସିଥିବାରୁ ମନଃ ସ୍ତରରୁ କୌଣସି ସମସ୍ୟାର ସମାଧାନ ହୋଇପାରୁ ନାହିଁ । ବହୁ ସମସ୍ୟା ଅମୀମାଂସିତ ହୋଇ ରହିଛି । ଏଥିପାଇଁ ସାରା ପୃଥିବୀରେ ବିକ୍ଷୋଭ, ହତାଶା ଓ ନୈରାଶ୍ୟ ଦେଖା ଦେଇଛି । ପୃଥିବୀ ବ୍ୟାପୀ ସଙ୍କଟ ଓ ସଂଘର୍ଷ ଦେଖା ଦେଇଛି । ପୁନଶ୍ଚ ଯେଉଁ ସମସ୍ୟାର ସମାଧାନ ହେଲା ପରି ମନେ ହେଉଛି ତାହା ଅଳ୍ପ କାଳ ପାଇଁ । ମନୁଷ୍ୟ ଯେପରି ନିଜ ଭିତରେ କ୍ରନ୍ଦନରତ, ବିହ୍ୱଳ, ଭୀତ ଓ ତ୍ରସ୍ତ — କେଉଁଠିକି ଯିବ ଏବଂ ନିଶ୍ଚିତ ଆଶ୍ରୟ କେଉଁଠାରେ ମିଳିବ ? — ଏସବୁର ଗୋଟିଏ ସମାଧାନ ଅଛି : 'Man's willingness to be spiritualised.', ଅର୍ଥାତ୍, 'ମନୁଷ୍ୟ ଯଦି ଚାହେଁ ଆଧ୍ୟାତ୍ମିକତାରେ ରୂପାନ୍ତରିତ ହେବା ପାଇଁ' । ଏହି ରୂପାନ୍ତର ଘଟିବ ଚତୁର୍ଥ ଭୂମିର ସତ୍ୟ ଗ୍ରହଣ କରିବା ଦ୍ୱାରା ।

ଶ୍ରୀଅରବିନ୍ଦ ସ୍ୱୀୟ ଯୋଗ-ଦର୍ଶନରେ ଯେଉଁ ନୂତନ ସୃଷ୍ଟି, ନୂତନ ଜଗତ୍, ନୂତନ ଶକ୍ତି, ନୂତନ ମାନବଜାତିର ବିଷୟ ଉଲ୍ଲେଖ କରିଛନ୍ତି ତାହା ଏହି ନବୀନ ଅଧ୍ୟାତ୍ମ-ଚେତନା ଉପରେ ପ୍ରତିଷ୍ଠିତ । ଏହି ସତ୍ୟର କ୍ରିୟା ଫଳରେ ମନୁଷ୍ୟ ମଧ୍ୟରେ ଯେଉଁ ବିପ୍ଳବ ସଂଘଟିତ ହେବ ତାହାହିଁ ନୂତନ ଜଗତର ପ୍ରାରମ୍ଭ । ସୁତରାଂ ଏହି ନୂତନ ଜଗତ୍ ମନୁଷ୍ୟ ଅନ୍ତରରେ ବିଦ୍ୟମାନ । ଯେଉଁ ପରିବର୍ତ୍ତନ ଦେଖାଦେବ ତାହା ଅଭ୍ୟନ୍ତରରୁ ବାହାରକୁ ହେବ । ବର୍ତ୍ତମାନ ମନୁଷ୍ୟ ଯେଉଁ ଅବସ୍ଥାରେ ରହିଛି ତାହା ତା' ମଧ୍ୟସ୍ଥ ଚେତନାକୁ ଅନୁସରଣ କରି ଘଟୁଛି । ଆମେ ଯଦି ଯଥାର୍ଥରେ କିଛି ନୂତନ ଓ ଉନ୍ନତ ବସ୍ତୁ ଚାହୁଁ, ଜୀବନ ଓ କର୍ମକୁ ନୂତନ ରୂପ ଦେବାକୁ ଚାହୁଁ ତେବେ ଏହାର ଏକମାତ୍ର ଉପାୟ ନିଜ ଭିତରେ ରହିଛି । ସେ ଉପାୟ ହେଉଛି ଚେତନାର ଚତୁର୍ଥ ପାହାଚରେ ପ୍ରବେଶ କରିବା । ଥରେ ମନୁଷ୍ୟ ମଧ୍ୟସ୍ଥ ଅହଂଗତ ଖଣ୍ଡିତ ଚେତନାର ପରିବର୍ତ୍ତନ ଘଟିଲେ, ତାହାର ଚତୁଃପାର୍ଶ୍ୱର ଘଟଣାବଳି ଆପେ ଆପେ ପରିବର୍ତ୍ତିତ ହେବ । ଯେହେତୁ ଏହି ବୈପ୍ଳବିକ ପରିବର୍ତ୍ତନର ସୂତ୍ର ମନୁଷ୍ୟ ମଧ୍ୟରେ ରହିଛି, ସେଥିପାଇଁ କାହାରିକୁ ଅପେକ୍ଷା କରିବା ଆବଶ୍ୟକ ନାହିଁ । ତଥାପି ଏହି ସତ୍ୟର ପ୍ରକାଶ ଏପରି ସ୍ପଷ୍ଟ ଓ ଅନିବାର୍ଯ୍ୟ ରୂପେ ହେବ ଯେ ମନୁଷ୍ୟ ସ୍ୱୟଂ ନିଜ ଚାରି ପାଖରେ ଅପ୍ରତ୍ୟାଶିତ ଘଟଣାବଳିରେ ବିସ୍ମିତ ଓ ବିଚଳିତ ହେବ ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ, ପ୍ରଥମ ଖଣ୍ଡ,
ପୃଷ୍ଠା : ୧୯୧ - ୧୯୩)

❑❑❑

# ଦ୍ୱୀପାନ୍ତରର କଥା
## (ନବମ ପରିଚ୍ଛେଦ)
## ବାରୀନ୍ଦ୍ର କୁମାର ଘୋଷ

### କଏଦୀର ଅଧଃପତନର କାରଣ

କଏଦୀମାନଙ୍କ କଥା ଆମ ଦେଶରେ କେହି ବି ଜାଣନ୍ତି ନାହିଁ । ବେଙ୍ଗଲୀ ଅବା କ'ଣ ଜାଣେ ? ପ୍ରାୟ ଲକ୍ଷାଧିକ ଲୋକ – ଆମମାନଙ୍କର ସମାଜରହିଁ ଦୀନହୀନ, ବିକୃତ ଚରିତ୍ର, ପତିତ, ଆମମାନଙ୍କର ଚିର ଅବହେଳାରେ ପାପର ପ୍ରାୟଶ୍ଚିତ ସ୍ୱରୂପ ଯେଉଁମାନେ ଏଇ ଜୀବନରେ କେତେ ଦୁଃଖର ନରକରେ ବାସ କରୁଛନ୍ତି ତା'ର ସନ୍ଧାନ ଆମେ ରଖୁନା । ଆମ ଘରର ମା, ଭଉଣୀମାନଙ୍କର ଦୁଃଖ, ଅଜ୍ଞାନ ଓ ଦୀନତାର ଭାବନାକୁ ଜଣେ ଦୁଇ ଜଣ କ୍ଷଣଜନ୍ମା ମହାପୁରୁଷ ମଝିରେ ମଝିରେ ଆମର କେଉଁ ପୁଣ୍ୟ ବଳରେ ଏ ଦେଶରେ ଜନ୍ମ ହୋଇ ଆମ କଥା ଭାବନ୍ତି; କିନ୍ତୁ ଆମେ ନିଜେ କେବେ ବି ତାହା ଭାବି ପାରୁନା; ଅଧିକନ୍ତୁ ସେମାନଙ୍କର ଭାବନାକୁ ଅଭିଶାପ ଦେଉ । ସୁତରାଂ ସମାଜର ପଦସ୍ଖଳିତ ଅପରାଧୀ ସମ୍ପର୍କରେ ଚିନ୍ତା କରିବା କଥାରେ ଆମେ ହସି ହସି ଅସ୍ଥିର ହେବୁ ତ । କିନ୍ତୁ ଯେଉଁ ଭଳି ବର୍ତ୍ତମାନ ସମୟ ଚାଲିଛି ଏକଥା ନ ଭାବି ଗତି ନାହିଁ । ଆତ୍ମୀୟମାନଙ୍କୁ ଅବହେଳା, ହତାଦର ଓ ପୀଡ଼ନ କରିବାର ପାପର ବୋଝ ଯେ ଆମମାନଙ୍କର ଜମା ହୋଇ ହୋଇ ପାହାଡ଼-ପ୍ରମାଣେ ହେବାକୁ ଲାଗିଲା, ସେଇ ପାପର ସ୍ପର୍ଶରେ ଦେଶ ମାତୃକାର ପ୍ରାଣ ଅହଲ୍ୟା ପରି ପାଷାଣରେ ପରିଣତ ହୋଇଛି । ଏଇ ଅସାଡ଼ତା ଓ ପକ୍ଷାଘାତ ରୋଗରୁ ବର୍ତ୍ତମାନ ଜାତିକୁ ବଞ୍ଚିବାକୁ ହେବ ।

ପ୍ରତିବର୍ଷ ପ୍ରାୟ ହାରାହାରି ଏକ ହଜାରରୁ ବାରଶହ ପର୍ଯ୍ୟନ୍ତ ଲୋକ ଆଣ୍ଡାମାନକୁ ଦ୍ୱୀପାନ୍ତରିତ ହୁଅନ୍ତି । ଷୋହଳ କିଂବା ସତର ବର୍ଷର ବାଳକ ଠାରୁ ପଚାଶ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧ ମଧ ଡାକ୍ତରଙ୍କ କୃପାରେ ଦେଶାନ୍ତରୀ ହେବାର ଉପଯୋଗୀ ବିବେଚିତ ହୋଇ ଏଠାକୁ ଆସନ୍ତି । ସରକାର ବାହାଦୁରର କାଇଦା କାନୁନର ପ୍ରୟୋଗରେ କୌଣସି ତ୍ରୁଟି ନାହିଁ, ବଡ଼ ସିଭିଲ୍ ସର୍ଜନଙ୍କ ସୁପାରିଶ ନଥିଲେ କୌଣସି କଏଦୀକୁ ଆଣ୍ଡାମାନକୁ ପଠାଯାଏନା ସତ; କିନ୍ତୁ ହେଲେ କ'ଣ ହେବ, ଯେଉଁ ଡାକ୍ତର କଏଦୀକୁ ପରୀକ୍ଷା କରି ସୁପାରିଶ କରାଇବେ ସେ ଯଦି ହୃଦୟହୀନ ବ୍ୟକ୍ତି ହୁଏ, ତା'ହେଲେ ଯେପରି ହେଉ ନିଜ କାର୍ଯ୍ୟ କରି ଚାଲି ଗଲେ ତ୍ରାହି । ପୁଣି ଅନେକ କାମ ମଧ୍ୟରେ ଏହା ମଧ ତାଙ୍କର ଗୋଟିଏ କାମ; ହୁଏତ ସକାଳେ ଉଠି କାମ କରୁ କରୁ ପରିଶ୍ରାନ୍ତ ହୋଇ ପୁଣି ଦୁଇଶହ କଏଦୀର ଗୋଟିଏ ଚାଲାଣ ତାଙ୍କୁ ପରୀକ୍ଷା କରିବାକୁ ହେବ । ଅଗତ୍ୟା ଡାକ୍ତର ସାହେବ ଝଡ଼ ପରି ଆସନ୍ତି, ପ୍ରତ୍ୟେକଙ୍କ ପାଖରେ ମିନିଟିଏ ବା ଅଧମିନିଟ ଛିଡ଼ା ହୋଇ ତା'ର ଜିଭ ଦେଖି ଶରୀରର ଏଠାରେ ସେଠାରେ ଟିକିଏ ଚିପାଚିପି କରି ଯେମିତି ହେଲେ କିଛି ଗୋଟାଏ ଲେଖି ଦେଲେ ତାଙ୍କର ନିସ୍ତାର ।

ମୁଁ ଗତ ୧୦ ବର୍ଷ ଭିତରେ ଖୁବ୍ କମ୍ ହେଲେ ବି ଦୁଇଶହରୁ ଅଢ଼େଇଶହ କଏଦୀର ଚାଲାଣ ଆସିବାର ଦେଖିଛି । ଯେତେବେଳେ ଏଇ କଏଦୀର ଦଳ ଏଠାକୁ ଆସନ୍ତି, ସେତେବେଳେ ସେମାନେ ଜେଲଖାନାରେ ଏକେବାରେ ଅନାଡ଼ି, ହୁଏତ ଅଧିକାଂଶହିଁ ହଠାତ୍ ଦିନେ ଅତ୍ୟଧିକ କ୍ରୋଧରେ କୌଣସି ଅତ୍ୟାଚାର ବା ଅବିଚାରର ତାଡ଼ନାରେ (under grave provocation) ଖୁନ୍ କରି ଦିଅନ୍ତି । ପ୍ରତ୍ୟେକ ଚାଲାଣରେ ଶତକଡ଼ା ପନ୍ଦର ଜଣ ତ ଏକେବାରେ ନିର୍ଦ୍ଦୋଷହିଁ ଥାଆନ୍ତି । ପୋଲିସ ବା ଜମିଦାର ବା ସ୍ୱ-ଗ୍ରାମବାସୀ ଶତ୍ରୁର ଷଡ଼ଯନ୍ତ୍ରରେ ସେମାନଙ୍କର ଏହି ବିପତ୍ତି ହୋଇଥାଏ । ଶତକଡ଼ା ଦଶଜଣ ଦାଗୀ, ଚୋର ବା ପେଶାଦାର କୁକର୍ମାସକ୍ତ ଲୋକ (Habitual Criminal) ମଧ ସେମାନଙ୍କ ଭିତରେ ଥାଆନ୍ତି; ଜୀବନରେ ପ୍ରଥମ ପଦସ୍ଖଳିତ (casual criminal) ଅଧିକାଂଶ ନିର୍ଦ୍ଦୋଷ ଅପରାଧୀମାନଙ୍କର ପବିତ୍ର ଜୀବନ ସେମାନଙ୍କ ସଂସ୍ପର୍ଶରେ କଳୁଷିତ ହେବାକୁ ଆରମ୍ଭ କରେ । ତା'ପରେ ଏଇ ଚାଲାଣ ଯେତେବେଳେ ସେଲ୍ୟୁଲାର ଜେଲକୁ ଆସି ବିଭିନ୍ନ ବ୍ଲକରେ ବାଣ୍ଟି ହୋଇ ରହନ୍ତି, ସେତେବେଳେ ସେମାନଙ୍କର ଜୀବନରେ ନିର୍ମଳ ଜଳରେ ଯେଉଁ ପଙ୍କ, ଯେଉଁ ଆବର୍ଜନା ଆସି ପ୍ରତିଦିନ ମିଶିଥାଏ, ସେଥିରେ ସେମାନଙ୍କର ଚରିତ୍ରଗତ ସ୍ୱାଭାବିକ ଦେବତ୍ୱ ଓ ମନୁଷ୍ୟତ୍ୱର ଉଚ୍ଛେଦ ହୋଇ ନିଛକ ଭାବେ ପଶୁତ୍ୱ

ଗୁଣର ବିକାଶ ଲାଭ କରେ । ଏଇ ଅଧଃପତନର କାରଣ ହେଲେ ସେଲ୍ୟୁଲାର ଦାଗୀ ଓ ପୁରାତନ ଚୋରଙ୍କ (Jail bird) ଦଳ ।

ଭାରତର ପ୍ରତ୍ୟେକ ଜେଲ ପରି ସେଲ୍ୟୁଲାରରେ ମଧ କଏଦୀଙ୍କ ମଧ୍ୟରେ ତିନି ପ୍ରକାରର ଲୋକ ଅଛନ୍ତି, ଯଥା – କୁଚରିତ୍ର, ସୁଚରିତ୍ର ଏବଂ ମଧ୍ୟମ ଧରଣର ନିରୀହ ଦୁର୍ବଳ ମନର ଦଳ । ଯେଉଁମାନଙ୍କ ପ୍ରକୃତିରେ ସ୍ୱତଃସ୍ଫୂର୍ତ୍ତ ପ୍ରେରଣା ଦୈବୀ ଓ କଲ୍ୟାଣମୁଖୀ – ଜେଲର ଆଇନକାନୁନ, ଦଣ୍ଡ ଓ ତାଡ଼ନା ସେମାନଙ୍କ ପାଇଁ ଆବଶ୍ୟକ ନୁହେଁ, ସେମାନେ ନିଜେହିଁ ଫୁଲ ପରି ସୁଗନ୍ଧିତ ପରାଗରେ ପାଖୁଡ଼ା ପରେ ପାଖୁଡ଼ା ମେଲି ଫୁଟି ଥାଆନ୍ତି । କାରାଗୃହରେ ଶାସନର ତାଡ଼ନା, ଦଣ୍ଡ ଓ ଅଭାବ ସେମାନଙ୍କୁ କଷଟି ପଥରରେ ଅଗ୍ନିଶୁଦ୍ଧ କରି ତା'ର ଶୋଭାକୁ ଖାଣ୍ଟି ସୁନାରେ ପରିଣତ କରି ପ୍ରଜ୍ୱଳ କରିଦିଏ ।

ଯେଉଁମାନଙ୍କର ସ୍ୱଭାବ ଜନ୍ମଅବଧି ଇନ୍ଦ୍ରିୟ ପରତନ୍ତ୍ରତା ଓ କଳୁଷତା ଦିଗକୁ, ସେମାନେ କାରା ଜୀବନର ଅଷ୍ଟବନ୍ଧନ ମଧ୍ୟରେ ଓ ଶାସନର ତାଡ଼ନାରେ ମୃତପ୍ରାୟ ହୋଇ ରହନ୍ତି । ହାତକଡ଼ି, ବେଡ଼ି, ଜେଲବଦ୍ଧ ନିର୍ଜନ କୋଠରିର ବ୍ୟବସ୍ଥା ଏସବୁକୁ ସେମାନେ ଭ୍ରୂକ୍ଷେପ କରନ୍ତି ନାହିଁ, ଏପରିକି ବେତ୍ରାଘାତ ସହ୍ୟ କରିବା ଏକ ବାହାଦୁରି ବୋଲି ମନେ କରି ଅତି ହୀନ ଲଜ୍ଜାକର ପାପ କାର୍ଯ୍ୟରେ ଧରା ପଡ଼ି ଦଣ୍ଡଭୋଗ କରିବା ସମୟରେ ସେମାନଙ୍କ ମନର ବଳ ଓ ନିର୍ଭୀକ ଭାବ ଦେଖି ଆଶ୍ଚର୍ଯ୍ୟ ହେବାକୁ ହୁଏ । ଏମାନେ ବର୍ଷେ, ଦୁଇ ବର୍ଷ ସେଲ୍ୟୁଲାର ଜେଲରେ ଦଣ୍ଡ ଭୋଗ କରି ସେଟଲ୍‌ମେଣ୍ଟରେ ମୁକ୍ତି ପାଆନ୍ତି, କିନ୍ତୁ ପୁଣି ଫେରି ଆସନ୍ତି । ଜେଲକୁ ଆସିବା ପାଇଁ ହୁଏତ କାହାକୁ ମାରପିଟ କରନ୍ତି, ନ ହେଲେ ଚୋରି କରନ୍ତି ଅବା ଜୁଆ ଖେଳନ୍ତି ଅଥବା ପଳାଇ ଯାଇ ଦୁଇ ଚାରିଦିନ ଅନୁପସ୍ଥିତ ରହି ଶାସ୍ତି ପାଇବା ପାଇଁ ଧରା ଦିଅନ୍ତି । ବାହାରେ ବନ ବିଭାଗରେ ଚା ଓ ରବର ବଗିଚା ବା ଇଟା ଗଢ଼ିବା କାର୍ଯ୍ୟ ଅପେକ୍ଷା ସେଲ୍ୟୁଲାରରେ ଖରା ବର୍ଷା ଭୋଗ କରିବାକୁ ହୁଏ ନାହିଁ, ଏବଂ ଜେଲରେ କଏଦୀର ରେଶନ୍ (ration) ଚୋରି ହୁଏନା ବୋଲି ଏଠାରେ ପେଟ ପୂରାଇ ଖାଇବାକୁ ମିଳେ । ମୁଁ ଜଣେ ଜଣେ ଦାଗୀ ଚୋରକୁ ଦଶ ଏଗାର ଥର ଜେଲକୁ ଫେରି ଆସିବାର ଦେଖିଛି । ସେରା, ମୁର୍‌ଗା, ସୈୟଦ, ମହାବୀର, ପାଲୋୟାନ୍, ଗୋର୍, ଚାର୍‌ଲି ପ୍ରଭୃତି ସ୍ୱନାମଧନ୍ୟ ଦାଗୀ (Jail bird)ଙ୍କ କୁ-କୀର୍ତ୍ତି ବିଷୟରେ ଜାଣନ୍ତି ନାହିଁ, ଏମିତି ଲୋକ ପୋର୍ଟ ବ୍ଲେୟାରରେ ଖୁବ୍ କମ୍ ଥିବେ ।

ନିରୀହ ଦୁର୍ବଳ-ଚିତ୍ତ ଅପରାଧୀ (casual offender)ର ଦଳହିଁ ଶତକଡ଼ା ଅଶି ନବେ ଜଣ ହେବେ । ଏମାନଙ୍କର ଗ୍ରହ ଦୋଷରୁ ଦୁର୍ଦ୍ଦିନବଶତଃ ଏମାନେ ଜେଲକୁ ଆସନ୍ତି, ଅତିରିକ୍ତ ପାପରେ ଅନଭ୍ୟସ୍ତ ନିରୀହ ସରଳ ସହଜ ମଣିଷ ହୋଇ, ଏବଂ ଅନେକ ଅତ୍ୟାଚାର ସହି, ବାରଂବାର  ଶାସ୍ତି, ଦୁଃଖ, ଅଭାବ ଭୋଗ କରି କଳୁଷିତମାନଙ୍କର ସଂସ୍ପର୍ଶରେ ଆସି କଏଦୀଟି ଯେତେବେଳେ ଏଠାରୁ ଫେରିଯାଏ, ସେ ଚତୁର, ଲୋଭୀ, ନିର୍ଦ୍ଦୟ ଓ କୁସଙ୍ଗଯୁକ୍ତ ହୋଇ ଯାଇଥାଏ । ଯେଉଁ କାରଣବଶତଃ ସହଜ, ନିର୍ମଳ ମଣିଷଟିଏ କାରାଜୀବନରେ ନଷ୍ଟ ହୁଏ ତାହା ମୋଟାମୋଟି ଏଇ ପ୍ରକାର –

(୧) ଦାଗୀ ପୁରୁଣା ଚୋରର ସାହଚର୍ଯ୍ୟ ଓ ପାପବୃତ୍ତିର ଉପଭୋଗ ଦର୍ଶନ ।

(୨) କଠିନ କାର୍ଯ୍ୟରେ ଅସମର୍ଥ । ଯେତେବେଳେ ସେ ତିରିଶ ପାଉଣ୍ଡ ତେଲ ପେଶି ପାରେନି ସେତେବେଳେ ଦଣ୍ଡ ଭୟରେ ସମର୍ଥ ବଦମାସର ଶରଣ ପଶେ ଏବଂ ତା'ର ପାପ ପ୍ରବୃତ୍ତିକୁ ଇନ୍ଧନ ଯୋଗାଇ ବିନିମୟରେ ଅର୍ଦ୍ଧେକ କାର୍ଯ୍ୟ ତା' ଦ୍ୱାରା କରାଇ ନିଏ ।

(୩) ଭୟ ପ୍ରଦର୍ଶନ ଏବଂ ଦଣ୍ଡର ତାଡ଼ନା ଉପରେ ପ୍ରତିଷ୍ଠିତ ଏଇ (Punitive) ଜେଲ-ବିଧି ପରୋକ୍ଷ ଭାବରେ ଅଧଃପତନର କାରଣ । ପ୍ରଥମେ ପ୍ରଥମେ ହାତକଡ଼ି ନେଇ ଛିଡ଼ା ହେବା, ବେଡ଼ି ପିନ୍ଧିବା ବା ଉଲଗ୍ନ ହୋଇ ବେତ୍ରାଘାତ ଖାଇବାକୁ ପ୍ରାଣାନ୍ତକ ଲଜ୍ଜା ଓ ଭୟ ଥାଏ, କିନ୍ତୁ ଥରେ ଏଇ ଭୟ ଏବଂ ଲଜ୍ଜା ଭାଙ୍ଗିଗଲେ ମଣିଷ ମରି ସାରି ପୁଣି ବଞ୍ଚି ଉଠେ; ଏକ ଅନ୍ଧ କ୍ରୋଧ, ଘୃଣାରେ କଠିନ ହୋଇ ପାପ ପଥରେ ଚାଲେ । ବ୍ୟର୍ଥ କ୍ରୋଧଜନିତ ଆତ୍ମଘାତୀର ଚିତ୍ର ଜେଲଖାନାରେ ଅତି ସୁଲଭ ।

(୪) ଆଉ ଏକ କାରଣ ହେଲା, ଅଭାବର ତାଡ଼ନା । ଯାହାର ପୂର୍ବରୁ ତମାଖୁ ବା କୌଣସି ନିଶାର ଅଭ୍ୟାସ ଥିଲା, ସେ ସାମାନ୍ୟ ଟିକିଏ ତମାଖୁ ଲାଗି କ୍ରମଶଃ ଏପରି କୁକର୍ମ କରିପାରେ, ଯାହା ଏଇ ସଂସାରରେ ଦେଖାଯାଏନା । ଦୁଇ, ତିନିବର୍ଷ ଚିନି, ମାଂସ ବା ମିଠାଇ ଟିକିଏ ଖାଇବାକୁ ନପାଇ ଏକ ମୁଠା ଚିନି ଲାଗି ମଣିଷକୁ ଜଘନ୍ୟ ପାପ କରିବାର ମୁଁ ସ୍ୱଚକ୍ଷୁରେ ଦେଖିଛି ।

(୫) ବାଧତାମୂଳକ କୌମାର-ବ୍ରତ – ମଣିଷର ସ୍ୱାଭାବିକ କ୍ଷୁଧାକୁ ଆଇନରେ ଚାପି ରଖି ହୁଏନା । ସ୍ତ୍ରୀ ସହବାସରୁ ବଞ୍ଚିତ, ପୁତ୍ର ସ୍ନେହ ଓ ସଙ୍ଗସୁଖ କ୍ଷୁଧାରେ କାତର ମଣିଷ ଯେ କେତେ ବୀଭତ୍ସ ଉପାୟରେ ବାସନାର ଚରିତାର୍ଥତା ନିମନ୍ତେ ଜୀବନ କଳଙ୍କିତ କରେ ତାହା ପୋର୍ଟ ବ୍ଲେୟାର ବା ଯେକୌଣସି ଜେଲରେ କଏଦୀ ହୋଇ ଦେଖିଲେହିଁ ବୁଝାଯାଏ । ପରିବାରର ସ୍ନେହର ପ୍ରଭାବ (Home influence) ଏବଂ ଆତ୍ମତୃପ୍ତିର ଅଭାବରେ ମଣିଷକୁ ସତକୁ ସତ ପଶୁ କରି ତୋଳେ ।

(୬) ଧର୍ମ-ଜୀବନ ଓ ଜ୍ଞାନର ଅଭାବ । ଜେଲରେ ପାପ ପଥରେ ଯିବାର ସହସ୍ରମୁଖୀ ପ୍ରେରଣା ଅଛି, କିନ୍ତୁ ଜ୍ଞାନ ଲାଭ ବା ପରମାର୍ଥ ଭାବର ଅନୁପ୍ରେରଣାର କୌଣସି ସୁଯୋଗ ନାହିଁ । କଏଦୀ ଯେତେବେଳେ ଦେଶରେ ସ୍ୱାଧୀନ ଥିଲା, ସେତେବେଳେ ପୂଜା ପାର୍ବଣ, ସାଧୁ ବୈରାଗୀ ଇତ୍ୟାଦି ଏପରି କେତେ ଉଦାହରଣ ଚରିତ୍ର ଗଠନ ଲାଗି ଥିଲା; ଏଇ ସମସ୍ତରୁ ବଞ୍ଚିତ କରି ତା'ର ଜୀବନକୁ ପାପର ସଂସ୍ପର୍ଶରେ ଆଣି ଜେଲର କର୍ତ୍ତୃପକ୍ଷ ଏଇ ମନଗୁଡ଼ିକର କେଉଁ ପଥ ଖୋଲି ଦେଲେ ? – ସ୍ୱର୍ଗର ନା ନରକର ?

(୭) ଅଧୋଗତିର ଆଉ ଏକ କାରଣ ଶୁଭ ପଥରେ ପ୍ରେରଣା ବା ପ୍ରଲୋଭନର ଅଭାବ । ଦେଶର ଜେଲରେ ପରିଷ୍କାର, ପରିଚ୍ଛନ୍ନତା, ମିତବ୍ୟୟିତା, ଖାଦ୍ୟବସ୍ତ୍ରର ସଦ୍‌ବ୍ୟବହାର, ସଚ୍ଚରିତ୍ରତା, କୌଣସି ସତ୍ ଅନୁଷ୍ଠାନ ବା ନିର୍ଦ୍ଦିଷ୍ଟ ପରିମାଣରେ ଅତିରିକ୍ତ କାମ କରି ପାରିଲେ ରିହାତି (remission) ମିଳେ । ତା'ଫଳରେ କଏଦୀର ଶାସ୍ତିର ପରିମାଣ ମାସକୁ ମାସ ଦଶ ବାର ଦିନ କରି କମିଯାଏ । ନିଜକୁ ପରିବର୍ତ୍ତନ କରିବା ଦିଗରେ ଏ ଗୋଟିଏ ଆକର୍ଷଣ । ପୋର୍ଟ ବ୍ଲେୟାରରେ ଏହିପରି ଦଣ୍ଡରୁ ନିବୃତ୍ତି (remission) ପାଇବାର ବ୍ୟବସ୍ଥା ନାହିଁ । କେବଳ ଜୁବିଲି ବା କୌଣସି ରାଜକୀୟ ଉତ୍ସବରେ ଅସାଧାରଣ ମାଫ ଦଶ ବର୍ଷରେ ଥରେ ଦୁଇଥର ମାତ୍ର ଆସେ ।

(୮) ଆଉ ଏକ କାରଣ ଏହି ଯେ ଶାସ୍ତିର କୌଣସି ସୀମା ନାହିଁ; ପୋର୍ଟ ବ୍ଲେୟାରରେ ଯାବଜ୍ଜୀବନ ଦ୍ୱୀପାନ୍ତରିତ ଶାସ୍ତି ଅର୍ଥ ମୃତ୍ୟୁ ପର୍ଯ୍ୟନ୍ତ ଦଣ୍ଡ – ସତକୁ ସତ ଆଜୀବନ । ତେବେ ଚିଫ୍ କମିସନରଙ୍କର ଗୋଟିଏ ବିଶେଷ କ୍ଷମତା ଅଛି; ସତକୁ ସତ ଖୁନୀ ପକ୍ଷରୁ ପଚିଶି ବର୍ଷ ପରେ ଭାରତବର୍ଷର ସରକାରଙ୍କୁ ଏଇ ମର୍ମରେ ସେ ଆବେଦନ କରି ପାରନ୍ତି ଯେ ଏହି ବ୍ୟକ୍ତି ଯାବତ୍‌କାଳ ସରଳ ଓ ନିରୀହ ଭାବେ ଦିନ ବିତାଇଛି, ସୁତରାଂ ଏହାର ବାକୀ ମିଆଦୀ ମାଫ କରି ଏହାକୁ ମୁକ୍ତି ଦିଆଯାଉ । ଶତକଡ଼ା ବୋଧହୁଏ ଦଶଜଣଙ୍କ ଆବେଦନ ଅଗ୍ରାହ୍ୟ ହୋଇ ଏଇ ଉତ୍ତର ଆସେ ଯେ ସରକାର ବାହାଦୁର ତାକୁ ଆହୁରି ପାଞ୍ଚ ବର୍ଷ ପର୍ଯ୍ୟବେକ୍ଷଣ କଏଦୀ ହିସାବରେ ରଖିବେ । କୌଣସି କୌଣସି କ୍ଷେତ୍ରରେ ଆବେଦନ ଆଦୌ ଗ୍ରାହ୍ୟ ହୁଏନା ଏବଂ ଅପରାଧୀକୁ ପୋର୍ଟ ବ୍ଲେୟାରରେ ଅର୍ଥାତ୍, ପୂର୍ବର ଦଣ୍ଡିତ ଅପରାଧୀ (ex-convict) କରି ଛାଡ଼ି ଦିଆଯାଏ । ଶତକଡ଼ା ବାକି ନବେ ଜଣରୁ ଯେଉଁ କେତେଜଣ ପୋର୍ଟ ବ୍ଲେୟାରର ପ୍ରାଣଘାତି ଜଳବାୟୁର ପ୍ରଭାବ ଏଡ଼ାଇ ଦୁଃଖରେ, ମନସ୍ତାପରେ ଏଇ ପାପର ଦୂଷିତ ଜୀବନ ବହନ କରି ବଞ୍ଚି ଥାଆନ୍ତି, ସେମାନେହିଁ ମୁକ୍ତି ପାଆନ୍ତି । କୋଡ଼ିଏ ବା ପଚିଶ ବର୍ଷ ପରେ ଏଇ ସୁଦୂର ପରାହତ ଆଶାର ଆଲୋକ ଦେଖି କେତେ ଜଣ ଜୀବନ ଧାରଣ କରି ପାରିବେ ? ପୁଣି କଏଦୀଙ୍କର ଦୁଇ ତିନୋଟି ଅବଧି ଆଜୀବନ ଜେଲ ମିଆଦ (Life sentence) ଅଛି, ସୁତରାଂ ସେମାନଙ୍କର ଶାସ୍ତିର ପରିମାଣ ଚାଳିଶ ବା ଷାଠିଏ ବର୍ଷ । କାହାରି କାହାରି ପଞ୍ଚସ୍ତରିରୁ ଶହେ ବର୍ଷ ଅବଧି ଜେଲ ମିଆଦ ହେବାର ମଧ୍ୟ ଦେଖିଛି । ଯାହାର ଜୀବନରେ ଆଶାର ଆଲୋକ ପୂରା ଲିଭି ଯାଇଛି, ତା'ର ଅକାର୍ଯ୍ୟ ବା ଦୁଃସାଧ୍ୟ କ'ଣ ଅଛି ? ପୋର୍ଟ ବ୍ଲେୟାରରେ ଯେତେ ଖୁନ୍, ଡକାୟତି, ଜେଲରୁ ପଳାୟନ ଓ ନୈତିକ ପାପାଚାରର ମନ୍ଦବୁଦ୍ଧି ଏଇ ନୈରାଶ୍ୟ ଓ ବିଫଳତାରୁହିଁ ଆସେ ।

(୯) ଯେତେଗୁଡ଼ିଏ ଅଧଃପତନର କାରଣ ଦର୍ଶାଇଲି, ତଦୁପରି ଯଦି ଜେଲର୍, ଓଭରସିୟର ଓ କର୍ମଚାରୀମାନେ ନିର୍ମମ ଓ ହୃଦୟହୀନ ହୁଅନ୍ତି, ତା'ହେଲେ ଜେଲ ସାକ୍ଷାତ୍ ନରକରେ ପରିଣତ ହେବାକୁ କୌଣସି ତ୍ରୁଟି ଆଉ ନଥାଏ । ହୃଦୟହୀନ ହେବା ଦୂରେ ଥାଉ, ସୁପରିନ୍‌ଟେଣ୍ଡେଟ୍ କେବଳ ଅବିବେକୀ ଓ ଆଳସ୍ୟପରାୟଣ ହୋଇ କର୍ତ୍ତବ୍ୟ ବିମୁଖ ହେଲେହିଁ ସର୍ବନାଶ ! ପଶୁ ପ୍ରକୃତିର ପେଟି ଅଫିସର, ଟିଣ୍ଡାଲ୍ ଓ ଜମାଦାର ଉପର ବାଲାର ସେଇ ଦୁର୍ବଳତାର ସୁବିଧା ନେଇ କଏଦୀର ଜୀବନକୁ ଦୁର୍ବିଷହ କରି ତୋଳନ୍ତି ।

(୧୦) ତା'ପରେ ପୋର୍ଟ ବ୍ଲେୟାର୍ ହେଲା ରୋଗର ଆଳୟ । ମ୍ୟାଲେରିଆ, ପେଟ ବେମାରି, ଆମାଶୟ, ଯକ୍ଷ୍ମା, ନିମୋନିଆ ଓ ଟାଇଫଏଡ୍ ଏଠାରେ ଅବାଧରେ ରାଜୁତି କରନ୍ତି ।

ଖରା, ବର୍ଷାରେ ଅବିଶ୍ରାନ୍ତ କଠିନ ପରିଶ୍ରମଯୁକ୍ତ ଆନନ୍ଦହୀନ ଜୀବନ ବୋହି ମନୁଷ୍ୟର ଶ୍ରାନ୍ତ ମନ ଅବସାଦରେ ଭାଙ୍ଗିଯାଇ ମରଣପଣ କରି ବସେ ଅଥବା ବିଦ୍ରୋହୀ ହୋଇପଡ଼େ। ଏଠାରେ ଯେ ଥରେ ମରିବାର କୃତ ସଂକଳ୍ପ କରିଛି, ତାକୁ ବଞ୍ଚାଇବା ଦୁଷ୍କର; କାରଣ ଏ ସ୍ଥାନର ପାରିପାର୍ଶ୍ୱିକ ସମସ୍ତ ଅବସ୍ଥାହିଁ ମଣିଷକୁ ସର୍ବଦା ମରଣର ପଥରେହିଁ ଟାଣିବାରେ ବ୍ୟସ୍ତ। ବଞ୍ଚି ରହିବାକୁ ଯେ ହେବ, ତାହା ଏକ ପ୍ରକାର ପ୍ରାଣପଣ କରି ଅନେକ କଷ୍ଟରେ ଯମ ଏବଂ ମନୁଷ୍ୟ ମଧ୍ୟରେ ଏଠାରେ ପ୍ରତ୍ୟେକ ଦିନ ଟଣାଘୋଷରା ଲାଗି ରହିଥାଏ।

(୧୧) ଅଧିକନ୍ତୁ ଦୁର୍ନୀତି, ପାପ, ଦୀନତାଭରା ଏଇ କଳୁଷିତ ବାତାବରଣରେ ଥରେ ଚରିତ୍ର ମଳିନ ହେଲେ ଏକ କଦର୍ଯ୍ୟ ରୋଗରେ ଶରୀର ଶୀଘ୍ରହିଁ ଭାଙ୍ଗିଯାଏ। ଏହିସବୁ ରୋଗ ଏଠାରେ କେତେ ଯେ ବେଶୀ ଏବଂ ତାହା କି ଭୟଙ୍କର ରୂପ ଧାରଣ କରିଛି, ସେକଥା କହି ହେବ ନାହିଁ। କଏଦୀର ଏଇ ରୋଗ ଧରା ପଡ଼ିଲେ ତାକୁ ଶାସ୍ତି ହୁଏ, ତେଣୁ ଶେଷ ପର୍ଯ୍ୟନ୍ତ ଯଥାସାଧ୍ୟ ସେମାନେ ଏ ରୋଗର ଆକ୍ରମଣ ଗୋପନ ରଖନ୍ତି। ନାରୀର ସତୀତ୍ୱ ବା ପୁରୁଷର ଚରିତ୍ର ବୋଲି କୌଣସି ବସ୍ତୁ ନାହିଁ ଏ ଦେଶରେ, ମନୁଷ୍ୟର ଇନ୍ଦ୍ରିୟଗତ ପ୍ରବୃତ୍ତି ଏ ନରକରେ ଏକେବାରେ ଉଲଗ୍ନ ଓ ପୈଶାଚିକ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

# ଅବତରି ଆସ ପ୍ରେମମୟ

## ଶରତ କୁମାରୀ ସ୍ୱାଇଁ

ଏଇ ଧରଣୀର କୋଣେ ଅନୁକୋଣେ
ଅବତରି ଆସ ପ୍ରେମମୟ
ସୁରଭିତ କର ପ୍ରତିଟି ଅନ୍ତର
କର ହେ ଆନନ୍ଦମୟ।୦।

କୁସୁମ ମୁକୁରେ ଭରିଛ ସୁହାସ
ମଳୟର ଗୀତି ଛନ୍ଦେ,
କୋଟିଏ ଆଖିର ଜ୍ୟୋତିଃ ଫୁଟି ଉଠେ
ଆହା ! କି ସେ ପ୍ରେମାନନ୍ଦେ
ତୁମରି ପରଶ ଜଡ଼ରେ ଜୀବରେ
ତୁମେ ତ ମଙ୍ଗଳମୟ।୧।

ବନ ବିହଙ୍ଗୀର ମଧୁ-କାକଳିରେ
ତୁମରି ଅଭୟ ବାଣୀ
ରୁଦ୍ଧ-ହୃଦୟ ଦ୍ୱାରଦେଶୁ ଫେରେ
ପାରୁନା ତ ତାହା ଜାଣି।
ଅଜ୍ଞାନ ଏ ଆଖି- ପତାରେ ଆଲୋକ
ଦିଅ ହେ ଆଲୋକମୟ।୨।

ଅନନ୍ତ ଏ ପଥ ଦିଗନ୍ତ ମରୁରେ –
ଆମେ ଯେ ବିପଥଗାମୀ
ଭାସି ଭାସି ଆସେ ପ୍ରଭାତେ ମନ୍ଦିରୁ
ତବାଶିଷ ସୁରଧୁନୀ
ଅନୁଭବି ତା'ରେ ଚାଲିବାକୁ ଦିଅ
ଶକତି ପରମ ପ୍ରିୟ।୩। ❑



# ନୂତନ ଶିକ୍ଷାର ଆହ୍ୱାନ

## (୧୧)

## ଗୟାଧର ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

### ଚାର୍ଲସ୍ ଉଡ୍‌ଙ୍କ ଶିକ୍ଷାନୀତି
(Wood's Despatch, 1854)

ଲର୍ଡ଼ ଉଇଲିୟମ୍ ବେଣ୍ଟିକ୍‌ଙ୍କ ପରେ ୧୮୩୫ରୁ ୧୮୪୮ ପର୍ଯ୍ୟନ୍ତ ଚାର୍ଲସ୍ ମେଟ୍‌କାଫେ (Charles Metcalfe : ୧୮୩୫-୧୮୩୬), ଲର୍ଡ଼ ଅକ୍‌ଲାଣ୍ଡ (Lord Auckland : ୧୮୩୬-୧୮୪୨), ଲର୍ଡ଼ ଇଲେନ୍‌ବରୋ (Lord Ellenborough : ୧୮୪୨-୧୮୪୪) ଏବଂ ଲର୍ଡ଼ ହାର୍ଡ଼ିଞ୍ଜ (Lord Hardinge : ୧୮୪୪-୧୮୪୮) ଆଦି ଭାରତରେ ଗଭର୍ଣ୍ଣର ଜେନେରାଲ ଭାବେ କାର୍ଯ୍ୟ କରିଥିଲେ ଏବଂ ତତ୍ପରେ ଲର୍ଡ଼ ଡେଲ୍‌ହାଉସି (Lord Dalhousie : ୧୮୪୮-୧୮୫୬) ଭାରତର ଶାସନ ଭାର ଗ୍ରହଣ କଲେ । ଡେଲ୍‌ହାଉସି ଜଣେ ଅତ୍ୟାଚାରୀ, ଜିଦ୍‌ଖୋର ଓ ଭାରତ ବିଦ୍ୱେଷୀ ଶାସକ ଥିଲେ । ତାଙ୍କ ସମୟରେ ଅନେକ ସଂସ୍କାର ଆସିଥିଲା । ସମଗ୍ର ଭାରତବର୍ଷରେ ବ୍ରିଟିଶର ଆଧିପତ୍ୟ ବିସ୍ତାର କରିବା ଲକ୍ଷ୍ୟ ନେଇ ସେ କଠୋର ଆଇନ ପ୍ରଣୟନ କରିଥିଲେ । ସେ ପେଶୱା, ନବାବ ଓ ରାଜାମାନଙ୍କର ପେନ୍‌ସନ୍ ବନ୍ଦ କରିବା ସହ ପଦମର୍ଯ୍ୟାଦାକୁ ମଧ୍ୟ କାଢ଼ି ନେଲେ । ଯେଉଁ ରାଜାମାନଙ୍କର ବଂଶଧର ନଥିବେ, ସେହି ରାଜାମାନେ ପୋଷ୍ୟପୁତ୍ର ଗ୍ରହଣ କରିପାରିବେ ନାହିଁ ଏବଂ ସେମାନଙ୍କର ରାଜ୍ୟ ଇଂରେଜ ଶାସନର ଅଧିକାରଭୁକ୍ତ ହେବ । ଏହି ଆଇନ ବଳରେ ମରାଠା ରାଜ୍ୟ ସତାରା, ସମ୍ବଲପୁର, ଝାନ୍‌ସୀ, ନାଗପୁର, ଉଦୟପୁର ଆଦି ଅନେକ ରାଜ୍ୟ ଇଂରେଜ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ହେଲା । ଇଂରେଜ ସରକାର ବେରାର ଓ ଓ୍ୱାଧା ରାଜ୍ୟକୁ ଜବରଦସ୍ତ ଅଧିକାର କରିଥିଲେ । କେତେକ କ୍ଷେତ୍ରରେ ଉନ୍ନତି ଆସିଥିଲେ ବି ଉପରୋକ୍ତ କାରଣ ଯୋଗୁଁ ବିଦେଶୀ ଶାସନ ବିରୋଧରେ ବିଦ୍ରୋହର ସ୍ୱର ଉଠିଥିଲା ଏବଂ ଅଧିକାଂଶ ବିଦ୍ରୋହକୁ ସରକାର କଠୋର ହସ୍ତରେ ଦମନ କରିଥିଲେ ।

ଲର୍ଡ଼ ଡେଲ୍‌ହାଉସିଙ୍କ ସମୟରେ ଶିକ୍ଷାକ୍ଷେତ୍ରରେ ଯେଉଁ ସଂସ୍କାର ଆସିଥିଲା ତାହା Wood's Despatch ନାମରେ ପରିଚିତ । ୧୮୫୪ ମସିହାରେ ଏହି ଶିକ୍ଷାନୀତିଟି ଚାର୍ଲସ ଉଡ୍‌ଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ଭାରତକୁ ପଠାଯାଇଥିଲା । ଏହି ଶିକ୍ଷାନୀତି ଦ୍ୱାରା ଭାରତର ଶିକ୍ଷାକ୍ଷେତ୍ରରେ କେତେକ ବିଶେଷ ପରିବର୍ତ୍ତନ ଅଣାଗଲା । ଅଧିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଖୋଲିବା ପାଇଁ ରାଜ୍ୟମାନଙ୍କୁ ଅନୁମତି ମିଳିଲା । ପ୍ରାଦେଶିକ ସ୍ତରରେ D.P.I. Office ମଧ୍ୟ ଖୋଲାଯିବା ପାଇଁ ବ୍ୟବସ୍ଥା ରଖାଗଲା । ୧୮୫୭ ମସିହାରେ ମାନ୍ଦ୍ରାଜ, ବମ୍ବେ ଓ କଲିକତାରେ ତିନୋଟି ବିଶ୍ୱବିଦ୍ୟାଳୟ ସ୍ଥାପନା କରାଗଲା । ସରକାରଙ୍କ ନିୟମ ବା ସର୍ତ୍ତମାନ ପୂରଣ କରୁଥିବା ଶିକ୍ଷାନୁଷ୍ଠାନମାନଙ୍କୁ ସରକାରୀ ସାହାଯ୍ୟ (Grant-in-aid)ର ବ୍ୟବସ୍ଥା ମଧ୍ୟ ରହିଲା । ଶିକ୍ଷକ ତାଲିମ, ନାରୀଶିକ୍ଷା ଓ ଇସଲାମ ଧର୍ମ ଶିକ୍ଷା ପାଇଁ ସୁଯୋଗ ମଧ୍ୟ ମିଳିଲା । ବିଶ୍ୱବିଦ୍ୟାଳୟ ଅଧୀନରେ ବୈଷୟିକ ଶିକ୍ଷାର ବ୍ୟବସ୍ଥା ମଧ୍ୟ ରହିଲା । ଉଡ୍‌ଙ୍କ ଏହି ସରକାରୀ ପତ୍ରଟି ଭାରତରେ ଇଂରେଜ ଶାସନ କାଳର ଶିକ୍ଷା ବିକାଶ ଧାରାରେ ମାଗ୍ନା କାର୍ଟା (Magna Charta) ରୂପେ ପରିଚିତ । ଅନ୍ୟ ପକ୍ଷରେ ଇଂରାଜୀ ଭାଷାହିଁ ଶିକ୍ଷାଦାନର ମାଧ୍ୟମ ହୋଇ ରହିଲା । କିନ୍ତୁ ଅନେକ ପ୍ରସ୍ତାବ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ ।

ଇଂରେଜମାନଙ୍କର ଶାସନ ନୀତି ଭାରତୀୟମାନଙ୍କ ପାଇଁ କଠୋର ଥିଲା । ରାଜା, ପେଶୱା, ନବାବ, କୃଷକ, କର୍ମଚାରୀ, ସିପାହୀମାନଙ୍କର ଦାନାକୁ ଛଡ଼ାଇ ନେବାରୁ ସବୁ କ୍ଷେତ୍ରରେ ଅସନ୍ତୋଷ ଜାତ ହେଲା । ସର୍ବସାଧାରଣ ଜନତାଙ୍କ ଠାରୁ ଅଧିକ କର ଆଦାୟ କରାଗଲା । କୃଷକମାନେ ଓ କର୍ମଚାରୀମାନେ ସେମାନଙ୍କର ପାଉଣା ଠିକ୍ ଭାବେ ପାଇଲେ ନାହିଁ । ସିପାହୀ ତଥା ସରକାରୀ କର୍ମଚାରୀମାନେ ବ୍ରିଟିଶ କର୍ମଚାରୀମାନଙ୍କଠାରୁ ବହୁତ କମ୍ ବେତନ ପାଇ ଅଧିକ ବେଠି କାମ କଲେ । ଚତୁର୍ଦ୍ଦିଗରେ ଚର୍ଚ୍ଚମାନ ସ୍ଥାପନା କରାଗଲା ଏବଂ ମିସନାରୀ ଶିକ୍ଷା ଦିଆଗଲା । କଳେବଳେ କୌଶଳେ

ଧର୍ମାନ୍ତରୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଗଲା । ସବୁ କ୍ଷେତ୍ରରେ ଭାରତୀୟମାନେ ଦକ୍ଷ, କୁଶଳୀ ତଥା ନିଷ୍ପାପର ଥିବାବେଳେ ସେମାନଙ୍କୁ ହେୟଜ୍ଞାନ କରି ଗୋଲାମ ରୂପେ କାର୍ଯ୍ୟ କରିବା ପାଇଁ ବାଧ କରାଗଲା । ଏପରି କି ପଦୋନ୍ନତି ମଧ୍ୟ ମିଳିଲା ନାହିଁ । ଫଳରେ ଧାର୍ମିକ, ସାମାଜିକ, ପାରିବାରିକ, ଅର୍ଥନୈତିକ ଓ ଶିକ୍ଷା କ୍ଷେତ୍ରରେ ଅଧଃପତନ ଘଟିଲା ଏବଂ ଭାରତୀୟମାନେ ଦରିଦ୍ର ହେବାକୁ ଲାଗିଲେ । ଏପରି କି ସାଧାରଣ ଜୀବନଯାପନରେ ଲୋକମାନେ ଅତିଷ୍ଠ ହୋଇ ପଡ଼ିଲେ । ଚତୁର୍ଦିଗରେ ଅସନ୍ତୋଷର ବହ୍ନି ଜଳି ଉଠିଲା ଏବଂ ୧୮୫୭ ମସିହାରେ ଲର୍ଡ଼ କ୍ୟାନିଙ୍ଗଙ୍କ ସମୟରେ ହିନ୍ଦୁ, ମୁସଲମାନ ସିପାହୀମାନେ ଏକତ୍ରିତ ହୋଇ ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କ ନେତୃତ୍ୱରେ ଇଂରେଜ ଶାସନ ବିରୋଧରେ ବିଦ୍ରୋହ ଘୋଷଣା କଲେ, ଯାହା 'ସିପାହୀ ବିଦ୍ରୋହ' ନାମରେ ପରିଚିତ । ଏହି ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ଅଭିହିତ । ଯଦିଓ ଇଂରେଜମାନେ ଏହି ବିଦ୍ରୋହକୁ ଦମନ କରିଥିଲେ ତଥାପି ଏହି ବିଦ୍ରୋହର ଫଳସ୍ୱରୂପ ଅନେକ ସଂସ୍କାର ଆସିଥିଲା ଏବଂ ଭାରତର ଶାସନ ବ୍ରିଟିଶର ମହାରାଣୀ ଭିକ୍ଟୋରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିଲା ଏବଂ ୧୮୫୮ ମସିହାରୁ ତାଙ୍କର ଜଣେ ପ୍ରତିନିଧି ରୂପେ ଭାରତରେ ଜଣେ ଭାଇସ୍‌ରୟ (Viceroy) ରହିଲେ । ୧୮୫୭ ମସିହା ସେପ୍‌ଟେମ୍ବର ୨୦ ତାରିଖରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଦିଲ୍ଲୀ ଅଧିକାର କରିଥିଲା । ବିଦ୍ରୋହ ପରେ ଶିକ୍ଷା ଓ ଆଇନ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିଲା । ଏହି ବିଦ୍ରୋହରେ ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈ, କନୱାର ସିଂ, ନାନାସାହେବ, ଚାଖି ଖୁଣ୍ଟିଆ, ବେଗମ୍ ହଜରତ୍ ମହଲ, ମଙ୍ଗଳ ପାଣ୍ଡେ, ବାହାଦୁର ସାହା ଜାଫର, ତାନ୍ତିଆ ଟୋପେ, ମାନସିଂ, ମୌଲବୀ ଲିୟାକତ୍ ଅଲ୍ଲି ଆଦି ନେତୃତ୍ୱ ନେଇଥିଲେ । ଏହି ବିଦ୍ରୋହ ଇଂରେଜ ଶାସନ ପ୍ରତି ଏକ ଚେତାବନୀ ଥିଲା ଯଦ୍ୱାରା ଭାରତୀୟମାନଙ୍କ ମନରେ ନିଜର ସ୍ୱାତନ୍ତ୍ର୍ୟ ଓ ଅଧିକାର ପ୍ରତି ବିଶ୍ୱାସ ଓ ଅନୁରାଗ ବୃଦ୍ଧି ପାଇବା ସହ ସାହସ ଓ ଶକ୍ତି ବଢ଼ି ଯାଇଥିଲା । ବିଶେଷତଃ ଧର୍ମ-ବିଦ୍ୱେଷୀ ଭାବ ଏବଂ ଦେଶ ବାହାରେ ଇଂରେଜମାନଙ୍କ ପାଇଁ କାର୍ଯ୍ୟ କରିବାକୁ ବାଧ କରାଯାଉ ଥିବାରୁ ଏବଂ ତାହା ନକଲେ ଚାକିରିରୁ ବରଖାସ୍ତ କରାଯାଉ ଥିବାରୁ ସିପାହୀମାନେ ବିଦ୍ରୋହର ପନ୍ଥା ଅବଲମ୍ବନ କରିଥିଲେ ।

## ହଣ୍ଟର କମିସନ୍ ବା ଭାରତୀୟ ଶିକ୍ଷା କମିସନ୍ (୧୮୮୨)

ଲର୍ଡ଼ କ୍ୟାନିଂ ପ୍ରଥମ ଭାଇସ୍‌ରୟ ରୂପେ ନିଯୁକ୍ତି ପାଇଥିଲେ ଏବଂ ସପ୍ତମ ଭାଇସ୍‌ରୟ ରୂପେ ଲର୍ଡ଼ ରିପନ୍ (୧୮୮୦-୧୮୮୪) ଭାରତର ଶାସନ ଭାର ଗ୍ରହଣ କରିଥିଲେ । ସେ ଅନେକ ଆଇନର ସଂଶୋଧନ କରି ଭାରତୀୟମାନଙ୍କର ହିତାର୍ଥେ କାର୍ଯ୍ୟ କରିଥିଲେ । ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରି ସେ ଭାରତୀୟମାନଙ୍କୁ ବିଚାରପତି ଭାବେ ଇଂରେଜ ଅଫିସରମାନଙ୍କର ମକଦ୍ଦମା ବିଚାର କରିବା ପାଇଁ ଆଇନ ଆଣିଥିଲେ ଏବଂ ରମେଶ ଚନ୍ଦ୍ରଙ୍କୁ କଲିକତା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ଅନୁପସ୍ଥିତିରେ କାର୍ଯ୍ୟ କରିବା ପାଇଁ ଆଦେଶନାମା ଘୋଷଣା କରିଥିଲେ । ଏଥିସହ ଆଞ୍ଚଳିକ ଶାସନ ବ୍ୟବସ୍ଥାରେ ଅନେକ ସୁଧାର ଆଣିଥିଲେ ଏବଂ ପ୍ରେସମାନଙ୍କୁ ମାତୃଭାଷା ବା ସ୍ୱଦେଶୀ ଭାଷାରେ ସମ୍ବାଦପତ୍ର ଛପାଇବା ପାଇଁ ଅନୁମତି ପ୍ରଦାନ କରିଥିଲେ । ଏତତ୍ ବ୍ୟତୀତ ଶିକ୍ଷାକ୍ଷେତ୍ରରେ ସୁଧାର ଆଣିବା ପାଇଁ ୧୮୮୨ ମସିହାରେ ଭାରତୀୟ ଶିକ୍ଷା କମିସନ୍ ବସାଇ ଥିଲେ ଏବଂ ତାହାର ଚେୟାରମ୍ୟାନ୍ ଥିଲେ ଉଇଲିୟମ୍ ହଣ୍ଟର (William Hunter) । ସେଥିପାଇଁ ଏହା ହଣ୍ଟର କମିସନ୍ ନାମରେ ପରିଚିତ । ହଣ୍ଟର କମିସନ୍ ଯେଉଁ ପ୍ରସ୍ତାବମାନ ଦେଇଥିଲେ ତାହାର ମୁଖ୍ୟ ଦିଗଗୁଡ଼ିକ ହେଲା –

(୧) ବେସରକାରୀ ବା ଘରୋଇ ସଂସ୍ଥାମାନଙ୍କୁ ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ପ୍ରୋତ୍ସାହନ । ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କୁ ସମାନ ମର୍ଯ୍ୟାଦା ପ୍ରଦାନ ।

(୨) ସ୍ୱଦେଶୀ ବିଦ୍ୟାଳୟମାନଙ୍କୁ ସାହାଯ୍ୟ ପ୍ରଦାନ ଏବଂ ଶିକ୍ଷକ ତାଲିମକୁ ପ୍ରୋତ୍ସାହନ । ଶିକ୍ଷକ ତାଲିମକେନ୍ଦ୍ର ଖୋଲିବା ପାଇଁ ବ୍ୟବସ୍ଥା ।

(୩) ପ୍ରାଥମିକ ଶିକ୍ଷାକେନ୍ଦ୍ରରେ ବାସ୍ତବତାକୁ ଉପଲବ୍ଧି କରି ସବୁ ବିଷୟରେ ଶିକ୍ଷାଦାନ ଏବଂ ସ୍ୱଦେଶୀ ଭାଷାରେ ଶିକ୍ଷାଦାନ ।

(୪) ଆଞ୍ଚଳିକ ଶିକ୍ଷିତ ବ୍ୟକ୍ତିଙ୍କୁ ଶିକ୍ଷକତା କରିବା ପାଇଁ ଅଗ୍ରାଧିକାର ଦେବା ଏବଂ ରାଜ୍ୟ ସରକାର ସେ ଦିଗରେ ଅର୍ଥ ବିନିଯୋଗ କରିବାର କ୍ଷମତା । ଆଞ୍ଚଳିକ ଧନସମ୍ପଦକୁ କେବଳ ପ୍ରାଥମିକ ଶିକ୍ଷାରେ ବିନିଯୋଗ କରାଯାଇ ପାରିବ ।

(୫) ମାଧ୍ୟମିକ ଶିକ୍ଷାର ବିକାଶ ନିମନ୍ତେ ଦୁଇ ପ୍ରକାରର ପାଠ୍ୟକ୍ରମ ରହିବ । ପାଠ୍ୟକ୍ରମ (କ)ରେ ଏପରି ବିଷୟମାନ ରହିବ ଯାହା ଉଚ୍ଚତର ଶିକ୍ଷା ପାଇଁ ଉପଯୋଗୀ ଏବଂ ପାଠ୍ୟକ୍ରମ (ଖ)ରେ ବୈଷୟିକ, ବୃତ୍ତିଗତ ବିଷୟମାନ ରହିବ ଯାହା ତା'ର ବାସ୍ତବ ଜୀବନ କ୍ଷେତ୍ରରେ ସହାୟକ ହେବ । ମାଧ୍ୟମିକ ସ୍ତରରେ ଶିକ୍ଷାଦାନଟି ଇଂରାଜୀ ଭାଷାରେ ପ୍ରଦାନ କରାଯିବ ।

(୬) ଉଚ୍ଚ ଶିକ୍ଷାନୁଷ୍ଠାନରେ ପାଠ୍ୟକ୍ରମଟି ବ୍ୟାପକ ହେବ ଏବଂ ବିଭିନ୍ନତା ରହିବ । ଆର୍ଥିକ ଅନୁଦାନ ସମ୍ପୂର୍ଣ୍ଣ ଠିକ୍ ଉପାୟରେ ପ୍ରଦାନ କରାଯିବ । ଅଳ୍ପ କେତେକ ଶିକ୍ଷାର୍ଥୀଙ୍କୁ ବିନା ଦେୟରେ ଶିକ୍ଷା ପ୍ରଦାନ କରିବା ଏବଂ ଯେଉଁ ଭାରତୀୟମାନେ ଇଉରୋପର ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିଥିବେ ସେମାନଙ୍କୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରିବା ପାଇଁ ଅଗ୍ରାଧିକାର ଦିଆଯିବ ।

(୭) ନାରୀ ଶିକ୍ଷା ପ୍ରତି ଗୁରୁତ୍ୱ ଦେବା ସହ ଘରୋଇ ମହିଳା ଶିକ୍ଷାନୁଷ୍ଠାନଗୁଡ଼ିକୁ ଆର୍ଥିକ ଅନୁଦାନ ଦେବା ଏବଂ ମହିଳା ଶିକ୍ଷୟିତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା ରହିବ । ମହିଳା ଶିକ୍ଷାନୁଷ୍ଠାନର ପାଠ୍ୟକ୍ରମ ସରଳ ହେବା ଆବଶ୍ୟକ ।

(୮) ଧାର୍ମିକ ଶିକ୍ଷା ସକାଶେ ରାଜ୍ୟମାନେ ସ୍ୱତନ୍ତ୍ର ପଦକ୍ଷେପ ନେଇ ପାରିବେ ଏବଂ ମିସନାରୀଗୁଡ଼ିକ ସ୍ୱତନ୍ତ୍ରଭାବେ କାର୍ଯ୍ୟ କରିବେ ।

(୯) ଶିକ୍ଷାକ୍ଷେତ୍ରରେ ବିକାଶ ଆଣିବା ପାଇଁ ନିର୍ଦ୍ଦେଶକ (D.P.I.)ମାନେ ସତର୍କ ଦୃଷ୍ଟି ରଖିବେ ।

(୧୦) ଶାରୀରିକ ଓ ନୈତିକ ଶିକ୍ଷା ପାଇଁ ପ୍ରୋତ୍ସାହନ । ଏହି ପ୍ରସ୍ତାବଗୁଡ଼ିକୁ ଲର୍ଡ଼ ରିପନ୍ ଅନୁମୋଦନ କରିବା ପରେ ତାହା ତୁରନ୍ତ କାର୍ଯ୍ୟକାରୀ କରାଗଲା ଏବଂ ଘରୋଇ ଶିକ୍ଷାନୁଷ୍ଠାନ ବେଶୀ ମାତ୍ରାରେ ପ୍ରତିଷ୍ଠା ହୋଇ ପାରିଲା ।

ଲର୍ଡ଼ ରିପନ୍‌ଙ୍କ ପରେ ଅନେକ ଭାଇସ୍‌ରୟ ଶାସନ ଭାର ଗ୍ରହଣ କରିଥିଲେ; କିନ୍ତୁ ଶିକ୍ଷାକ୍ଷେତ୍ରରେ ବିଶେଷ ପରିବର୍ତ୍ତନ ହୋଇ ନଥିଲା । ଲର୍ଡ଼ କର୍ଜନଙ୍କ ସମୟରେ ୧୯୦୪ ମସିହାରେ ଶିକ୍ଷାକ୍ଷେତ୍ରରେ ଅଳ୍ପ କିଛି ସଂସ୍କାର ଆସିଥିଲା ।

(କ୍ରମଶଃ) ❑


**ବିଶେଷ ସୂଚନା**

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ଶିକ୍ଷା ବନାମ ପୂର୍ଣ୍ଣାଙ୍ଗ ଶିକ୍ଷା

## ପ୍ରସାଦ ତ୍ରିପାଠୀ

ପୂର୍ଣ୍ଣାଙ୍ଗ ଶିକ୍ଷା ଓଡ଼ିଶାରେ ଆରମ୍ଭ ହେବାର ବହୁ ପୂର୍ବରୁ ପୂଜ୍ୟ ପ୍ରପତ୍ତି ମହାଶୟ ତଥା ଅନ୍ୟମାନେ ସେ ବିଷୟରେ ଆଲୋଚନା କରୁଥିଲେ । ସେତେବେଳେ ଓଡ଼ିଶାରେ ଜଣେ ଅତି ବିଚକ୍ଷଣ ଶିକ୍ଷାବିତ୍ ଥିଲେ ଶ୍ରୀ ଲଳିତ ମୋହନ ଘୋଷ । ସେ କଲିଜିଏଟ୍ ସ୍କୁଲରେ ପ୍ରପତ୍ତିଙ୍କ ଶିକ୍ଷକ ଥିଲେ । ସେଥିପାଇଁ ସେ ପ୍ରପତ୍ତିଙ୍କୁ 'କାଙ୍ଗାଳି' ବୋଲି ସମ୍ବୋଧନ କରୁଥିଲେ । ପ୍ରପତ୍ତି ମଧ୍ୟ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରୁଥିଲେ । ଡାକ୍ତର ସୁଧାକର ଆଚାର୍ଯ୍ୟଙ୍କର ପେଟିନ୍ ସାହିତ୍ୟ ଶ୍ରୀଅରବିନ୍ଦ ଜ୍ଞାନ ମନ୍ଦିରରେ ସେ ଜଣେ ଆଲୋଚକ ଥିଲେ । ପ୍ରତି ଶୁକ୍ରବାର ସନ୍ଧ୍ୟାବେଳେ ଏହି ପାଠଚକ୍ର ଅନୁଷ୍ଠିତ ହେଉଥିଲା ଏବଂ ବହୁତ ସମୟରେ ଶ୍ରୀ ଲଳିତ ମୋହନ ଘୋଷ ଯୋଗ ଦେଇ ଆଲୋଚନା କରୁଥିଲେ ।

ଆମେ ସେତେବେଳେ ନିଉ ଲାଇଟ୍ ସୋସାଇଟି ମାଧ୍ୟମରେ ତରୁଣ ତଥା ଯୁବକମାନଙ୍କୁ କଟକ ସହରରେ ସଙ୍ଗଠିତ କରୁଥାଉ । ମଝିରେ ମଝିରେ ବିଭିନ୍ନ ସମୟରେ କଟକ ଟାଉନ୍ ହଲ୍ କିଂବା ଶ୍ରୀରାମଚନ୍ଦ୍ର ଭବନରେ ସଭାର ଆୟୋଜନ କରିଥାଉ । ଟାଉନ୍ ହଲ୍‌ର ଭଡ଼ା ଥିଲା ଘଣ୍ଟାକୁ ଟଙ୍କାଏ ଏବଂ ଶ୍ରୀରାମଚନ୍ଦ୍ର ଭବନର ଦିନକୁ ପାଞ୍ଚଟଙ୍କା । ଆମକୁ ଶସ୍ତା ପଡ଼ିବ ବୋଲି ଆମେ ଟାଉନ୍ ହଲ୍ ଭଡ଼ା ନେଉ ଏବଂ ମଝିରେ ମଝିରେ ଶ୍ରୀ ଲଳିତ ମୋହନ ଘୋଷଙ୍କୁ କହିବାକୁ ଡାକୁ ଏବଂ ସେ ଜଣେ ଶିକ୍ଷାବିତ୍ ହୋଇଥିବାରୁ ତାଙ୍କୁ ''ପୂର୍ଣ୍ଣାଙ୍ଗ ଶିକ୍ଷା'' ସମ୍ପର୍କରେ ଆଲୋଚନା କରିବାକୁ ଅନୁରୋଧ କରୁ ।

ମୋର ପୂରା ମନେ ଅଛି ପୂଜ୍ୟ ଶ୍ରୀ ଲଳିତ ମୋହନ ଘୋଷଙ୍କର ଉପକ୍ରମଣିକା । ସେ ମଞ୍ଚରେ ଠିଆ ହେବେ । ବହୁତ ଡେଙ୍ଗା, ଦେହରେ ଧଳା ଧୋତି, ଧଳା ପଞ୍ଜାବି । ପାଟିରେ ଗୋଟିଏ ଦାନ୍ତ ନାହିଁ । ପୂରା ପାକୁଆ । ତଥାପି ସେଥିରେ ପାନ ଚାକୁଳାଉ ଥିବେ । ପାଟିରୁ ଛେପ ବାହାରି ପଡ଼ିଲେ ପକେଟରୁ ରୁମାଲ କାଢ଼ି ପୋଛି ପକାଉ ଥିବେ । ଭାଷଣ ଆରମ୍ଭ କରିବେ, ''ଆରେ ପିଲେ, ମୁଁ ଜଣେ ଶିକ୍ଷକ ବୋଲି ତୁମେ ମୋତେ ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ପର୍କରେ କହିବାକୁ ଡାକିଛ । ମାତ୍ର ତୁମେ ଜାଣିଛ କି ମୁଁ ଏତେ ଦିନ ଧରି ଯେଉଁ ଶିକ୍ଷା ପଦ୍ଧତିରେ କାମ କରି ଆସିଛି ସେ ଯଦି ଶୁଖୁଆ ହୁଏ ତେବେ ତୁମେ ଯେଉଁ ଶିକ୍ଷା ବିଷୟରେ ଆଲୋଚନା କରୁଛ ସେ ହେଲା ମହାପ୍ରସାଦ । ଆରେ ଯେଉଁ ପାଟି ଶୁଖୁଆ ଖାଇ ଖାଇ ସେଇ ଗନ୍ଧକୁ ଧରି ରଖିଛି ତା' ପାଟିରୁ କେମିତି ମହାପ୍ରସାଦ ଗନ୍ଧ ବାହାରିବ । ତଥାପି ଯଦି ତୁମେମାନେ କହୁଛ, ତେଣୁ କିଛି ଆଲୋଚନା କରିବା ।''

ଏହି ମତାମତକୁ ପ୍ରଥମେ ବିଚାର କରିବା । ପ୍ରକୃତରେ ସାର୍ ଯେଉଁ ଦୁଇଟି ବିଷୟ କଥା କହିଲେ, ସେ ଦୁଇଟି ମଧ୍ୟରେ ଦୂରତା କେତେ ? ଗୋଟିଏ ହେଲା ଶୁଖୁଆ ଏବଂ ଆଉ ଗୋଟିଏ ମହାପ୍ରସାଦ । ଏଥିରେ ଦୋଷଗୁଣ କଥା ଉଠୁନି । ସମାଜରେ ସେ ଦୁହିଁଙ୍କର ସ୍ଥାନ ଭିନ୍ନ । ଗୋଟିକୁ ଆଉ ଗୋଟିଏ ସ୍ପର୍ଶ କରି ପାରିବନି । ଗୋଟିକୁ ଯେତେ ଶୁଦ୍ଧ କିଂବା ପରିବର୍ତ୍ତନ କଲେ ମଧ୍ୟ ଅନ୍ୟଟି ପରି ହୋଇପାରିବ ନାହିଁ ।

ଏବେ ଆମ ବିଷୟକୁ ଆସିବା । ବିଷୟ ହେଲା ଶିକ୍ଷା ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷା । ଆମେ କେବେହେଲେ ଭାବିବା ନାହିଁ ଯେ ପ୍ରଚଳିତ ଶିକ୍ଷାର ଏକ ଶୁଦ୍ଧିକରଣ ହେଲା ପୂର୍ଣ୍ଣାଙ୍ଗ ଶିକ୍ଷା କିଂବା ଏକ ଅତ୍ୟନ୍ତ ଉଚ୍ଚମାନର ଶିକ୍ଷା ହେଲା ପୂର୍ଣ୍ଣାଙ୍ଗ ଶିକ୍ଷା । ଏପରିକି ଆମେ ଆମର ପ୍ରଚଳିତ ଶିକ୍ଷାର ମାନକୁ ସର୍ବୋତ୍ତମ ସ୍ତରକୁ ନେଇ ଗଲେ ମଧ୍ୟ ତାହା ପୂର୍ଣ୍ଣାଙ୍ଗ ଶିକ୍ଷା ବୋଲାଇବ ନାହିଁ । ଆମେ ଯଦି ଅତୀତର ଗୁରୁକୁଳ ଶିକ୍ଷାକୁ ପୂର୍ଣ୍ଣାଙ୍ଗ ଶିକ୍ଷା ସହିତ ତୁଳନା କରିବା ତାହା ମଧ୍ୟ ଉଚିତ ହେବ ନାହିଁ । ଏହାର ଅର୍ଥ ନୁହେଁ ଯେ ପୂର୍ଣ୍ଣାଙ୍ଗ ଶିକ୍ଷା ଏ ସମସ୍ତ ଶିକ୍ଷାଠାରୁ ଆହୁରି ଉନ୍ନତ, ଆହୁରି ସମୃଦ୍ଧ କିଂବା ଆହୁରି ଉଚ୍ଚକୋଟୀର, ତାହା ଆଦୌ ନୁହେଁ । ପୂର୍ଣ୍ଣାଙ୍ଗ ଶିକ୍ଷା କେବେହେଲେ ଦାବି କରିବ ନାହିଁ ଯେ ବର୍ତ୍ତମାନ ପ୍ରଚଳିତ ସବୁ ଶିକ୍ଷାଠାରୁ ଏହା ଅଧିକ ଉନ୍ନତ କିଂବା ଉଚ୍ଚମାନର ।

ପ୍ରଥମ କଥା ହେଲା ଏହି ଦୁଇ ଶିକ୍ଷାକୁ ଆମେ ପରସ୍ପର ସହିତ ତୁଳନା କରିବା ନାହିଁ । କାରଣ ଉଭୟ ଭିନ୍ନ ସ୍ତରର, ଭିନ୍ନ ଭିନ୍ନ ଚେତନାର । ବର୍ତ୍ତମାନର ଶିକ୍ଷା ଏବେ ବି ଚେଷ୍ଟା କରୁଛି ତା'ର ସର୍ବୋତ୍ତମ ସାମର୍ଥ୍ୟକୁ ପ୍ରକାଶ କରିବା ପାଇଁ । ମନର ଆହୁରି ଉତ୍କର୍ଷ ସାଧନ କରାଯାଇ ପାରିବ ସେଥିପାଇଁ

ସର୍ବତ୍ର ଚେଷ୍ଟା ଚାଲିଛି । ସେଥିରେ ସେ କିଛି କିଛି ସଫଳ ଏବଂ କିଛି କିଛି ବିଫଳ ମଧ୍ୟ ହେଉଛି । ତଥାପି ତା'ର ଚେଷ୍ଟା ବନ୍ଦ ହୋଇ ନାହିଁ । କାରଣ ସୂକ୍ଷ୍ମ ଚେତନାରେ ମନର ବିକାଶ ସର୍ବୋତ୍ତମ ସ୍ତରରେ ପହଞ୍ଚି ସାରିଥିଲେ ମଧ୍ୟ ସ୍ଥୂଳ ଚେତନାରେ ତାହା ସେଠାରେ ପହଞ୍ଚିବାକୁ ଚେଷ୍ଟା କରି ଚାଲିଛି । ମାତ୍ର ପୂର୍ଣ୍ଣାଙ୍ଗ ଶିକ୍ଷା ମନର ସାମର୍ଥ୍ୟ ଉପରେ ନିର୍ଭର କରେ ନାହିଁ, ଏହା ମନୋତ୍ତର ଏକ ଚେତନା ସହିତ ସମ୍ପୃକ୍ତ; ଯାହା ଆଉ ଏକ ଚେତନାର କଥା । ଦୁଇଟି ଭିନ୍ନ ଭିନ୍ନ ଚେତନାର କଥା ।

ପ୍ରଚଳିତ ଶିକ୍ଷା ଯଦି ମନୋଚେତନାର ତେବେ ପୂର୍ଣ୍ଣାଙ୍ଗ ଶିକ୍ଷା ହେଲା ଚୈତ୍ୟ ଚେତନା ବା ଏକ ଆଧ୍ୟାତ୍ମିକ ଚେତନାର ବିଷୟ ।

ଏବେ ପ୍ରଶ୍ନ ଉଠେ ଯଦି ପୂର୍ଣ୍ଣାଙ୍ଗ ଶିକ୍ଷା ଏକ ଉଚ୍ଚତର ଚେତନାର ବିଷୟ ତେବେ ବର୍ତ୍ତମାନ ଏହାକୁ ଏତେ ବ୍ୟାପକ ଭାବରେ ପ୍ରଚଳନ କରିବାର ଆବଶ୍ୟକତା କ'ଣ ? ତାହା ପୁଣି ପ୍ରଚଳିତ ଶିକ୍ଷାଠାରୁ ଖୁବ୍ ବେଶୀ ଫରକ ଲାଗେ ନାହିଁ । ପ୍ରଚଳିତ ଶିକ୍ଷା ସହିତ ପ୍ରାୟତଃ ପ୍ରତ୍ୟେକ ବିଷୟ ସମାନ ମନେହୁଏ । ତେବେ ଏହା ଯେ ସମ୍ପୂର୍ଣ୍ଣ ଭିନ୍ନ ଏକଥାର ଅନୁଭବ କିପରି ହେବ ।

ଗୋଟିଏ ଛୋଟ ଅଭିଜ୍ଞତା ବର୍ଣ୍ଣନା କରୁଛି । କୌଣସି ଗୋଟିଏ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ଯାଇଥାଏ । ସେ ଶିକ୍ଷାକେନ୍ଦ୍ରର ସର୍ବୋଚ୍ଚ ଶ୍ରେଣୀର ପିଲାମାନଙ୍କ ପାଖକୁ ଗଲି । ବିଭିନ୍ନ ବିଷୟରେ ଆଲୋଚନା ହେଉ ହେଉ ହଠାତ୍ ପ୍ରଶ୍ନ କଲି, ଆଚ୍ଛା ପିଲାମାନେ, ତୁମ ସ୍କୁଲଠାରୁ ଅଳ୍ପ ଦୂରରେ ତୁମ ଜିଲ୍ଲାର ସବୁଠାରୁ ପୁରାତନ ତଥା ବଡ଼ ସରକାରୀ ଶିକ୍ଷାକେନ୍ଦ୍ରଟିଏ ଅଛି । ଏବେ ତୁମେ କହିପାରିବ, ସେ ସ୍କୁଲ ଏବଂ ତୁମ ସ୍କୁଲ ମଧ୍ୟରେ ତଫାତ କ'ଣ ?

ପିଲାମାନେ ଏକାବେଳେକେ କହି ଉଠିଲେ, ଭାଇ, ବହୁତ ତଫାତ ଅଛି । ମୁଁ କହିଲି କୁହ, ଯାହା ଯାହା କହିବ ମୁଁ ଏଇ କଳାପଟାରେ ଲେଖିବି । ପିଲାମାନେ କହିବା ଆରମ୍ଭ କଲେ, ଆମର ଧଳା ସାର୍ଟ, ଗ୍ରୀନ୍ ପ୍ୟାଣ୍ଟ, ଆମର ସ୍କୁଲ ସକାଳୁଆ, ଆମେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଅପାଭାଇ ଡାକୁ, ଆମ ସ୍କୁଲରେ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ପୂଜା କରାଯାଏ, ଆମକୁ ଏଠାରେ ମାଡ଼ ଦିଆଯାଏ ନାହିଁ । ଆମ ସ୍କୁଲରେ ଖେଳ, ବଣଭୋଜି ସବୁ ହୁଏ ଇତ୍ୟାଦି ଇତ୍ୟାଦି ଏବଂ ସେ ସ୍କୁଲରେ ଏସବୁ ହୁଏ ନାହିଁ । ସେଠାରେ ପୋଷାକ ଭିନ୍ନ, ସେଠାରେ ଦିନବେଳା ସ୍କୁଲ, ସେସବୁ ସ୍କୁଲରେ ସାର୍, ଦିଦି ଡକା ହୁଏ, ତାଙ୍କ ସ୍କୁଲରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ନାହିଁ । ସେଠାରେ ପିଲାଙ୍କୁ ଖୁବ୍ ମାଡ଼ ଦିଆଯାଏ, ଖେଳ ଇତ୍ୟାଦି ପ୍ରାୟତଃ ହୁଏ ନାହିଁ ।

ମୁଁ ପ୍ରତ୍ୟେକଟି କଥା ଶୁଣୁଥାଏ ଏବଂ କହୁଥାଏ ଠିକ୍ ଅଛି ସେଠାରେ ଏହା କରାଯିବ । ସେଠାରେ ପିଲାମାନେ ଧଳା ସାର୍ଟ, ଗ୍ରୀନ୍ ପ୍ୟାଣ୍ଟ ପିନ୍ଧିବେ, ସ୍କୁଲ ସକାଳୁଆ ହେବ, ସେମାନେ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ପୂଜା କରିବେ, ସମସ୍ତେ ଅପା ଭାଇ ଡାକିବେ, ସେଠାରେ ଆଦୌ ମାଡ଼ ଦିଆଯିବ ନାହିଁ ଇତ୍ୟାଦି ଇତ୍ୟାଦି ।

ଆଉ କିଛି ଅଛି କି ? ସମସ୍ତେ ଭାବି ଭାବି କହିଲେ ନାହିଁ ଭାଇ, ଆଉ କିଛି ନାହିଁ । ସେ ସ୍କୁଲଟି ମଧ୍ୟ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ହୋଇଯିବ । ସବୁ ତ ସମାନ ହେଲା । ପିଲାମାନଙ୍କର ଇଚ୍ଛା ନଥିଲେ ମଧ୍ୟ ଅତ୍ୟନ୍ତ କୁଣ୍ଠିତ ହୋଇ କହୁଥା'ନ୍ତି, ଯଦି ହେବ, ହଉ ।

ହଠାତ୍ ଆଗରେ ଗୋଟିଏ ସାନ ଝିଅ ବସିଥିଲା, ହାତ ଟେକି କହିଲା, ଭାଇ କେବେ ବି ହେବନି । ମୁଁ କହିଲି, ପୁଣି କ'ଣ ରହିଲା ? ସେ ଝିଅଟି କହିଲା, ଭାଇ ଆମେ ଏଠାରେ କେହି ଚାକିରି କରିବାକୁ ପାଠ ପଢୁ ନାହୁଁ । ସେମାନେ ତ ସବୁ ଚାକିରି କରିବାକୁ ପାଠ ପଢୁଛନ୍ତି । ହଠାତ୍ ମୋ ମୁହଁକୁ ବନ୍ଦ କରି ଦେବା ପାଇଁ ଯେପରି ଗୋଟିଏ ଶକ୍ତ ଆଘାତ କିଏ ଦେଲା । ମୁଁ କାବା ହୋଇ ଝିଅଟିକୁ ଚାହିଁଲି । ତା'ର ପ୍ରଶ୍ନ ହେଲା, ବାହାରର ସବୁକିଛି ବଦଳେଇ ଦେବ, ମାତ୍ର ଭିତରର ମନୋଭାବ ବଦଳେଇ ପାରିବ ? ପିଲାମାନଙ୍କ ମଧ୍ୟରେ ଶିକ୍ଷାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବଦଳାଇ ଦେଇ ପାରିଲେ ଯାଇ ତାହା ହେବ ଅନ୍ତରର ମନୋଭାବ ।

ଅର୍ଥାତ୍, ପୂର୍ଣ୍ଣାଙ୍ଗ ଶିକ୍ଷା ଭିତରକୁ ପରିବର୍ତ୍ତନ କରିବ, ବାହାରେ ସେତେ ନୁହେଁ; ବାହାରେ ଯେ ପରିବର୍ତ୍ତନ କରିବ ନାହିଁ ତାହା ନୁହେଁ, ମାତ୍ର ଅସଲ ପରିବର୍ତ୍ତନ ହେବ ଭିତରୁ ।

ଆଉ ଗୋଟିଏ ବିଷୟ ଆମେ ଆଲୋଚନା କରିବା । ପରୀକ୍ଷାରେ ପିଲାମାନେ କପି କଲେ ତାକୁ ରୋକିବା କିପରି । ଏଥିରେ ସରକାରଙ୍କର ଅନେକ ମୁଣ୍ଡବ୍ୟଥା । କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ମାତ୍ର ତଥାପି କପି ରୋକିବା ସମ୍ଭବପର ହେଉ ନାହିଁ । ସବୁ ହଲ୍‌ରେ ସି.ସି. କ୍ୟାମେରା ଲଗା ହୋଇଛି, ସ୍ୱତନ୍ତ୍ର ସ୍କ୍ୱାର୍ଡ଼, ପରୀକ୍ଷକ, ପୋଲିସ,

ଅବ୍‌ଜରଭର୍ ଇତ୍ୟାଦି । ଆୟୋଜନକୁ ଦେଖିଲେ ଗୋଟିଏ ଛୋଟକାଟିଆ ବିଶ୍ୱଯୁଦ୍ଧର ଆୟୋଜନ ଭଳି ଲାଗିବ ।

ମାତ୍ର ଗୋଟିଏ ଛୋଟିଆ କଥା କହାରି ମୁଣ୍ଡରେ ପଶୁ ନାହିଁ ଯେ ଆମେ ପିଲାମାନଙ୍କର କପି କରିବା ମନୋଭାବକୁ କିପରି ବଦଳେଇ ଦେଇ ପାରିବା । ଅର୍ଥାତ୍, ପିଲାମାନେ ଯେଉଁ କାରଣରୁ କପି କରୁଛନ୍ତି, ସେହି କାରଣ ବା ଉଦ୍ଦେଶ୍ୟକୁ ବଦଳେଇ ଦେବା । ତା'ହେଲେ ପିଲାମାନେ ଆଦୌ କପି କରିବେ ନାହିଁ କିଂବା ଆମର ମୁଣ୍ଡବ୍ୟଥା ରହିବ ନାହିଁ । ମାତ୍ର ସରକାର ତାହା ନକରି ଗୁଡ଼ିଏ ମାନସିକ ଚିନ୍ତା ବଢ଼ିଲା ଭଳି ବ୍ୟବସ୍ଥା କରୁଛନ୍ତି । ପିଲାଟିର କପି କରିବାର ମନୋଭାବ ପରିବର୍ତ୍ତନ କରିବା ଆଉ ଗୋଟିଏ ଚେତନାର କଥା । ଏହା ବୁଝିବା ଆବଶ୍ୟକ ।

ବର୍ତ୍ତମାନ ଆମେ କିଛିଟା ବୁଝି ପାରୁଛୁ ଯେ ଯାହା ଯାହା ଆମେ ମନ ମଧ୍ୟରେ କରୁଛୁ ତାହାର ଆଉ ପୁନରାବୃତ୍ତି କରିବା ଆମର ଉଦ୍ଦେଶ୍ୟ ନୁହେଁ । ଏପରିକି ସର୍ବୋତ୍ତମ ଭାବରେ କରିବାର ମଧ୍ୟ ଆମର ଉଦ୍ଦେଶ୍ୟ ନୁହେଁ ।

ଶ୍ରୀମାଙ୍କ ଉକ୍ତିରେ, "… We are here to do what the others *cannot do* because they do not have the idea that it can be done."

(CWM., Vol. 12, p. 113)

ଅର୍ଥାତ୍, ''ଆମେ ଏଠାରେ ସେଇଆ କରିବାକୁ ଆସିଛୁ ଯାହା ଅନ୍ୟମାନେ କରିପାରିବେ ନାହିଁ, କାରଣ ଏହା ଯେ ହୋଇପାରିବ ସେ ସମ୍ପର୍କରେ ତାଙ୍କର ଧାରଣା ନାହିଁ ।''

ସେ କାମଟି ସହଜ କିଂବା କଷ୍ଟ ତାହା ମଧ୍ୟ ବିଚାର୍ଯ୍ୟ ନୁହେଁ । ତାହା ଯେ ସମ୍ପୂର୍ଣ୍ଣ ଏକ ନୂଆ କଥା, ସେତିକି ମାତ୍ର ଜାଣିବା କଥା । ଆମର ସ୍କୁଲଟି ଗୋଟିଏ ଭଲ ସ୍କୁଲ ନୁହେଁ, ମାତ୍ର ତାହା ଏକ ନୂଆ ସ୍କୁଲ । ଆପଣ ଭଲକୁ ଯେତେ ଅଧିକ ଭଲ କରିବାକୁ ଇଚ୍ଛା କଲେ ମଧ୍ୟ ତାହା ନୂଆ ହୋଇ ପାରିବ ନାହିଁ । ତେଣୁ ବାହାରକୁ ସବୁ ସମାନ ଲାଗୁଥିଲେ ମଧ୍ୟ ତାହା ସମସ୍ତଙ୍କଠାରୁ ଭିନ୍ନ ଏକ ନୂଆ କଥା ।

ପୁନଶ୍ଚ ଶ୍ରୀମା କହିଛନ୍ତି, "… We are here to open the way of the Future to children who belong to the Future."

(CWM., Vol. 12, p. 113)

ଅର୍ଥାତ୍, ''ଏଇ ପିଲାମାନେ ଯେଉଁମାନେ ଏକ ଭବିଷ୍ୟତ୍ ନିମନ୍ତେ ଉଦ୍ଦିଷ୍ଟ ସେମାନଙ୍କ ପାଇଁ ସେହି ଭବିଷ୍ୟତର ଦ୍ୱାର ଖୋଲିଦେବା ନିମନ୍ତେ ଆମ୍ଭେମାନେ ଏଠାରେ ଅଛୁ ।''

ତେଣୁ ଆମ କାର୍ଯ୍ୟର ଉଦ୍ଦେଶ୍ୟ ଆମେ ଜାଣିଲୁ । ପରିଶେଷରେ ଶ୍ରୀମା କହିଲେ – "... Anything else is not worth the trouble and not worthy of Sri Aurobindo's help."

(CWM, Vol. 12, p. 113)

ଅର୍ଥାତ୍, ''... ଏହା ବ୍ୟତୀତ ଆଉ ଯାହା ଯାହା ଆମେ ଚେଷ୍ଟା କରୁଛୁ ସେସବୁ ସମ୍ପୂର୍ଣ୍ଣ ନିରର୍ଥକ ବ୍ୟାପାର ଏବଂ ଆମ୍ଭେମାନେ ସେଥିପାଇଁ ଶ୍ରୀଅରବିନ୍ଦଙ୍କର କୌଣସି ସାହାଯ୍ୟ ପ୍ରାପ୍ତ ହେବୁ ନାହିଁ ।''

ଏବେ ନିଶ୍ଚୟ ବୁଝି ହେବ ଯେ ଶ୍ରୀ ଲଳିତ ମୋହନ ଘୋଷ କାହିଁକି ସାଧାରଣ ଶିକ୍ଷାକୁ ଶୁଖୁଆ କହିବା ବେଳେ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ମହାପ୍ରସାଦ କହୁଥିଲେ ।

❑❑❑

ଭାରତର ନବ ଜାଗରଣ ଆଗାମୀ କାଲିର ସୂର୍ଯ୍ୟୋଦୟ ପରି ସୁନିଶ୍ଚିତ ଏବଂ ଏହି ବିରାଟ ଦେଶର ତ୍ରିଂଶକୋଟି* ଜନତା, ଯେଉଁମାନଙ୍କର ରହିଛି ଏକ ଅସାଧାରଣ ମତିଗତି, ଜୀବନର ଏକ ଅତୁଳନୀୟ ଐତିହ୍ୟ, ଅତି ଶକ୍ତିଶାଳୀ ବୁଦ୍ଧିମତ୍ତା ଏବଂ ଯେଉଁ ଦେଶର ରହିଛି ପ୍ରଚ୍ଛନ୍ନ ଶକ୍ତିବିଶିଷ୍ଟ ବିରାଟ ଜନତା ତାହାର ନବଜନ୍ମ ଆଧୁନିକ ଜଗତର ଏକ ଅତ୍ୟାଶ୍ଚର୍ଯ୍ୟମୟ ଘଟଣା ହେବା ଅବଶ୍ୟମ୍ଭାବୀ ।

(*The Ideal of Human Unity*) — ଶ୍ରୀଅରବିନ୍ଦ

*୧୯୨୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ଭାରତର ଲୋକସଂଖ୍ୟା

କାହାଣୀ :

# ଯମୁନାର ମାଟି

## ମନୋଜ ଦାସ

ବିଶିଷ୍ଟ ଓକିଲ ଜଗଦୀଶ ବର୍ମା ଯାଇଥିଲେ ମଥୁରା, ତୀର୍ଥ ପାଇଁ ନୁହେଁ ଜଣେ ଧନପତିଙ୍କୁ କିଛି ଆଇନଗତ ପରାମର୍ଶ ଦେବା ନିମନ୍ତେ । ଫେରୁଥିଲେ ନିଜ ସହରକୁ । ସାଥିରେ ଥା'ନ୍ତି ତାଙ୍କ ସହକାରୀ ଶେଖର ।

ଷ୍ଟେସନରେ ଓହ୍ଲାଇ କୁଲି ହାତରେ ଜିନିଷପତ୍ର ଧରାଇ ଦୁହେଁ ରେଳରାସ୍ତା ଉପର ପୋଲ ଅତିକ୍ରମ କରୁଛନ୍ତି, ହଠାତ୍ ବର୍ମା ସାହେବ ରହିଗଲେ । ''ବଡ଼ ଭୁଲ୍ ହୋଇଗଲା ତ !'' ସେ ସ୍ୱଗତୋକ୍ତି କଲା ଭଳି କହିଲେ ।

''କ'ଣ ହେଲା ଆଜ୍ଞା ?'' ପ୍ରଶ୍ନ କଲେ ଶେଖର ।

ବର୍ମା ସାହେବ ଉତ୍ତର ନଦେଇ ଶେଖରଙ୍କୁ ଆଗେଇ ଯାଇ ସେମାନଙ୍କୁ ଅପେକ୍ଷା କରିଥିବା ଗାଡ଼ିରେ ଜିନିଷପତ୍ର ଥୋଇବାକୁ ଓ କୁଲିକୁ ବିଦା କରି ଦେଇ ଟିକିଏ ଅପେକ୍ଷା କରିବାକୁ କହିଲେ । ଶେଖର ତାହାହିଁ କଲେ । ଦୁଇ, ତିନି ମିନିଟ ପରେ ବର୍ମା ସାହେବ ଯାଇ ଗାଡ଼ିରେ ବସିଲେ । ତାଙ୍କ ହାତରେ ଥିବା ଖବରକାଗଜରେ ସେ କିଛି ଗୁଡ଼ାଇ ଆଣିଥିବାର ଦେଖିଲେ ଶେଖର ।

ଘରେ ପହଞ୍ଚି ବର୍ମା ସାହେବ ଶେଖରଙ୍କୁ କହିଲେ, ''ଶୁଣ । ତୁମେ ଏ ପୁଡ଼ିଆଟି ନେଇଯାଇ ଚମ୍ପାବତୀ ଦେବୀଙ୍କୁ ଦେଇ ଆସ । କହିବ, ମୁଁ ଦେଇଛି । ସେ ବୁଝିବେ । ତୁମେ ଅନ୍ୟ କିଛି କହିବା ଦରକାର ନାହିଁ ।''

ଶେଖର ଆଜ୍ଞାବହ କର୍ମଚାରୀ । ସେ ପୁଡ଼ିଆ ଧରି ଚାଲିଲେ । ଚମ୍ପାବତୀ ଦେବୀ ଜଣେ ସମ୍ଭ୍ରାନ୍ତ ବିଧବା ବୃଦ୍ଧା । ସମସ୍ତେ ତାଙ୍କୁ ସମ୍ମାନ କରନ୍ତି । ଜଗଦୀଶ ବାବୁଙ୍କୁ ସେ ପୁଅ ଭଳି ଶ୍ରଦ୍ଧା କରନ୍ତି ।

''ମୋ ପୁଅ ଜଗଦୀଶ ଆଣିଛି ?'' ବୃଦ୍ଧା ପୁଡ଼ିଆଟି ଗ୍ରହଣ କରୁ କରୁ ଉଚ୍ଛ୍ୱସିତ ହୋଇ ଉଠିଲେ । ''କର୍ମବ୍ୟସ୍ତତା ଭିତରେ ପୁଅ ମୋର ଏ ଛୋଟ ଅନୁରୋଧ ମନେ ରଖିପାରିଲା !'' ପୁଡ଼ିଆଟି ମୁଣ୍ଡରେ ଲଗାଇ ବୃଦ୍ଧା କହିଚାଲିଲେ : ''ଯେତେବେଳେ ଶୁଣିଲି ଯେ ସେ ମଥୁରା ଯାଉଛି, ତାକୁ କହିଥିଲି କି ସେ ଯେମିତି ଯମୁନା ନଈରୁ ମେଞ୍ଚାଏ ମାଟି ମୋ ପାଇଁ ଆଣିବ । ବୁଝିଲ ବାପ ! ମଥୁରା, ବୃନ୍ଦାବନର ଯମୁନା ମାଟିଠୁଁ ବଡ଼ ସମ୍ପଦ ମୋ ପାଇଁ ଆଉ କ'ଣ ହୋଇପାରେ ?''

ବୃଦ୍ଧା ମାଟିତକ ଖବରକାଗଜରୁ ଓଜାଡ଼ି ଗୋଟିଏ ହାତୀଦାନ୍ତର ବାକ୍ସରେ ରଖିଲେ । ତାଙ୍କ ଆନନ୍ଦାଶ୍ରୁ ସେ ମାଟି ଉପରେ ପଡ଼ିଲା ।

ଲଜ୍ଜା ଓ ଗ୍ଲାନିରେ ଶେଖର ପ୍ରାୟ ଥରି ଉଠିଲେ । ସେ ବୁଝିଲେ, ବର୍ମା ସାହେବ ମଥୁରାରୁ ମାଟି ଆଣିବାକୁ ଭୁଲି ଯାଇ ଷ୍ଟେସନ ପାଖରେ ହଠାତ୍ ସେକଥା ମନେ ପଡ଼ିବାରୁ, ପୋଲ ତଳୁ ମେଞ୍ଚାଏ ମାଟି ଉଠାଇ ନେଇ ଆସିଥିଲେ । ଶେଖର ଜାଣିଥିଲେ ଯେ ଜଗଦୀଶ ବାବୁ ଅତ୍ୟନ୍ତ ବସ୍ତୁବାଦୀ ଲୋକ । ଦାର୍ଶନିକ ଚିନ୍ତାଧାରାରେ ସେ ନାସ୍ତିକ । କର୍ମ, ଧର୍ମ — ଏସବୁ କଥାରେ ସେ ହସି ଦିଅନ୍ତି । କିନ୍ତୁ ସେ ଯାହା ହେଉ, ବ୍ୟକ୍ତିଗତ ଭାବରେ ସେ ନ୍ୟାୟପରାୟଣ ଲୋକ । ଜୀବନରେ ସେ କାହାକୁ ଦଗା ଦେବାର ଜଣା ନାହିଁ । ବୃଦ୍ଧାଙ୍କ ଅନୁରୋଧକୁ ସେ ଗୋଟିଏ ଅଜ୍ଞାନ ଶିଶୁର ଅଳି ଭାବରେ ଗ୍ରହଣ କରି ଶିଶୁକୁ ଭୁଲାଇବା ରୀତିରେହିଁ ସେ ତାଙ୍କୁ ମାଟିତକ ଧରାଇ ଦେଇଛନ୍ତି । ମଥୁରା, ବୃନ୍ଦାବନର ଯମୁନା ମାଟିରେ କିଛି ବିଶେଷତ୍ୱ ଅଛି ବୋଲି ସେ ବିଶ୍ୱାସ କରନ୍ତି ନାହିଁ ।

ଶେଖର ନିଜକୁ ସାନ୍ତ୍ୱନା ଦେଲେ — ସେ ନିଜେ ତ' ମିଛ କହି ନାହାନ୍ତି ! ସେ ଖାଲି ତାଙ୍କ ଉପରେ ନ୍ୟସ୍ତ କାମ ତୁଲାଇଛନ୍ତି ।

ସମୟ ଗଡ଼ି ଚାଲିଲା । ଚମ୍ପାବତୀ ଇହଧାମରୁ ବିଦାୟ ନେଲେ । ଜଗଦୀଶ ବର୍ମା ଓକିଲାତିରୁ ଅବସର ନେଲେ । ଶେଖର ବି କାମ ଛାଡ଼ି ଦେଇଥା'ନ୍ତି; କିନ୍ତୁ ଜଗଦୀଶବାବୁଙ୍କ ସହ ତାଙ୍କ ଘନିଷ୍ଠତାରେ ବ୍ୟତିକ୍ରମ ଘଟି ନଥାଏ । ଇତିମଧ୍ୟରେ ଚମ୍ପାବତୀ ଦେବୀଙ୍କ ନାତି ଜଗଦୀଶବାବୁଙ୍କ କନ୍ୟାର ପାଣିଗ୍ରହଣ କରିଥା'ନ୍ତି ।

ବର୍ମା ସାହେବ ଅସୁସ୍ଥ ହେଲେ । ତାଙ୍କ ଅବସ୍ଥା କ୍ରମେ ସଙ୍କଟାପନ୍ନ ହେଲା । ତାଙ୍କ ଜୁଆଇଁ, ଅର୍ଥାତ୍ ଚମ୍ପାବତୀଙ୍କ ନାତି ଜଣେ ବିଶିଷ୍ଟ ଡାକ୍ତର । ସେ ଓ ଶେଖର ତାଙ୍କର ଯତ୍‌ପରୋନାସ୍ତି ସେବା କରୁଥା'ନ୍ତି । କିନ୍ତୁ ଦିନେ ରାତିରେ ଜୁଆଇଁ ଡାକ୍ତର

ଶେଖରଙ୍କୁ କହିଲେ, ‘‘କକା ! ଆଉ ଆଶା ନାହିଁ । ଏ ରାତି ବୋଧହୁଏ ରୋଗୀ ପାଇଁ ପାହିବ ନାହିଁ ।’’ ହଠାତ୍ ସେ କିଛି ମନେ ପକାଇ ପୁଣି କହିଲେ, ‘‘କକା ! ତୁମେ ଏଇଠି ଜଗିଥାଅ । ମୁଁ ଆସୁଛି ।’’ ସେ ଅଧଘଣ୍ଟାଏ ଭିତରେ ଗୋଟିଏ ଛୋଟ ବୋତଲ ଧରି ଆସିଲେ ଓ ବର୍ମା ସାହେବଙ୍କୁ ସେଥିରେ ଥିବା ପାନୀୟ ପିଆଇ ଦେଲେ ।

ବର୍ମା ସାହେବ ପରେ ପରେ ସୁସ୍ଥ ହେବାକୁ ଆରମ୍ଭ କଲେ । ସଙ୍କଟ କଟିଗଲା ।

ଦିନେ ଶେଖର ଓ ଡାକ୍ତର ଗୋଟିଏ ଭୋଜିକୁ ଯିବା ବାଟରେ ଡାକ୍ତର କହିଲେ, ‘‘କକା ! କିସ ପୁଣି ଦେଖା ନ ଯାଏ ! ଶ୍ୱଶୁରଙ୍କୁ ଶେଷକୁ କ’ଣ ରକ୍ଷା କଲା ଜାଣନ୍ତି ? ମୋ ବୁଢ଼ୀମା’ ମୃତ୍ୟୁ ପୂର୍ବରୁ ମୋତେ ଗୋଟିଏ ହାତୀଦାନ୍ତ ବାକ୍ସ ଦେଇ ଯାଇଥିଲେ । କହିଥିଲେ, ସେଥିରେ ଯେଉଁ ମାଟି ଅଛି ତାହା ଅତି ପବିତ୍ର । ସେ ନିଜେ କୁଆଡ଼େ ସେ ମାଟିରୁ ଚାମୁଚାଏ ଲେଖାଏଁ ପାଣିରେ ମିଶାଇ କାହା କାହାକୁ ପିଆଇ ରୋଗ ଭଲ କରି ଦେଇଛନ୍ତି । ଯେତେବେଳେ ମୁଁ ଜାଣିଲି ଯେ ଶ୍ୱଶୁରଙ୍କୁ ମୋ ଔଷଧ ବଞ୍ଚାଇ ପାରିବ ନାହିଁ, ସେତେବେଳେ ଭାବିଲି ଜେଜେମା’ଙ୍କ ଉପଦେଶ ମାନିଲେ କ୍ଷତି ବା କ’ଣ !’’

ଶେଖର ଚମକି ଉଠିଲେ । ସେହି ପୋଲ ତଳର ମାଟି ? କିନ୍ତୁ ତାଙ୍କର ମନେ ହେଲା, ସେ ମାଟି ଆଉ ପୋଲ ତଳର ମାଟି ହୋଇ ନାହିଁ । ବୃଦ୍ଧାଙ୍କ ଅମାପ ବିଶ୍ୱାସ, ଭକ୍ତି ଓ ଶ୍ରଦ୍ଧା ସେଥିରେ ଗୁଣାତ୍ମକ ପରିବର୍ତ୍ତନ ସାଧନ କରିଛି । ବୃଦ୍ଧାଙ୍କ ଅଶ୍ରୁ ତଥା ହୃଦୟର ଯମୁନା ଦ୍ୱାରା ସିକ୍ତ ସେ ମାଟି !

‘‘ତୁମେ ମୋର ଗୋଟିଏ କଥା ରଖିବ ?’’ ଶେଖର ଡାକ୍ତରଙ୍କୁ କହିଲେ, ‘‘ତୁମେ କେବେ ବି ବର୍ମା ସାହେବଙ୍କୁ ସେ ମାଟି ବିଷୟରେ କିଛି କହିବ ନାହିଁ ।’’

‘‘ଆଚ୍ଛା, କକା !’’ ଡାକ୍ତର ସମ୍ମତି ଜଣାଇଲେ ।

(‘ମନୋଜ ଦାସ ପରିବେଷିତ ଉପକଥା ଶତକ’ରୁ ସଂଗୃହୀତ, ପୃ. ୨୮-୩୦)

❑❑❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଅଭିଶାପ ନୁହେଁ ଆଶୀର୍ବାଦ

## ସନ୍ତୋଷ ରଥ

ହରିତ୍‌ବର୍ଣ୍ଣା ଅରୋଭିଲ୍‌କୁ ପଦ-ପରିକ୍ରମା କରିବାର ଅନ୍ତିମ ପର୍ଯ୍ୟାୟରେ ପୂର୍ଣ୍ଣାହୁତି ଦେଲା ଅସରାଏ ବର୍ଷା । ଶୀତ ସହିତ ସାଲିସ କରି ଦାକ୍ଷିଣାତ୍ୟର ପଣତ ଭିଜାଏ ଫେରନ୍ତା ମୌସୁମୀ । ଏକଥା ଜାଣିଥିଲେ ବି ଭୋଗି ନଥିଲି ଭିଜା ଦେହର ଥୁରୁଥୁରିଆ ଶୀତ । ଆଶ୍ରା-ବିକଳ ଶରୀର ଦୁଇଟା ମୁଣ୍ଡ ଗୁଞ୍ଜିଲେ ପାଖାପାଖି ଗଛର ଗଣ୍ଡିକୁ ଆଉଜି । ଘଞ୍ଚତାର ଅଭାବ ନଥିଲା, ତଥାପି ଫୁଟା ଚନ୍ଦ୍ରତାପ ପରି ଶିରି ଶିରି ହୋଇ ପାଣି ଝରି ଆସୁଥାଏ ୟୁକାଲିପଟାସ୍ ଗଛର ପତ୍ର ଉହାଡ଼ରୁ । କାରଣ ଗଛଗୁଡ଼ାକ ଥିଲେ ସାବଧାନ ସିପାହୀ ସଦୃଶ ଠିଆ ଠିଆ । ଯୋଗକୁ ବର୍ଷା ବାହୁଡ଼ି ଗଲା । ଦରଭିଜା ହୋଇ ଆମେ ବର୍ତ୍ତି ଗଲୁ । ହେଲେ ମନକୁ ଭିଜାଇ ଦେଲା ସଂଶୟଟିଏ ।

ଆଚ୍ଛା, ଅରୋଭିଲ୍ ତ ଏଇ ପଞ୍ଚଦଶକର ପ୍ରକଳ୍ପ । ମାତ୍ର ଯେ ଦେଖିଛନ୍ତି, କହନ୍ତି – ଏ ସାରା ତାଲୁକଟା ଥିଲା ଊଷର ଭୂଇଁ, ଗେଙ୍ଗୁଟି ଭରା । ପୁଣି ଏତେ ଶ୍ୟାମଳିମାରେ ଭରି ହେଲା କେମିତି ? – ପ୍ରଶ୍ନ କଲି ସାଙ୍ଗରେ ଥିବା ବନ୍ଧୁ ଜଣଙ୍କୁ । ସେ ମୋର ପରିଚିତ ଥିଲେ ବି ତାଙ୍କ ମାତୃଭାଷା ଥିଲା ସ୍ଥାନୀୟ ।

– ''କୋଟାକାରାଇର ଅଭିଶପ୍ତ କାହାଣୀ ବଡ଼ ରହସ୍ୟମୟ । ଏଠି ନୁହେଁ, ଚାଲ ଆଗରେ କହିବି ।'' ଏତିକି କହି ଗାଡ଼ି ଚଳାଇଲେ ବନ୍ଧୁ ପଣ୍ଡିଚେରୀ ଫେରନ୍ତା ରାସ୍ତାର ଭିନ୍ନ ଦିଗରେ । ବିନା ବର୍ଷାତିରେ ଯିବା ପାଇଁ ନାରାଜ ଥିଲେ ବି ଜାଗାଟା ପାଖାପାଖି ଜାଣି ଚୁପ୍ ରହିଲି ।

ଅତ୍ୟୁଚ୍ଚ ନ ହେଲେ ବି ମନ୍ଦିର ବହୁ ପୁରାତନ । ସାମନାରେ ବଡ଼ ବଡ଼ ତେନ୍ତୁଳି ଗଛ, ପାର୍ଶ୍ୱରେ ସରୋବର ପଥର ବେଢ଼ଣ ମଧ୍ୟରେ । ଲେଖା ଫଳକରୁ ଜାଣିଲି ଏ ହେଉଛି ଇରୁମ୍ବାଇର ମହାକାଳେଶ୍ୱର ମନ୍ଦିର, ଚୋଳ ବଂଶୀୟ ରାଜାଙ୍କ ଦ୍ୱାରା ନିର୍ମିତ । ମାତ୍ର ଗର୍ଭଗୃହର ଶିବଲିଙ୍ଗ ସ୍ୱୟଂଭୂ; ଶିଳ୍ପୀକୃତ ନୁହେଁ । ପରିବେଶ ବେଶ୍ ଶାନ୍ତ ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ । ପ୍ରଭୁଙ୍କ ଦର୍ଶନ ଓ ବେଢ଼ା ପରିକ୍ରମା ସାରି ସରୋବର ଆଡ଼କୁ ମୁହାଁଇଲୁ । ବନ୍ଧୁ ଜଣକ ତୁଠ ମଣ୍ଡପ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ – ''ଏ ହେଉଛି କିଂବଦନ୍ତୀର କେନ୍ଦ୍ରସ୍ଥଳ । ଯଦିଓ ପୂର୍ବର ପିପ୍‌ଳି ଗଛ ଆଉ ନାହିଁ, ଅଛି କିନ୍ତୁ ମଣ୍ଡପ ।''

ମୁଁ କିନ୍ତୁ ବୁଝି ପାରୁ ନଥାଏ ମୋ ପ୍ରଶ୍ନ ସହିତ ଏ ମନ୍ଦିର, ଏ ମଣ୍ଡପର କି ସମ୍ପର୍କ ରହିଛି । ତଥାପି ନିଘା ରଖିଥାଏ ସବୁକିଛିକୁ ।

''କିଂବଦନ୍ତୀ ହେଲେ ବି ଇତିହାସ ସହିତ ଜଡ଼ିତ ଏ କାହାଣୀ, ଯାହାର ମୂକସାକ୍ଷୀ ମହାକାଳେଶ୍ୱର । ବଡ଼ ଜୀବନ୍ତ ଓ ପ୍ରତ୍ୟକ୍ଷ ଠାକୁର । ଜନଶ୍ରୁତି ଅଛି ସେତେବେଳେ ଚୋଳ ବଂଶୀୟ ରାଜା ତୃତୀୟ କୁଲଥୁଙ୍ଗନ୍‌ଙ୍କ ରାଜୁତି । ଏ ସମସ୍ତ ଅଞ୍ଚଳ ଥିଲା ତୋଣ୍ଡେଇ ମଣ୍ଡଲମ୍‌ର ଅନ୍ତର୍ଗତ ଯାହାର ପରବର୍ତ୍ତୀ ନାମ 'ତୋଣ୍ଡେନାଡୁ'ରୁ 'ତାମିଲନାଡୁ' ହୋଇଛି । ଆଉ ଏ ଗ୍ରାମର ନାମ 'ଇଲୁପାଇ'ରୁ 'ଇରୁମ୍ବାଇ' ହୋଇଛି ।'' ବଡ଼ ତଥ୍ୟପୂର୍ଣ୍ଣ ଥିଲା ବନ୍ଧୁଙ୍କ ବ୍ୟାଖ୍ୟାନ । ପାଦ ସହିତ ପାଦ ମିଳାଇ କଥାକୁ ଆଗେଇ ନେଉଥା'ନ୍ତି । ଭାବିଲି ମୁଁ ଠିକ୍ ଲୋକକୁ ଧରିଛି । ବର୍ଷା ଭିଜା ଦେହଟା ସେତେବେଳକୁ ଶୁଖିଲା ଝଣଝଣ । ଦୁହେଁ ତୁଠ ପଥର ଉପରେ ଏକ କଣିଆ ହୋଇ ବସିଲୁ । ପାଗ ସେତେବେଳକୁ ଅନୁକୂଳ, ଫେରିବାର ଦକ ନଥାଏ ।

ଅଧା ଭିଜା ମାଟିର ବାସ୍ନା ବାରି କହିଲି – ''ଅରୋଭିଲ୍ ପଟେ ଯେତିକି ବର୍ଷା, ଏପଟେ ସେତିକି ବି ନାହିଁ । ଅନ୍ୟ ରାଜ୍ୟମାନଙ୍କ ସହ ତୁଳନା କଲେ ଲାଗେ ତାମିଲନାଡୁର ବର୍ଷା ଇନ୍ଦ୍ରଦେବଙ୍କର ଶଙ୍ଖ ତର୍ପଣ । ଠିକ୍ ନା !''

– ''ସେତିକି ପାଇଁ ବି କାର୍ପଣ୍ୟତା ପ୍ରକାଶ କଲେ ଇନ୍ଦ୍ର । କେତେ ଫେରନ୍ତା ମୌସୁମୀ ଆସି ଫେରିଗଲା ପଛେ ବର୍ଷା ଫେରିଲାନି । ପଡ଼ିଆ ପଡ଼ିଗଲା କ୍ଷେତଖମା । ସାରା ଇଲାକାରେ ମରୁଡ଼ିର ହାହାକାର । କୋଟାକାରାଇବାସୀ ବିଶେଷ ଯଜ୍ଞର ଆୟୋଜନ କଲେ ଇନ୍ଦ୍ରଦେବଙ୍କ ସନ୍ତୁଷ୍ଟି ପାଇଁ । ଶୁଭିଲା ଘଡ଼ଘଡ଼ି, କମ୍ପିଲା ଆକାଶମଣ୍ଡଳ, ହେଲେ ବର୍ଷିଲାନି ବର୍ଷା । ନିରାଶ ହୋଇ ଫେରିଗଲେ ପୀଡ଼ିତ ଗ୍ରାମବାସୀ ।'' ବନ୍ଧୁଙ୍କ କଥାରେ ଲଗାମ ଦେଇ ପ୍ରଶ୍ନ କଲି – ''ତା'ପରେ ?''

– ''ସେଦିନ ରାତିରେ ଇନ୍ଦ୍ରଦେବ ପ୍ରକଟ ହେଲେ, ସ୍ୱପ୍ନାଦେଶ ମିଳିଲା ରାଜାଙ୍କୁ – 'ହେ ରାଜନ୍, ତୁମ ରାଜ୍ୟର ଅନାବୃଷ୍ଟିର କାରଣ ମୁଁ ନୁହେଁ, ମହାକାଳେଶ୍ୱର ମନ୍ଦିର ସନ୍ନିକଟ ସରୋବର ମଣ୍ଡପ ଉପରେ ବସିଥିବା ତପସ୍ୱୀ । ତାଙ୍କ

ତପଃଊର୍ଜରେ ମୁଁ ଅତିଷ୍ଠ, ଜଳଧାରା ହୋଇ ବର୍ଷିବି କେମିତି ? ଉପାୟ ତୁମେ ନିର୍ଦ୍ଧାରଣ କର ।'

''ଚଡ଼କ ପଡ଼ିଲା ରାଜାଙ୍କ ଉପରେ । ରାଜ୍ୟ ସାରା ଢେଙ୍ଗୁରା ପିଟା ହେଲା, ହେଲେ ତପସ୍ୱୀଙ୍କର ତପଶ୍ଚର୍ଯ୍ୟାରେ ବିଘ୍ନ ଘଟାଇବାକୁ କେହି ଅଣ୍ଟା ଭିଡ଼ିଲେନି । – 'ଯେଉଁଠି ସ୍ୱୟଂ ଇନ୍ଦ୍ରଦେବ ଅସହାୟ ସେଠି ବଲ୍ଲୀ କାହୁଁ ତିଷ୍ଠିବ ! ସେ କ'ଣ ସ୍ୱର୍ଗର ଅପ୍‌ସରା, ନା ଦେବୀ ରତି ।'– ଭୀତୁ ଗ୍ରାମବାସୀ ଚର୍ଚ୍ଚା ବାଢ଼ିଲେ ।''

– ''କିଏ ସେ ବଲ୍ଲୀ, ସେ କ'ଣ ରାଜ ନର୍ତ୍ତକୀ ?''

– ''ଷୋଡ଼ଶୀ କୁଆଁରୀ ବଲ୍ଲୀ ଥିଲା ଏଇ ଗ୍ରାମର ଜଣେ ଚାଷୀର କନ୍ୟା । ମହାକାଳେଶ୍ୱରଙ୍କ ପାଖରେ ପୂର୍ଣ୍ଣ ସମର୍ପିତା । ସ୍ୱଇଚ୍ଛାରେ ଆସି ପ୍ରଭୁଙ୍କ ପାଖରେ ନୃତ୍ୟ ପ୍ରଦର୍ଶନ କରୁଥିବାରୁ ସଭିଏଁ ତାକୁ ଦେବନର୍ତ୍ତକୀ ବଲ୍ଲୀ ବୋଲି ଡାକୁଥିଲେ ।''

– ''ତା'ପରେ !''

– ''ରାଜାଙ୍କ ସମ୍ମତି କ୍ରମେ ବଲ୍ଲୀ ତପସ୍ୱୀଙ୍କ ଆଗରେ ଉଭା ହେଲା ସନ୍ତର୍ପଣରେ । କବରୀରେ ରଜନିଗନ୍ଧାର ଗଜରା, ଦେହରୁ ମହକୁ ଥାଏ ଅଗୁରୁ, ଚନ୍ଦନର ବାସ୍ନା । ଆଉ ଚାହାଣିରେ ଲୋଟୁଥିଲା ଚାତୁରୀର ଚାମର । ପର୍ଯ୍ୟାୟ ପରେ ପର୍ଯ୍ୟାୟ ପ୍ରୟୋଗ ପରେ ବି ନାଟ୍ୟଶାସ୍ତ୍ରର ସବୁ ମୋହମୁଦ୍ରା ବିଫଳ ହେଲା । ତପସ୍ୱୀ ଥା'ନ୍ତି ସେମିତି ତପୋମଗ୍ନ – ପଦ୍ମାସନ, ମୁଦ୍ରିତ ଚକ୍ଷୁ ପିପ୍ପଳ ଗଛର ଛାୟାତଳେ । ବଲ୍ଲୀ ହତୋତ୍ସାହ ନ ହୋଇ ଭିନ୍ନ ଉପାୟ ପାଞ୍ଚିଲା ।''

– ''କ'ଣ ଥିଲା ସେ ମୋହନାସ୍ତ୍ର ?'' ପ୍ରଶ୍ନ କଲି ।

– ''ବଲ୍ଲୀ କିଛି ସୁସ୍ୱାଦୁ ପାମ୍ପଡ଼ ପ୍ରସ୍ତୁତ କରି ତପସ୍ୱୀଙ୍କ ଚାରିକଡ଼େ ବିଞ୍ଚି ଦେଲା । ଯାହାର ଆକୃତି ଥିଲା ପିପ୍ପଳ ପତ୍ର ପରି । ତପସ୍ୱୀ ଶରୀର ରକ୍ଷା ଉଦ୍ଦେଶ୍ୟରେ ପାମ୍ପଡ଼ କେତୋଟି ସାଉଁଟି ନେଲେ ପିପ୍ପଳ ପତ୍ର ଭାବି । ସତକୁ ସତ ସୁସ୍ୱାଦୁ ଖାଦ୍ୟହିଁ ହେଲା ତପୋଭଙ୍ଗର ହେତୁ । ଚକ୍ଷୁ ଖୋଲି ପ୍ରକୃତିସ୍ଥ ହେଲେ ତପସ୍ୱୀ ଏବଂ କାରଣ ଜାଣିବା ପରେ ସ୍ୱସ୍ତି ମୁଦ୍ରା ପ୍ରଦର୍ଶନ କଲେ ବଲ୍ଲୀକୁ । ଜୟ ଜୟକାର ଶୁଭିଲା ମନ୍ଦିର ଚତୁଃପାର୍ଶ୍ୱରୁ । ସଭିଏଁ ଆଶ୍ୱସ୍ତ ହେଲେ – ଏଥର ବର୍ଷା ସୁନିଶ୍ଚିତ ।''

ଅବାକ୍ ହୋଇ ଅନାଇ ଥାଏ ବନ୍ଧୁଙ୍କ ଉତ୍ତରକୁ । ମୋର ଉତ୍କଣ୍ଠା ସେତେବେଳକୁ ଆକାଶଛୁଆଁ ।

– ''ସେ ଦିନର ସମାବେଶ ଥିଲା ସମ୍ପୂର୍ଣ୍ଣ ଭିନ୍ନ । ବିଜୁଳିର ଚମକ ଭଳି ବଲ୍ଲୀର ପାଦ ଦୁଇଟା ଚଳଚଞ୍ଚଳ, 'ଆନନ୍ଦ ତାଣ୍ଡବ' ନୃତ୍ୟର ତାଳେ ତାଳେ । ସମ୍ମୁଖରେ ବସିଥା'ନ୍ତି ତପସ୍ୱୀ, ଭାବରେ ବିହ୍ୱଳ । ବଲ୍ଲୀ ନୁହେଁ, ଦେଖୁଥିଲେ ସାକ୍ଷାତ୍ ମହାକାଳେଶ୍ୱରଙ୍କ ତାଣ୍ଡବ ନୃତ୍ୟ କୈଳାସ ଶିଖରରେ । ଅପର ପଟେ ରାଜା ଓ ପ୍ରଜାମଣ୍ଡଳୀ । ହଠାତ୍ ତପସ୍ୱୀ ଉଠି ଆସିଲେ ନାଟମଣ୍ଡପ ଉପରକୁ । ନୃତ୍ୟ ଓ ବାଦ୍ୟସବୁ ଥମ୍ ପଡ଼ିଗଲା । ପଛରୁ ଶୁଭିଲା କଟୂକ୍ତି – 'ଏ କ'ଣ ! ତପସ୍ୱୀ ହୋଇ ନର୍ତ୍ତକୀର ପାଦ ସ୍ପର୍ଶ କଲ ।' ରାଜା ମଧ୍ୟ ମୌନେ ସମ୍ମତି ଦେଉଥିଲେ ।

''କ୍ଷୁବ୍ଧ ହୋଇ ଉଠିଲେ ତପସ୍ୱୀ – 'ହେ ପ୍ରଭୁ, ମୁଁ କ'ଣ ସତରେ ତୁମ ଚରଣରେ ଘୁଙ୍ଗୁର ବାନ୍ଧି ଦେଉ ନଥିଲି । ତୁମେ ଯଦି ଏଇ ମନ୍ଦିରରେ ବିରାଜମାନ, ସମ୍ମୁଖକୁ ଆସି ଏହାର ପ୍ରମାଣ ଦିଅ । ମୋତେ ଏ ଅପମାନରୁ ରକ୍ଷା କର । ଏବଂ ଯେଉଁଥି ପାଇଁ ମୋର ତପସ୍ୟା ଭଙ୍ଗ ହୋଇଛି ତାହା ଯେମିତି ସିଦ୍ଧ ନହେଉ ।'

''ଠିକ୍ ସେତିକିବେଳକୁ ମନ୍ଦିର ଗର୍ଭଗୃହରୁ ଝଲସି ଉଠିଲା ଶତ ଉଲ୍‌କାର ରଶ୍ମି । ମେଦିନୀ କମ୍ପମାନ ହେଲା । ବଡ଼ ପୂଜାରୀ ଚିତ୍କାର କରି ଉଠିଲେ, 'ଏ କ'ଣ ! ପ୍ରଭୁଙ୍କ ଲିଙ୍ଗ ପ୍ରତିମା ତିନିଧାର ହୋଇ ଯାଉଛି । ଆହେ ଧୂର୍ଜଟି ! ଅପରାଧ କ୍ଷମା କର । କ୍ଷାନ୍ତ ହୁଅ ।' ସମସ୍ତେ ତ୍ରସ୍ତ । ରାଜାଙ୍କ କ୍ଷମା ଯାଚନାରେ ତପସ୍ୱୀ ମଧ୍ୟ ଶାନ୍ତ ହୋଇ ପ୍ରାର୍ଥନା ଜଣାଇଲେ ମହାକାଳେଶ୍ୱରଙ୍କୁ – 'ପ୍ରଭୁ, ତୁମେହିଁ ଜ୍ଞାତା ତୁମେହିଁ ଜ୍ଞେୟ । ତୁମେହିଁ ସ୍ରଷ୍ଟା, ତୁମେହିଁ ସୃଷ୍ଟି । ତୁମେ ନିଜେହିଁ ନିଜକୁ ରକ୍ଷା କର, ପୁଣି ଗଢ଼ି ଉଠ ।'

''ସତକୁ ସତ ଏକ ଅପୂର୍ବ ପ୍ରଶାନ୍ତି ଫେରିଆସିଲା ମନ୍ଦିର ବେଢ଼ା ପରିସରରେ । ଲିଙ୍ଗ ପ୍ରତିମା ପୁଣି ଯୋଡ଼ି ହୋଇଗଲେ । କିନ୍ତୁ ତପସ୍ୱୀଙ୍କ ଅଭିଶାପ ସେପର୍ଯ୍ୟନ୍ତ ଅତୁଟ ଥାଏ । ଫେରାଇ ନେବା ପାଇଁ ସମସ୍ତଙ୍କର ଆକୁତି । ରାଜାଙ୍କ ଅନୁରୋଧ ରକ୍ଷା କରି ତପସ୍ୱୀ କହିଲେ, 'ଠିକ୍ ଅଛି, ବର୍ଷା ହେବ, ହେଲେ କୋଟାକାରାଇ ଅଞ୍ଚଳରେ ସେତିକିବେଳେ ଶ୍ୟାମଳିମା ଫେରି ଆସିବ, ଯେତେବେଳେ ବହୁ ଦୂର ଦୂରାନ୍ତରରୁ ଲୋକମାନେ ଆସି ରୁଣ୍ଡ ହେବେ ଏହି ଅଞ୍ଚଳରେ ।' ଏଇଟାହିଁ ଏ ଅଞ୍ଚଳର ଜନଶ୍ରୁତି ଓ ବିଶ୍ୱାସ ।''

ଏତିକି କହି ବନ୍ଧୁ ଫେରି ଆସିବା ପାଇଁ ତତ୍ପର ହେଲେ । ମୁଁ କିନ୍ତୁ ଭାବୁଥାଏ ଏହାକୁ କ'ଣ ଅଭିଶାପ କହି ହେବ, ବରଂ ଅରୋଭିଲ୍ ସ୍ଥାନ ସଂରକ୍ଷଣ ନିମନ୍ତେ ଏ ତ ଏକ ବିଧିବଦ୍ଧ ଯୋଜନା । ଭଗବତ୍ ଆଶୀର୍ବାଦ । ❑

# ବାମନାବତାର କଥା

## (୧)

### ଭିକାରି ଚରଣ ପଣ୍ଡା

ଦେବତା ଓ ଅସୁରମାନଙ୍କ କଳି ସବୁଦିନେ; କିନ୍ତୁ ଅମୃତ ବଣ୍ଟନ ହେବା ସମୟରୁ ସେହି କଳିଟା ବେଶୀ ତେଜି ଉଠିଲା । କାରଣ, ଉଭୟ ଦଳ ମିଶି ସମୁଦ୍ରକୁ ମନ୍ଥି ଅମୃତ ବାହାର କରିଥିଲେ । କିନ୍ତୁ କେବଳ ଦେବତାମାନେହିଁ ଅମୃତକୁ ଖାଇଗଲେ; ଅସୁରମାନଙ୍କୁ ଆଙ୍ଗୁଠି ଟିପରେ ଟିପେ ସୁଦ୍ଧା ଦେଲେ ନାହିଁ । ଏଥିରେ ଉତ୍ତ୍ୟକ୍ତ ହୋଇ ଅସୁରମାନେ ଜୀବନର ଆଶା ଛାଡ଼ି ଦେବତାମାନଙ୍କୁ ଆକ୍ରମଣ କଲେ । କାରଣ, ଅମୃତ ନ ପାଇବାଟା ତାଙ୍କୁ ବଡ଼ ବାଧିଲା । ଅନେକ ଦିନ ଧରି ଭୟାନକ ସଂଗ୍ରାମ ଚାଲିବା ଉତ୍ତାରେ ଦିନେ ଅସୁର ରାଜା ବଳି ଇନ୍ଦ୍ରଙ୍କ ଦ୍ୱାରା ନିହତ ହେଲେ । ଏଥିରେ ଅସୁରମାନେ ନ ହଟି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଯୁଦ୍ଧ ଚାଲୁ ରଖିବାକୁ ବାହାରି ଥିଲେ । କିନ୍ତୁ ହଠାତ୍ ଯୁଦ୍ଧକ୍ଷେତ୍ରରେ ନାରଦ ପହଞ୍ଚି ଯାଇ ଉଭୟଙ୍କୁ ବାରଣ କଲେ । ଦେବତାମାନେ ଭାବନ୍ତି ଯେ ନାରଦ କେବଳ ସେମାନଙ୍କର ହିତାକାଙ୍‌କ୍ଷୀ ଅଟନ୍ତି, ଅସୁରମାନଙ୍କ ହିତାକାଙ୍‌କ୍ଷୀ ନୁହନ୍ତି । ଅସୁରମାନେ ଭାବନ୍ତି ଯେ ନାରଦ କେବଳ ଅସୁରମାନଙ୍କ ହିତବାଞ୍ଛା କରନ୍ତି, ଦେବତାମାନଙ୍କ ହିତବାଞ୍ଛା କରନ୍ତି ନାହିଁ । ତେଣୁ ଉଭୟ ପକ୍ଷ ନାରଦଙ୍କ କଥାକୁ ଶିରୋଧାର୍ଯ୍ୟ କଲେ ଓ ତତ୍‌କ୍ଷଣାତ୍ ଯୁଦ୍ଧ ବନ୍ଦ କଲେ ।

ବଳିଙ୍କ ଶରୀର ତ ଛିନ୍ନଭିନ୍ନ ହୋଇ ଯୁଦ୍ଧକ୍ଷେତ୍ରରେ ପଡ଼ିଥିଲା । ଶୁକ୍ରାଚାର୍ଯ୍ୟ କ'ଣ କଲେନା ସେହି ଶରୀରକୁ ଯତ୍ନ ସହକାରେ ଅଣାଇଲେ ଓ ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗକୁ ଯଥା ସ୍ଥାନରେ ଯୋଡ଼ି ମନ୍ତ୍ରପାଣି ଛିଞ୍ଚି ଦେଲେ । ତତ୍‌କ୍ଷଣାତ୍ ବଳିରାଜା ନିଦରୁ ଉଠିବା ପରି ଉଠି ବସିଲେ । ଏଥର ସେ ନିଜର ସମସ୍ତ ଭାର ଶୁକ୍ରଙ୍କ ଉପରେ ଅର୍ପଣ କଲେ । ସଜଳ ଚକ୍ଷୁରେ କହିଲେ, ''ହେ ଗୁରୁଦେବ ! ଆପଣଙ୍କ ମନ୍ତ୍ର ବିଦ୍ୟାର ପ୍ରଭାବରୁ ଅସୁରକୁଳ ଯୁଗେ ଯୁଗେ ସୁରକ୍ଷିତ । ଆପଣଙ୍କ ଚରଣ ଧୂଳି ଆମ ଶିରରେ ଥିବା ପର୍ଯ୍ୟନ୍ତ ଇନ୍ଦ୍ରଙ୍କ ବଜ୍ରକୁ ସୁଦ୍ଧା ଆମର ଭୟ ନାହିଁ । ଆଦେଶ ଦିଅନ୍ତୁ, ଆପଣଙ୍କ ଆଶୀର୍ବାଦ ପାଇ ପୁନଶ୍ଚ ସମରସଜ୍ଜା ଆରମ୍ଭ କରିବୁ ।''

ଶୁକ୍ରାଚାର୍ଯ୍ୟ ମୃଦୁ ହସି ବଳିଙ୍କୁ ଯୁଦ୍ଧ କରିବାକୁ ବାରଣ କଲେ ଓ ଅତି ବିରାଟ ଏକ ଯଜ୍ଞର ଆୟୋଜନ କରାଇଲେ । ସେହି ଯଜ୍ଞର ନାମ ହେଉଛି ବିଶ୍ୱଜିତ୍ ଯଜ୍ଞ । ଏହା ଦେଖି ଅସୁରମାନେ ''ଇୟେ କି ପ୍ରକାର ପ୍ରତିକାର ଶୁକ୍ର ଗୋସାଇଁ କଲେ'' ବୋଲି ପରସ୍ପର ମୁହଁ ଚୁହାଁଚୁହିଁ ହେଲେ । ଏହା ସେମାନଙ୍କୁ ଭାରି ତାଟକା ଲାଗିଲା । କାରଣ, ଭୋଜି ନିମନ୍ତ୍ରଣ ପାଇଲେ ଚକୁଳିଆ-ପଣ୍ଡାମାନେ ନାଚିବା ପରି ଅସୁର ଜାତିଟା ଖାଲି ଯୁଦ୍ଧ ନିମନ୍ତ୍ରଣ ପାଇଲେହିଁ ନାଚି ଜାଣନ୍ତି । କିନ୍ତୁ ମହାରାଜ ବଳି ତଥା ତାଙ୍କର ଅତି ବିଶ୍ୱସ୍ତ ମନ୍ତ୍ରୀବର୍ଗ ଜାଣନ୍ତି ଯେ ଶୁକ୍ରାଚାର୍ଯ୍ୟଙ୍କର ଗଭୀର ବୁଦ୍ଧିକୁ ମାପିବା ଯାହା, ଆକାଶକୁ ହାତ ଭିତରେ ଧରିବାକୁ ଯିବା ତାହା । ଅସୁର ଜାତିଟାର ନିଜସ୍ୱ ବାହାଦୁରି ବୋଲି ଯଦି କିଛି ଥାଏ, ତେବେ ତାହା ହେଲା ସେମାନଙ୍କ ଦେବଦ୍ରୋହୀ ପ୍ରକୃତି । ଏହା ଛଡ଼ା ଆଉ ବାହାଦୁରି କିଛି ନାହିଁ, ସବୁ ବାହାଦୁରିର ଉତ୍ସ ହେଉଛି ଶୁକ୍ରାଚାର୍ଯ୍ୟଙ୍କ ବୁଦ୍ଧି – ଏହା ଅସୁର ନେତାମାନେ ଭଲ କରି ଜାଣନ୍ତି । ତେଣୁ ଶୁକ୍ରାଚାର୍ଯ୍ୟ ଯେତେବେଳେ ଯଜ୍ଞ କରିବାକୁ ପରାମର୍ଶ ଦେଲେ, ବଳି ମହାରାଜ ତାକୁ ହର୍ଷଭରେ ସ୍ୱୀକାର କରି ନେଲେ । ଯଜ୍ଞ ସମାପନ ହେବା ପର୍ଯ୍ୟନ୍ତ ଶୁକ୍ରାଚାର୍ଯ୍ୟଙ୍କ ପରାମର୍ଶ ଅନୁଯାୟୀ ପ୍ରତ୍ୟେକ କର୍ମକୁ ଏପରି ନିଖୁଣ ଓ ତ୍ୟାଗପୂତ ସହକାରେ କଲେ ଯେ ବ୍ରତରେ ଛିଦ୍ର ହେବାର ବାଟ ରହିଲା ନାହିଁ । ଯଜ୍ଞାବଭୃଥ ସ୍ନାନ (ଯଜ୍ଞର ସବା ଶେଷ କର୍ମ) ହେବା ବେଳକୁ ବଳି ଓ ତାଙ୍କ ପତ୍ନୀଙ୍କର ପିନ୍ଧିବା ବସ୍ତ୍ର ଛଡ଼ା ଆଉ କିଛି ସମ୍ପତ୍ତି ଅବଶେଷ ନଥିଲା ।

ଶୁକ୍ରାଚାର୍ଯ୍ୟ ଏଥର ଆଦେଶ ଦେଲେ ସମରସଜ୍ଜା ପାଇଁ । ସାରା ଅସୁର ଫଉଜ ଭିତରେ ଆନନ୍ଦର ଲହଡ଼ି ଖେଳିଗଲା । ଶୁକ୍ରାଚାର୍ଯ୍ୟ ସ୍ୱୟଂ ଗୋଟିଏ ରଥ ବଳିଙ୍କୁ ଉପହାର ଦେଲେ, ଯାହା ଉପରେ ସେ ନିଜର ଶ୍ରେଷ୍ଠ ଆୟୁଧମାନଙ୍କୁ ସଜାଡ଼ି ରଖି, ଦିବ୍ୟକବଚ ଧାରଣ କରି ବସିଲେ । ଆପଣାର ପିତାମହ ପ୍ରହ୍ଲାଦଙ୍କୁ ମନେ ମନେ ସୁମରଣା କରି ତାଙ୍କ ଉଦ୍ଦେଶ୍ୟରେ ନମସ୍କାର କଲେ । ଶୁଭ ଲଗ୍ନରେ ରାଜଦାଣ୍ଡରେ ଅସଂଖ୍ୟ ସେନାର ପୁରୋଭାଗରେ ଯୁଦ୍ଧର ଅନୁକୂଳ ଚିହ୍ନ ସ୍ୱରୂପ

ସେ ଶଙ୍ଖଧ୍ୱନି କଲେ । ସଙ୍ଗେ ସଙ୍ଗେ ଯୁଦ୍ଧ ଦୁନ୍ଦୁଭି ବାଜି ଉଠିଲା । ମହାସମାରୋହରେ ସେନା ଆଗେଇ ଚାଲିଲା ସ୍ୱର୍ଗ ଅବରୋଧ କରିବା ଉଦ୍ଦେଶ୍ୟରେ ।

ତେଣେ ସ୍ୱର୍ଗପୁରୀରେ ଦେବତାମାନେ ଖବର ପାଇ ସାରିଲେଣି । ଦେବରାଜ ଅତି ତ୍ୱରା ହୋଇ ବୃହସ୍ପତିଙ୍କୁ ସ୍ମରଣ କଲେ ଓ ପଚାରିଲେ ଯେ ଏଥର ବଳି ଆଗ ଅପେକ୍ଷା ଦୁର୍ଦ୍ଧର୍ଷ ଜଣା ପଡୁଛନ୍ତି । ତାଙ୍କ ଆକୃତିରେ ଓଜଃ, ସହଃ, ବଳ ଓ ତେଜଃ ଏହି ଦିବ୍ୟଶକ୍ତିଗୁଡ଼ିକ ଭରପୂର ଥିବା ଭଳି ଦେଖା ଯାଉଛି । ହଠାତ୍ ଏହି ଉନ୍ନତିର କାରଣ କ'ଣ ଓ ଏଭଳି ସ୍ଥିତିରେ ତାଙ୍କର ମୁକାବିଲା କରାଯିବ କି ନା ?

ବୃହସ୍ପତି ଇନ୍ଦ୍ରଙ୍କୁ କହିଲେ – ପୂର୍ବରୁ ବଳି କେବଳ ସ୍ଥୂଳ ଆସୁରିକ ଶକ୍ତିର ଭରସାରେ ଯୁଦ୍ଧ କରୁଥିବାରୁ ତାଙ୍କୁ ପରାସ୍ତ କରି ହେଉଥିଲା । ବର୍ତ୍ତମାନ ସେ ତାଙ୍କ ନିଜର ସୀମାବଦ୍ଧତାକୁ ବୁଝି ପାରିଛନ୍ତି ଓ ନୂତନ ଏକ ବଳକୁ ଆୟତ୍ତ କରିଛନ୍ତି । ସେହି ବଳ ହେଉଛି ପୁଣ୍ୟ ଶକ୍ତି ରୂପକ ସୂକ୍ଷ୍ମବଳ । ତାହା ମାନସିକ ବୁଦ୍ଧି ବିଦ୍ୟାର ବଳ ଅପେକ୍ଷା ମଧ୍ୟ ଉତ୍କର୍ଷରେ ଅଧିକ । ଶାରୀରିକ ପରାକ୍ରମ ଅପେକ୍ଷା ତ ନିଶ୍ଚୟ ଅଧିକ । କୌଣସି ଅସ୍ତ୍ର ସେଠାରେ କାମ ଦେବ ନାହିଁ । ତେଣୁ କାଳ ବିଳମ୍ବ ନକରି ଦେବତାମାନେ ସ୍ୱର୍ଗ ଛାଡ଼ି ପଳାନ୍ତୁ । ଯେତେବେଳେ ସ୍ୱର୍ଗପୁରୀର ନର୍ତ୍ତକୀ ଓ ଯାବତୀୟ ଅନ୍ୟାନ୍ୟ ଭୋଗ୍ୟବସ୍ତୁଗୁଡ଼ିକୁ ଉପଭୋଗ କରି କରି ଅସୁର ରାଜା ଭୋଗସର୍ବସ୍ୱ ହୋଇ ଉଠିବେ, ସେତେବେଳେ ତାଙ୍କର ସମସ୍ତ ପୁଣ୍ୟବଳ ନଷ୍ଟ ହୋଇଯିବ ଓ ତେଜଃ, ଓଜଃ, ସହଃ, ବଳ ପ୍ରଭୃତି ଦିବ୍ୟଗୁଣଗୁଡ଼ିକ ଶରୀରରୁ ଚାଲିଯିବ, ସେତେବେଳେ ସାମାନ୍ୟ ଆଘାତରେ ମଧ୍ୟ ସେ ମୃତ୍ୟୁର କବଳରେ ପଡ଼ିଯିବେ । ସେତକ ହେବା ଯାଏଁ ଦେବତାମାନଙ୍କୁ ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ ପଡ଼ିବ । ବୃହସ୍ପତିଙ୍କର ଏହି ପରାମର୍ଶ ଶୁଣି ଦେବତାମାନେ ତାହାହିଁ କଲେ । ସୁତରାଂ ବଳି ସ୍ୱର୍ଗ ଅବରୋଧ କରି ଯେତେବେଳେ ଯୁଦ୍ଧ ଡାକରା ସ୍ୱରୂପ ଶଙ୍ଖଧ୍ୱନି କଲେ, ସେତେବେଳେ ତା'ର ପ୍ରତିବାଦ କରିବାକୁ ବିଲେଇ ଛୁଆଟିଏ ସୁଦ୍ଧା ସେ ସ୍ୱର୍ଗପୁରୀରେ ନଥିଲେ ।

ଶୁକ୍ରାଚାର୍ଯ୍ୟ ଅତି ଚତୁର ଓ ଦୂରଦର୍ଶୀ । ବଳି ଯେଉଁ ଦିନ ସ୍ୱର୍ଗର ସିଂହାସନରେ ବସିଲେ, ସେହି ଦିନହିଁ ଶହେଟି ଅଶ୍ୱମେଧ ଯଜ୍ଞ କରିବାକୁ ତାଙ୍କ ଉପରେ ହୁକୁମ ଲଦି ଦେଲେ । ପୁଣ୍ୟର ଫଳ ଭୋଗ କରୁଥିବା ବେଳେ ଅଥଚ ପୁଣ୍ୟ ସରିବା ପୂର୍ବରୁହିଁ ନୂତନ ପୁଣ୍ୟ ଅର୍ଜନ କରାଯିବା ଉଚିତ । ବଳିରାଜା ଏ ଆଦେଶକୁ ମଥାପାତି ସ୍ୱୀକାର କରି ନେଲେ ଓ ସ୍ୱର୍ଗରେ ଆପଣାର ପ୍ରତିନିଧିମାନଙ୍କୁ ରଖାଇ ଦେଇ ସ୍ୱର୍ଗର ମୋହ ପରିତ୍ୟାଗପୂର୍ବକ ଗୁରୁଙ୍କ ପଛେ ପଛେ କର୍ମଭୂମି ଭାରତବର୍ଷକୁ ଚାଲି ଆସିଲେ । କାରଣ, ସାରା ବିଶ୍ୱବ୍ରହ୍ମାଣ୍ଡରେ କି ସ୍ୱର୍ଗ, କି ମର୍ତ୍ତ୍ୟ, କି ପାତାଳ ସମସ୍ତଙ୍କ ଭିତରେ ଏକମାତ୍ର ଭାରତବର୍ଷହିଁ କର୍ମଭୂମି । ଅନ୍ୟ ସମସ୍ତ ହେଉଛନ୍ତି ଭୋଗଭୂମି ମାତ୍ର ।

ନର୍ମଦା ନଦୀର ଉତ୍ତର ତଟରେ ବିରାଟ ଯଜ୍ଞଶାଳା ତିଆରି ହେଲା । ଦେବତାମାନେ ଏ ପ୍ରସ୍ତୁତି ଦେଖି ସବୁଦିନ ପାଇଁ ସ୍ୱର୍ଗକୁ ପାସୋରିଲୁଁ ବୋଲି ଭାବିଲେ ।

ଦେବତାମାନଙ୍କ ମାତା ଅଦିତି ଏ ଘଟଣା ଦେଖି ଆପଣାର ପୁତ୍ରମାନଙ୍କ ଦୁଃଖରେ ବ୍ୟଥିତା ହେଲେ । ନିଜର ଆଶ୍ରୟ ସ୍ଥାନରୁ ତଡ଼ାଖାଇ ନିରାଶ୍ରୟ ହୋଇ ଘୂରି ବୁଲୁଥିବା ଦେବତାମାନେ ପୁନଶ୍ଚ କିପରି ସ୍ୱର୍ଗରେ ସ୍ଥାୟୀ ହୋଇ ବସି ପାରିବେ ଏଥିପାଇଁ ଭଗବାନଙ୍କ ଶରଣାପନ୍ନ ହେଲେ । ପୟୋବ୍ରତ ନାମକ ଏକପ୍ରକାର ବ୍ରତ ଦ୍ୱାରା ସେ ପରମପିତା ଭଗବାନଙ୍କୁ ସନ୍ତୁଷ୍ଟ କଲେ ଓ ତାଙ୍କର ଦର୍ଶନ ଲାଭ କଲେ ।

ଭଗବାନ୍ ଅଦିତିଙ୍କୁ ଦେଖାଦେଇ କହିଲେ, ''ହେ ଦେବି ! ତୁମେ ଯାହା କାମନା କରିଛ ତାହା ମୁଁ ଜାଣେ । କିନ୍ତୁ ତୁମେ କ'ଣ ଜାଣ ନାହିଁ ଯେ ବଳି ବର୍ତ୍ତମାନ ମୋର ଦେଲା ପୁଣ୍ୟଫଳ ଭୋଗ କରୁଛି ? କାରଣ ଯେକୌଣସି ଯଜ୍ଞ ଆନ୍ତରିକ ଭାବେ ଜଣେ ଯଦି କରେ, ତେବେ ପରୋକ୍ଷରେ ମୋତେହିଁ ତ ପୂଜା କରିଥାଏ ! ମୁଁ ହେଉଛି ସକଳ ଯଜ୍ଞର ଭୋକ୍ତା ଓ ଅଧୀଶ୍ୱର । ଯଜ୍ଞର ଫଳ ମୋ ହସ୍ତରୁ ଯଜମାନ ଲାଭ କରିଥାଏ । ବଳି ଯେହେତୁ ଯଜ୍ଞାବଶେଷ ଅନ୍ନକୁ ଗ୍ରହଣ କରି ଦିନ ଯାପନ କରୁଛି ଏବଂ ଯେହେତୁ ତା'ର ସମସ୍ତ ସମ୍ପତ୍ତି ଯଜ୍ଞାବଶିଷ୍ଟ ଅଟେ, ଏଣୁ କାହାର ସାଧ ନାହିଁ ସେହି ସମ୍ପତ୍ତିରୁ ତାକୁ ଉଚ୍ଛେଦ କରିବାକୁ । ସେ ଯେ କେହି ହେଉନା କାହିଁକି ! ବଳରେ, କୂଟକପଟରେ ଅଥବା ଅନ୍ୟ କୌଣସି ସ୍ଥୂଳ ଉପାୟରେ ତାକୁ କେହି ଜିଣି ପାରିବେ ନାହିଁ । ତଥାପି ମୋର ଆରାଧନା କରି ଯେହେତୁ ତୁମେ ମୋତେ ପ୍ରସନ୍ନ କରିଛ, ତେଣୁ ତୁମର ପୁତ୍ରମାନଙ୍କର ମଧ୍ୟ ଯହିଁରେ କଲ୍ୟାଣ ହେବ, ସେପରି ଏକ ଉପାୟ ମୋତେ ଭାବିବାକୁ ହେବ । ମୁଁ ତୁମ ଗର୍ଭରୁ ବ୍ରାହ୍ମଣ ବାଳକ ରୂପେ ଜନ୍ମଗ୍ରହଣ କରିବି ଓ ହାତ ପତାଇ ବଳି ପାଖରୁ ସମସ୍ତ ସମ୍ପତ୍ତି ମାଗି ଆଣିବି । ଏହା ଛଡ଼ା ଅନ୍ୟ ଉପାୟ ନାହିଁ ।

ବର୍ତ୍ତମାନ ତୁମର ନିଷ୍କଳଙ୍କ ପତି, ଯେ କି ଅନ୍ୟତମ ପ୍ରଜାପତି ଅଟନ୍ତି, ତାଙ୍କର ପୁଣ୍ୟ ଔରସରେ ତୁମର ଗର୍ଭାଧାନ ହେଉ । କିନ୍ତୁ ଗର୍ଭାଧାନ ସମୟରେ ପତିପତ୍ନୀ ମିଳି ମୋତେ ମନେ ମନେ ଆବାହନ କରିବ ଓ ତୁମେ ପତିର ଶରୀରରେ ମୋତେ ଧ୍ୟାନ କରି ପତି ସହିତ ମିଳିତ ହେବ । ଏହା ଅତ୍ୟନ୍ତ ଗୋପନ ରଖିବ । ଯେହେତୁ ଦେବଗୁହ୍ୟ ବ୍ୟାପାରଗୁଡ଼ିକ ପୂର୍ଣ୍ଣଗୋପନ ରହିଲେ ଯାଇ ଉପଯୁକ୍ତ ଫଳ ଦିଏ ।''

କ୍ରମେ ଦଶମାସ ପୂର୍ଣ୍ଣ ହୁଅନ୍ତେ ଅଦିତିଙ୍କ ଗର୍ଭରୁ ଏକ ଦିବ୍ୟଶିଶୁ ଜନ୍ମଲାଭ କଲା । ତା'ର ସର୍ବାଙ୍ଗରୁ ବ୍ରହ୍ମତେଜଃ ଫୁଟି ପଡୁଥିଲା । ଏକେ ତ ଅଦିତି ଓ କଶ୍ୟପ ହେଉଛନ୍ତି ସାରା ଦେବତାକୁଳର ମାତାପିତା, ସେମାନଙ୍କ ସନ୍ତାନ ନିଶ୍ଚୟ ତେଜସ୍ୱୀ ହେବା କଥା, ଦ୍ୱିତୀୟତଃ ସେହି ସନ୍ତାନଟି ବିଷ୍ଣୁକଳା ଅଟେ । ତେଣୁ ତା'ର କଥା ଆଉ କ'ଣ କହିବା ?

ବ୍ରାହ୍ମଣମାନଙ୍କର ଦୁଇଥର ଜନ୍ମ ହୁଏ ବୋଲି ସେମାନଙ୍କୁ ଦ୍ୱିଜ କୁହାଯାଏ । ମାତୃଗର୍ଭରୁ ଜନ୍ମ ହେବାଟା ଗୋଟାଏ ଜନ୍ମ ଓ ଯଜ୍ଞୋପବୀତ ପାଇବା ବେଳେ ଯେଉଁ ସଂସ୍କାର କରାଯାଏ, ତାହା ଆଉ ଗୋଟିଏ ଜନ୍ମ । ଏହାକୁ ଉପନୟନ ସଂସ୍କାର କହନ୍ତି । ବାସ୍ତବରେ ଉପନୟନ ସଂସ୍କାର ହେଉଛି ଏକ ପ୍ରତୀକ ମାତ୍ର ଏବଂ ଏହା ଯାହାର ପ୍ରତୀକ ଅଟେ, ସେହି ଜିନିଷଟି ହେଉଛି ଆଧ୍ୟାତ୍ମିକ । ସଂକ୍ଷେପରେ କହିଲେ, ଉପନୟନ ସଂସ୍କାର ହେଉଛି ନବଜନ୍ମର ପ୍ରତୀକ । ଉପନୟନ ସଂସ୍କାର ପରେ ବାଳକକୁ ବ୍ରହ୍ମଚାରୀ ବା 'ବଟୁ' କୁହାଯାଏ । ବ୍ରହ୍ମଚାରୀଙ୍କର ଧର୍ମ ହେଲା ଭିକ୍ଷା ମାଗିବା ଓ ଗୁରୁସେବାପୂର୍ବକ ବିଦ୍ୟା ପଢ଼ିବା । ଅଦିତିଙ୍କ ପୁତ୍ର ଉପନୟନ ସଂସ୍କାର ଦ୍ୱାରା ବ୍ରହ୍ମଚାରୀ ଜୀବନକୁ ପ୍ରବେଶ କଲେ । ତାଙ୍କର ବୋଧି ବଳରେ ସେ ତତ୍‌କ୍ଷଣାତ୍ ସଚେତନ ହେଲେ ଯେ ଯେଉଁ ମହାନ୍ କାର୍ଯ୍ୟର ଭାର ନେଇ ସେ ଆସିଛନ୍ତି, ସେଇ ବିଷୟରେ । ସେତେବେଳକୁ ତାଙ୍କର ବୟସ ମାତ୍ର ସାତବର୍ଷ । ହାତରେ ତାଳପତ୍ର ଛତା, କମଣ୍ଡଳୁ, ଭିକ୍ଷାପାତ୍ର ପ୍ରଭୃତି ସେ ସଜାଡ଼ିଲେ । କାନ୍ଧରେ ଶ୍ରୁବ, ଶ୍ରୁଚ, ପ୍ରୋକ୍ଷଣୀ ପାତ୍ର, ତମ୍ବା ପାତ୍ର ପ୍ରଭୃତି ଯଜ୍ଞୋପକରଣ ଓ ବେଦପୋଥି (ତାଳପତ୍ର ଲିଖିତ) ବୋହିଲେ । ବେକରେ ରୁଦ୍ରାକ୍ଷମାଳା ଧାରଣ କଲେ । ବାମ କାନ୍ଧରେ ଯଜ୍ଞୋପବୀତ, କୃଷ୍ଣମୃଗ ଚର୍ମ ଓ କାଖରେ କୁଶ ବିଡ଼ାଏ ଧଇଲେ । ତପ୍ପରେ ଏପରି ଲଳିତ ସ୍ୱରରେ ସାମବେଦ ଗାୟନ କଲେ ଯେ ହଠାତ୍ ଶୁଷ୍କ ଗଛପତ୍ରରେ ସୁଦ୍ଧା ପତ୍ର କଅଁଳି ଉଠିଲା । ଅ-ବସନ୍ତରେ ବସନ୍ତ ବିରାଜିତ ହେଲା, ପାଣି ପବନ, ଗଛଲତା, ବଣପାହାଡ଼, ଆକାଶ ସମସ୍ତେ ମଧୁ ବର୍ଷା କଲାପରି ପ୍ରତୀୟମାନ ହେଲେ । ଚତୁଷ୍ପଦ ଜୀବମାନେ ସେହି ଅପୂର୍ବ ସ୍ୱରଲହରୀ ଶୁଣି ତୃଣ ଗ୍ରାସକୁ ପାଟିରେ ସେଇପରି ରଖି, କାନଠିଆ କରି ଚିତ୍ରପ୍ରତିମା ପରି ରହିଗଲେ । ବାମନବଟୁ ଧୀରେ ଧୀରେ ବଳିର ଯଜ୍ଞଶାଳା ଉଦ୍ଦେଶ୍ୟରେ ଗତି କଲେ । ଦେବତାମାନେ ଅଦୃଶ୍ୟରେ ଥାଇ ଭଗବାନଙ୍କର ଅବାଙ୍‌ମାନସଗୋଚର କର୍ମକୁ ସଂଭ୍ରମ ସହକାରେ ଚାହିଁ ରହିଲେ ।

(କ୍ରମଶଃ) ❑

ପୃଥିବୀପୃଷ୍ଠସ୍ଥ ଜୀବନ ପ୍ରଧାନତଃ ଅଗ୍ରଗତି ନିମନ୍ତେ ଏକ କ୍ଷେତ୍ର । କିନ୍ତୁ ଯେଉଁସବୁ ଅଗ୍ରଗତି କରିବାକୁ ହେବ ତା' ତୁଳନାରେ ଜୀବନ କେତେ ସଂକ୍ଷିପ୍ତ !
ନିଜର କ୍ଷୁଦ୍ର କ୍ଷୁଦ୍ର କାମନା-ବାସନାକୁ ଚରିତାର୍ଥ କରିବା ନିମନ୍ତେ ଚାହିଁବାରେ ସମୟ ନଷ୍ଟ କରିବା ତୁଚ୍ଛା ନିର୍ବୋଧତା ଛଡ଼ା ଆଉ କିଛି ନୁହେଁ । ଯଥାର୍ଥ ସୁଖ ସେତିକିବେଳେ ସମ୍ଭବ ଯେତେବେଳେ ତୁମେ ଭଗବାନଙ୍କୁ ପାଇବ ।

— ଶ୍ରୀମା

# ନୂତନ ଆଶାର କଳିକା

## ବନମାଳୀ ଆଚାର୍ଯ୍ୟ

ବଲାଙ୍ଗୀର ସହରର ଉପକଣ୍ଠରେ ଥିବା ଏକ ଡାକଘରେ ସ୍ୱାଧୀନ ପ୍ରଥମଥର ପାଇଁ ପୋଷ୍ଟମାଷ୍ଟର ଚାକିରିରେ ଯୋଗ ଦେଲେ । ଜଣେ ମେଧାବୀ ଛାତ୍ର ଥିବାରୁ ତଥା ଡାକବିଭାଗ ଚାକିରି ସକାଶେ ଉଦ୍ଦିଷ୍ଟ ପରୀକ୍ଷାରେ ଉଚ୍ଚ ସଫଳତା ହାସଲ କରିଥିବାରୁ ନିଜ ସାମର୍ଥ୍ୟ ଉପରେ ତାଙ୍କର ଯଥେଷ୍ଟ ବିଶ୍ୱାସ ଥିଲା । ପିଲାଦିନରୁ ବଣ ପାହାଡ଼ର ପ୍ରାକୃତିକ ଦୃଶ୍ୟରାଜି ପ୍ରତି ତାଙ୍କର ସ୍ୱତନ୍ତ୍ର ଆକର୍ଷଣ ଥିଲା । ଅରଣ୍ୟର ଉପାନ୍ତରେ ଥିବା ଏକ ଘରୋଇ ବାସଗୃହରେ ସେ ନିଜ ପାଇଁ ରହିବା ଓ ଖାଇବାର ବ୍ୟବସ୍ଥା କରିଥିଲେ । ବାସଗୃହର ସନ୍ନିକଟରେ ଥିଲା ସବୁଜ ବନାନୀ । ପଶୁପକ୍ଷୀ ଓ ସ୍ଥାନୀୟ ବାସିନ୍ଦାମାନଙ୍କ ପ୍ରତି ତାଙ୍କର ଅନ୍ତରଙ୍ଗତା ଧୀରେ ଧୀରେ ବଢୁଥିଲା, ସତେ ଯେପରି ବହୁ ଆଗରୁ ସେମାନେ ତାଙ୍କର ପରିଚିତ ଥିଲେ ।

ଗ୍ରୀଷ୍ମଋତୁର ଏକ ସକାଳ । ଦୈନନ୍ଦିନ କାର୍ଯ୍ୟ ଶେଷ କରି ସ୍ୱାଧୀନ ଏକ ପତ୍ରିକା ପାଠ କରିବାରେ ବ୍ୟସ୍ତ ଥିଲେ । ଅନ୍ୟ ଦିନ ପରି ବାହାର ବାରଣ୍ଡା ଉପରେ ସପଟିଏ ପାରି ଏକୁଟିଆ ବସିଥିଲେ । ସକାଳ ସମୟରେ ବି ସୂର୍ଯ୍ୟକିରଣ ଟାଣ ଥିଲା । ତାପମାତ୍ରାରେ କିଛିଟା ବୃଦ୍ଧି ଘଟିଥିଲା । କେହି ଜଣେ ବାରଣ୍ଡା ଉପରେ ପାଦ ରଖିବାର ଶବ୍ଦ ସେ ଶୁଣିପାରିଲେ । ଉପରକୁ ମୁଣ୍ଡ ଉଠାଇ ଚାହିଁଲେ । ଜଣେ ପଚାଶରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ତାଙ୍କ ସମ୍ମୁଖରେ ଠିଆ ହୋଇଥିବାର ସେ ଦେଖିଲେ । ଟାଣ ଖରାରୁ ସାମୟିକ ଭାବେ ରକ୍ଷା ପାଇବାର ଉଦ୍ଦେଶ୍ୟ ନେଇ ବ୍ୟକ୍ତି ଜଣକ ବାରଣ୍ଡା ଉପରକୁ ଆସିଥାଇ ପାରନ୍ତି, ଏହା ଭାବି ସେ ପୁନର୍ବାର ପତ୍ରିକା ପାଠ କରିବାରେ ମନ ଦେଲେ ।

''ନମସ୍କାର, ସାର୍ ।''

''ନମସ୍କାର'', ସ୍ୱାଧୀନ ମଥା ଟେକି ଅଳ୍ପ ହସି କହିଲେ । ''ତୁମ ପରିଚୟ ଜାଣି ପାରେ କି ? କେଉଁ ଉଦ୍ଦେଶ୍ୟରେ ଏଠାକୁ ଆସିଛ ? ତୁମେ କ'ଣ ଏହି ଅଞ୍ଚଳର ବାସିନ୍ଦା ?''

''ଆଜ୍ଞା, ମୁଁ ଯୋଶୁଆ । ଏହି ଗାଁରେ ମୋର ଘର । ଆପଣ ମୋତେ ଜାଣନ୍ତି ନାହିଁ । ମୁଁ ଜାଣେ, ଆପଣ ପାଖ ପୋଷ୍ଟ ଅଫିସରେ କାମ କରନ୍ତି । ଗୋଟିଏ ଚିଠି ... ଗୋଟିଏ ଚିଠି ପାଇଁ ମୁଁ ଆପଣଙ୍କ ପାଖକୁ ଆସିଛି । ମୋତେ ଦୟାକରି ସାହାଯ୍ୟ କରନ୍ତୁ ।''

ସ୍ୱାଧୀନ ଯୋଶୁଆର ମୁହଁକୁ ଏକ ଲୟରେ ଚାହିଁ ରହିଲେ । ସେଥିରେ ସରଳତା ସହ ଦୁଃଖର ଛାପ ବାରି ହୋଇ ପଡୁଥିଲା । ବାମ ଗାଲରେ ଗୋଟିଏ ଧଳାଦାଗ, କଳାରଙ୍ଗର ମୁହଁରେ ଖୋଲା ଖୋଲା ଆଖି, ଅଣ୍ଟାରେ ପିନ୍ଧିଥିବା ଏବଂ ବାମ କାନ୍ଧରୁ ଝୁଲୁଥିବା ଦୁଇଟି ଲାଲ ରଙ୍ଗର ଗାମୁଛା – ତା'ର ପୋଷାକ ପରିଚ୍ଛଦ ଜଣେ ଗରିବ ଗ୍ରାମବାସୀର ପରିଚୟକୁ ସ୍ପଷ୍ଟ କରୁଥିଲା । ସ୍ୱାଧୀନ ତାକୁ ବସିବା ପାଇଁ କହିଲେ । ଯୋଶୁଆ ତାଙ୍କ ଠାରୁ ବ୍ୟବଧାନ ରଖି କାନ୍ଥକୁ ଆଉଜି ବାରଣ୍ଡା ଉପରେ ବସିଲା । ସ୍ୱାଧୀନ କହିଲେ, ''ଠିକ୍ ଅଛି, ଯୋଶୁଆ, ମୁଁ ତୁମ ଗ୍ରାମ ଓ ଗ୍ରାମବାସୀମାନଙ୍କୁ ଜାଣେ । ଅବଶ୍ୟ ତୁମକୁ ମିଶାଇ ଅଳ୍ପ କେତେଜଣଙ୍କୁ ଚିହ୍ନି ନାହିଁ । ତୁମେ ଝାଳରେ ବୁଡ଼ିଗଲଣି । ଟିକିଏ ଆରାମ କର । ପିଇବାକୁ ପାଣି ଦେବି ?''

ଯୋଶୁଆ କହିଲା, ''ନା ସାର୍, ଆପଣଙ୍କୁ ଧନ୍ୟବାଦ । ମୋ ପାଖରେ ଥିବା ଚିଠିଟି ମୋତେ ଟାଣଖରା ଠାରୁ ଅଧିକ କଷ୍ଟ ଦେଉଛି ।'' ଏହା କହି ଲଫାପା ଭିତରୁ ଚିଠିଟିଏ କାଢ଼ି ସେ ସ୍ୱାଧୀନଙ୍କ ହାତକୁ ବଢ଼ାଇ ଦେଲା । ସ୍ୱାଧୀନ ଚିଠିଟିକୁ ପଢ଼ିଲେ । ଏହା ଓଡ଼ିଆରେ ଲେଖାଯାଇଥିଲା । ଯୋଶୁଆ ଆଡ଼କୁ ଚାହିଁ ସେ ପ୍ରଶ୍ନକଲେ, ''ତୁମେ କ'ଣ ପଢ଼ି ଜାଣ ନାହିଁ ?''

''ନା ସାର୍, ମୋତେ ଲେଖାପଢ଼ା ଆସେ ନାହିଁ ।''

''ତୁମେ କେବେ ବିଦ୍ୟାଳୟରେ ପାଠ ପଢ଼ିଛ ?''

''ନା, ସେ ସୁଯୋଗ ମୋତେ କେବେ ମିଳି ନଥିଲା । ମୋର ବେମାର ମା'ର ଚିକିତ୍ସା ପାଇଁ ଟଙ୍କା ଆବଶ୍ୟକ ଥିଲା । ମୋ ପିଲାଦିନେ ଆମେ ଗାଁର ବାଳକମାନେ ପାଠ ଅପେକ୍ଷା କାମ କରିବାକୁ ଅଧିକ ପସନ୍ଦ କରୁଥିଲୁ । କାରଣ ସମସ୍ତଙ୍କର ଶିକ୍ଷା ଅପେକ୍ଷା ପଇସା ଅଧିକ ଦରକାର ଥିଲା ।''

''ତୁମର ପୁଅଟିଏ ଅଛି ? ଚିଠିରେ ଲେଖାଅଛି, ସେ ମାସକ ଭିତରେ ତୁମ ନିକଟକୁ ଫେରିବ ।''

ପୋଷ୍ଟମାଷ୍ଟରଙ୍କ ମୁହଁରୁ ଏହିକଥା ଶୁଣି ଯୋଶୁଆ ଅଧିକ ଆଶ୍ଚର୍ଯ୍ୟ ହେଲା । ସେ ନିଜର କାନକୁ ବିଶ୍ୱାସ କରି ପାରିଲା

ନାହିଁ । ସେ ସଙ୍ଗେ ସଙ୍ଗେ କହିଲା, ''ଏହା କ'ଣ ସତ ? ମୋ ପଡ଼ୋଶୀ ମଧ୍ୟ ସେହିକଥା କହୁଛନ୍ତି । ମାତ୍ର ତାଙ୍କ କଥା ଉପରେ ମୋର ବିଶ୍ୱାସ ନାହିଁ । ସେଥିସକାଶେ ମୁଁ ଆପଣଙ୍କ ନିକଟକୁ ଦୌଡ଼ି ଆସିଲି । ପନ୍ଦର ବର୍ଷ ତଳେ ଏହିପରି ଅନ୍ୟ ଏକ ଚିଠି ମୋ ପାଖକୁ ଆସିଥିଲା । ସେଥିରେ ମୋର ଏକମାତ୍ର ପୁତ୍ରର ମୃତ୍ୟୁ ଟ୍ରକ ଦୁର୍ଘଟଣାରେ ହୋଇଥିବା କଥା ଉଲ୍ଲେଖ ଥିଲା । ଖବରଟି ପାଇବା ପରେ ମୁଁ ମସ୍ତିଷ୍କର ଭାରସାମ୍ୟ ହରାଇ ବସିଲି । ଦୁଇ ସପ୍ତାହ ପରେ କିଛି ପରିମାଣରେ ସୁସ୍ଥ ହେଲି । ଧୀରେ ଧୀରେ ମୁଁ ସବୁକିଛିକୁ ସହ୍ୟ କରିନେଲି ଏବଂ ପୂର୍ବ ଭଳି ବଞ୍ଚିବାକୁ ଆରମ୍ଭ କଲି । ମାତ୍ର, ଦୁର୍ଭାଗ୍ୟବଶତଃ, ସେହିଦିନ ଠାରୁ ମୋ ସ୍ତ୍ରୀ ଶଯ୍ୟାଶାୟୀ ଅବସ୍ଥାରେ ପଡ଼ିରହିଛି ଏବଂ ପ୍ରତିମୁହୂର୍ତ୍ତରେ ମୃତ୍ୟୁକୁ ସାମନା କରୁଛି ।''

ସ୍ୱାଧୀନ ସ୍ୱାଭାବିକ ଢଙ୍ଗରେ ପ୍ରଶ୍ନ କଲେ, ''ତୁମେ ତୁମର ପୁଅ ଓ ସେହି ଦୁର୍ଘଟଣା ବିଷୟରେ ମୋତେ ଭଲ ଭାବରେ କହିପାରିବ ? ଦୁର୍ଘଟଣା ଖବର ଆଣିଥିବା ଚିଠିଟିକୁ ମୋତେ ଦେଇ ପାରିବ ?'' ଯୋଶୁଆ ତା'ର ପିନ୍ଧା ଗାମୁଛାତଳେ ଖୋଷା ହୋଇ ରହିଥିବା ଚିଠିଟିକୁ ବାହାର କରି ତାଙ୍କ ହାତରେ ଦେଲା । ଏହା ଏକ ଅନ୍ତର୍ଦେଶୀୟ ପତ୍ର ଥିଲା । ପୁରୁଣା, ମଇଳା ଏବଂ ବହୁବାର ଗୁଡ଼ାଯାଇଥିବା ଅବସ୍ଥାରେ ଥିଲା, ଯଦିଓ ଏହାକୁ ଯତ୍ନର ସହ ସାଇତି ରଖାଯାଇଥିଲା । ସ୍ୱାଧୀନ ଚିଠିଟିକୁ ମନ ଦେଇ ପଢ଼ିଲେ । ଯୋଶୁଆ ସତ କହୁଥିଲା । ତା' ପୁଅର ଟ୍ରକ ଦୁର୍ଘଟଣାରେ ମୃତ୍ୟୁ ଖବରଟି ସେଥିରେ ଲେଖାଯାଇଥିଲା । ମାତ୍ର ଚିଠିରେ ପ୍ରେରକର କୌଣସି ସୂଚନା, ନାମ ବା ଦସ୍ତଖତ ନଥିଲା ।

ଯୋଶୁଆ କହିଚାଲିଲା, ''ପନ୍ଦର ବର୍ଷ ତଳେ ମୋ ପୁଅ ଶ୍ରୀକାନ୍ତ ତେରବର୍ଷର ଜଣେ ବଳିଷ୍ଠ, ସୁସ୍ଥ ଓ ପ୍ରଫୁଲ୍ଲମନା ବାଳକ ଥିଲା । ଛାତ୍ରବୃତ୍ତି ପାଇ ସେ ହାଇସ୍କୁଲରେ ଅଧ୍ୟୟନ କରୁଥିଲା । ଦିନେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କଲା ଭଳି ଖବରଟିଏ ସାରା ଗାଁରେ ବ୍ୟାପୀ ଗଲା । ଏହା ଥିଲା, ହରିଣ ଚୋରି ଅଭିଯୋଗରେ ଗାଁର ଚାରିଜଣ ବାଳକଙ୍କୁ ଗିରଫ କରିବା ପାଇଁ ପୋଲିସ ଖୋଜୁଥିଲେ । ଶ୍ରୀକାନ୍ତ ସେମାନଙ୍କ ମଧ୍ୟରୁ ଜଣେ ଥିଲା । ଗିରଫ ହେବା ଭୟରେ ସେହିଦିନ ରାତିରେ ସେ ଘର ଛାଡ଼ି ବାହାରକୁ ଚାଲିଗଲା । ଦୁଇଦିନ ଭିତରେ ସମାନ ଅଭିଯୋଗରେ ଜଣେ ଫରେଷ୍ଟ୍ କଣ୍ଟ୍ରାକ୍ଟରଙ୍କୁ ଗିରଫ କରାଗଲା ଏବଂ ଜେଲ ପଠାଗଲା । ମୋ ପୁଅ ନିର୍ଦୋଷ ଥିଲା । ଆମେ ତା'ର ଫେରିବା ବାଟକୁ ଚାହିଁ ରହିଲୁ । ଛଅ ମାସ ପରେ ସେହି ଅଶୁଭ ଚିଠିଟି ଏହି ପ୍ରକାର ହୃଦୟବିଦାରକ ସମ୍ବାଦ ନେଇ ଆସିଲା ।'' ଯୋଶୁଆର ଚକ୍ଷୁଦ୍ୱୟ ଲୋତକଭରା ହୋଇ ଯାଇଥିଲା, ଯାହା ସ୍ୱାଧୀନଙ୍କ ହୃଦୟକୁ ଗଭୀର ଭାବେ ସ୍ପର୍ଶ କଲା । ସେ ପୁରୁଣା ଚିଠିର ଅସ୍ପଷ୍ଟ ଡାକ ମୋହରରୁ ସ୍ଥାନ ଓ ତାରିଖ ଲେଖି ରଖିଲେ । ସେ ନିଶ୍ଚିତ ହେଲେ, ଚିଠିଟି ବାଲେଶ୍ୱର ସହରର ଏକ ଡାକଘରେ ପଡ଼ିଥିଲା । ସେ ଯୋଶୁଆର ଦୁର୍ଦ୍ଦିନରେ ସହାୟତାର ହାତ ବଢ଼ାଇବାର ପ୍ରତିଶ୍ରୁତି ଦେଇ ଚିଠି ସହ ତାକୁ ଘରକୁ ପଠାଇ ଦେଲେ ।

ସେଦିନ ରାତିରେ ସ୍ୱାଧୀନ ନିର୍ଦ୍ଦିଷ୍ଟ ଡାକଘରର ପୋଷ୍ଟମାଷ୍ଟରଙ୍କ ସହ ଟେଲିଫୋନ ଯୋଗେ ସମ୍ପର୍କ ସ୍ଥାପନ କଲେ । ସେ ନିଜର ପରିଚୟ ଦେବା ସହ ଯୋଶୁଆ, ଶ୍ରୀକାନ୍ତ ଏବଂ ଦୁଇଟି ଚିଠିର ପ୍ରସଙ୍ଗ ରଖି ଘଟଣାଟିକୁ ବର୍ଣ୍ଣନା କଲେ । ଏହା ଉପରେ ଏକ ଗୋପନୀୟ ଅନୁସନ୍ଧାନ ଚଳାଇବାକୁ ଅନୁରୋଧ କଲେ । ତୃତୀୟ ଦିବସରେ ସ୍ୱାଧୀନଙ୍କୁ ଯେଉଁ ଅନୁସନ୍ଧାନ ପରର ତଥ୍ୟମାନ ମିଳିଲା, ତାହା ଥିଲା ଏହିପରି ।

''ବର୍ତ୍ତମାନ ଶ୍ରୀକାନ୍ତ ବାଲେଶ୍ୱର ସହରର ଏକ ପ୍ରତିଷ୍ଠିତ ବସ୍ତ୍ରାଳୟର ମାଲିକ । ପନ୍ଦରବର୍ଷ ତଳେ ସେ ସେଠାରେ ଷ୍ଟୋର ଆସିଷ୍ଟାଣ୍ଟ୍ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ତାଙ୍କର ସରଳତା ଓ ସାଧୁତା ଦୋକାନର ମାଲିକ ଓ ତାଙ୍କର ଧର୍ମପତ୍ନୀଙ୍କ ହୃଦୟକୁ ସ୍ପର୍ଶ କରିଥିଲା । ସେମାନଙ୍କର କେହି ଉତ୍ତରାଧିକାରୀ ନଥିଲେ । ସେମାନେ ତାଙ୍କୁ ନିଜର ପୁତ୍ର ଭଳି ଭଲ ପାଇ ବସିଲେ । ସେମାନେ ଶ୍ରୀକାନ୍ତଙ୍କୁ ନିଜର ଉତ୍ତରାଧିକାରୀ କରାଇବା ସକାଶେ କିଛି ଗୁପ୍ତ ଯୋଜନା କରିଥାଇ ପାରନ୍ତି । ଯୋଶୁଆ ପାଖକୁ ବେନାମୀ ଚିଠି ପଠାଇ ଶ୍ରୀକାନ୍ତଙ୍କୁ ଭୁଲିଯିବା ପାଇଁ ଦୁର୍ଘଟଣାର ମିଥ୍ୟା-ନାଟକ ସୃଷ୍ଟି କରିଥାଇ ପାରନ୍ତି । ସେମାନଙ୍କର ସମସ୍ତ ସମ୍ପତ୍ତି ଶ୍ରୀକାନ୍ତଙ୍କ ନାମରେ ଉଇଲ କରାଯିବା କଥାଟି ଏହି ଅନୁମାନକୁ ସିଦ୍ଧ କରୁଛି । ବସ୍ତ୍ରାଳୟର ମାଲିକ ଓ ତାଙ୍କର ପତ୍ନୀ ଆଉ ଇହଜଗତରେ ନାହାନ୍ତି । ଶ୍ରୀକାନ୍ତ ସେମାନଙ୍କର ବିଶାଳ ସମ୍ପତ୍ତିର ଅପ୍ରତିଦ୍ୱନ୍ଦ୍ୱୀ ଉତ୍ତରାଧିକାରୀ । ସ୍ଥାନୀୟ ଲୋକକଥା ଆଧାରରେ ଏ ତଥ୍ୟାବଳୀ ସଂଗୃହୀତ ହୋଇଛି । ଏହା ଗୋପନୀୟ ।''

ସ୍ୱାଧୀନ ଯୋଶୁଆ ମନରୁ ସମସ୍ତ ସନ୍ଦେହ ଦୂର କରିଦେଲେ । ତାହାର ବିଶ୍ୱାସ ହେଲା, ତା'ର ପୁତ୍ର ଜୀବିତ ଓ

ପ୍ରତିଷ୍ଠିତ । ଶ୍ରୀକାନ୍ତକୁ ଯୋଶୁଆ ନିକଟକୁ ଫେରାଇ ଆଣିବାକୁ ସ୍ୱାଧୀନ ପ୍ରତିଶ୍ରୁତି ଦେଲେ । ଯୋଶୁଆ ମୁହଁରେ ଖୁସିର ଝଲକ ଦେଖାଗଲା । ପନ୍ଦର ବର୍ଷର ମାନସିକ ଅବସାଦ ଧୀରେ ଧୀରେ ଅପସରି ଯାଉଥିଲା । ସେ ନିଜର ପତ୍ନୀ ଓ ପୁତ୍ରର ଭାବନାରେ ଉଲ୍ଲସିତ ହୋଇ ଉଠିଲା – ଧୀରେ ଧୀରେ ଅଥଚ ନିଶ୍ଚିତ ଭାବରେ ଏକ ନୂତନ ଆଶାର କଳିକା ପ୍ରସ୍ଫୁଟିତ ହେବାର ଉପକ୍ରମ କରୁଥିଲା ।

କାହାଣୀଟିରେ ମିଥ୍ୟା ଅଭିଯୋଗରେ ଭୟଭୀତ ଶ୍ରୀକାନ୍ତ ନିଜ ପରିବାର, ପାଠପଢ଼ା ଓ ଗାଁ ଛାଡ଼ି ଚାଲିଯାଇଛି । ଭୟ ବିଷୟରେ ଦିବ୍ୟଜନନୀ ଶ୍ରୀମା କହିଛନ୍ତି, 'ଭୟ ସର୍ବଦା ଆମକୁ ଅନୁଚିତ ପରାମର୍ଶ ଦେଇଥାଏ ।' ଏଠାରେ ତାହାହିଁ ହୋଇଛି । ଅନ୍ୟପକ୍ଷରେ ତା'ର ସରଳତା ଓ ସାଧୁତା ତା'ର ରକ୍ଷାକବଚ ହୋଇ ତାକୁ ସୁରକ୍ଷା, ସମ୍ମାନ ଓ ପ୍ରତିଷ୍ଠା ଦେଇଛି । ଏକ ମିଥ୍ୟା ଚିଠି ଯୋଶୁଆ ଓ ତା'ର ସ୍ତ୍ରୀର ଜୀବନକୁ ଶୁଷ୍କ କରିଦେଇଛି । ସେମାନଙ୍କର ସରଳତା ଓ ଧୈର୍ଯ୍ୟ ଅତୁଟ ରହିଥିବାରୁ କଳାମେଘସବୁ ଅପସରି ଯାଇଛି ଏବଂ ନୂଆ ସକାଳର ଆଲୋକରେ ନୂତନ ଆଶାର କଳିକା ପ୍ରସ୍ଫୁଟିତ ହେବାକୁ ଆରମ୍ଭ କରିଛି । ଏହା ଏକ ସାଧାରଣ ଜୀବନର ଅନୁଭବ । ଯେତେବେଳେ ଜଣେ ଯୋଗପଥରେ ଆଗେଇ ଯାଏ – ମିଥ୍ୟା, ଭୟ, ଛଳନା ଓ ଅନ୍ୟ ବିରୋଧୀ ଶକ୍ତିମାନେ ସାଧନା ପଥରେ ଅନ୍ତରାୟ ସୃଷ୍ଟି କରନ୍ତି । କେବଳ ମା'ଙ୍କ ଦିବ୍ୟଶକ୍ତିହିଁ ସକଳ ବାଧାକୁ ଦୂର କରିପାରେ ବା ରୂପାନ୍ତର କରିପାରେ । ଏହି ସତ୍ୟକୁ ଜାଣିବା ଏବଂ ଏଥିପାଇଁ ଆସ୍ପୃହା କରିବା ହେଉଛି ଯୋଗପଥ ।

ଶ୍ରୀମା'ଙ୍କ ଭାଷାରେ, "The mountain path leads always in two directions, upward and downward — all depends on what we put behind us."

(CWM, Vol. 14, p. 29)

ଅର୍ଥାତ୍, ''ପର୍ବତର ପଥ ସର୍ବଦା ଦୁଇ ଆଡ଼କୁ ପଡ଼ିଥାଏ, ଉପର ଆଡ଼କୁ ଯାଇଥାଏ ଓ ତଳ ଆଡ଼କୁ ବି ଆସିଥାଏ – ନିଜ ଭିତରେ ଆମେ କେଉଁ ପ୍ରେରଣାଟି ରଖି ଗତି କରୁ, ସବୁକିଛି ତାହାରି ଉପରେହିଁ ନିର୍ଭର କରିଥାଏ ।''

❑❑❑

*ଶିଷ୍ୟ : ଆମ ନିଜ ଭିତରେ ଆମେ ଭଗବାନଙ୍କୁ ପାଇବୁ କିପରି ?*

ଶ୍ରୀମା : ମୁଁ ଯାହା କହିଲି ଠିକ୍ ସେଇ ପଥ ଗ୍ରହଣ କରି । ତୁମେ ଠିକ୍ କେଉଁ ଅର୍ଥରେ ପଚାରୁଛ ଓ କେଉଁ ପ୍ରଣାଳୀରେ ପ୍ରଥମେ ତାଙ୍କୁ ଖୋଜିବାକୁ ହେବ, ତାହାହିଁ ଯେପରି ତୁମ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହୁଏ । ଏହି ସଙ୍କଳ୍ପ ନିରନ୍ତର ହେବା ଆବଶ୍ୟକ, ଅଭୀପ୍ସା ମଧ୍ୟ ନିରନ୍ତର ଏବଂ ଏଥିରେ ଲାଗି ରହିବା ମଧ୍ୟ ନିରନ୍ତର ହେବା ଆବଶ୍ୟକ । ତୁମେ ଯେପରି ଏକମାତ୍ର ଏହାହିଁ ଚାହଁ । ତା'ହେଲେ ତୁମେ ତାଙ୍କୁ ପାଇ ପାରିବ ।

କିନ୍ତୁ ତୁମେ ଯଦି ତୁମ ଜୀବନରେ ତାଙ୍କ ବିଷୟରେ ପାଞ୍ଚ ମିନିଟ ଭାବ ଓ ବାକି ତିନି ଚତୁର୍ଥାଂଶ ସମୟ ଅନ୍ୟାନ୍ୟ କଥାରେ ବ୍ୟସ୍ତ ରୁହ ତା'ହେଲେ ସାଫଲ୍ୟର ବିଶେଷ ସମ୍ଭାବନା ନାହିଁ । ସେପରି ହେଲେ ଏଥିପାଇଁ ଅନେକଗୁଡ଼ିଏ ଜୀବନ ବିତି ଯିବ ।

ଏହା ଏକ ଅବସର ବିନୋଦନ ହେବା ଉଚିତ ନୁହେଁ । ତୁମ ସତ୍ତାର ଏହାହିଁ ଏକମାତ୍ର ପ୍ରଧାନ କାମ, ତୁମ ଅସ୍ତିତ୍ୱର ଏକମାତ୍ର କାରଣ ହୋଇ ଉଠିବା ଉଚିତ ।

ବାସ୍, ବୁଝିଲ ତ ?

(CWM, Vol. 8. p. 94) — ଶ୍ରୀମା

# ପ୍ରଭୁ ଶ୍ରୀଅରବିନ୍ଦଙ୍କ ସ୍ୱପ୍ନ

## ରବିନାରାୟଣ ଦାଶ

ଶ୍ରୀଅରବିନ୍ଦଙ୍କ ଜନମ ବାସରେ
ଭାରତ ହେଲା ସ୍ୱାଧୀନ ।
ପ୍ରଭୁଙ୍କ କୃପାରୁ ସ୍ୱାଧୀନତା ଲାଭ
ଥିଲା ବିଧିର ବିଧାନ ॥
ପ୍ରଭୁଙ୍କ ଭାଷାରେ, ପବିତ୍ର ଭାରତ
ନୁହେଁ ଖାଲି ମାଟି, ଗୋଡ଼ି ।
ମହାନ୍ ଭୂମିକା ନିଭାଇ ଜଗତେ
ବରି ନେବ ଆଗଧାଡ଼ି ॥
ପ୍ରଭୁଙ୍କର ସ୍ୱପ୍ନ ଅଟେ ଦିବ୍ୟ ସ୍ୱପ୍ନ
ହେବ ତ ନିଶ୍ଚେ ସାକାର ।
ସେହି ସ୍ୱପ୍ନ ସବୁ ଦେଶ-ଦଶ ପାଇଁ
ସତେ କି ବେଦର ଗାର ॥

ପ୍ରଥମ ସ୍ୱପ୍ନରେ ବୈପ୍ଳବିକ ଭାବେ
ହେବ ମହା ଆନ୍ଦୋଳନ ।
ଯାହା ଦ୍ୱାରା ଆମ ଭାରତବର୍ଷର
ହେବ ଅଖଣ୍ଡତାପୂର୍ଣ୍ଣ ॥

ସମୟ ଆସିବ ମାତୃଭୂମି ପ୍ରେମେ
ସର୍ବେ ହେବେ ଏକାକାର ।
ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷେ ଦେଶେ
ଜୟ ହେବ ଏକତାର ॥
ଦେଶମାତୃକାର ମହାନତା ପାଇଁ
ଯାହା ଯାହା ଦରକାର ।
ପ୍ରଭୁଙ୍କ ସ୍ୱପ୍ନରେ ସାକାର ହୋଇବ
ଭବିଷ୍ୟତ୍ ଭାରତର ॥

ଦ୍ୱିତୀୟ ସ୍ୱପ୍ନରେ ପ୍ରଭୁଙ୍କ ଭାଷାରେ
ଏସିଆବାସୀଙ୍କ ମୁକ୍ତି ।
ମଣିଷଜାତିର ବିକାଶ ଦିଗରେ
ଲଭି ବିକାଶର ଶକ୍ତି ॥
ସାରା ଏସିଆର ମୁକ୍ତି ପଥରେ
ଭାରତ ହେବ ଆଗୁଆ ।
ଦେଶ-ବିଦେଶରେ ଭାରତ ଗାରିମା
ସର୍ବାଗ୍ରେ ହୋଇବ ଥୁଆ ॥

ତୃତୀୟ ସ୍ୱପ୍ନଟି ପ୍ରଭୁଙ୍କର ଥିଲା
ବିଶ୍ୱମୟ ଭାବନାର ।
ମାନବଜାତିଙ୍କ ମଙ୍ଗଳ ପାଇଁ କି
ପ୍ରତିଷ୍ଠା ବିଶ୍ୱ-ସଂଘର ॥
ବିଶ୍ୱ ମହାସଂଘ ସୃଷ୍ଟି ହେବ ଦିନେ
ଭାରତର ନେତୃତ୍ୱରେ ।
ସକଳ ବାଧାକୁ ଏଡ଼ାଇ ସଭିଙ୍କୁ
ବାନ୍ଧିବ ମମତା ଡ଼ୋରେ ॥

ଚତୁର୍ଥ ସ୍ୱପ୍ନଟି ଭାରତ ପାଇଁକି
ପ୍ରଭୁଙ୍କ ଅମୂଲ୍ୟ ଦାନ ।
ଭାରତ ହୋଇବ ଆଧାତ୍ମିକ ଗୁରୁ
ସାରା ପୃଥିବୀରେ ଜାଣ ॥
ଚେତନାରେ ଭରା ଏ ପୁଣ୍ୟ ଭାରତ
ଶ୍ରେଷ୍ଠ ଆଧାତ୍ମିକ ସ୍ଥାନ ।
ସାରା ପୃଥିବୀକୁ ଭାରତ କରିବ
ଆଧାତ୍ମିକ ଜ୍ଞାନ ଦାନ ॥

ପ୍ରଭୁଙ୍କର ଶେଷ ସ୍ୱପ୍ନଟି ଅଟଇ
ମାନବଜାତିଙ୍କ ପାଇଁ ।
ବିବର୍ତ୍ତନବାଦେ ଆଜିର ମଣିଷ
ଦେବତା ହୋଇବ ତହିଁ ॥
ଏହି ବିବର୍ତ୍ତିତ ମଣିଷ ଲଭିବ
ବିଶାଳତର ଚେତନା ।
ଉଚ୍ଚତର ମାର୍ଗେ ରୂପାନ୍ତର ଘଟି
ଲଭିବ ଦିବ୍ୟଚେତନା ॥

ଜରା, ମୃତ୍ୟୁ, ବ୍ୟାଧି ଅତିକ୍ରମ କରି
ଲଭିବ ଚିରଯୌବନ ।
ମନ, ପ୍ରାଣ, ଦେହ ରୂପାନ୍ତର ହୋଇ
ପାଇବ ଦିବ୍ୟ ଜୀବନ ॥
ମୃତ୍ୟୁ କବଳିତ ଏ ମର୍ତ୍ତ୍ୟ ଭୁବନେ
ମୃତ୍ୟୁ ହେବ ମରଣର ।
ଦିବ୍ୟ ଚେତନାରେ ଭରିବ ଏ ଧରା
ମର୍ତ୍ତ୍ୟ ହେବ ସ୍ୱର୍ଗପୁର ॥
ଦେଶ ସ୍ୱାଧୀନର ପବିତ୍ର ଦିବସେ
ପ୍ରଭୁଙ୍କର ଜନ୍ମଦିନ ।
ଦେଖିଥିଲେ ଯାହା ସେ ମହାର୍ଘ ସ୍ୱପ୍ନ
କ୍ରମେ ହେଉଅଛି ପୂର୍ଣ୍ଣ ॥
ମଣିଷ ସପନ ହୁଏନା ସାକାର
କ୍ଷଣେ ଆସେ କ୍ଷଣେ ଯାଏ ।
ପ୍ରଭୁଙ୍କର ସ୍ୱପ୍ନ ବିଧିର ବିଧାନ
ଅନ୍ୟଥା କେବେ ନ ହୁଏ ॥
ଆମରି ପାଇଁକି ପ୍ରଭୁଙ୍କର ସ୍ୱପ୍ନ
ବିଶ୍ୱର ମଙ୍ଗଳ ପାଇଁ ।
ତାଙ୍କରି ଚରଣେ ଶରଣ ପଶିଲେ
ଜୀବନ ଧନ୍ୟ ହୁଅଇ ॥ ❑

## ଜୀବନର ରଙ୍ଗ

ଜଣେ ୟୁରୋପୀୟ ପରିବ୍ରାଜକ ଥରେ ଆଫ୍ରିକାର ଗୋଟିଏ ଅରଣ୍ୟ ପଥରେ ଅଗ୍ରସର ହେଉଥା'ନ୍ତି । ତାଙ୍କ ସାଥିରେ ଥାଏ ଜଣେ ସ୍ଥାନୀୟ ପରିଚାରକ ।

କ୍ଲାନ୍ତ ହୋଇ ଦୁହେଁ ଗୋଟାଏ ଗଛମୂଳରେ ବସି ପଡ଼ିଲେ । ସେଠାରେ ପରିଚାରକଟି ଭୋଜନ କରୁଥାଏ । ପରିବ୍ରାଜକ ମହାଶୟ ଗଛ ଚାରିପଟେ ବୁଲୁଁ ବୁଲୁଁ ଦେଖିଲେ, ଗୋଟାଏ ବୁଦା ଭିତରେ କୋମଳ ପ୍ରଜାପତିଟିଏ ନିଜ ଖୋଷା ଭିତରୁ ପଦାକୁ ବାହାରିବାକୁ ଚେଷ୍ଟା କରୁଛି (ସୁକୁମାର ଡେଣା ପିଟି ପିଟି ପ୍ରଜାପତିମାନେ ସେମିତି ଭାବରେ ଜାଲ ଭଳି ସେମାନଙ୍କୁ କାବୁ କରି ରଖିଥିବା ଖୋଷାରୁ ମୁକ୍ତିଲାଭ କରି ଉଡ଼ିବାକୁ ଆରମ୍ଭ କରନ୍ତି ।) ।

ପରିବ୍ରାଜକ ଦେଖିଲେ ପ୍ରଜାପତିଟି ଖୋଷାରୁ ସହଜରେ ବାହାରି ପାରୁ ନାହିଁ ଅଥଚ ବାହାରିବାକୁ ଛଟପଟ ହେଉଛି । ସେ ନିଜ ପକେଟରୁ ଛୁରୀଟିଏ ବାହାର କରି ସେ ଖୋଷାକୁ ସାବଧାନରେ କାଟିଦେଲେ । ପ୍ରଜାପତିଟି ସୁରୁଖୁରୁରେ ବାହାରି ଆସିଲା । ସେ ଖୁସି ହେଲେ ।

ସ୍ଥାନୀୟ ପରିଚାରକଟି ଉଠିପଡ଼ି ତାଙ୍କୁ ପଚାରିଲା, ''ଆପଣ ସେମିତି କାହିଁକି କଲେ ?''

''ପ୍ରଜାପତିଟି ବର୍ତ୍ତମାନ କେଡ଼େ ସହଜରେ ଉଡ଼ିଯାଇ ଏ ଡାଳରେ ଆସି ବସିଛି ଦେଖି ପାରୁନ ?'' ପରିବ୍ରାଜକ ଓଲଟା ପ୍ରଶ୍ନ କଲେ ।

''ଆଜ୍ଞା, ଆପଣ ଏ ପ୍ରଜାପତିଟି ସହ ବୁଦାର ଅନ୍ୟ ଡାଳରେ ବସିଥିବା ପ୍ରଜାପତିମାନଙ୍କ ସହ ତୁଳନା କରନ୍ତୁ । କିଛି ପାର୍ଥକ୍ୟ ଦେଖୁଛନ୍ତି ?'' ପଚାରିଲା ପରିଚାରକ ।

ପରିବ୍ରାଜକ ଲକ୍ଷ୍ୟ କରି ଦେଖିଲେ, ସେ ମୁକୁଳାଇଥିବା ପ୍ରଜାପତିଟି ଦେହରେ ରଙ୍ଗ କମ୍ ଏବଂ ମାନ୍ଦା । ଅନ୍ୟ ପ୍ରଜାପତିମାନେ ତା' ତୁଳନାରେ ବହୁତ ଚହଟ ଚିକ୍କଣ ଏବଂ ସେମାନଙ୍କ ଡେଣାରେ ଅନେକ ଅଧିକ ରଙ୍ଗ ।

ସେ ଯାହା ଲକ୍ଷ୍ୟ କଲେ, ତାହା କହିଲେ ।

ପରିଚାରକଟି ହସି ହସି ବୁଝାଇ ଦେଲା, ''ପ୍ରତି ପ୍ରଜାପତି ସେମିତି ଖୋଷା ଭିତରୁ ବାହାରିବା ବେଳେ ପରିଶ୍ରମ କରନ୍ତି । ସେମିତି କରିବା ଭିତରେ ସେମାନଙ୍କ ପକ୍ଷରେ ରଙ୍ଗସବୁ କ୍ରମେ କ୍ରମେ ଉଜ୍ଜ୍ୱଳ ହୋଇଉଠେ ।''

ପରିବ୍ରାଜକ ବୁଝିଲେ – ବିନା ଶ୍ରମ, ବିନା ପ୍ରଚେଷ୍ଟା, ବିନା ବାଧାରେ ଜୀବନର ରଙ୍ଗ ମଧ୍ୟ ଫୁଟି ପାରେନା !

**ଜାତକ କାହାଣୀ :**

# ଏକ ସମ୍ଭ୍ରାନ୍ତ ସଂଳାପ

କେତେ ଶହ ବର୍ଷ ତଳର କଥା । ବାରାଣସୀ ରାଜ୍ୟର ସ୍ୱନାମଧନ୍ୟ ରାଜା ବ୍ରହ୍ମଦତ୍ତଙ୍କ ପରଲୋକ ପରେ ତାଙ୍କ ସୁପୁତ୍ର ବ୍ରହ୍ମଦତ୍ତକୁମାର ସିଂହାସନ ଆରୋହଣ କଲେ ।

ତରୁଣ ବୟସରେ ପ୍ରବଳ କ୍ଷମତାର ଅଧିକାରୀ ହେବା ସତ୍ତ୍ୱେ ବ୍ରହ୍ମଦତ୍ତକୁମାର ସରଳ ଜୀବନଯାପନ କରୁଥା'ନ୍ତି । ବିଚକ୍ଷଣ ମନ୍ତ୍ରୀ ଏବଂ ଜ୍ଞାନୀ ସଭାସଦ୍‌ମାନଙ୍କ ପରାମର୍ଶକୁ ସର୍ବଦା ସମ୍ମାନ ଦେଉଥା'ନ୍ତି । ତାଙ୍କ ଦୃଷ୍ଟାନ୍ତ ଦ୍ୱାରା ଅନୁପ୍ରାଣିତ ହୋଇ ରାଜ୍ୟର କର୍ମଚାରିବୃନ୍ଦ ଶୃଙ୍ଖଳାବଦ୍ଧ ଏବଂ କର୍ତ୍ତବ୍ୟ ପରାୟଣ ଆଚରଣ କରୁଥା'ନ୍ତି । ରାଜ୍ୟରେ ଅପରାଧ ନ ଘଟିବା ଫଳରେ କଟୁଆଳ ଏବଂ ସିପାହିମାନେ ବୃଦ୍ଧ ଓ ଅସୁସ୍ଥ ବ୍ୟକ୍ତିମାନଙ୍କ ସେବାରେ ନିୟୋଜିତ ହେଉଥା'ନ୍ତି ।

ତରୁଣ ରାଜା ଦିନେ ଛଦ୍ମବେଶରେ ପ୍ରଭାତରୁ ନଅର ଛାଡ଼ି ରାଜ୍ୟ ବୁଲି ବାହାରିଲେ । ସେ ସାଧାରଣ ପୋଷାକ ପିନ୍ଧିଥା'ନ୍ତି । ସାଥିରେ ଦେହରକ୍ଷୀ ବା ସୈନ୍ୟସାମନ୍ତ ନଥା'ନ୍ତି । ସେ ଯେଉଁ ଛୋଟ ରଥ ଆରୋହଣ କଲେ, ରାଜ୍ୟର ସମ୍ଭ୍ରାନ୍ତ ସାମନ୍ତମାନେ ମଧ୍ୟ ସେହି ଭଳି ରଥ ବ୍ୟବହାର କରୁଥା'ନ୍ତି ।

ତେବେ ଗୋଟାଏ ଉଲ୍ଲେଖଯୋଗ୍ୟ କଥା ହେଲା, ସେ ଯୁଗରେ ଅନେକ ରାଜାଙ୍କ ସାରଥିମାନେ ଖାଲି ଚତୁର ନୁହନ୍ତି, ଅତ୍ୟନ୍ତ ମାର୍ଜିତ ଓ ବିବେକୀ ଥିଲେ ।

ତରୁଣ ରାଜା ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରେ ଅଟକିଲେ । ହାଟ, ବଜାରରେ ଲୋକଙ୍କ ସହ ମିଶିଲେ ଓ ସୁଖଦୁଃଖ ହେଲେ । ତାଙ୍କର ହୃଦ୍‌ବୋଧ ହେଲା ଯେ ଲୋକଙ୍କର ବାସ୍ତବିକ ବିଶେଷ କିଛି ଅଭିଯୋଗ ନାହିଁ । ଅନ୍ତତଃ ରାଜାଙ୍କ ପ୍ରତି ସମସ୍ତଙ୍କ ହୃଦୟରେ ଅକୃତ୍ରିମ ଶ୍ରଦ୍ଧା ଓ ସମ୍ମାନ ରହିଛି ।

ସୂର୍ଯ୍ୟାସ୍ତ ବେଳକୁ ସେ ଗୋଟାଏ ଅପ୍ରଶସ୍ତ ପଥରେ ନିଜ ରାଜଧାନୀକୁ ଫେରୁଛନ୍ତି, ଦେଖିବା ବେଳକୁ ବିପରୀତ ଦିଗରୁ ଆଉ ଏକ ରଥ ତାଙ୍କ ଆଡ଼େ ମାଡ଼ି ଆସୁଛି । ଦୁଇ ରଥ ଅଟକି ଗଲେ । ଗୋଟାଏ ରଥ ଯଥାସମ୍ଭବ କଡ଼କୁ ଘୁଞ୍ଚି ନଗଲେ ଅନ୍ୟ ରଥ ଆଗକୁ ଯାଇ ପାରିବ ନାହିଁ ।

ଯୋଗାଯୋଗ ଏମିତି ଯେ ଦ୍ୱିତୀୟ ରଥଟିର ଆରୋହୀ ହେଲେ କୋଶଳର ରାଜା ମଲ୍ଲିକ । ଛଦ୍ମବେଶ ପକାଇ ମଝେ ମଝେ ରାଜ୍ୟ ରାଜ୍ୟାନ୍ତର ବୁଲି ଅଭିଜ୍ଞତା ଅର୍ଜନ କରିବା ଥିଲା ତାଙ୍କର ସଉକ । ସେ ମଧ୍ୟ ଥିଲେ ଜଣେ ଆଦର୍ଶ ଶାସକ ।

ପ୍ରଥମ ରଥର ସାରଥି ଦ୍ୱିତୀୟର ସାରଥିକୁ ସମ୍ବୋଧନ କରି କହିଲେ, ''ଯଦିଓ ଏ ରଥର ଆରୋହୀ ଜଣେ ସାଧାରଣ ଲୋକ ଭଳି ତୁମକୁ ଦିଶୁଥିବେ, ବର୍ତ୍ତମାନ ତାଙ୍କର କାର୍ଯ୍ୟକ୍ରମ ଶେଷ ହୋଇ ଯାଇଥିବା ଦୃଷ୍ଟିରୁ ତାଙ୍କ ପରିଚୟ ପ୍ରକାଶ କରିବାରେ ମୋର ଦ୍ୱିଧା ନାହିଁ । ସେ ବାରାଣସୀର ମହାନ୍ ରାଜା ବ୍ରହ୍ମଦତ୍ତକୁମାର । ତାଙ୍କ ରଥକୁ ତୁରନ୍ତ ବାଟ ଛାଡ଼ି ଦେବା ତୁମର କର୍ତ୍ତବ୍ୟ ।''

''ସାରଥିବର ! ତାଙ୍କୁ ମୋର ଅଭିବାଦନ । ଏ ରଥର ଆରୋହୀଙ୍କ ପରିଚୟ ପ୍ରକାଶ କରିଦେବାରେ ମଧ୍ୟ ବର୍ତ୍ତମାନ ମୋର ଆପତ୍ତି ନାହିଁ । ସେ କୋଶଳର ମହାନ୍ ନରପତି ମଲ୍ଲିକ । ଅତଏବ ମୁଁ ବାଟ ନଛାଡ଼ି ତୁମେ ଛାଡ଼ିଦେବା ଅସଙ୍ଗତ ହେବ ନାହିଁ ।'' କହିଲେ ଦ୍ୱିତୀୟ ରଥର ସାରଥି ।

''ତୁମ ଆରୋହୀଙ୍କୁ ମୋର ଅଭିବାଦନ । ଦୁଇ ରାଜା ମହାନ୍ । ଅତଏବ ବର୍ତ୍ତମାନ ଅନ୍ୟ କଥା ବିଚାରକୁ ନେବା । ଯିଏ ବୟସରେ ସାନ, ସେ ବାଟ ଛାଡ଼ିଦେବା ଯୁକ୍ତିଯୁକ୍ତ ।'' ପ୍ରସ୍ତାବ ଦେଲେ ବାରାଣସୀ ସାରଥି ।

''ଯଥାର୍ଥ !'' କୋଶଳ ସାରଥି କହିଲେ ।

କିନ୍ତୁ ଦେଖାଗଲା, ଦୁଇ ରାଜାଙ୍କ ବୟସ ସମାନ !

ତା'ପରେ ଏକ ପରେ ଏକ ତଥ୍ୟ ବିଚାରକୁ ନିଆଗଲା । ଦେଖିବା ବେଳକୁ ଉଭୟ ରାଜ୍ୟର ଆୟତନ ସମାନ; ସୈନ୍ୟ ବଳ ସମାନ; ଉଭୟଙ୍କ ବଂଶ ପରମ୍ପରା ସମାନଭାବେ ସମ୍ଭ୍ରାନ୍ତ । ଉଭୟ ରାଜାଙ୍କ ଶିକ୍ଷାଦୀକ୍ଷା ସମାନ ।

କିଛି ସମୟ ନୀରବତା ଉତ୍ତାରୁ ବାରାଣସୀ ସାରଥି କହିଲେ, ''ପରିସ୍ଥିତି ଚମତ୍କାର । ଆଚ୍ଛା, ବର୍ତ୍ତମାନ ନିଷ୍କପଟରେ ଉଭୟ ରାଜାଙ୍କର ଅନ୍ୟମାନଙ୍କ ପ୍ରତି ଦୃଷ୍ଟିକୋଣ କିପରି, କିଏ କେଉଁ ପ୍ରକାର ନୀତି ନିୟମ ପାଳନ କରନ୍ତି, ତାହା ବିଚାରକୁ ନିଆଯାଉ । କ'ଣ କହୁଛ ?''

''ବେଶ୍ ।'' ମୁଁ ଆମ ରାଜାଙ୍କ କଥା କହୁଛି । ''ସେ ଦୃଢ଼ମତି, ନ୍ୟାୟପରାୟଣ ଓ ଶୃଙ୍ଖଳା-ଚାଳିତ । ସେ ସାଧୁ ଓ

ଦୟାବାନ୍‌ମାନଙ୍କ ପ୍ରତି ସାଧୁ ଓ ଦୟାଶୀଳ ଆଚରଣ କରନ୍ତି । କିନ୍ତୁ ଯିଏ କ୍ରୂରମତି ଓ ଖଳ, ତା' ପ୍ରତି କଠୋର ଦଣ୍ଡବିଧାନ କରନ୍ତି । ଅର୍ଥାତ୍, ସେ ନ୍ୟାୟପୂର୍ଣ୍ଣ ଶାସନରେ ବିଶ୍ୱାସୀ ।'' ଉଦାତ୍ତ କଣ୍ଠରେ କହିଲେ କୋଶଳ ସାରଥି ।

''ଉତ୍ତମ !'' ମନ୍ତବ୍ୟ ଦେଲେ ବାରାଣସୀ ସାରଥି ଏବଂ ତା'ପରେ କହିଲେ, ''ସାଧୁ ଓ ଦୟାବାନ୍ ପ୍ରତି ଆମ ରାଜା ଯେ ଅନୁରୂପ ଆଚରଣ କରିବେ, ତାହା ସ୍ୱାଭାବିକ । କିନ୍ତୁ କ୍ରୂରମତି ପ୍ରତି ସଦୟ ହୋଇ ଏବଂ ଖଳ ପ୍ରତି ଉଦାର ହୋଇ ଆମ ରାଜା ସେମାନଙ୍କ ସ୍ୱଭାବ ବଦଳାଇ ଦିଅନ୍ତି ! ସତ୍ୟଯୋଗେ ସେ ମିଥ୍ୟା ଉପରେ ବିଜୟ ଲାଭ କରନ୍ତି, ନିଜର ମହାନୁଭବତା ଯୋଗେ ସେ ସଂକୀର୍ଣ୍ଣମନାମାନଙ୍କର ଦୃଷ୍ଟିକୋଣ ବଦଳାଇ ଦିଅନ୍ତି ।''

ଉଭୟ ସାରଥିଙ୍କ ଭିତରେ ଚାଲିଥିବା ଏ କଥୋପକଥନ ଏକାଗ୍ର ଚିତ୍ତରେ ଶୁଣୁଥିଲେ କୋଶଳ-ରାଜ । ସେ ହଠାତ୍ ନିଜ ରଥରୁ ଓହ୍ଲାଇ ପଡ଼ି ବ୍ରହ୍ମଦତ୍ତକୁମାରଙ୍କୁ ପ୍ରଣିପାତ କଲେ । ତାଙ୍କ ସାରଥି ମଧ୍ୟ ତାହାହିଁ କଲେ ।

ବ୍ରହ୍ମଦତ୍ତକୁମାର କୋଶଳ ରାଜାଙ୍କୁ ଶୁଭେଚ୍ଛା ଜଣାଇଲେ ଏବଂ ନିଜ ନଅର ଅଭିମୁଖେ ଅଗ୍ରସର ହେଲେ ।

ବ୍ରହ୍ମଦତ୍ତକୁମାର ଥିଲେ ବୋଧିସତ୍ତ୍ୱ – ଅର୍ଥାତ୍ ଗୌତମ ବୁଦ୍ଧଙ୍କର ପୂର୍ବବର୍ତ୍ତୀ ଏକ ଜୀବନର ସତ୍ତା । ❑

## ଦିବ୍ୟପ୍ରେମ ସର୍ବତ୍ର

ଦିବ୍ୟପ୍ରେମ ନିଜର ସମସ୍ତ ପ୍ରବଳତା ନେଇ ସର୍ବଦା ଓ ସର୍ବତ୍ର ବିଦ୍ୟମାନ ରହିଛି, ଏହା ଏକ ଅପରାଜେୟ ଶକ୍ତି । କିନ୍ତୁ ଅଧିକାଂଶ ଲୋକ – ଶତକଡ଼ା ଅନେଶତ ଲୋକ – କିଛି ବୋଲି କିଛି ଅନୁଭବ କରିପାରନ୍ତି ନାହିଁ ! ଅଧିକାଂଶ ଲୋକ ସେମାନଙ୍କର ନିଜର ଯୋଗ୍ୟତା ଅନୁଯାୟୀ ଏବଂ କ୍ଷମତା ଅନୁଯାୟୀ ଏବଂ ସେମାନେ ଯାହା ଯେମିତି ଯେତିକି, ସେହି ଅନୁଯାୟୀ ସେତିକି ମାତ୍ର ସେଥିରୁ ଗ୍ରହଣ କରିପାରନ୍ତି । ଉଦାହରଣ ସ୍ୱରୂପ, କଳ୍ପନା କରି ଦେଖ – ତୁମେ ଦିବ୍ୟପ୍ରେମରେ ସ୍ପନ୍ଦିତ ଏକ ବାୟୁମଣ୍ଡଳରେ ସ୍ନାନ କରୁଛ – କିନ୍ତୁ ତୁମେ ସେ ସମ୍ବନ୍ଧେ ଆଦୌ ଅବଗତ ହୋଇ ନାହଁ । ବେଳେବେଳେ, କଦବା କ୍ୱଚିତ୍, ''କିଛି ଏକ'' ଅନୁଭୂତି ହଠାତ୍ ତୁମ ଭିତରକୁ ଆସିଗଲା । ତା'ପରେ ତୁମେ କହିବ, ''ଆଃ, ଦିବ୍ୟପ୍ରେମ ମୋ ପାଖକୁ ଆସିଗଲା !'' କି ପରିହାସ ! କି କୌତୁକ ! ତୁମେ ସେତେବେଳେ ହୁଏତ, କୌଣସି କାରଣରୁ – କିପରି କେଜାଣି ସାମାନ୍ୟ ଟିକିଏ ନିଜକୁ ଖୋଲି ଦେଇଥିଲ । ଏଣୁ ତୁମର ସେ ଅନୁଭବ ଘଟିଗଲା । ଦିବ୍ୟପ୍ରେମ ସବୁଠାରେ ଅଛି ଓ ସବୁବେଳେ ମଧ୍ୟ ରହିଛି । ... ସବୁପ୍ରକାର ବ୍ୟାପାରରେ ଏହି ଏକା କଥାହିଁ ଘଟିଥାଏ । ସବୁ ଦିବ୍ୟତା ଏଠି ସର୍ବତ୍ର ରହିଛି, କିନ୍ତୁ ତୁମେ ତାକୁ ଗ୍ରହଣ କର ନାହିଁ । କାରଣ, ତୁମେ ନିଜକୁ ଖୋଲି ଧରି ନଥାଅ, ତୁମର ସବୁକିଛି ବୁଜି ହୋଇ ଯାଇଥାଏ, ଅଧିକାଂଶ ସମୟରେ ତୁମେ ଏଣୁତେଣୁ କଥାରେ ବ୍ୟସ୍ତ ଥାଅ । ଅଧିକାଂଶ ସମୟରେ ମଣିଷ ନିଜ ଦ୍ୱାରା ନିଜକୁ ପୂର୍ଣ୍ଣକରି ରଖିଥାଏ । ତେଣୁ, ତୁମେ ଯେତେବେଳେ ତୁମ ଦ୍ୱାରା ତୁମକୁ ଭରି ରଖିଛ, ସେତେବେଳେ ତା' ଭିତରେ ଆଉ କିଛି ପାଇଁ ଜାଗା ନଥାଏ । ସମସ୍ତେ ଅନ୍ୟସବୁ କଥାକୁ ନେଇ ସର୍ବଦା ବ୍ୟସ୍ତ ଥା'ନ୍ତି । (*ମା' ହସିଲେ*) ନାନା ବ୍ୟାପାର ନିଜ ଭିତରେ ପୂରାଇ ରଖିଥା'ନ୍ତି, ତା'ଭିତରେ ଈଶ୍ୱରଙ୍କ ପାଇଁ ଆଉ ଜାଗା ନଥାଏ ।

କିନ୍ତୁ ସେ ସେଠାରେ ମଧ୍ୟ ଅଛନ୍ତି ।

**– ଶ୍ରୀମା**

# ଜ୍ୟୋତିଷ ଶୁକପକ୍ଷୀ

ମାଣ୍ଡବ ଦେଶର ରାଜା ତାଙ୍କ ରାଜକୁମାରୀ ରତ୍ନମାଳାଙ୍କର ସ୍ୱୟଂବର କରିବା ପାଇଁ ମନସ୍ଥ କରି ସମସ୍ତ ରାଜ୍ୟକୁ ନିମନ୍ତ୍ରଣ ଦେଲେ । ମାଣ୍ଡବ ରାଜ୍ୟର ପଡ଼ୋଶୀ ତ୍ରିଶାମ୍ବି ରାଜ୍ୟର ଯୁବରାଜ ସନ୍ଦିପ ତ ବହୁ ପୂର୍ବରୁ ରତ୍ନମାଳାଙ୍କର ସୌନ୍ଦର୍ଯ୍ୟ ଓ ସୁଗୁଣ ବିଷୟରେ ଶୁଣିଥିଲେ । ସେ ମନସ୍ଥ କଲେ ସ୍ୱୟଂବରକୁ ଯିବେ । କିନ୍ତୁ ସମସ୍ତେ ଏକଥା ଜାଣନ୍ତୁ ବୋଲି ସେ ଚାହୁଁ ନଥିଲେ । ତେଣୁ ସ୍ୱୟଂବର ଆଗରୁ ସେ ଯାଇ ଅତିଥି ଭବନରେ ରହିଲେ ।

ତାଙ୍କର ବିଶ୍ୱାସ ଥିଲା, ରାଜକୁମାରୀ ଅବଶ୍ୟ ତାଙ୍କୁହିଁ ପସନ୍ଦ କରିବେ । ସ୍ୱୟଂବର ପାଇଁ ବହୁତ ସମୟ ବାକି ଥିବାରୁ ସେ ଭାବିଲେ, ଦରବାରରେ ପ୍ରବେଶ କରିଥିବା ଅନ୍ୟ ରାଜକୁମାରମାନେ କାଳେ ତାଙ୍କୁ ଦେଖି ଦେବେ । ସେ ସେପରି ସମସ୍ତଙ୍କ ମଧ୍ୟକୁ ଯିବା ପାଇଁ ପସନ୍ଦ କରୁ ନଥିଲେ । ତେଣୁ ଅଳ୍ପ ବିଶ୍ରାମ ପରେ ସେ ନଗର ବୁଲିବା ପାଇଁ ଚାଲିଗଲେ । ଅନେକ ରାସ୍ତା, ବଜାର ବୁଲୁବୁଲୁ ସେ ଏକ ମନ୍ଦିର ନିକଟରେ ଯାଇ ପହଞ୍ଚିଲେ । ସେଠାରେ ମନ୍ଦିରର ଏକ କାନ୍ଥରେ ଲେଖା ହୋଇଛି, ''ଜ୍ୟୋତିଷ ଶୁକପକ୍ଷୀ'' । ସେ ବଡ଼ କୌତୂହଳୀ ହୋଇ ସେଇଟି ପଢ଼ିଲେ । ଶୁକପକ୍ଷୀ ସହିତ ଦେଖା କରିବାକୁ ଗଲେ ମୁଦ୍ରାଟିଏ ଦେବାକୁ ହେବ । ସେ ମୁଦ୍ରାଟିଏ ଦେଇ ଭିତରକୁ ଗଲେ । ତାଙ୍କୁ ଦେଖିବା ମାତ୍ରେ ପିଞ୍ଜରାରେ ଥିବା ଶୁକପକ୍ଷୀ କହିଲା, ''ତ୍ରିଶାମ୍ବି ନଗରୀର ରାଜକୁମାରଙ୍କୁ ସ୍ୱାଗତ କରୁଛି । ସେ ଆମ ଦେଶର ରାଜକୁମାରୀଙ୍କ ସ୍ୱୟଂବରକୁ ଆସିଛନ୍ତି । ଏବେ ଆପଣ ଆମ ଦେଶର ଅତିଥି । ଆପଣଙ୍କର କଲ୍ୟାଣ ହେଉ ।''

ଶୁକପକ୍ଷୀର କଥା ଶୁଣି ସେ ବଡ଼ ଆଶ୍ଚର୍ଯ୍ୟ ହେଲେ । ଭାବିଲେ – ଏହା କିପରି ସମ୍ଭବ ! ମୁଁ କିଏ ? ପୁଣି କେଉଁ କାମରେ ଏଠାକୁ ଆସିଛି, ଏସବୁ ପକ୍ଷୀଟିଏ ହୋଇ ତା'କୁ ଜାଣିପାରି ଅତି ଭଦ୍ର ଭାଷାରେ ସେସବୁକୁ କହୁଛି ! କଥା କ'ଣ ! ଓହୋ, ବୋଧହୁଏ ମୋ ପୋଷାକରୁ ବୁଦ୍ଧିମାନ୍ ଶୁଆଟି ବୁଝିନେଇଛି ଯେ ମୁଁ ରାଜପୁତ୍ର । ବରଂ ମୁଁ ଅତିଥି ଭବନକୁ ଲେଉଟି ଯାଇ ସେଠାରୁ ଛଦ୍ମବେଶରେ ପୁଣି ଆସି ଶୁକପକ୍ଷୀକୁ ଦେଖା କରିବି । ଦେଖାଯାଉ, ତା'ର କ୍ଷମତା ଓ କଳ୍ପନାଶକ୍ତି କେତେ । – ଏକଥା ଭାବି ସେ ଅତିଥି ଭବନକୁ ଲେଉଟି ଗଲେ ଏବଂ ଏକ ସାଧାରଣ ନାଗରିକ ବେଶରେ ପୁଣି ସେହି ମନ୍ଦିର ନିକଟକୁ ଆସିଲେ । ଆଉ ଥରେ ମୁଦ୍ରାଟିଏ ଦେଇ ଶୁକପକ୍ଷୀ ନିକଟକୁ ଗଲେ । ତାଙ୍କୁ ଦେଖିବା ମାତ୍ରେ ଶୁକପକ୍ଷୀ କହିଲା, ''ତ୍ରିଶାମ୍ବି ରାଜକୁମାରଙ୍କୁ ଦ୍ୱିତୀୟ ବାର ସ୍ୱାଗତ କରୁଛି । ସେ ଆମ ରାଜକୁମାରୀଙ୍କ ସ୍ୱୟଂବରକୁ ଆସିଛନ୍ତି । ଆପଣ ଆମର ବନ୍ଧୁ । ଆପଣଙ୍କର କଲ୍ୟାଣ ହେଉ ।'' – ଏଭଳି କଥା ଶୁଣି ସନ୍ଦିପ ଆହୁରି ବିସ୍ମିତ ହେଲେ । ପ୍ରଥମ ଥର ରାଜପୋଷାକ ପିନ୍ଧିଥିଲେ ବୋଲି ହୁଏତ ସେ ଚିହ୍ନି ପାରିଲା । ଏଥର କିନ୍ତୁ ତାଙ୍କୁ ସେ କେମିତି ଚିହ୍ନିଲା ? ସେ ଶୁକପକ୍ଷୀର ବୁଦ୍ଧି ପରୀକ୍ଷା କରି ଜ୍ୟୋତିଷ ଜ୍ଞାନ ଜାଣିବା ପାଇଁ ବଡ଼ କୌତୂହଳୀ ହୋଇ ପଡ଼ିଲେ । ଏଣେ ରାଜକୁମାରୀଙ୍କ ସ୍ୱୟଂବର କଥା ସେ ସମ୍ପୂର୍ଣ୍ଣ ରୂପେ ଭୁଲିଗଲେ । ସେ ମନରେ ଏକ ଉପାୟ ପାଞ୍ଚିଲେ । ଅତିଥି ଭବନକୁ ଫେରି ଆସି ସେ ଲଣ୍ଡିତ ମସ୍ତକ ହୋଇ ଗଲେ । ଜଣେ ବାବାଜି ବେଶ ଧରି ପୁନର୍ବାର ମନ୍ଦିରରେ ଯାଇ ପହଞ୍ଚିଲେ । ସେଠାରେ ସେ ପୂର୍ବ ଭଳି ଗୋଟିଏ ମୁଦ୍ରା ଦେଇ ଶୁକପକ୍ଷୀ ପାଖକୁ ଗଲେ ।

ତାଙ୍କୁ ଦେଖିବା ମାତ୍ରେ ଶୁକପକ୍ଷୀ ଚିତ୍କାର କରି କହିଲା – ''ତ୍ରିଶାମ୍ବି ରାଜ୍ୟର ରାଜକୁମାରଙ୍କୁ ତୃତୀୟ ବାର ସ୍ୱାଗତ କରୁଛି । ତାଙ୍କର ପୁନରାଗମନ ପାଇଁ ହାର୍ଦ୍ଦିକ ଧନ୍ୟବାଦ । ଆପଣ ରାଜକୁମାରୀଙ୍କ ସ୍ୱୟଂବରରେ ଯୋଗ ଦେବାକୁ ବହୁ କଷ୍ଟ ସ୍ୱୀକାର କରି ଏଠାକୁ ଆସିଥିଲେ । ମାତ୍ର ସ୍ୱୟଂବରର ଶୁଭ ମୁହୂର୍ତ୍ତ ଶେଷ ହୋଇଯାଇଛି । ଆମ ରାଜକୁମାରୀ ବିଶାଳ ନଗରର ରାଜକୁମାରଙ୍କ ଗଳାରେ ବରଣମାଳା ଦେଲେ; ତାଙ୍କର ବିବାହ କାଲି ସମ୍ପନ୍ନ ହେବ । ଆପଣ ଯେଉଁ କାମ ପାଇଁ ଏଠାକୁ ଆସିଥିଲେ, ତାହା ଭୁଲି ଗଲେ । ମୋ ବିଷୟରେ ଆପଣଙ୍କ କୌତୂହଳ ହେବାରୁ ଆପଣ ମୂଳ ବିଷୟ ଭୁଲି ଯାଇ ଅଯଥାରେ ଏତେ ଗୁଡ଼ାଏ ସମୟ ଯାହା ଖାଲି ନଷ୍ଟ କଲେ । ତେଣୁ ଆପଣଙ୍କ ପାଇଁ ମୋର ହୃଦୟରେ ଯଥେଷ୍ଟ ସହାନୁଭୂତି ଆସୁଛି । ମୋର କଥା ଶୁଣିବାକୁ ଆପଣ ଏଠାକୁ ତିନି ଥର ଆସିଲେ, ତେଣୁ ଆପଣଙ୍କୁ ମୋ ତରଫରୁ ଅଶେଷ ଅଶେଷ ଧନ୍ୟବାଦ । ଆପଣଙ୍କର କଲ୍ୟାଣ ହେଉ ।''

ଶୁକପକ୍ଷୀର କଥା ଶୁଣି ତାଙ୍କ ମନରେ ବଡ଼ ଦୁଃଖ ହେଲା । ସେ ନିଜକୁ ବହୁତ ଅପମାନିତ ବୋଧ କଲେ । ଭାବିଲେ, ''ଏକଥା ସମସ୍ତେ ଜାଣିଲେ ମୁଁ ଉପହାସର ପାତ୍ର ହେବି । ବରଂ ଭଲ ହେବ, ମୁଁ ଏଠାରୁ ଯେତେ ଶୀଘ୍ର ପାରେ ପଳାଏ ।''

ଏହା ପରେ ସେ ଚୁପ୍‌ଚାପ୍ ଅତିଥି ଭବନକୁ ଫେରି ଆସି ସାଧାରଣ ବେଶରେ ବଡ଼ ବ୍ୟଥିତ ମନ ନେଇ ନିଜ ରାଜ୍ୟକୁ ଫେରିଗଲେ ।

(କାହାଣୀଟି 'ଜହ୍ନମାମୁ' ପତ୍ରିକାରୁ ସଂଗୃହୀତ
ସଂଗ୍ରାହକ : ଧର୍ମକୁମାର ଶତପଥି) ❑

ଲକ୍ଷ୍ୟହୀନ ଜୀବନ ସର୍ବଦା ଏକ ଦୁଃଖମୟ ଜୀବନ ।

ତୁମ ପ୍ରତ୍ୟେକଙ୍କର ଏକ ଲକ୍ଷ୍ୟ ରହିବା ଉଚିତ । କିନ୍ତୁ ଏହା ଭୁଲିଯାଅ ନାହିଁ ଯେ ତୁମ ଲକ୍ଷ୍ୟର ଗୁଣ ଉପରେହିଁ ତୁମ ଜୀବନର ଗୁଣ ନିର୍ଭର କରେ ।

ତୁମର ଲକ୍ଷ୍ୟ ଉଚ୍ଚ ଏବଂ ବିସ୍ତୀର୍ଣ୍ଣ ତଥା ଉଦାର ଏବଂ ସ୍ୱାର୍ଥହୀନ ହେବା ଉଚିତ । ଏହା ଦ୍ୱାରାହିଁ ତୁମ ଜୀବନ ତୁମ ନିଜ ନିକଟରେ ଓ ଅନ୍ୟମାନଙ୍କ ନିକଟରେ ମୂଲ୍ୟବାନ୍ ହେବ ।

କିନ୍ତୁ ତୁମର ଆଦର୍ଶ ଯାହା ହେଉନା କାହିଁକି, ତାହାକୁ କେବେ ହେଲେ ପୂର୍ଣ୍ଣ ରୂପେ ଉପଲବ୍ଧି କରାଯାଇ ପାରିବ ନାହିଁ ଯେପର୍ଯ୍ୟନ୍ତ ତୁମ ନିଜ ଭିତରେ ପୂର୍ଣ୍ଣତାର ଉପଲବ୍ଧି ହୋଇ ନାହିଁ ।

ନିଜର ପୂର୍ଣ୍ଣତା ସକାଶେ କାର୍ଯ୍ୟ କରିବାର ପ୍ରଥମ ପାହାଚ ହେଲା ନିଜ ସଂପର୍କରେ, ନିଜ ସତ୍ତାର ବିଭିନ୍ନ ଅଂଶ ତଥା ସେମାନଙ୍କର କାର୍ଯ୍ୟାବଳୀ ସଂପର୍କରେ ସଚେତନ ହେବା । ଏହି ବିଭିନ୍ନ ଅଂଶଗୁଡ଼ିକୁ ପ୍ରତ୍ୟେକଟିକୁ ପୃଥକ୍ କରି ଚିହ୍ନିବାକୁ ହେବ ଏବଂ ତାହା ଫଳରେ ତୁମ ଭିତରେ ଯେଉଁସବୁ ଗତିବୃତ୍ତି ଦେଖାଦିଏ, ଯେଉଁସବୁ ଆବେଗ, ପ୍ରତିକ୍ରିୟା ଓ ପରସ୍ପର ବିରୋଧୀ ଇଚ୍ଛାସବୁ ତୁମକୁ କର୍ମରେ ପ୍ରବୃତ୍ତ କରାଏ, ସେସବୁର ମୂଳ କେଉଁଠି ତାହା ସ୍ପଷ୍ଟ ରୂପେ ଦେଖିପାରିବ । ଏହା ଏକ ଅକ୍ଳାନ୍ତ ଅଧ୍ୟୟନ, ଯାହା ପାଇଁ ପ୍ରଗାଢ଼ ଅଧ୍ୟବସାୟ ଓ ଐକାନ୍ତିକତା ପ୍ରୟୋଜନ । କାରଣ ମଣିଷର ପ୍ରକୃତି, ବିଶେଷ କରି ମାନସିକ ପ୍ରକୃତିର ଏକ ସ୍ୱତଃସ୍ଫୂର୍ତ୍ତ ପ୍ରବୃତ୍ତି ହେଉଛି ସେ ନିଜେ ଯାହା ଚିନ୍ତା କରେ, ଅନୁଭବ କରେ, କହେ ବା କରେ ସେସବୁକୁ ସମର୍ଥନ କରି ନାନା ବ୍ୟାଖ୍ୟା ଦେବା । ଏହିସବୁ ଗତିବୃତ୍ତିକୁ ଖୁବ୍ ଯତ୍ନର ସହିତ ନିରୀକ୍ଷଣ କରିବାକୁ ହେବ ଏବଂ ସେଗୁଡ଼ିକୁ ସେହିପରି ଭାବରେ ଆମର ସର୍ବୋଚ୍ଚ ଆଦର୍ଶର ବିଚାରାଳୟ ସମ୍ମୁଖକୁ ଆଣି ତାହାର ବିଚାରକୁ ମାନିନେବାର ଆନ୍ତରିକ ସଂକଳ୍ପ ପୋଷଣ କରିବାକୁ ହେବ । ତା'ହେଲେ କେବଳ ଆମେ ନିଜ ଭିତରେ ଏକ ଅଭ୍ରାନ୍ତ ଯଥାର୍ଥ-ବୋଧ ଗଢ଼ିବାକୁ ଆଶା କରିପାରୁ । କାରଣ ଯଦି ଆମେ ଯଥାର୍ଥ ପ୍ରଗତି ଚାହୁଁ, ନିଜ ସତ୍ତାର ସତ୍ୟକୁ ଜାଣିବାକୁ ଚାହୁଁ – ଯାହାହିଁ ଏକମାତ୍ର ବିଷୟ, ଯେଉଁଥିପାଇଁ ଆମେ ଜନ୍ମ ନେଇଛୁ ବା ଯାହା କରିବାକୁ ଆମେ ଜଗତକୁ ଆସିଛୁ – ତାହା ହେଲେ ଆମକୁ ନିୟମିତ ଓ ଧାରାବାହିକ ଭାବେ ଆମ ସତ୍ତାର ଏହି ସତ୍ୟକୁ ଯାହାକିଛି ବିରୋଧ ଓ ଅସ୍ୱୀକାର କରେ ସେସମସ୍ତକୁ ଆମ ଭିତରୁ ବହିଷ୍କାର ଓ ପ୍ରତ୍ୟାଖ୍ୟାନ କରିବାକୁ ହେବ । ଏହିପରି ଭାବେ କ୍ରମେ କ୍ରମେ ଆମ ସତ୍ତାର ସମସ୍ତ ଅଂଶ, ସମସ୍ତ ଉପାଦାନ ଆମ ଚୈତ୍ୟକେନ୍ଦ୍ରର ଚତୁଃପାର୍ଶ୍ୱରେ ଏକ ସମନ୍ୱୟମୂଳକ ସମଗ୍ର ସତ୍ତା ରୂପେ ସଂଗଠିତ ହେବ । ଏହି ଐକ୍ୟ ସାଧନର କାର୍ଯ୍ୟରେ କିଛି ପରିମାଣରେ ପୂର୍ଣ୍ଣତା ଆଣିବା ପାଇଁ ଦୀର୍ଘ ସମୟ ଲାଗିପାରେ । ତେଣୁ ଏହାକୁ ସମ୍ପନ୍ନ କରିବାକୁ ଆମର ଧୈର୍ଯ୍ୟ ଓ ସହିଷ୍ଣୁତା ଆବଶ୍ୟକ । ଆମର କାର୍ଯ୍ୟସିଦ୍ଧି ନିମନ୍ତେ ଯେତେଦିନ ଆବଶ୍ୟକ ସେତେଦିନ ପର୍ଯ୍ୟନ୍ତ ଜୀବନଧାରଣ କରିବାକୁ ଦୃଢ଼ପ୍ରତିଜ୍ଞ ହେବାକୁ ହେବ ।

– ଶ୍ରୀମା

ପ୍ରଣାମ ନାରୀଶକ୍ତି (୧୭) :

# ପୂର୍ଣ୍ଣମାସୀ ଜାନୀ

## ସୂର୍ଯ୍ୟକାନ୍ତି ମହାନ୍ତି

ବିଖ୍ୟାତ ସମାଜ ସେବୀ, ଅନ୍ଧବିଶ୍ୱାସ ଦୂରୀକରଣର ଅଗ୍ରଦୂତ, ଉନ୍ନତ ସାମାଜିକ ଜୀବନର ପଥପ୍ରଦର୍ଶିକା ଏବଂ ସର୍ବୋପରି ଜଣେ ଆଧ୍ୟାତ୍ମିକ ଗୁରୁ ଓ ଉଚ୍ଚକୋଟୀର ଭକ୍ତିସଙ୍ଗୀତ ଗାୟିକା ଓ ଲେଖିକା ପୂର୍ଣ୍ଣମାସୀ ଜାନୀଙ୍କର ଜନ୍ମ ହୋଇଥିଲା ୧୯୪୪ ମସିହାରେ କନ୍ଧମାଳ ଜିଲ୍ଲାର ଖଜୁରୀପଦା ବ୍ଲକ ଅନ୍ତର୍ଗତ ଚାରିପଦା ଗ୍ରାମରେ, ଏକ ଜନଜାତି କୁଇ ପରିବାରରେ।

ଖୁବ୍ କମ୍ ବୟସରେ ତାଙ୍କର ବିବାହ ହୋଇଥିଲା। ମାତ୍ର ବୈବାହିକ ଜୀବନର ଦଶବର୍ଷ ମଧ୍ୟରେ ଛଅଟି ସନ୍ତାନ ଜନ୍ମ ହୋଇଥିଲେ ମଧ୍ୟ କେହି ଜୀବିତ ରହି ନଥିଲେ। ସେହି ଦୁଃଖରେ ଭାଙ୍ଗିପଡ଼ି ସେ ଭକ୍ତିମାର୍ଗରେ ଜୀବନ ଅତିବାହିତ କରିବାକୁ ସ୍ଥିର କଲେ ଏବଂ ଗ୍ରାମ ନିକଟରେ ଥିବା ତାଡ଼ିସାରୁ ପାହାଡ଼କୁ ତପସ୍ୟା କରିବା ନିମନ୍ତେ ଚାଲିଗଲେ। ସେଠାରେ ତାଙ୍କର ସିଦ୍ଧିଲାଭ ହେବା ପରେ କେତେକ ସାଧୁସନ୍ଥଙ୍କ ସଂସ୍ପର୍ଶରେ ଆସିଲେ। କିଛି ବର୍ଷ ପରେ ଯେତେବେଳେ ସେ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କଲେ, ଗ୍ରାମବାସୀମାନେ ତାଙ୍କୁ ଜଣେ ସନ୍ଥ ରୂପରେ ଗ୍ରହଣ କଲେ ଏବଂ ତାଙ୍କୁ 'ତାଡ଼ିସାରୁ ବାଈ' ଭାବରେ ନାମିତ କଲେ। କୁଇ ଭାଷାରେ 'ତାଡ଼ି'ର ଅର୍ଥ ପର୍ବତ, 'ସାରୁ'ର ଅର୍ଥ ଶୀର୍ଷ ଏବଂ 'ବାଈ'ର ଅର୍ଥ ସନ୍ଥ। ଏଣୁ 'ତାଡ଼ିସାରୁ ବାଈ'ର ଅର୍ଥ ହେଉଛି 'ପର୍ବତ ଶିଖରର ସନ୍ଥ'।*

ସ୍ଥାନୀୟ ଜନୈକ ବନବାସୀ ବିକ୍ରମ ଜାନୀ କହନ୍ତି ଯେ ତାଡ଼ିସାରୁ ବାଈ ଦିନସାରା ଶାନ୍ତ ରହନ୍ତି। କିନ୍ତୁ ଧ୍ୟାନ କରିବା ପରେ ଭକ୍ତି ସଙ୍ଗୀତ ଗାନ କରିବା ଆରମ୍ଭ କରି ଦିଅନ୍ତି। ତାଙ୍କର ଅଧିକାଂଶ ସଙ୍ଗୀତ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ଜଣାଣ। ପ୍ରାର୍ଥନା ସମୟରେ ଗ୍ରାମବାସୀ ତଥା ଅନ୍ୟ ଲୋକମାନେ ତାଙ୍କ ଚାରିପାଖରେ ଘେରି କରି ବସନ୍ତି। ଏହାକୁ ଭଜନ ସମାରୋହ କୁହାଯାଏ। ସମୟକ୍ରମେ ସେ ବିଭିନ୍ନ ଗ୍ରାମ, ବ୍ଲକ୍, ସାଂସ୍କୃତିକ ସମିତି, ମଠ, ମନ୍ଦିର ଆଦି ଦ୍ୱାରା ପ୍ରାର୍ଥନା ପାଇଁ ନିମନ୍ତ୍ରିତ ମଧ୍ୟ ହେଲେ। ଏପରିକି ଲୋକଙ୍କ ପାଇଁ ସେ ଭଗବାନଙ୍କ ଠାରୁ କମ୍ ନୁହନ୍ତି ବୋଲି ଗ୍ରାମବାସୀ କହିବାକୁ ଲାଗିଲେ। ଏହିପରି ଭାବରେ ସେ ଆଧ୍ୟାତ୍ମିକ ଜ୍ଞାନସମ୍ପନ୍ନା ଗୁରୁ ଭାବେ ଓଡ଼ିଶାବାସୀଙ୍କ ନିକଟରେ ପରିଚିତା ହେଲେ।

୧୯୯୦ ମସିହାରେ ସେଇ ଅଞ୍ଚଳ ପରିଦର୍ଶନ କରୁଥିବା ବେଳେ କେତେକ ଲେଖକ ତାଡ଼ିସାରୁ ବାଈଙ୍କର ସଙ୍ଗୀତ ଓ କବିତା ବିଷୟରେ ଜାଣିବାକୁ ପାଇଲେ। ତାଙ୍କର ଏକ ଲକ୍ଷରୁ ଊର୍ଦ୍ଧ୍ୱ ସଙ୍ଗୀତ ଓ କବିତା ଆଦି ରଚନାବଳି ସଂଗ୍ରହ

* ଏଠାରେ ଉଲ୍ଲେଖନୀୟ ଯେ ପର୍ବତ ଶୀର୍ଷରେ ବସି ଧ୍ୟାନ କରିବା ଏବଂ ସିଦ୍ଧି ଲାଭ କରିବା ମାନବଜାତିର ଇତିହାସରେ ଅନେକ ଉଦାହରଣ ଦେଖାଯାଏ। ସେହିପରି ଜାପାନରେ ଜନ୍ମଗ୍ରହଣ କରିଥିବା ସନ୍ଥ ମିକାଓ ଉସୁଇ (MIKAO USUI) ଊନବିଂଶ ଶତାବ୍ଦୀର ଷାଠିଏ ଦଶକରେ ହିରୋସୀମାର ଫୁକୁୟାମାରେ ଜନ୍ମଗ୍ରହଣ କରିଥିଲେ। ସେ କୁରାମା ୟାମା (KURAMA YAMA) ପର୍ବତର ଶିଖରଦେଶରେ ଏକୋଇଶ ଦିନ ବିନା ଖାଦ୍ୟ ଓ ପାନୀୟରେ ତପସ୍ୟାରତ ଥିଲେ। ଏହା ପରେ ତାଙ୍କର ସିଦ୍ଧିଲାଭ ହୋଇଥିଲା ଏବଂ ସେ ପ୍ରାପ୍ତ କରିଥିଲେ ରେକି ରିୟୋହୋ (REIKI RYOHO)। ତାଙ୍କର ଏହି କଠୋର ତପସ୍ୟାକୁ କୁହାଯାଏ ସିନ୍‌ରେନ୍ (SHINREN)। ସେ ଏହି ଶକ୍ତିକୁ ମାନବ ଜୀବନର ସୁସ୍ଥତା ପାଇଁ ପ୍ରୟୋଗ କରିଥିଲେ।

ଅନ୍ୟ ଜଣେ ମହାନ୍ ସନ୍ଥ ହେଉଛନ୍ତି ଭଗବାନ୍ ଶ୍ରୀ ରମଣ ମହର୍ଷି। ସେ ଭେଙ୍କଟ ରମଣ ଆୟାର ଭାବରେ ଊନବିଂଶ ଶତାବ୍ଦୀର ସତୁରି ଦଶକରେ ତାମିଲନାଡୁସ୍ଥିତ ବିରୁଧୁନଗର ଜିଲ୍ଲାର ତିରୁଚୁଜି ଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ଖୁବ୍ କମ୍ ବୟସରେ ସେ ତିରୁବନମଲାଇରେ ପବିତ୍ର ଅରୁଣାଚଳ ପର୍ବତରେ ତପସ୍ୟାରତ ହୋଇଥିଲେ ଏବଂ ସିଦ୍ଧିପ୍ରାପ୍ତ ହେବା ପରେ ପର୍ବତର ପାଦ ଦେଶକୁ ଆସି ପ୍ରଥମେ ସଦ୍‌ଗୁରୁ ଗୁମ୍ଫାରେ, ତା'ପରେ ଗୁରୁ ନମଃ ଶିବାୟ ଗୁମ୍ଫାରେ ଏବଂ ଶେଷରେ ବିରୁପାକ୍ଷ ଗୁମ୍ଫାରେ ତାଙ୍କର ଶେଷ ଜୀବନ ଅତିବାହିତ କରିଥିଲେ। ବର୍ତ୍ତମାନ ବି ହିମାଳୟ ପର୍ବତମାଳାରେ ବହୁସଂଖ୍ୟାରେ ସନ୍ଥମାନେ ତପସ୍ୟାରତ ଅଛନ୍ତି ବୋଲି ଶୁଣାଯାଏ।

କରି ସେସବୁକୁ ଦସ୍ତାବିଜକରଣ କରିବାକୁ ଲେଖକମାନେ ସ୍ଥିର କଲେ । ବର୍ତ୍ତମାନର ସ୍ଥିତିରେ ତାଙ୍କର ପ୍ରାୟ ପାଞ୍ଚ ହଜାରରୁ ଅଧିକ ସଙ୍ଗୀତ ଓ କବିତା ଡକ୍ଟର ସୁରେନ୍ଦ୍ରନାଥ ମହାନ୍ତି ଓ ଜନୈକ ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନଙ୍କ ଦ୍ୱାରା ସଙ୍କଳନ କରାଯାଇଛି । ଅବଶ୍ୟ ଏହା ବର୍ତ୍ତମାନ ମୁଦ୍ରଣ ଅପେକ୍ଷାରେ ଅଛି । ତଥାପି ଫୁଲବାଣୀ କଲେଜର ଜନୈକ ଅଧ୍ୟାପକ ବିଶ୍ୱରଞ୍ଜନ ତାଙ୍କର ଜୀବନୀ ଉପରେ ଆଲୋକପାତ କରିଛନ୍ତି ଏବଂ ଅନ୍ୟ ଜଣେ ଲେଖକ ପ୍ରେମାନନ୍ଦ ମହାପାତ୍ରଙ୍କ ଦ୍ୱାରା ତାଙ୍କ ସଙ୍ଗୀତଗୁଡ଼ିକର ସଙ୍କଳିତ ପୁସ୍ତିକା ମଧ୍ୟ ପ୍ରକାଶିତ ହୋଇଛି । ଏକ ସାହିତ୍ୟ ପତ୍ରିକା 'ସଚିତ୍ର ବିଜୟା'ର ସମ୍ପାଦକ ଅଭୟ ସିଂ ତାଡ଼ିସାରୁ ବାଈଙ୍କର କିଛି କବିତା ପ୍ରକାଶିତ କରିଛନ୍ତି । ଏପରିକି ରେଭେନ୍ସା ବିଶ୍ୱବିଦ୍ୟାଳୟ ତଥା ଅନ୍ୟ କେତେକ ଗବେଷଣାରତ ଶିକ୍ଷାର୍ଥୀ ତାଙ୍କ ରଚନା ଓ ଜୀବନୀ ଉପରେ ଗବେଷଣା କରିଛନ୍ତି । ଏସବୁ କଥା ଜାଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ ତାଙ୍କର ଏତେ ସଂଖ୍ୟକ କବିତା ବା ପଦ୍ୟରେ ଅଛି ସୁନ୍ଦର ଛନ୍ଦ ଏବଂ ଏସବୁ ପରସ୍ପର ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ପୁନଶ୍ଚ, ଆହୁରି ଆଶ୍ଚର୍ଯ୍ୟର କଥା ଏଇ ଯେ ଏହି ମହାନ୍ କବୟିତ୍ରୀ ଜୀବନରେ କେବେ ବି ବିଦ୍ୟାଳୟ ଯାଇ ନାହାନ୍ତି କିଂବା ଲେଖାପଢ଼ା ଶିକ୍ଷା କରି ନାହାନ୍ତି ।

୧୯୬୯ ମସିହାଠାରୁ ଖଜୁରୀପଦାର ଜନଜାତି ଲୋକମାନଙ୍କର ଉନ୍ନତି ପାଇଁ ତାଡ଼ିସାରୁ ବାଈ ଅନେକ କାର୍ଯ୍ୟ ହାତକୁ ନେଇଥିଲେ, ଯାହା ସମୟକ୍ରମେ ଜିଲ୍ଲାର ଅନ୍ୟ ଅଞ୍ଚଳକୁ ପ୍ରସାରିତ ହୋଇଥିଲା । ସମାଜର ସଂହତି ରକ୍ଷା, ଶିକ୍ଷାର ପ୍ରସାର, ଅନ୍ଧବିଶ୍ୱାସର ଦୂରୀକରଣ ଏବଂ ସାମାଜିକ ସ୍ଥିତିର ଉନ୍ନତି ପାଇଁ ମୁଖ୍ୟତଃ କନ୍ଧମାଳ, ବୌଦ୍ଧ, କଳାହାଣ୍ଡି ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲାରେ ତାଙ୍କର ଅବଦାନ ଅତୁଳନୀୟ ।

ପୂର୍ଣ୍ଣମାସୀ ଜାନୀ ୨୦୦୬ ମସିହାରେ ତାଙ୍କର ସଙ୍ଗୀତ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର, ୨୦୦୮ ମସିହାରେ ଦକ୍ଷିଣ ଓଡ଼ିଶା ସାହିତ୍ୟ ପୁରସ୍କାର ଏବଂ ୨୦୨୧ ମସିହାରେ ଭାରତ ସରକାରଙ୍କଠାରୁ ଆଦିବାସୀ କଳା ଓ ସଂସ୍କୃତିରେ ଯୋଗଦାନ ତଥା ସେବା ପାଇଁ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ ହୋଇଛନ୍ତି । ସେବା ନିମିତ୍ତ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ ହୋଇଥିବା ଓଡ଼ିଶାର ପାଞ୍ଚଜଣ ଓଡ଼ିଆଙ୍କ ମଧ୍ୟରୁ ସେ ହେଉଛନ୍ତି ଅନ୍ୟତମ । ପଦ୍ମଶ୍ରୀ ପୁରସ୍କାର ଘୋଷଣା ହେବା ପରେ ସମାଜର ସବୁ ବର୍ଗର ଲୋକଙ୍କ ଠାରୁ ତଥା ମନ୍ତ୍ରୀମାନଙ୍କ ନିକଟରୁ ତାଙ୍କ ନିମନ୍ତେ ଶୁଭେଚ୍ଛାର ବାର୍ତ୍ତା ଛୁଟି ଚାଲିଥିଲା । ପୁନଶ୍ଚ ସ୍ଥାନୀୟ ଲୋକମାନେ ତାଙ୍କୁ ଜଣେ ଚିକିତ୍ସକ ଭାବରେ ମଧ୍ୟ ଗ୍ରହଣ କରନ୍ତି । କାରଣ, ତାଙ୍କର ଭକ୍ତିମୂଳକ ସୁମଧୁର ସଙ୍ଗୀତସବୁ ମନ ଓ ହୃଦୟକୁ ଶାନ୍ତ କରାଇଥାଏ ।

୨୦୨୩ ମସିହାରେ ଭୁବନେଶ୍ୱର ସ୍ଥିତ ରମାଦେବୀ ବିଶ୍ୱବିଦ୍ୟାଳୟ (ବିଦ୍ୟା ବିହାର)ର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ପୂର୍ଣ୍ଣମାସୀ ଜାନୀଙ୍କୁ ଭାରତର ରାଷ୍ଟ୍ରପତି ମହାମହିମ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ ।

୨୦୨୪ ମସିହା ମେ ୧୧ ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କନ୍ଧମାଳ ଗସ୍ତରେ ଥିବା ବେଳେ ଏକ ସାଧାରଣ ସଭାରେ ପୂର୍ଣ୍ଣମାସୀଙ୍କୁ ଏକ ଅଙ୍ଗବସ୍ତ୍ର ଭେଟି ଦେବା ସହ ତାଙ୍କର ପଦସ୍ପର୍ଶ କରି ଆଶୀର୍ବାଦ ଗ୍ରହଣ କରିଥିଲେ । ସେ କହିଲେ, ''ଆପଣ ଅନେକ ପ୍ରଶଂସନୀୟ କର୍ମ କରିଛନ୍ତି'' । ପ୍ରତ୍ୟୁତ୍ତରରେ ପୂର୍ଣ୍ଣମାସୀ ଜାନୀ ପ୍ରଧାନମନ୍ତ୍ରୀଙ୍କ ପଦସ୍ପର୍ଶ କରିବାକୁ ଯାଇଥିଲେ ମଧ୍ୟ ସେପରି ନକରିବାକୁ ଜାନୀଙ୍କୁ ସେ ବାରଣ କରି କହିଥିଲେ : ''ଦେଶର କୋଟି କୋଟି ମା'ମାନଙ୍କର ଆଶୀର୍ବାଦ ଯେତେବେଳେ ମୋତେ ମିଳେ, ମୋ ହୃଦୟକୁ ସନ୍ତୋଷ ମିଳେ ।''

ଅଶୀବର୍ଷୀୟା ପୂର୍ଣ୍ଣମାସୀ ଜାନୀ ଏବେ ତାଙ୍କର ଜ୍ୱର ତଥା ଅନ୍ୟାନ୍ୟ ଅସୁସ୍ଥତା ପାଇଁ ଖଜୁରୀପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ।

ଏହି ଆଧ୍ୟାତ୍ମିକ ଗୁରୁ, ସମାଜସେବୀ, ଭକ୍ତି ସଙ୍ଗୀତ ଗାୟିକା ଓ ଲେଖିକା, ସନ୍ଥକବି ପୂର୍ଣ୍ଣମାସୀ ଜାନୀଙ୍କର ଦୀର୍ଘ ନିରାମୟ ଜୀବନ କାମନା କରି ସମଗ୍ର ଓଡ଼ିଆ ଜାତି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।

(ଇଣ୍ଟରନେଟ୍‌ରୁ ସଂଗୃହୀତ) ❑

ତୁମର ଚିନ୍ତାସକଳ ଦିବ୍ୟସତ୍ୟ ଦ୍ୱାରା ପୂର୍ଣ୍ଣ ହୋଇଉଠୁ ଏବଂ ତୁମର ହୃଦୟ ଦିବ୍ୟପ୍ରେମ ଦ୍ୱାରା ପୂର୍ଣ୍ଣ ହୋଇଉଠୁ ।

— ଶ୍ରୀମା

ଚେତନାର ଦିଗ୍‌ବଳୟ :

# ପୌରାଣିକ ସାହିତ୍ୟରେ ରହିଛି କି ଭବିଷ୍ୟତର ସୂଚନା ?

ପ୍ରଶ୍ନଟି ଗୁରୁତ୍ୱପୂର୍ଣ୍ଣ : ଯେଉଁ ପୁରାଣ ସାହିତ୍ୟ ଉପରେ ଖାଲି ସାଧାରଣ ସମାଜ ନୁହେଁ, ଚିନ୍ତାଶୀଳ ବ୍ୟକ୍ତିବର୍ଗ ମଧ୍ୟ ବହୁତ ଗୁରୁତ୍ୱ ଆରୋପ କରନ୍ତି, ମଣିଷର ଭବିଷ୍ୟତ୍ କ'ଣ ହେବ, ସେ ସମ୍ପର୍କରେ ସେଥିରୁ କିଛି ଜ୍ଞାନ ଆମେ ଆହରଣ କରିବା ସମ୍ଭବପର କି ?

ପ୍ରଶ୍ନଟିର ଯଥାର୍ଥ ଉତ୍ତର ଦେବା ସମ୍ଭବପର କି ନୁହେଁ ସେ ପ୍ରସଙ୍ଗକୁ ଆସିବା ପୂର୍ବରୁ ଆମେ ପୁରାଣ ବୋଇଲେ କ'ଣ ବୁଝାଉଁ, ସେ ସମ୍ପର୍କରେ ନିଶ୍ଚିତ ହେବା ଆବଶ୍ୟକ । ଆମ ଭାରତବର୍ଷର ପରିପ୍ରେକ୍ଷୀରେହିଁ ନିଜକୁ ସୀମିତ ରଖିବା । ଭାରତୀୟ ପୁରାଣ ସାହିତ୍ୟର ପରିସର ବ୍ୟାପକ । ଚାରିବେଦ ଠାରୁ ଏ ଭାବ-ସାମ୍ରାଜ୍ୟର ଆରମ୍ଭ । ବେଦ ପରେ ଆସୁଛି ଉପନିଷଦ୍, ତତ୍ପରେ ଦୁଇ ମହାକାବ୍ୟ – ରାମାୟଣ ଏବଂ ମହାଭାରତ । ମହାଭାରତର ସମସାମୟିକ ମହାପୁରାଣ ସମୂହର ରଚନାର ସୂତ୍ରପାତ ଏବଂ ତାହା ପରବର୍ତ୍ତୀ କାଳକୁ ବିସ୍ତୃତ । ତତ୍ପରେ ଆସୁଛି ସାଧାରଣ ପୁରାଣ ବା ଉପପୁରାଣ; ତହିଁ ପରେ ସ୍ଥଳପୁରାଣ ।

ଧରି ନିଆଯାଏ ବେଦର ମୌଳିକତା ଅକ୍ଷତ ରହିଛି । ମୂଳ ଶ୍ରୁତି ଭିତରକୁ କେହି କୌଣସି ଶ୍ଳୋକ ଅନୁପ୍ରବିଷ୍ଟ କରାଇ ନାହାନ୍ତି । କିନ୍ତୁ ଏ ତତ୍ତ୍ୱ ସମ୍ପର୍କରେ ମଧ୍ୟ ଦ୍ୱିମତ ରହିଛି । ସବୁଠାରୁ ପ୍ରାଚୀନ ଏବଂ ଗୁରୁତ୍ୱପୂର୍ଣ୍ଣ ଯେଉଁ ଋଗ୍‌ବେଦ, ତାହାର ଦଶମ ମଣ୍ଡଳ ଅନ୍ତର୍ଭୁକ୍ତ ପୁରୁଷ ସୂକ୍ତ (ଯାହାକୁ ଜାତି-ବିଭାଗର ଉତ୍ସ ବୋଲି ଧରାଯାଏ), ଭାଷା ଓ ଶୈଳୀ ଦୃଷ୍ଟିରୁ ପରବର୍ତ୍ତୀ କାଳର ସଂଯୋଗ ବୋଲି କେହି କେହି ବିଶେଷଜ୍ଞ ମତ ଦିଅନ୍ତି । ମହାଭାରତର ଶ୍ଳୋକ ସଂଖ୍ୟା ପ୍ରଥମରେ ଥିଲା ତିରିଶ ହଜାର । ସେଥିରେ ସତୁରି ହଜାର ଶ୍ଳୋକ ପରବର୍ତ୍ତୀ କାଳରେ ସଂଯୋଜିତ ହୋଇଛି ।

ମହାପୁରାଣ ଏବଂ ଉପପୁରାଣମାନଙ୍କ କଥା ବା କ'ଣ କହିବା । ଯେଉଁ ସମସ୍ତ ପାଠ୍ୟ ଆମେ ଆଜି ଭିନ୍ନ ଭିନ୍ନ ପୁରାଣ ନାମରେ ପଢ଼ିବାକୁ ପାଉଁ, ସେସବୁ ସେମାନଙ୍କ ମୌଳିକ ରୂପଠାରୁ ବହୁତ ଭିନ୍ନ ବୋଲି ଗବେଷକମାନେ ପ୍ରମାଣ କରିଛନ୍ତି । ସ୍ଥଳପୁରାଣମାନଙ୍କରେ ଐତିହାସିକତା ସହ ମିଶି ରହିଛି ଲୋକକଥା ଜାତୀୟ କାହାଣୀ, କିଂବଦନ୍ତୀ ।

କିନ୍ତୁ ଯେଉଁ ପ୍ରଶ୍ନଟି ଉପରେ ଆମେ ଆପାତତଃ ଆମ ଧ୍ୟାନ ନିବଦ୍ଧ କରିବା, ତାହା ପାଇଁ ସ୍ଥଳପୁରାଣ ମଧ୍ୟ ପ୍ରାସଙ୍ଗିକ । କାରଣ ସେଥିରେ ମଧ୍ୟ ପ୍ରଚ୍ଛନ୍ନ ରହିଥାଏ ଜୀବନ ଏବଂ ଜୀବନର ଆଭିମୁଖ୍ୟ ସମ୍ପର୍କରେ ମହାର୍ଘ ସୂଚନା ।

କହିବା ବାହୁଲ୍ୟ, ସ୍ଥଳପୁରାଣ ହେଲା କୌଣସି ଏକ ଐତିହ୍ୟ – ସମୃଦ୍ଧ ସ୍ଥଳର ବିଶେଷତ୍ୱ ବର୍ଣ୍ଣନା କରୁଥିବା କିଂବଦନ୍ତୀ । ସେସବୁ କିଂବଦନ୍ତୀ ଅତୀବ ପ୍ରାଚୀନ; ତଥ୍ୟ-ଭିତ୍ତିକ ଇତିହାସ ନୁହେଁ, ପୌରାଣିକ ବ୍ୟାପାର । ଉତ୍ଥାପିତ ପ୍ରଶ୍ନଟିକୁ ମନରେ ରଖି କନ୍ୟାକୁମାରୀର ସ୍ଥଳପୁରାଣ ଉପରେ ଦୃଷ୍ଟିପାତ କରାଯାଉ ।

ଏକଦା ବାଣାସୁର ନାମକ ଏକ ଦୈତ୍ୟର ଅତ୍ୟାଚାର ଯୋଗୁଁ ଅଶାନ୍ତ ଓ ଉତ୍କଣ୍ଠିତ ଜୀବନଯାପନ କରୁଥିଲେ ଦକ୍ଷିଣ ଭାରତର ଜନସାଧାରଣ । ଋଷିମାନେ ଦିବ୍ୟଜନନୀଙ୍କୁ ପ୍ରାର୍ଥନା କଲେ । ଦୈତ୍ୟ-ନିଧନର ପ୍ରତିଶ୍ରୁତି ଦେଲେ ଦେବୀ ।

ସେ ଜନ୍ମ ଗ୍ରହଣ କଲେ ଆଜି କନ୍ୟାକୁମାରୀ ନାମରେ ବିଦିତ ସ୍ଥାନଟିରେ, ସେତେବେଳେ ଅବସ୍ଥିତ ଏକ ରାଜ ପରିବାରରେ । ଅପରୂପା କନ୍ୟା । ସେ ଯେତିକି ବଡ଼ ହେଲେ, ତାଙ୍କ ସୌନ୍ଦର୍ଯ୍ୟ, ବୁଦ୍ଧି ଏବଂ ସର୍ବୋପରି ବୀରତ୍ୱରେ ଚମତ୍କୃତ ହେଲେ ରାଜା, ଅମାତ୍ୟ, ପ୍ରଜା ନିର୍ବିଶେଷରେ ସମସ୍ତେ । ସେ ହେଲେ ପ୍ରାପ୍ତବୟସ୍କା । ରାଜା ରାଣୀ ତାଙ୍କ ପାଇଁ ଉପଯୁକ୍ତ ବରପାତ୍ରର ସନ୍ଧାନ କରିବାକୁ ପ୍ରବୃତ୍ତ ହୁଅନ୍ତେ ରାଜକୁମାରୀ ନିଜର ସ୍ୱରୂପ ସମ୍ପର୍କରେ ଚେତି ଉଠିଲେ । ଯଦି ବିଭା ହେବେ, ତେବେ ସେ କେବଳ ମାତ୍ର ଶିବଙ୍କୁହିଁ ବିଭା ହେବେ । ସେ ଧ୍ୟାନାବସ୍ଥାରେ ଶିବଙ୍କୁ ସମସ୍ୟା ଜଣାନ୍ତେ ଏକ ନିର୍ଦ୍ଦିଷ୍ଟ ତିଥିର ମଧ୍ୟରାତ୍ରରେ ଶିବ ହିମାଳୟସ୍ଥିତ କୈଳାସ ଶିଖରରୁ ଅବତରଣ କରି ଆସି ଯଥାସ୍ଥାନରେ ପହଞ୍ଚି ରାଜ-କୁମାରୀ-ରୂପୀ ଦେବୀଙ୍କ ପାଣିଗ୍ରହଣ କରିବେ ବୋଲି ଜଣାଇ ଦେଲେ ।

ରାଜକୁମାରୀ ମାତାପିତାଙ୍କୁ କହିଦେଲେ : ତାଙ୍କ ବରପାତ୍ର କିଏ, ସେ ବିଷୟରେ ସେମାନେ ମୁଣ୍ଡ ଖେଳାଇବା ଅନାବଶ୍ୟକ । ସେମାନେ ବିବାହର ଆୟୋଜନ କରନ୍ତୁ । ଯଥା ସମୟରେ ଆବିର୍ଭୂତ ହେବେ ପାତ୍ର ।

ରାଜକୁମାରୀ ଜଣକ ଯେ ଅସାଧାରଣ ସେ ବିଷୟରେ ରାଜାରାଣୀଙ୍କର ସନ୍ଦେହ ନଥିଲା । ତାଙ୍କ ନିର୍ଦ୍ଦେଶ ଅନୁସାରେ ଶୁଭ ପରିଣୟ ନିମନ୍ତେ ବ୍ୟବସ୍ଥା ସମ୍ପୂର୍ଣ୍ଣ ହେଲା । ସମାଗତ ନିର୍ଦ୍ଦିଷ୍ଟ ତିଥି । ରାତ୍ରି ଆସନ୍ନ । କନ୍ୟାକୁ ବେଷ୍ଟନ କରି ସଖୀମାନେ ତାଙ୍କୁ ବେଶଭୂଷାରେ ସଜ୍ଜିତା, ଅଳଙ୍କାର-ଭୂଷିତା କରୁଛନ୍ତି । ସେତିକିବେଳେ ସେଠାରେ ପ୍ରଚଣ୍ଡ ରଡ଼ି ଛାଡ଼ି ପହଞ୍ଚିଗଲା ବାଣାସୁର । ତା'ର ଘୋଷଣା ହେଲା, ତା' ଭଳି ଯୋଗ୍ୟ ବରପାତ୍ର ଥାଉଁ ଥାଉଁ ରାଜକୁମାରୀ ଆଉ କାହାକୁ ବିଭା ହେବାର ପ୍ରଶ୍ନ ଆସୁଛି କାହିଁ ?

ସୈନ୍ୟ ସାମନ୍ତ ତଟସ୍ଥ । ତାକୁ ସେମାନେ ବାଧା ଦେବା ଭଳି ସାହସ ସଞ୍ଚୟ କରିପାରିବା ପୂର୍ବରୁ ସେ ତଡ଼ିତ୍ ବେଗରେ ପଶିଗଲା ରାଜନଗର ଭିତରକୁ । ସଖୀ ପରିବୃତ୍ତା କନ୍ୟା ଆଗରେ ଉଭା ହୋଇ ଅଟ୍ଟହାସ୍ୟ କଲା । ତା'ପରେ ସେ ପ୍ରସାରିତ କଲା ତା'ର ଭୟାବହ କର – ରାଜକୁମାରୀଙ୍କୁ ଧରି ନେଇଯିବା ନିମନ୍ତେ ।

ରାଜକୁମାରୀ ଠିଆ ହୋଇ ପଡ଼ିଲେ । ଜଣେ ଦେହରକ୍ଷୀର କଟିଦେଶରୁ ତା'ର ତରବାରିଟି ବାହାର କରିନେଇ ରାକ୍ଷସର ଶିରଚ୍ଛେଦ କଲେ ।

ମାନବୀ ରୂପେ ତାଙ୍କ ଭୂମିକା ସମାପ୍ତ । ଅଳ୍ପକ୍ଷଣ ଭିତରେ ଆସିଯିବେ ଶିବ । ସେ ତାଙ୍କ ସହ ପ୍ରତ୍ୟାବର୍ତ୍ତନ କରିବେ ତାଙ୍କ ଶାଶ୍ୱତ ଲୋକକୁ ।

ହାୟ ! ତାଙ୍କ ଅଜାଣତରେ ଇତିମଧ୍ୟରେ ଘଟି ଯାଇଥାଏ ଏକ ବିୟୋଗାନ୍ତକ ନହେଲେ ମଧ୍ୟ ବିମର୍ଷକର ଘଟଣା । କୈଳାସରୁ ଅବତରଣ କରି ଶିବ ଅନ୍ୟମନସ୍କ ଭାବରେ ଅଗ୍ରସର ହେଉଥିଲେ ତାଙ୍କ ଗନ୍ତବ୍ୟ ଅଭିମୁଖେ । ଋଷିମାନେ ଭାବିଲେ, ଶିବ ଯାଇ ଦେବୀଙ୍କ ପାଣିଗ୍ରହଣ କରି ତାଙ୍କୁ ନେଇ ବାହୁଡ଼ି ଯିବେ କୈଳାସ । ବାଣାସୁର ବଧ କରିବ କିଏ ? ଅତଏବ ସେମାନେ ପ୍ରଭାତ ହେଲେ କୁକ୍କୁଟ ଯେମିତି ଡାକ ଛାଡ଼େ, ସେମିତି ଧ୍ୱନି ଦେଲେ ।

ପ୍ରଭାତ ହୋଇ ଗଲାଣି ? ମଧ୍ୟରାତ୍ରର ମୁହୂର୍ତ୍ତ ତେବେ ଗତ । ହତାଶ ଶିବ ବସି ପଡ଼ିଲେ ଏକ ଶିଳାଖଣ୍ଡ ଉପରେ । ବିଡ଼ମ୍ବନା ହେଲା, ବସି ପଡ଼ିଲେ ହିଁ ତାଙ୍କ ବାହ୍ୟଜ୍ଞାନ ସ୍ତବ୍ଧ ହୋଇଯାଏ । ସେ ବିସ୍ମୃତ ହୁଅନ୍ତି ପରିବେଶ ଓ ପରିସ୍ଥିତି !

ରାଜନଅରରେ ଉତ୍କଣ୍ଠାର ସୀମା ନାହିଁ । କାହିଁ ବରପାତ୍ର ? ମୁହୂର୍ତ୍ତ ବିତିଗଲା । ରାତ୍ରିର ଅବସାନ ହେଲା । ଭୋଜି ପାଇଁ ପ୍ରସ୍ତୁତ ଖାଦ୍ୟ ଗୋଡ଼ିରେ ପରିଣତ ହେଲା । ରାଜକୁମାରୀ ପାଲଟି ଗଲେ ପ୍ରସ୍ତର ମୂର୍ତ୍ତି ।

କନ୍ୟାକୁମାରୀ ନାମରେ ବିଦିତା ଦେବୀ ଆଶାର ପ୍ରତୀକ; ପୂର୍ବକୁ ଦୃଷ୍ଟି ଦେଇ ଅଦ୍ୟାବଧି ଅପେକ୍ଷାରତ । ଦିନେ ହେବ ଶିବଙ୍କ ଅବତରଣ । ହେବ ଶିବ ଓ ଶକ୍ତିର ମିଳନ; ପୁରୁଷ ଓ ପ୍ରକୃତିର ଏକୀକରଣ । ଅଧ୍ୟାତ୍ମବାଦୀମାନଙ୍କ ଦୃଷ୍ଟିରେ ଭାରତବର୍ଷ ଏକ ଚେତନା । ସେହି ଚେତନାର ଶେଷ ପ୍ରାନ୍ତରେ ସାଧନାରତା ଦେବୀ । ଶୀର୍ଷରେ ଧ୍ୟାନମଗ୍ନ ମହାଦେବ । ଯେଉଁ ଦିନ ଏ ଉଭୟ ହେବେ ମିଳିତ, ସେଦିନ ହେବ ପୃଥିବୀରେ ଦିବ୍ୟଯୁଗର ସୂତ୍ରପାତ ।

ଦେବୀ ତାଙ୍କ ପ୍ରତିଶ୍ରୁତି ରଖିଲେ । ଯେମିତି ହେଲେ ମଧ୍ୟ ରଖିଥା'ନ୍ତେ । କିନ୍ତୁ ଋଷିମାନଙ୍କ ବିଶ୍ୱାସରେ ତ୍ରୁଟି ଥିଲା । ତେଣୁ ସେମାନେ ଧୈର୍ଯ୍ୟ ହରାଇଲେ । ଦେବୀଙ୍କ ଧୈର୍ଯ୍ୟ କିନ୍ତୁ ଅସୀମ । ସନ୍ତାନମାନଙ୍କ ଦୁର୍ବଳତା ବାବଦରେ ସେ ସତେ ଅବା ପ୍ରାୟଶ୍ଚିତ୍ତ କରୁଛନ୍ତି ।

ଯେମିତି ଦିନେ ଧୈର୍ଯ୍ୟଚ୍ୟୁତା ହୋଇ ମହାରାଣୀ ଗୁଣ୍ଡିଚା ଏମିତି କର୍ମଟିଏ କଲେ, ଯାହାଫଳରେ ବିଶ୍ୱକର୍ମା ଦେଇ ପାରିଲେ ନାହିଁ ଜଗନ୍ନାଥଙ୍କୁ ପରିପୂର୍ଣ୍ଣ ରୂପଦାନ । ମଣିଷଙ୍କ ଭଳି ସେ ଅପୂର୍ଣ୍ଣ । ମଣିଷ ପରିପୂର୍ଣ୍ଣ ବିଶ୍ୱାସ ଯୋଗେ ମହୀୟାନ୍ ହେବାକୁ ଯେପରି ତାଙ୍କର ଅପେକ୍ଷା !

ଲୋକକଥା-ଧର୍ମୀ ହେଲେ ମଧ୍ୟ ଏସବୁ କିଂବଦନ୍ତୀର ପଟ୍ଟଭୂମିରେ ରହିଛି ମହତ୍ ବିଶ୍ୱାସ ।

ସେ ବିଶ୍ୱାସ ସ୍ୱଭାବତଃ ଏକ ପରିପୂର୍ଣ୍ଣ ଭବିଷ୍ୟତ୍ ଦିଗକୁ ପ୍ରସାରିତ ।

ସେହି ପରିପୂର୍ଣ୍ଣତାର ପ୍ରତିଶ୍ରୁତି ବହନ କରେ ପୌରାଣିକ ଦଶାବତାର କିଂବଦନ୍ତୀ । ଭୂପୃଷ୍ଠରେ ଚେତନାର ଗତିଶୀଳ ଲୀଳା, ମତ୍ସ୍ୟାବତାର । ଜଳ, ସ୍ଥଳ ଭିତରେ ସଂଯୋଗୀ ଶକ୍ତିର ଅବତରଣ, କୂର୍ମାବତାର । ସ୍ଥଳରେ ବିପୁଳ ଶକ୍ତିର ସଞ୍ଚାର, ବରାହ ଅବତାର । ଅର୍ଦ୍ଧ ପଶୁ, ଅର୍ଦ୍ଧ ମାନବ ରୂପଧାରୀ ପ୍ରବଳ ପରାକ୍ରମୀ, ନରସିଂହ ଅବତାର । ଆଦିମାନବ, ବାମନାବତାର । ପରିପୂର୍ଣ୍ଣ ମାନବ, ପରଶୁରାମ । ଶକ୍ତି ସହ ବିବେକ ଓ ନୈତିକତାର ସମନ୍ୱୟ ରାମାବତାର । ପ୍ରଜ୍ଞାର ମହତ୍ତମ ଅବତରଣ ଶ୍ରୀକୃଷ୍ଣାବତାର । ଏହି କ୍ରମାଗତ ବିକାଶ ବା କ୍ରମବିକାଶରୁ ଅବ୍ୟାହତି ନେଇ ନିର୍ବାଣ ଅଭିଳାଷୀମାନଙ୍କୁ ଦିଗ୍‌ଦର୍ଶନ ଦେବା ନିମନ୍ତେ ଅବତାର ବୁଦ୍ଧ ।

କିଂବଦନ୍ତୀର ସମାପ୍ତି କଲ୍କି ଅବତାରରେ । ସେ ଦଶମ ଅବତାର କରିବେ ମ୍ଳେଚ୍ଛ ସଂହାର; ଫଳରେ ସମ୍ଭବ ହେବ ବିଶୁଦ୍ଧ ମାନବତାର ପ୍ରତିଷ୍ଠା ।

ଏଠାରେ ମ୍ଳେଚ୍ଛ ସଂହାରର ଅର୍ଥ ମ୍ଳେଚ୍ଛତ୍ୱର ଅବସାନ ଅଥବା ରୂପାନ୍ତର, ଯେହେତୁ ମ୍ଳେଚ୍ଛ ସଂହାର ହେଲେ କେତେଜଣ ତ୍ରାହି ପାଇବେ, ତାହା ସନ୍ଦେହର ବ୍ୟାପାର । ସଭିଙ୍କ ଚେତନାରେ ସଚେତନ ବା ଅର୍ଦ୍ଧଚେତନ ବା ଅବଚେତନ ଭାବରେ ନିହିତ ରହିଛି ମ୍ଳେଚ୍ଛତ୍ୱ ।

ଏହା ଏକ ବିସ୍ମୟକର କିଂବଦନ୍ତୀ; ପୃଥିବୀରେ ଏହାହିଁ ଏକମାତ୍ର ଭବିଷ୍ୟତ୍‌ଧର୍ମୀ କିଂବଦନ୍ତୀ ।

ପୁରାଣ ଭବିଷ୍ୟତ୍ ବାଣୀ କରେ ନାହିଁ । ସେ ଯଦି ତାହା କରିବ, ସୃଷ୍ଟିର ଲୀଳା-ମାଧୁର୍ଯ୍ୟର ଅବସାନ ହେବ । ନାଟକର ପରିଣତି ଜାଣିଲେ ଆମର ନାଟକ ଦର୍ଶନର ଶିହରଣ ହେବ ମାନ୍ଦା । କିନ୍ତୁ ଉଲ୍ଲିଖିତ ତଥା ଆହୁରି ବହୁ ଦୃଷ୍ଟାନ୍ତ ଏହି ଇଙ୍ଗିତ ଦିଏ, – ମାନବତାର ରହିଛି ଏକ ପରିପୂର୍ଣ୍ଣ ବା ଦିବ୍ୟ ଭବିଷ୍ୟତ୍ ।

**– ମନୋଜ ଦାସ**

('ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର'ରୁ
ସଂଗୃହୀତ : ପୃଷ୍ଠା. ୨୦୧-୨୦୫)

❑❑❑


"To be one with all Nature and all beings, this is Yoga."

*(The Hour of God, p. 15)* - Sri Aurobindo

**Collected Works of the Mother 17 Vols. (CR) (PB) – Rs. 3500**

**The Great Adventure - A Diary for all times: (New Revised Edition) – Rs. 395**

**Ideal Child, Ideal Parent, Ideal Teacher (3in1) Booklet – Rs. 75**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***)** **– Rs. 50**

**125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 150**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact No. : 0413 - 2334542, 2336673, 4205976, website: www.vakbooks.in

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning*
*and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LV, No. 8** **R.N.I. No. 18163/70.**
Navaprakash (Monthly), August, 2024 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା :**

ଶ୍ରୀ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ(୧୯୨୪-୨୦୨୪)ର ଶୁଭ
ଅବସରରେ ପ୍ରକାଶିତ ହୋଇଛି

## ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ

**(ଦ୍ୱିତୀୟ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ, ଶିକ୍ଷା ତଥା ସମାଜରେ ପରିଦୃଷ୍ଟ ସମସ୍ୟାର ନିରାକରଣ ପାଇଁ ନୂତନ ଚେତନାରେ ସ୍ପନ୍ଦିତ ପ୍ରବନ୍ଧମାଳା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୬୩୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୭୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**